



- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 41 ◆ISSUE-337 ◆BHUBANESWAR ◆MONDAY ◆3 JUNE 2024 ◆PAGE-16 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୩୩୭ ◆ଭୁବନେଶ୍ୱର ◆ସୋମବାର ◆୩ ଜୁନ ୨୦୨୪ ◆ପୃଷ୍ଠା-୧୬ ◆ଟ.୬.୦୦


## ୨ ରାଜ୍ୟର ବିଧାନସଭା ନିର୍ବାଚନ ଫଳାଫଳ

# ସିକ୍କିମ୍‌ରେ ଖାତା ଖୋଲିପାରିଲାନି ବିଜେପି

■ ନୂଆଦିଲ୍ଲୀ, ୨।୬ (ଏଜେନ୍ସି): ଲୋକସଭା ନିର୍ବାଚନ ଫଳାଫଳ ପୂର୍ବରୁ ୨ ରାଜ୍ୟ ସିକ୍କିମ ଏବଂ ଅରୁଣାଚଳ ପ୍ରଦେଶ ବିଧାନସଭା ଫଳାଫଳ ପ୍ରକାଶ ପାଇଛି। ସିକ୍କିମରେ ସିକିମ କ୍ରାନ୍ତିକାରୀ ମୋର୍ଚ୍ଚା (ଏସ୍‌କେଏମ) ବୃହତ ବିଜୟ ହାସଲ କରିଛି। ଏହି ଦଳ ୩୨ରୁ ୩୧ ଆସନ ଜିତି ପୁଣି ସରକାର ଗଠନ କରିବାକୁ ଯାଉଛି। ତେବେ ଏହି ରାଜ୍ୟରେ ବିଜେପି ଶୋଚନୀୟ ପରାଜୟ ବରଣ କରି ଖାତା ଖୋଲିପାରି ନାହିଁ। ମାତ୍ର




ଅରୁଣାଚଳ ପ୍ରଦେଶରେ ବିଜେପି ୬୦ ଆସନରୁ ୪୬ଟିରେ ବିଜୟୀ ହୋଇଛି। ଏହି ଦଳ କ୍ରମଗାତ ଭାବେ ଦ୍ୱିତୀୟ ଥର ସରକାର ଗଠନ କରିବାକୁ ଯାଉଛି। ଗତ ଥର ଅପେକ୍ଷା ବିଜେପି ଆଉ ଅଧିକ ୫ଟି ଆସନ ପାଇଛି। ସେହିପରି କଂଗ୍ରେସ ସବୁଠାରୁ ନୈରାଶ୍ୟଜନକ ପ୍ରଦର୍ଶନ କରିଛି ଏହି ଦଳ ସିକ୍କିମରେ ଖାତା ଖୋଲିପାରି ନ ଥିବାବେଳେ ଅରୁଣାଚଳରେ ଗୋଟିଏ ଆସନକୁ ଖସି ଆସିଛି। ସୂଚନାଯୋଗ୍ୟ ଯେ ଉଭୟ ରାଜ୍ୟରେ ୧୯ ତାରିଖରେ ଗୋଟିଏ ପର୍ଯ୍ୟାୟରେ ମତଦାନ ଶେଷ ହୋଇଥିଲା।

ପ୍ରେମ ସିଂହ ତାମଙ୍ଗ ପୁଣିଥରେ ସିକ୍କିମ ମୁଖ୍ୟମନ୍ତ୍ରୀ ହେବେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ବିଜୟ ପାଇଁ ତାମଙ୍ଗଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସେହିପରି ସିକ୍କିମ ଡେମୋକ୍ରାଟିକ୍ ଫ୍ରଣ୍ଟ(ଏସ୍‌ଡିଏଫ୍) ଗୋଟିଏ ଆସନ ଜିତିଛି। ପ୍ରେମ ସିଂହ ତାମଙ୍ଗଙ୍କ ଏସ୍‌କେଏମ୍ ୨୦୧୯ ବିଧାନସଭା ନିର୍ବାଚନରେ ୧୭ ଆସନ ଜିତି ସରକାର ଗଢ଼ିଥଲା। ସେତେବେଳେ ଏସ୍‌ଡିଏଫ୍ ୧୫ ଆସନ ପାଇଥିଲା। ଏଥର 'ଏସ୍‌ଡିଏଫ୍'ର ପଵନ କୁମାର ଚାମଲିଙ୍ଗ ଓ ବାଇଚୁଙ୍ଗ ଭୁଟିଆ ନିର୍ବାଚନ ହାରିଛନ୍ତି। ଚାମଲିଙ୍ଗ ୨ଟି ବିଧାନସଭା ଆସନରେ ପ୍ରାର୍ଥୀ ଥିଲେ ଓ ଉଭୟ ଆସନରେ ହାରିଛନ୍ତି। ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀ ପେମା ଖାଣ୍ଡୁ ପୁଣି ଥରେ ଅରୁଣାଚଳ ପ୍ରଦେଶରେ ମୁଖ୍ୟମନ୍ତ୍ରୀ ହେବେ। ୬୦ ଆସନ ବିଶିଷ୍ଟ ଅରୁଣାଚଳ ପ୍ରଦେଶ ବିଧାନସଭାକୁ ମୁଖ୍ୟମନ୍ତ୍ରୀ ପେମା ଖାଣ୍ଡୁ ଓ ଉପମୁଖ୍ୟମନ୍ତ୍ରୀ ଚୌନା ମିଇନଙ୍କ ସମେତ ବିଜେପିର ୧୦ ବିଧାୟକ ପ୍ରାର୍ଥୀ ପୂର୍ବରୁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ଘୋଷିତ ହୋଇସାରିଥିବା ବେଳେ ବଳକା ୫୦ ଆସନରେ ଗତ ଏପ୍ରିଲ ୧୯ରେ ମତଦାନ ହୋଇଥିଲା। ଆଜି ଭୋଟ ଗଣତି ପରେ ଫଳାଫଳ ପ୍ରକାଶିତ ▶ପୃଷ୍ଠା-୯

# ପ୍ରଶ୍ନ ଘେରରେ ଏକ୍‌ଜିଟ୍ ପୋଲ୍

## ଅଧିକାଂଶ ଜାତୀୟ ଗଣମାଧ୍ୟମ ସଂସ୍ଥାର ସର୍ଭେ ଓ ଆକଳନରେ ଗୁରୁତର ତ୍ରୁଟି

■ ଭୁବନେଶ୍ୱର, ୨।୬ (ସମିସ): ଦେଶବ୍ୟାପୀ ମୋଟ ୭ ପର୍ଯ୍ୟାୟରେ ସାଧାରଣ ନିର୍ବାଚନ ପାଇଁ ମତଦାନ ପ୍ରକ୍ରିୟା ଶେଷ ହୋଇଛି। ମତଦାନ ପରେ ଫଳାଫଳକୁ ନେଇ ଦେଶର ବିଭିନ୍ନ ଗଣମାଧ୍ୟମ ସଂସ୍ଥା ଏବଂ ରାଜନୈତିକ ବିଶେଷଜ୍ଞମାନେ ଏକ୍‌ଜିଟ୍ ପୋଲ ପ୍ରକାଶ କରୁଛନ୍ତି। ତେବେ ଅଧିକାଂଶ ରିପୋର୍ଟରେ ବଳିଷ୍ଠ ଆଧାର ନ ଥାଇ ଭ୍ରମାତ୍ମକ ତଥ୍ୟ ଆଧାରରେ ନିର୍ଦ୍ଦିଷ୍ଟ ରାଜନୈତିକ ଦଳ ସପକ୍ଷରେ ସମ୍ପୂର୍ଣ୍ଣ ଏକପାଖିଆ ରିପୋର୍ଟ ପ୍ରସ୍ତୁତ କରାଯାଇଥିବା ରାଜ୍ୟରୁ ଜାତୀୟସ୍ତର ପର୍ଯ୍ୟନ୍ତ ଅଭିଯୋଗ ହୋଇଛି। ଫଳରେ କେହିକେହି ଏହାକୁ 'ଏକ୍‌ଜିଟ୍ ପୋଲ୍' ବଦଳରେ 'ଫେକ୍‌ଜିଟ୍ ପୋଲ' ବୋଲି କଟାକ୍ଷ କରୁଥିବାବେଳେ ବିଶେଷଜ୍ଞମାନେ ଏହାକୁ ପ୍ରାୟୋଜିତ ବୋଲି ଆଶଙ୍କା ପ୍ରକାଶ କରିଛନ୍ତି।

ଶେଷ ପର୍ଯ୍ୟାୟ ନିର୍ବାଚନ ପରେ ଗତକାଲି ପ୍ରକାଶ ପାଇଥିବା ବିଭିନ୍ନ ଜାତୀୟ ଗଣମାଧ୍ୟମ ସଂସ୍ଥାର ଏକ୍‌ଜିଟ୍ ପୋଲ୍ ରିପୋର୍ଟ ଉପରେ ପ୍ରତିକ୍ରିୟା ରଖି ବିଜେଡି ରାଜ୍ୟସଭା ସାଂସଦ ମାନସ ମଙ୍ଗରାଜ କହିଛନ୍ତି, କେତେକ ରାଜ୍ୟର ଲୋକସଭା ଆସନ ସଂଖ୍ୟାଠାରୁ ଏହି ସର୍ଭେ ସଂସ୍ଥାଗୁଡ଼ିକ ବିଜେପିକୁ ଅଧିକ ଆସନରେ ଜିତାଇଛନ୍ତି। ହିମାଚଳ ପ୍ରଦେଶର ଲୋକସଭା




**ପ୍ରତିଦ୍ୱନ୍ଦ୍ୱିତା କରୁଥିବା ଆସନଠାରୁ ଏକ୍‌ଜିଟ୍ ପୋଲ୍‌ରେ ଅଧିକ ଆସନ**

**ହିମାଚଳ ପ୍ରଦେଶ ଓ ହରିୟାଣାର ସିଟ୍ ସଂଖ୍ୟାଠାରୁ ଏନ୍‌ଡିଏକୁ ଅଧିକ ଆସନ ଦେଇଛନ୍ତି ଜାତୀୟ ସର୍ଭେ ସଂସ୍ଥା: ସାଂସଦ ମାନସ**

**ନିର୍ଦ୍ଦିଷ୍ଟ ରାଜନୈତିକ ଦଳ ନିର୍ଦ୍ଦେଶରେ ପ୍ରାୟୋଜିତ ଏକ୍‌ଜିଟ୍ ପୋଲ୍**

**ଏକ୍‌ଜିଟ୍ ପୋଲ୍‌କୁ ରହସ୍ୟମୟ ଓ ହାସ୍ୟାସ୍ପଦ କହିଲେ ବିଶେଷଜ୍ଞ**

ଆସନ ୪ ହୋଇଥିବା ବେଳେ ଏଠାରେ ଏନ୍‌ଡିଏ ୬-୮ ଆସନରେ ଜିତିବ ବୋଲି ଜି ନ୍ୟୁଜ୍ ସଂସ୍ଥା ଦର୍ଶାଇଛି। ସେହିପରି ହରିୟାଣାର ଲୋକସଭା ଆସନ ସଂଖ୍ୟା ୧୦ ▶ପୃଷ୍ଠା-୯

## ଓଡ଼ିଶା ଭୋଟରଙ୍କ ମୁଡ୍ ଜାଣିବାରେ ବିଫଳ

### ସବୁ ସର୍ଭେକୁ ମାତ୍‌ଦେଇ ବାଜି ମାରିଛି ବିଜେଡି

■ ଭୁବନେଶ୍ୱର, ୨।୬ (ସମିସ): ଓଡ଼ିଶାର ଲୋକସଭା ନିର୍ବାଚନ ପରିପ୍ରେକ୍ଷୀରେ ଏକାଧିକ ଏକ୍‌ଜିଟ୍ ପୋଲ୍‌ରେ ବିଜେପିକୁ ବଡ଼ ଦଳ ଭାବେ ଦର୍ଶାଯାଇଛି। ଅଧିକାଂଶ ସଂସ୍ଥା ବିଜେଡି ତୁଳନାରେ ବିଜେପିକୁ ଅଧିକ ଲୋକସଭା ଆସନ ଦେଉଥିବା ବେଳେ ବିଜେଡି ଏହାକୁ ଖଣ୍ଡନ କରିବା ସହ ଏଭଳି ଏକଜିଟ୍ ପୋଲର୍ ବିଶ୍ୱସନୀୟତାକୁ ନେଇ ଅଙ୍ଗୁଳି ଉଠାଇଛି। ଓଡ଼ିଶା ପରିପ୍ରେକ୍ଷୀରେ ଏଭଳି ଏକଜିଟ୍ ପୋଲ୍ ବାରମ୍ବାର ଭୁଲ୍ ପ୍ରମାଣିତ ହୋଇଥିବା ବେଳେ ଚଳିତ ନିର୍ବାଚନରେ ମଧ୍ୟ ସମାନ ଘଟଣାର ପୁନରାବୃତ୍ତି ହେବ ବୋଲି ବିଜେଡି ଦାବି କରିଛି।

**ବହୁବାର ଭୁଲ୍ ପ୍ରମାଣିତ ହୋଇଛନ୍ତି ଜାତୀୟ ସଂସ୍ଥା**

**ଚଳିତ ଥର ମଧ୍ୟ ସମାନ ସ୍ଥିତି ହେବା ଦାବିକଲା ବିଜେଡି**

ଦଳର ସୋସିଆଲ ମିଡିଆ ମୁଖ୍ୟ ସ୍ୱୟଂପ୍ରକାଶ ମହାପାତ୍ର 'ଏକ୍ସ' ଯୋଗେ ଗତ ୨୦୧୯ ମସିହାର ନିର୍ବାଚନ ସଂକ୍ରାନ୍ତରେ କିଛି ଜାତୀୟ ସଂସ୍ଥା କରିଥିବା ଏକଜିଟ୍ ପୋଲ୍‌ର ଫଳାଫଳକୁ କଟାକ୍ଷ କରିବା ସହ ଅତୀତର ସେମାନଙ୍କ ବିଫଳତାକୁ ମନେ ପକାଇଛନ୍ତି। ଶ୍ରୀ ମହାପାତ୍ର 'ଏକ୍ସ'ରେ ଉଲ୍ଲେଖ କରିଛନ୍ତି ଯେ ୨୦୧୯ ନିର୍ବାଚନରେ ଇଣ୍ଡିଆ ଟୁଡେ- 'ଆକ୍ସିସ ମାଇଁ ▶ପୃଷ୍ଠା-୯

# ଭୟାନକ ବଜ୍ରପାତ ଓ ଅଂଶୁଘାତ

## ବଜ୍ର ନେଲା ୬ ଜୀବନ

■ ସାନଖେମୁଣ୍ଡି/ ସୋରଡ଼ା/ ଜି.ଉଦୟଗିରି/ରାୟଗଡ଼ା, ୨।୬ (ସମିସ): କାଳବୈଶାଖୀ ଯୋଗୁଁ ଆଜି ବିଭିନ୍ନ ସ୍ଥାନରେ ବଜ୍ରପାତ ଘଟି ୪ ଜଣଙ୍କ ଜୀବନ ଯାଇଛି। ଗଞ୍ଜାମ ଜିଲ୍ଲା ସାନଖେମୁଣ୍ଡି ବ୍ଲକ୍ ପାଟପୁର ଥାନା ଅଧୀନ ପାଟପୁର ଗ୍ରାମରେ ଠାକୁରାଣୀ ଯାତ୍ରା ଚାଲିଥିବାବେଳେ ପାଟପୁର ଗାନ୍ଧୀଛକ ନିକଟସ୍ଥ ଏକ ଗଛ ମୂଳେ ଆଶ୍ରୟ ନେଇଥିବା ଦୁଇ ଶ୍ରମିକଙ୍କର ବଜ୍ରପାତରେ ମୃତ୍ୟୁ ଘଟିଥିବା ବେଳେ ଗଞ୍ଜାମ ଜିଲ୍ଲା ବଡ଼ଗଡ଼ ଥାନା ନୂଆଗାଁ ଗ୍ରାମରେ ଜଣେ ଯୁବକ ପ୍ରାଣ ହରାଇଛନ୍ତି। ସେହିପରି କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ବ୍ଲକ୍ କଟିଙ୍ଗିଆ ପଞ୍ଚାୟତର କଟିଙ୍ଗିଆ ଛକରେ ବଜ୍ରପାତରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି।



**ଠାକୁରାଣୀ ଯାତ୍ରା ବେଳେ ଗଲା ୨ ଶ୍ରମିକଙ୍କ ଜୀବନ**

**ଟୋଲ ଗୋଟାଇ ଫେରୁଥିବା ବେଳେ ୨ ମୃତ**

ସୂଚନା ମୁତାବକ, ପାଟପୁର ଗ୍ରାମରେ ଠାକୁରାଣୀ ଯାତ୍ରା ଚାଲିଥିବାବେଳେ ପାଟପୁର ଗାନ୍ଧୀଛକ ନିକଟରେ ମିନାବଜାର ଚାଲିଛି। ମିନାବଜାରରେ କାମ କରୁଥିବା କିଛି ଶ୍ରମିକ ରବିବାର ଅପରାହ୍ନରେ ଲକ୍ଷ୍ମୀ ମନ୍ଦିର ନିକଟରେ ଥିବା ଆମ୍ବ ଗଛ ମୂଳେ ଶୋଇଥିଲେ। ହଠାତ୍ ବର୍ଷା, ପବନ ଓ ବଜ୍ରପାତ ଆରମ୍ଭ ହେବାରୁ କିଛି ଶ୍ରମିକ ସେଠାରୁ ଚାଲିଯାଇଥିଲେ। କିନ୍ତୁ ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ନିକଟସ୍ଥ ଆଲିପଡ଼ା ଗ୍ରାମର ଡୁଗୁଲା ପ୍ରଧାନ ଓ ଗଞ୍ଜାମ ଜିଲ୍ଲା ପୋଲସରା ଥାନା ଚଢ଼ିଆପଡ଼ା ▶ପୃଷ୍ଠା-୯

## ୭୨ ଘଣ୍ଟାରେ ୯୯ ଅସ୍ୱାଭାବିକ ମୃତ୍ୟୁ



**୧୪୧ ଜଣଙ୍କ ଅଂଶୁଘାତ ମୃତ୍ୟୁ ଅଭିଯୋଗ**

**ଯାଞ୍ଚ ପରେ ସ୍ପଷ୍ଟ ହେଲା ୨୬ ମୃତ୍ୟୁ**

**୧୦୭ଟିରେ ଚାଲିଛି ଯାଞ୍ଚ**

■ ଭୁବନେଶ୍ୱର,୨।୬(ସମିସ): ରାଜ୍ୟରେ ସନ୍ଦିଗ୍ଧ ଅଂଶୁଘାତ ମୃତକଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଲଗାତାର ଭାବେ ପଶ୍ଚିମ ଓଡ଼ିଶାରେ ଏହି ମୃତ୍ୟୁ ଯୋଗୁଁ ରାଜ୍ୟ ସରକାରଙ୍କ ଚିନ୍ତା ବଢ଼ିବାରେ ଲାଗିଛି। ଯଦିଓ ସମସ୍ତ ମୃତ୍ୟୁର କାରଣ ଅଂଶୁଘାତ ବୋଲି ସ୍ପଷ୍ଟ ହୋଇ ନାହିଁ, ହେଲେ ହଠାତ କୌଣସି କାରଣ ନ ଥାଇ ଏତେ ସଂଖ୍ୟକ ଲୋକ ପ୍ରାଣ ହରାଉଥିବାରୁ ପଶ୍ଚିମ ଓଡ଼ିଶାରେ ଲୋକଙ୍କୁ ଭୟ ଘାରିଛି। ପଶ୍ଚିମ ଓଡ଼ିଶାରେ ବର୍ତ୍ତମାନ ତାତିର ପ୍ରକୋପ ଅଧିକ ରହୁଥିବା ବେଳେ ଆଗକୁ ଏହି ସ୍ଥିତି ଆହୁରି ଉଦ୍‌ବେଗ ଜନିକ ହେବା ନେଇ ଆକଳନ କରାଯାଇଛି। ତେଣୁ ସ୍ଥିତି ଉପରେ ରାଜ୍ୟ ସରକାର ଗୁରୁତ୍ୱ ଦେଉଥିବା ଜଣାପଡ଼ିଛି। ରବିବାର ସନ୍ଧ୍ୟା ସୁଦ୍ଧା ଏସ୍‌ଆରସିଙ୍କ କାର୍ଯ୍ୟାଳରୁ ମିଳିଥିବା ସୂଚନା ଅନୁଯାୟୀ ରାଜ୍ୟରେ ଗତ ୩୦ ତାରିଖ ସୁଦ୍ଧା ୪୨ ଜଣଙ୍କର ଅଂଶୁଘାତରେ ମୃତ୍ୟୁ ହୋଇଥିବା ନେଇ ଅଭିଯୋଗ ହୋଇଥିଲା। ତେବେ ଏହି ▶ପୃଷ୍ଠା-୯

# ରଜ ଯାଏଁ ତାତିରୁ ନିସ୍ତାର ନାହିଁ

■ ଭୁବନେଶ୍ୱର, ୨।୬ (ସମିସ): ରଜ ପର୍ଯ୍ୟନ୍ତ ତାତିରୁ ମିଳିବନି ତ୍ରାହି। ରାଜ୍ୟକୁ ମୌସୁମୀ ନ ଛୁଇଁବା ପର୍ଯ୍ୟନ୍ତ ଏମିତି ସ୍ଥିତି ଜାରି ରହିବ। ଉପକୂଳ ଓଡ଼ିଶାରେ ଗୁଳୁଗୁଳି ଅସହ୍ୟ ହେବା ସହ ପଶ୍ଚିମରେ ପ୍ରବଳ ତାତି ଜାରି ରହିବ। ଯଦିଓ କାଳବୈଶାଖୀ ଜନିତ ସ୍ଥିତି ଯୋଗୁଁ ବର୍ତ୍ତମାନ କିଛି ପରିମାଣରେ ତାତି କିମିଛି; ହେଲେ ଆର୍ଦ୍ରତା ସ୍ଥିତି ଯୋଗୁଁ ଗୁଳୁଗୁଳିର ମାତ୍ରା ଅସହ୍ୟ ହେଉଛି। ରବିବାର ରାଜ୍ୟର ୮ଟି ସହରରେ ତାପମାତ୍ରା ୪୦ ଡିଗ୍ରୀ କିମ୍ବା ଏହା ଉପରେ ରହିଥିବା ବେଳେ ଅଧିକାଂଶ ସ୍ଥାନରେ ଆର୍ଦ୍ରତା ପରିମାଣ ୭୦-୮୦ ପ୍ରତିଶତ ରହିଛି। ଯାହାକି ଗୁଳୁଗୁଳି ମାତ୍ରାକୁ ବୃଦ୍ଧି କରିବାରେ ସହାୟକ ହେଉଛି। ୪୨.୫ ଡିଗ୍ରୀ ସେଲ୍‌ସିୟସ ତାପମାତ୍ରା ସହ ଟିଟିଲାଗଡ଼ ରାଜ୍ୟର ସବୁଠୁ ଉତ୍ତପ୍ତ ସହର ପାଲଟିଥିବା ବେଳେ ସୋନପୁରରେ ଓ ବଲାଙ୍ଗିରରେ ତାପମାତ୍ରା

**୪୨.୫ ଡିଗ୍ରୀ ସହ ଟିଟିଲାଗଡ଼ ରାଜ୍ୟର ସବୁଠୁ ଉତ୍ତପ୍ତ ସହର**

**ଜୁନ୍ ୧୫ ପୂର୍ବରୁ ରାଜ୍ୟରେ ହେବନି ମୌସୁମୀ ବର୍ଷା**

୪୨.୩ ଡିଗ୍ରୀ ଏବଂ ବୌଦ୍ଧରେ ତାପମାତ୍ରା ୪୨.୧ ଡିଗ୍ରୀ ରେକର୍ଡ ହୋଇଛି। ଏହି ସ୍ଥିତି ପ୍ରାୟ ରଜ ପର୍ଯ୍ୟନ୍ତ ଜାରି ରହିବାକୁ ଥିବାବେଳେ ବର୍ତ୍ତମାନ ତାତି ଓ ଗୁଳୁଗୁଳିରୁ ନିସ୍ତାର ନ ମିଳିବା ନେଇ ଆଶଙ୍କା କରାଯାଉଛି। ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି ଯେ ରାଜ୍ୟକୁ ବର୍ତ୍ତମାନ ଉତ୍ତର-ପଶ୍ଚିମ ଦିଗରୁ ଶୁଷ୍କ ପବନ ବହୁଛି। ଏହା ଆଗକୁ ଅଧିକ ତ୍ୱରାନ୍ୱିତ ହେବ। ଫଳରେ ରାଜ୍ୟରେ ଜୁନ୍ ୮ କିମ୍ବା ୯ ତାରିଖରୁ ତାପମାତ୍ରା ବୃଦ୍ଧି ପାଇବ। ଭୁବନେଶ୍ୱର ସମେତ ଉପକୂଳ ଓଡ଼ିଶାରେ ୮ରୁ ୧୦ ତାରିଖ ମଧ୍ୟରେ ତାପମାତ୍ରା ୪୨ଡିଗ୍ରୀ ଅତିକ୍ରମ କରିବ। ସେହିପରି ପଶ୍ଚିମ ଓଡ଼ିଶାର ଅନେକ ସ୍ଥାନରେ ୧୦ରୁ ୧୨ ତାରିଖ ମଧ୍ୟରେ ତାପମାତ୍ରା ୪୫ ଡିଗ୍ରୀରୁ ଅଧିକ ରହିବାର ସମ୍ଭାବନା ରହିଛି ବୋଲି ପ୍ରଫେସର ପଶୁପାଳକ କହିଛନ୍ତି। ଅନ୍ୟପଟେ ଚଳିତ ମୌସୁମୀ ସ୍ୱାଭାବିକଠାରୁ ଆଗୁଆ କେରଳ ▶ପୃଷ୍ଠା-୯

## ଆଜିଠୁ +୩ ନାମଲେଖା ଆବେଦନ

■ ଭୁବନେଶ୍ୱର, ୨।୬ (ସମିସ): ଆସନ୍ତାକାଲି ଅର୍ଥାତ ସୋମବାର ଠାରୁ ଆରମ୍ଭ ହେବ ଯୁକ୍ତ ୩ ରେ ନାମଲେଖା ଆବେଦନ। ଉଚ୍ଚଶିକ୍ଷା ବିଭାଗ ଅଧୀନରେ ଥିବା ଯୁକ୍ତ ୩ ମହାବିଦ୍ୟାଳୟ ସମେତ ସେଲ୍ଫ ଫାଇନାନ୍ସିଂ ଓ ସଂସ୍କୃତ କଲେଜର ସ୍ନାତକ(ୟୁଜି) ପାଠ୍ୟକ୍ରମରେ ନାମଲେଖା ପାଇଁ ଅପରାହ୍ନ ୪ ଟାରୁ ଆବେଦନ କରିପାରିବେ ଛାତ୍ରଛାତ୍ରୀ। ସାମ୍ସ ୱେବସାଇଟ୍ www.samsodisha.gov.in ରେ ଜୁନ୍ ୧୭ ତାରିଖ ରାତି ୧୧ଟା ୪୫ ପର୍ଯ୍ୟନ୍ତ ଆବେଦନ କରିପାରିବେ।

**୨୫ରେ ପ୍ରଥମ ପର୍ଯ୍ୟାୟ ମେଧା ତାଲିକା ପ୍ରକାଶ**

ଆବେଦନପତ୍ରରେ କୌଣସି ତ୍ରୁଟି ଥିଲେ ୧୮ ତାରିଖ ଦିନ ସଂଶୋଧନ କରାଯାଇପାରିବ। ପ୍ରଥମ ପର୍ଯ୍ୟାୟ ମେଧା ତାଲିକା ଜୁନ୍ ୨୫ ତାରିଖରେ ପ୍ରକାଶ ପାଇବା ସହ ୨୬ରୁ ୨୯ ତାରିଖ ମଧ୍ୟରେ ନାମଲେଖା ଅନୁଷ୍ଠିତ ହେବ। ସେହିପରି ଦ୍ୱିତୀୟ ପର୍ଯ୍ୟାୟ ମେଧା ତାଲିକା ଜୁଲାଇ ୫ ତାରିଖରେ ପ୍ରକାଶ ପାଇବାକୁ ଥିବା ବେଳେ ଯୋଗ୍ୟ ଛାତ୍ରଛାତ୍ରୀ ଜୁଲାଇ ୬ରୁ ୯ ତାରିଖ ମଧ୍ୟରେ ନାମ ଲେଖାଇପାରିବେ। ଜୁଲାଇ ୧୫ ତାରିଖରେ ତୃତୀୟ ପର୍ଯ୍ୟାୟ ମେଧା ତାଲିକା ପ୍ରକାଶ ପାଇବ ବୋଲି ଦର୍ଶାଯାଇଛି।

# ଡାକ୍ତର ନିଖୋଜ

## ମାଓ ଅପହରଣ ସନ୍ଦେହ; ପୁଲିସର ତଦନ୍ତ ଆରମ୍ଭ

■ କାଲିମେଳା, ୨।୬ (ସମିସ): ମାଲକାନଗିରି ଜିଲ୍ଲା କାଲିମେଳାରେ ଜଣେ କର୍ତ୍ତବ୍ୟରତ ଡାକ୍ତର ଅପହରଣ ହୋଇଥିବା ଜଣାପଡ଼ିଛି। ଅପହୃତ ଡାକ୍ତରଙ୍କ ନାଁ ଅମ୍ଲାନ କୁମାର ଭୋଇ। ସେ ରହୁଥିବା ସରକାରୀ କ୍ୱାର୍ଟର୍ସରୁ ସିପିଆଇ ମାଓବାଦୀ ସଂଗଠନର ଏକ ଚିଠି ମିଳିଥିବା ସୂଚନା ମିଳିଛି। ଯାହାକୁ ନେଇ ତାଙ୍କୁ ମାଓବାଦୀମାନେ କିମ୍ବା ଅନ୍ୟ କେହି ଦୁର୍ବୃତ୍ତ ଅପହରଣ କରି ନେଇଥିବା ଚର୍ଚ୍ଚା ହେଉଛି। କାଲିମେଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ କାର୍ଯ୍ୟରତ ଡାକ୍ତର ଅମ୍ଲାନ ଭୋଇ ନିଖୋଜ ହୋଇଯାଇଥିବା ଓ ଏହା ମାଓ ଅପହରଣ ସନ୍ଦେହ କରାଯାଇ ହସ୍ପିଟାଲ ପକ୍ଷରୁ କାଲିମେଳା ଥାନାରେ ଲିଖିତ ଅଭିଯୋଗ ହେବା ପରେ ପୁଲିସ ପକ୍ଷରୁ ତଦନ୍ତ ଆରମ୍ଭ କରାଯାଇଛି।

କାଲିମେଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ କାର୍ଯ୍ୟ କରୁଥିବା ଡାକ୍ତର ଅମ୍ଲାନ କୁମାର ଭୋଇଙ୍କୁ କେହି ଦୁର୍ବୃତ୍ତ ଶନିବାର ବିଳମ୍ବିତ ରାତିରେ ଅପହରଣ କରିନେଇଥିବା ଜଣାପଡ଼ିଛି। ଅପହୃତ ଡାକ୍ତରଙ୍କ ନାଁ ଅମ୍ଲାନ କୁମାର ଭୋଇ ଏବଂ ତାଙ୍କ ନିଜ ଘର କନ୍ଧମାଳ ଜିଲ୍ଲାରେ। ସେ ଗତ ୫ ମାସ ତଳେ କାଲିମେଳା ହସ୍ପିଟାଲରେ ଡାକ୍ତର ଭାବେ ନିଯୁକ୍ତି ପାଇଥିଲେ। ତାଙ୍କ ସରକାରୀ କ୍ୱାର୍ଟର୍ସରେ ହସ୍ପିଟାଲର ବିଭିନ୍ନ ସମସ୍ୟାକୁ ନେଇ କିଛି ହାତଲେଖା ପୋଷ୍ଟର ଛଡ଼ାଯାଇଥିବାର ଜଣାପଡ଼ିଛି। ସେହି ପୋଷ୍ଟରରେ ସିପିଆଇ ମାଓବାଦୀ ବୋଲି ଲେଖାଥିବା ଏକ ଚିଠି ଥିବାରୁ ଏହା ମାଓବାଦୀଙ୍କ କାଣ୍ଡ ହୋଇଥାଇପାରେ ବୋଲି ହସ୍ପିଟାଲ କର୍ମଚାରୀ ଓ ଜନସାଧାରଣ ସନ୍ଦେହ କରୁଥିବାବେଳେ ଏହାକୁ ପୁଲିସ ଅସ୍ୱୀକାର କରିଛି।



ସରକାରୀ କ୍ୱାର୍ଟର୍ସ ଭିତରେ ଡାକ୍ତରଙ୍କ ମୋବଇଲ୍ ଓ ଘର ବାହାରେ ବାଇକ୍ ରହିଥିବାର ଦେଖିବାକୁ ମିଳିଛି।

ଶୁକ୍ରବାର ସୁକୁମା ଜିଲ୍ଲା କୋଣ୍ଟା ଅଞ୍ଚଳର କିଛି ଲୋକ ଜଣେ ମହିଳାଙ୍କୁ ଧରି ଚିକତ୍ସା ପାଇଁ କାଲିମେଳା ହସ୍ପିଟାଲକୁ ଆଣୁଥିବାବେଳେ ରାସ୍ତାରେ ମହିଳାଙ୍କର ମୃତ୍ୟୁ ହୋଇଯାଇଥିଲା। ଡାକ୍ତରଖାନାରେ ପହଞ୍ଚିବା ପରେ ଡାକ୍ତର ଅମ୍ଲାନ ମହିଳାଙ୍କୁ ମୃତ ଘୋଷଣା କରିଥିଲେ ଓ କାଲିମେଳା ଥାନାକୁ ଜଣାଇ ଦେଇଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବ ବ୍ୟବଚ୍ଛେଦ କରିବା ପାଇଁ କହିବାରୁ ଏହାକୁ କେନ୍ଦ୍ର କରି ଡାକ୍ତରଙ୍କ ସହ ଉକ୍ତ ▶ପୃଷ୍ଠା-୯

## ଲୋକକଥା



ରଜନୀ ପାହିଲେ ଜଗତ ଜାଣିବ
କିଏ ସେ ହୋଇବ ରାଟ,
କା' ମୁଣ୍ଡରେ ହାତୀ କଳସ ଢାଳିବ
ପିନ୍ଧେଇ ବିଜୟ ପାଟ !
କାହା କପାଳରେ ଫାଟ,
ପାଞ୍ଚ ବର୍ଷ ପଞ୍ଚାକ୍ଷର କେ ଜପିବ
ଗାଦି ବିନା ଛଟପଟ !!

## ବାହାନଗା ଟ୍ରେନ୍ ଟ୍ରାଜେଡିକୁ ବର୍ଷେ

# ଏବେ ବି ଅପରିଚିତ ୨୮ ମୃତକ

■ ଭୁବନେଶ୍ୱର, ୨।୬ (ସମିସ): ବାଲେଶ୍ୱର ଜିଲ୍ଲାର ବାହାନଗା ଷ୍ଟେସନରେ ଘଟିଥିବା ଭୟାନକ ଟ୍ରେନ୍ ଦୁର୍ଘଟଣାକୁ ପୂରିଛି ବର୍ଷେ। ସେ ଦିନର ଛାତିଥରା ଦୁର୍ଘଟଣାକୁ ସ୍ୱଚକ୍ଷୁରେ ଦେଖିଥିବା ବାହାନଗାବାସୀ ଏବେ ବି ତାହାକୁ ମନେ ପକାଇଲେ ଶିହରି ଉଠୁଛନ୍ତି। କିନ୍ତୁ ଏହି ଦୁର୍ଘଟଣାର ପ୍ରକୃତ କାରଣ ଏବେବି ଖୋଜି ପାଇନି ସିବିଆଇ। ଏହି ମାମଲାରେ ସିବିଆଇ ତା'ର ପ୍ରାଥମିକ ଚାର୍ଜସିଟ୍ ଦାଖଲ କରିଥିଲେ ମଧ୍ୟ ଫାଇନାଲ ଚାର୍ଜସିଟ୍ ଦାଖଲ କରିନି। ଖୁବ୍‌ଶୀଘ୍ର ଏହି ମାମଲାରେ ସିବିଆଇ ତା'ର ଫାଇନାଲ ଚାର୍ଜସିଟ୍ ଦାଖଲ କରିବ ବୋଲି ଜଣାପଡ଼ିଛି। ଏହି ମାମଲାରେ ଗିରଫ ହୋଇଥିବା ୩ ଅଭିଯୁକ୍ତ ରେଳବାଇର



**ଆଜିଯାଏଁ ସିବିଆଇ ଖୋଜୁଛି କାରଣ**

**ଖୁବ୍‌ଶୀଘ୍ର ଫାଇନାଲ ଚାର୍ଜସିଟ୍ ଦେବ ସିବିଆଇ**

**ଜେଲ୍‌ରେ ଅଛନ୍ତି ୩ ଅଭିଯୁକ୍ତ ରେଳ କର୍ମଚାରୀ**

ସିଗ୍‌ନାଲ ଇଂଜିନିୟର ଅରୁଣ କୁମାର ମହନ୍ତ, ସେକ୍‌ସନ୍ ଇଂଜିନିୟର ଅମିର ଖାନ୍ ଏବଂ ଟେକ୍ନିସିଆନ୍ ପପୁ କୁମାର ଏବେବି ଜେଲ୍‌ରେ ଅଛନ୍ତି। ସେମାନଙ୍କ ବିରୋଧରେ ମଧ୍ୟ ସିବିଆଇ ତଦନ୍ତ କରୁଛି। ବଡ଼ କଥା ହେଲା, ଏହି ଦୁର୍ଘଟଣାରେ ମୃତ୍ୟୁ ଘଟିଥିବା ୨୮ ଜଣ ଯାତ୍ରୀଙ୍କ ପରିଚୟ ଆଜି ପର୍ଯ୍ୟନ୍ତ ବି ମିଳିନାହିଁ। ସେମାନଙ୍କୁ ଏମ୍ସରେ ଦୁଇ ମାସରୁ ଅଧିକ ଦିନ ରଖାଯିବା ପରେ ବିଏମ୍‌ସି ସତ୍ୟନଗରରେ ଶ୍ମଶାନରେ ସମୂହ ଦାହ କରିଥିଲା। ମୃତକଙ୍କ ଫଟୋ, ଡିଏନ୍‌ଏ ଏବଂ ଅନ୍ୟାନ୍ୟ ଅଂଶବିଶେଷ ରଖାଯାଇ ଦାହ କରାଯାଇଥିଲା। କିନ୍ତୁ ଆଜି ପର୍ଯ୍ୟନ୍ତ ଏହି ମୃତବ୍ୟକ୍ତିଙ୍କ କେହି ବି ପରିବାର ଲୋକ ଆସି ଦାବି କରିନାହାନ୍ତି।

ପ୍ରକାଶଯୋଗ୍ୟ, ଖଡ଼ଗପୁର ରେଳ ଡିଭିଜନ ଅନ୍ତର୍ଗତ ବାଲେଶ୍ୱର ଜିଲ୍ଲାର ବାହାନଗାଠାରେ ୨୦୨୩ ଜୁନ୍ ୨ ତାରିଖ ଶୁକ୍ରବାର ସନ୍ଧ୍ୟା ୬.୪୦ରେ ଘଟିଥିବା ଏହି ଛାତିଥରା ଟ୍ରେନ ଦୁର୍ଘଟଣା ସାରା ବିଶ୍ୱରେ ଚହଳ ପକାଇ ▶ପୃଷ୍ଠା-୯

## ରୋଲ୍ସ ରୟସ୍‌ରେ ଅଳିଆ ଉଠା



ଗାଡ଼ିଚାଳକଙ୍କ ପାଇଁ ରୋଲ୍ସ ରୟସ କାର୍‌ଟି ଡ୍ରିମ୍ କାର ହୋଇଥାଏ। ଏହି କାର୍‌ର ମୂଲ୍ୟ ଏତେ ଅଧିକ ଯେ, ସାଧାରଣ ଲୋକ ଏହାକୁ କିଣିବା ସାତସପନ ହୋଇଥାଏ। ତେବେ ଆମ ଦେଶର ଧନୀ ଶ୍ରେଣୀର ଲୋକ ଯେମିତିକି ମୁକେଶ ଅମ୍ବାନୀ, ଅମିତାଭ ବଚ୍ଚନ, ଶାହରୁଖ୍ ଖାନ୍, ଅମିର ଖାନ୍, ଅକ୍ଷୟ କୁମାର ଆଦି ବଡ଼ ବଡ଼ ତାରକା ଓ ପ୍ରଭାବଶାଳୀ ବ୍ୟକ୍ତିଙ୍କ ପାଖେ ଏହି କାର୍ ଦେଖିବାକୁ ମିଳେ। ତେବେ ଏତେ ମହଙ୍ଗା କାର୍‌ରେ କେହି କେବେ ଅଳିଆ ଉଠାଉଥିବା କଥା ହୁଏତ ଶୁଣିନଥିବେ। ଭାରତର ଏପରି ଜଣେ ରାଜା ଥିଲେ ଯେ କି ରୋଲ୍ସ ରୟସ୍ କାର୍ କିଣି ଏହାକୁ ଝାଡ଼ୁ ଲଗାଇବା କାମରେ ଲଗାଇଥିଲେ। ଅଲୱରର ମହାରାଜା ଜୟ ସିଂ ପ୍ରଭାକର ଜଣେ ବିଦ୍ୱାନୀ ରାଜା ଥିଲେ। ସେ ରୋଲ୍ସ ରୟ କାର୍‌କୁ ଅଳିଆ ସଂଗ୍ରହ କାର୍ଯ୍ୟରେ ଲଗାଇଥିଲେ। ରାଜା ଏକଦା ଲଣ୍ଡନରେ ଥିବା ସମୟରେ ରୋଲ୍ସ ରୟସ ଶୋ'ରୁମ୍‌କୁ ସାଧାରଣ ବେଶ ପୋଷାକରେ ଯାଇଥିଲେ। ଦୋକାନର ଜଣେ ସେଲ୍ସ ମ୍ୟାନ୍ ତାଙ୍କ ବେଶଭୂଷା ଦେଖି ତାଙ୍କୁ ବହୁତ ଅପମାନ କରିଥିଲେ। ଏଥିରେ ରାଜାଙ୍କ ଆତ୍ମସମ୍ମାନ ଓ ସ୍ୱାଭିମାନ ଉପରେ ଆଞ୍ଚ ଆସିବାରୁ ସେ ସେହି ସ୍ଥାନ ଛାଡ଼ି ପଳାଇଥିଲେ। ଦିନକ ପରେ ସେହି ଶୋ ରୁମ୍‌ରେ ରାଜା ରାଜକୀୟ ଅନ୍ଦାଜରେ ପହଞ୍ଚି ଯାଇଥିଲେ। ତାଚ୍ଛଲ୍ୟ କରିଥିବା ସେଲ୍ସମ୍ୟାନ୍‌ଙ୍କୁ ୭ଟି ରୋଲ୍ସ ରୟସ୍ ଭାରତକୁ ଡେଲିଭରି କରିବାକୁ ଆଦେଶ ଦେଇଥିଲେ। ରାଜାଙ୍କ ବେଶ ପରିପାଟୀ ଦେଖି ସେଲ୍ସମ୍ୟାନ୍ ଜଣକ ପୂରା ଚକିତ ହୋଇଯାଇଥିଲେ। ମହାରାଜା କାର୍ କିଣିବା ବେଳେ ସର୍ତ୍ତ ରଖିଥିଲେ, ଯେ, ରାଜ ମହଲରେ ସେହି ସେଲ୍ସମ୍ୟାନ୍ ଜଣକ କାର୍‌ଗୁଡିକୁ ଡେଲିଭରି କରାଇବେ। କେବଳ ସେତିକି ନୁହେଁ, ଯେତେବେଳେ ସେଲ୍ସମ୍ୟାନ୍ ଜଣକ କାର୍‌ଗୁଡିକୁ ନେଇ ଅଲୱରରେ ପହଞ୍ଚିଥିଲେ, ରାଜା ଜୟସିଂହ ପ୍ରଭାକର ସେଗୁଡ଼ିକୁ ନଗରପାଳିକାକୁ ଅଳିଆ ଉଠାଇବା ପାଇଁ ଦେଇଥିଲେ। ତେଣୁ ଏତେ ମହଙ୍ଗା ଗାଡ଼ିଟି ଅଳିଆ ସଂଗ୍ରହ କାମରେ ନିୟୋଜିତ ହୋଇଥିଲା। ଯେତେବେଳେ ରୋଲ୍ସ ରୟସ୍ କାର୍‌ରେ ଅଳିଆ ଉଠାଇବା ଘଟଣା ଚାରିଆଡ଼େ ବ୍ୟାପି ଯାଇଥିଲା କମ୍ପାନୀ ମଧ୍ୟ ଏଥିଯୋଗୁ ବଦନାମ ହୋଇଥିଲା। ଶେଷରେ ଏହି କମ୍ପାନୀ ପକ୍ଷରୁ ମହାରାଜାଙ୍କୁ ହୋଇଥିବା ଅପମାନ ପାଇଁ କ୍ଷମା ପ୍ରାର୍ଥନା କରାଯାଇଥିଲା।

### କମ୍ ଶୁଭୁଛି କ୍ରିଂ କ୍ରିଂ...

## ବିଶ୍ୱ ସାଇକଲ ଦିବସ



ବଦଳିଛି ସମୟ। ସମୟ ବଦଳିବା ସହ ଲୋକମାନଙ୍କର ଗମନାଗମନର ଧାରା ବି ବଦଳିଛି। ଏକଦା ଗ୍ରାମାଞ୍ଚଳଠାରୁ ଆରମ୍ଭ କରି ସହରାଞ୍ଚଳ ସବୁଆଡ଼େ ଶୂନଗାଡ଼ି ବା ସାଇକଲର ଚାହିଦା ଥିଲା। ସେତେବେଳେ କାଁ ଭାଁ ମୋଟର ସାଇକଲ ଦେଖିବାକୁ ମିଳୁଥିଲା। ସମୟ ଥିଲା ଲୋକେ ଯୌତୁକରେ ସାଇକଲ ଆଣୁଥିଲେ। ଏବେ ଗାଡ଼ି ମଟର ଶବ୍ଦ ଭିତରେ ହଜିଗଲାଣି ସାଇକଲ ଘଣ୍ଟିର କ୍ରିଂ କ୍ରିଂ ଶବ୍ଦ। ସାଧାରଣ ଗରିବ ଲୋକଟିଏ ମଧ୍ୟ ସାଇକଲ ଛାଡି ମଟର ସାଇକେଲ ଚଲାଇବାକୁ ମନ ବଳାଇଲାଣି। ଯଦିଓ ମୋଟର ସାଇକଲର ବ୍ୟବହାର ବଢ଼ିଛି, କିନ୍ତୁ ସାଇକଲର ଆଦର କମିନି। ଏବେ ସାଇକଲ କାହା ପାଇଁ ଫିଟ୍‌ନେସ୍‌ର ମନ୍ତ୍ର ପାଲଟିଛି ତ ଆଉ କାହା ପାଇଁ ପେଟ୍ରୋଲ ଡିଜେଲ ଦରରୁ ମୁକ୍ତି ପାଇବାର ପଥ। ସାଇକଲ କେବଳ ବ୍ୟକ୍ତିର ପରିବହନର ବାହନ ନୁହେଁ, ବରଂ ଉତ୍ତମ ସ୍ୱାସ୍ଥ୍ୟର ସାଥୀ ପାଲଟିଯାଇଛି। ସାଇକଲର ବ୍ୟବହାରକୁ ବହୁଳ ଭାବେ ବଢ଼ାଇବା ପାଇଁ ଜୁନ୍ ୩ ତାରିଖକୁ 'ବିଶ୍ୱ ସାଇକଲ ଦିବସ' ଭାବରେ ଘୋଷଣା କରିଛି 'ମିଳିତ ଜାତିସଂଘ'। କୁନି କୁନି ପିଲା ତଥା ଯୁବଗୋଷ୍ଠୀଙ୍କୁ ସାଇକଲ୍ ଚାଳନା ପାଇଁ ପ୍ରୋତ୍ସାହିତ କରିବା ଏହି ଦିବସ ପାଳନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ। ଶରୀରକୁ ସୁସ୍ଥ ରଖିବା ସହ ପରିବେଶକୁ ପ୍ରଦୂଷଣ ମୁକ୍ତ କରିବା ଉଦ୍ଦେଶ୍ୟରେ 'ବିଶ୍ୱ ସାଇକଲ ଦିବସ' ଭାବେ ପାଳନ କରାଯାଉଛି। ସାରା ବିଶ୍ୱରେ ନେଦରଲ୍ୟାଣ୍ଡ ଏକମାତ୍ର ଦେଶ, ଯେଉଁଠି ଆଜି ବି ସାଇକଲ ଅଧିକ ପରିମାଣର ବ୍ୟବହାର କରାଯାଇଥାଏ। ଏହି ଦେଶର ସରକାର ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଅକ୍ଷୁଣ୍ଣ ରଖିବା ପାଇଁ ସାଇକଲ ଚଳାଇବା ଉପରେ ସେଠାକାର ନାଗରିକଙ୍କୁ ପରାମର୍ଶ ଦେଇଥାନ୍ତି। ଏପରିକି ନେଦରଲ୍ୟାଣ୍ଡର ପ୍ରଧାନମନ୍ତ୍ରୀ ସାଇକଲ ଚଳାଇ ତାଙ୍କ କାର୍ଯ୍ୟାଳୟକୁ ଆସନ୍ତି। ସାଇକଲ ଚଳାଇବା ଦ୍ୱାରା ଏହା ଉଭୟ ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ ପାଇଁ ଭଲ ହୋଇଥାଏ। ଏହା ହୃଦ୍‌ଯନ୍ତ୍ର ଓ ଫୁସ୍‌ଫୁସ୍‌କୁ ଭଲ ରଖିବାରେ ସାହାଯ୍ୟ କରେ। ନିୟମିତ ଅଧଘଣ୍ଟା ସାଇକଲ ଚଳାଇବା ଦ୍ୱାରା ପେଟର ଚର୍ବି ହ୍ରାସ ପାଇଥାଏ। କେବଳ ସେତିକି ନୁହେଁ, ନିୟମିତ ସାଇକଲ ଚଳାଇବା ଦ୍ୱାରା ଶରୀରର ଇମ୍ୟୁନୋ ସିଷ୍ଟମ୍ ଠିକ୍ ଭାବେ କାମ କରିଥାଏ। ୧୯୬୦ରୁ ୧୯୯୦ ମସିହା ପର୍ଯ୍ୟନ୍ତ ସାଇକଲର ସମୟ ଥିଲା। ଏବେ କିନ୍ତୁ ସାଇକଲ କେବଳ ବ୍ୟାୟାମ କରିବା ଉଦ୍ଦେଶ୍ୟରେ ତଥା ଆଥ୍‌ଲେଟିକ୍ସମାନଙ୍କ ଦ୍ୱାରା ବ୍ୟବହାର କରାଯାଉଛି। ସମୟ ସହ ତାଳଦେଇ ସାଇକଲରେ ଅନେକ ପରିବର୍ତ୍ତନ ଆସିଛି। ଦିନ ଥିଲା 'ରାଲେ', 'ଆଟ୍‌ଲାସ୍', 'ହରକ୍ୟୁଲେସ୍'ଏବଂ 'ହିରୋ' ପରି କିଛି କମ୍ପାନୀ ନିଜ ସାଇକେଲ ବ୍ରାଣ୍ଡ ଭାବେ ଲୋକମାନଙ୍କ ମଧ୍ୟରେ ଛାପ ସୃଷ୍ଟି କରିଥିଲେ। କିନ୍ତୁ ଜଗତୀକରଣ ପରେ ବିଶ୍ୱର ନାମୀଦାମୀ କମ୍ପାନୀର ସାଇକଲ ଏବେ ହାତପାହାନ୍ତାରେ ମିଳି ପାରୁଛି। ଅଳ୍ପ ଦୂରରେ ଥିବା ସ୍ଥାନଗୁଡ଼ିକୁ ଯିବା ଆସିବା ପାଇଁ ବାଇକ୍ କିମ୍ବା ଚାରିଚକିଆ ଯାନ ପରିବର୍ତ୍ତେ ସାଇକଲ୍ ବ୍ୟବହାର କରିବା ଦ୍ୱାରା ଦିନକୁ ହଜାର ହଜାର ଲିଟରର ପେଟ୍ରୋଲ୍ ଓ ଡିଜେଲ୍ ନଷ୍ଟ ହେବାରୁ ରକ୍ଷା ମିଳିବା ସହ ପ୍ରଦୂଷଣ ସ୍ତର ମଧ୍ୟ ହ୍ରାସ ପାଇବ। କରୋନା ମହାମାରୀ ସମୟରେ ପୁଣି ଥରେ ସାଇକଲର ଆଦର ବଢ଼ିଥିଲା।



## 'ବ୍ଲାକ୍‌ଆଉଟ୍'ର ଟ୍ରେଲର୍ ରିଲିଜ୍

### ରିପୋର୍ଟର ଭୂମିକାରେ ବିକ୍ରାନ୍ତ

ବ୍ଲକ୍‌ବଷ୍ଟର୍ ଫିଲ୍ମ 'ଟୁଏଲ୍‌ଥ୍ ଫେଲ୍'ରେ ଲିଡ୍ ରୋଲରେ ଦେଖାଯାଇଥିବା ଅଭିନେତା ବିକ୍ରାନ୍ତ ମେସି ପୁଣି ଥରେ ତାଙ୍କ ଦମ୍‌ଦାର ଅଭିନୟ ଦ୍ୱାରା ଦର୍ଶକଙ୍କ ହୃଦୟ ଜିଣିବାକୁ ଯାଉଛନ୍ତି। ବିକ୍ରାନ୍ତ ଏବେ ତାଙ୍କ ବହୁପ୍ରତୀକ୍ଷିତ ଫିଲ୍ମ 'ବ୍ଲାକ୍‌ଆଉଟ୍' ପାଇଁ ଚର୍ଚ୍ଚାରେ। ଏବେ ଦର୍ଶକେ ବିକ୍ରାନ୍ତକୁ ବଡ଼ ପରଦାରେ ଦେଖିବା ପାଇଁ ଅପେକ୍ଷା କରିଛନ୍ତି। କିଛିଦିନ ପୂର୍ବରୁ 'ବ୍ଲାକ୍‌ଆଉଟ୍'ର ପୋଷ୍ଟର୍ ରିଲିଜ୍ କରାଯାଇଥିଲା। ଏବେ ଏହାର ଟ୍ରେଲର୍ ରିଲିଜ୍ ହୋଇଛି। ଫିଲ୍ମର ଟ୍ରେଲର୍ ସୋସିଆଲ ମିଡିଆରେ ଟ୍ରେଣ୍ଡ କରିବାରେ ଲାଗିଛି। ଦୁଇ ମିନିଟ୍ ୩୫ ସେକେଣ୍ଡର ଏହି ଟ୍ରେଲର୍‌ରେ ଥ୍ରିଲର୍, ସସ୍‌ପେନ୍ସ, କମେଡି ଦେଖିବାକୁ ମିଳିଛି। ଟ୍ରେଲର୍‌ରେ ପ୍ରତ୍ୟେକ କଳାକାରଙ୍କ ଅଭିନୟରୁ ଆଖି ଫେରାଇ ହେବ ନାହିଁ। ଏହା ଏଇ ବର୍ଷ ଜୁନ୍ ୭ ତାରିଖରେ ଓଟିଟି ପ୍ଲାଟ୍‌ଫର୍ମରେ ଜିଓ ସିନେମାରେ ରିଲିଜ୍ ହେବ। ବିକ୍ରାନ୍ତ ଏଥିରେ ଜଣେ ରିପୋର୍ଟର ଭୂମିକାରେ ଦେଖାଯିବେ। ବିକ୍ରାନ୍ତଙ୍କ ସହ ମୌନୀ ରାୟ, ସୁନୀଲ ଗ୍ରୋଭର୍ ମଧ୍ୟ ଏଥିରେ ନଜର ଆସିବେ। ଦେବାଙ୍ଗ ଭାବସାର ଏହାର ନିର୍ଦ୍ଦେଶନା ଦେଇଛନ୍ତି।

## ବର୍ଷା ପାଇଁ ଯଜ୍ଞ

### ପାଣି ଭିତରେ ମନ୍ତ୍ରୋଚାରଣ



ଦେଶରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ତେବେ ଏହି ପ୍ରଚଣ୍ଡ ଗରମରୁ ରକ୍ଷା ପାଇବା ପାଇଁ ରାଜସ୍ଥାନର ରାଜଧାନୀ ଜୟପୁରରେ ପଣ୍ଡିତମାନେ ପର୍ଜନ୍ୟ ଯଜ୍ଞ କରିଛନ୍ତି। ଏହି ଯଜ୍ଞ କରିବାର ୭୨ ଘଣ୍ଟା ମଧ୍ୟରେ ବର୍ଷା ହେବାର ଧାର୍ମିକ ମାନ୍ୟତା ଅଛି। ନୀଳକଣ୍ଠ ମହାଦେବ ମନ୍ଦିରରେ ଜଳ ସାଧନ ମାଧ୍ୟମରେ ୧୧ ଜଣ ବ୍ରାହ୍ମଣ ଏହି ଯଜ୍ଞ କରିଛନ୍ତି। ଜଳ ମଧ୍ୟରେ ରହି ଏହି ଯଜ୍ଞ କରାଯାଏ। ସେଥିପାଇଁ ଏହି ଯଜ୍ଞ ପାଇଁ ସମସ୍ତ ବ୍ରାହ୍ମଣ ପାଣି ପୂର୍ଣ୍ଣ ଡିସ୍ ଭିତରେ ବସି ମନ୍ତ୍ରୋଚାରଣ କରିବା ସହ ଆହୁତି ଦେଇଥିଲେ। ଅନ୍ୟପଟେ ଏବେ ନୌତପା ଚାଲିଥିବାରୁ ପ୍ରବଳ ଗରମ ଅନୁଭୂତ ହେଉଛି। ଏଣୁ ଏହି ଯଜ୍ଞ ଦ୍ୱାରା ତାପମାତ୍ରା ହ୍ରାସ ପାଇଥାଏ ବୋଲି କୁହାଯାଏ। ତା'ସହ ବର୍ଷା ହେବା ସମ୍ଭାବନା ରହିଥାଏ। ଏହି ଯଜ୍ଞ ମାଧ୍ୟମରେ ମହାଦେବ ଓ ବର୍ଷାର ଅଧିଦେବତା ଇନ୍ଦ୍ରଦେବଙ୍କ ପୂଜାର୍ଚ୍ଚନା କରାଯାଇଛି। ଏହି ଯଜ୍ଞର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ପ୍ରଚଣ୍ଡ ଗରମରୁ ମଣିଷ, ଜୀବଜନ୍ତୁଙ୍କୁ ଆଶ୍ୱସ୍ତି ପ୍ରଦାନ କରିବା।



## ଏହି ଦ୍ୱୀପରେ ଜନସଂଖ୍ୟାର ଦୁଇଗୁଣା ବିଲେଇ

ବିଶ୍ୱରେ ଏମିତି ଅନେକ ଦ୍ୱୀପ ରହିଛି, ଯେଉଁଠି ବହୁତ କମ୍ ସଂଖ୍ୟାରେ ଲୋକେ ବସବାସ କରନ୍ତି। ହେଲେ ଏମିତି ଏକ ଦ୍ୱୀପ ଅଛି, ଯେଉଁଠି ମଣିଷଙ୍କ ଅପେକ୍ଷା ଅଧିକ ସଂଖ୍ୟାରେ ବିଲେଇ ରୁହନ୍ତି। କେବଳ ସେତିକି ନୁହେଁ, ବିଲେଇଙ୍କୁ ସମ୍ମାନ ଦେବା ଉଦ୍ଦେଶ୍ୟରେ ଦ୍ୱୀପରେ ଥିବା ଲୋକେ 'ନିକୋ ନିନ୍‌ଜା' ନାମକ ଏକ ମନ୍ଦିର ନିର୍ମାଣ କରିଛନ୍ତି। ଏହି ମନ୍ଦିରଟି ମଣିଷ ଏବଂ ବିଲେଇ ମଧ୍ୟରେ ରହିଥିବା ଉତ୍ତମ ସମ୍ପର୍କକୁ ହିଁ ଦର୍ଶାଇଥାଏ। ଜାପାନ, ଉତ୍ତର ପୂର୍ବରେ ରହିଥିବା ତାଶିରୋଜିମା ଦ୍ୱୀପରେ ମଣିଷଙ୍କ ଅପେକ୍ଷା ଅଧିକ ସଂଖ୍ୟାରେ ବିଲେଇ ରୁହନ୍ତି। ତାଶିରୋଜିମାର ରେଶମ ଉତ୍ପାଦନରେ ବେଶ୍ ଆଗରେ ରହିଛି। ଏକଦା ଏଠାକାର ଚାଷୀମାନେ ମୂଲ୍ୟବାନ ରେଶମକୀଟ କୋକୁନକୁ ମୂଷା କବଳରୁ ସୁରକ୍ଷା ଦେବାକୁ ବିଲେଇ ପାଳୁଥିଲେ। ଏହାବାଦ୍ ସ୍ଥାନୀୟ ମତ୍ସ୍ୟଜୀବୀମାନେ ବିଲେଇକୁ ସୌଭାଗ୍ୟର ପ୍ରତୀକ ବୋଲି ଭାବି ଏହାକୁ ପାଖରେ ରଖୁଥିଲେ। ଏମିତିକି ସମୁଦ୍ରକୁ ମାଛଧରିବାକୁ ଯିବା ପୂର୍ବରୁ ମତ୍ସ୍ୟଜୀବୀମାନେ ପାଣିପାଗର ଅନୁମାନ ଲଗାଇବାକୁ ବିଲେଇର ଆଚରଣ ଉପରେ ନଜର ରଖୁଥିଲେ। ଖାସ୍ ଏହି କାରଣରୁ ଏହି ଦ୍ୱୀପରେ ଅନେକ ବର୍ଷ ହେଲାଣି ମଣିଷ ଓ ବିଲେଇ ଏକାଠି ରହିଆସୁଛନ୍ତି। ଏକଦା ଭୁଲବଶତଃ ଜଣେ ମତ୍ସ୍ୟଜୀବୀ ଗୋଟେ ବିଲେଇକୁ ଆଘାତ କରିଦେବାରୁ ପରେ ଦ୍ୱୀପବାସୀ ମିଳିମିଶି ଉକ୍ତ ବିଲେଇର ସମ୍ମାନରେ ଏହି ମନ୍ଦିର ନିର୍ମାଣ କରିଥିଲେ। ଏବେ ଏହି ଦ୍ୱୀପରେ ୫୦ ଜଣ ମଣିଷ ରହୁଥିବାବେଳେ ଦୁଇଗୁଣା ବିଲେଇ ରହିଛନ୍ତି।

## ଏଆଇ ହେଡ୍‌ଫୋନ୍

ୱାଶିଂଟନ୍ ବିଶ୍ୱବିଦ୍ୟାଳୟର ଗବେଷକମାନେ ଏକ ଭିନ୍ନ ଧରଣର ହେଡ୍‌ଫୋନ୍ ତିଆରି କରିଛନ୍ତି। ଯାହାକୁ ପିନ୍ଧି ଗହଳି ବା କୋଳାହଳପୂର୍ଣ୍ଣ ପରିବେଶରେ ବି ଜଣଙ୍କ କଥାକୁ ଶୁଣିବା ସମ୍ଭବ। ଅର୍ଥାତ୍ ଏହି ହେଡ୍‌ଫୋନ୍ ଚାରିପାର୍ଶ୍ୱ ପରିବେଶର କୋଳାହଳ ଶବ୍ଦକୁ ବନ୍ଦ କରି କେବଳ ବ୍ୟବହାରକାରୀ ଶୁଣିବାକୁ ଚାହୁଁଥିବା ଲୋକଙ୍କ କଥାକୁ ହିଁ ଶୁଣାଇଥାଏ। ଉକ୍ତ ହେଡ୍‌ଫୋନ୍ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଦ୍ୱାରା ପରିଚାଳିତ। ଏହା ଯେଉଁ ପ୍ରକ୍ରିୟା ମାଧ୍ୟମରେ କାମ କରେ, ତାହାକୁ 'ଟାର୍ଗେଟ୍ ସ୍ପିଚ୍ ହିୟରିଂ' କୁହାଯାଉଛି। ବ୍ୟବହାରକାରୀ ଯେଉଁ ବ୍ୟକ୍ତିଙ୍କୁ ଶୁଣିବାକୁ ଚାହାଁନ୍ତି, ପ୍ରଥମେ ୪-୫ ସେକେଣ୍ଡ ପର୍ଯ୍ୟନ୍ତ କଥା କହୁଥିବା ସେହି ବ୍ୟକ୍ତିଙ୍କୁ ଚାହିଁ ବଟନ୍ ଦବାଇବାକୁ ହୁଏ। ଏହାପରେ ହେଡ୍‌ସେଟ୍‌ରେ ଥିବା ମାଇକ୍ରୋଫୋନ୍ ନିଆରା ସ୍ୱର ପ୍ୟାଟର୍ଣ୍ଣକୁ କ୍ୟାପ୍‌ଚର୍ କରିଥାଏ ଏବଂ ଡାଟାକୁ ଅନବୋର୍ଡ ମେସିନ୍ ଲର୍ଣ୍ଣିଂ ସିଷ୍ଟମ୍‌ରେ ଫିଡ୍ କରିଥାଏ। ସେହି ସମୟରୁ ହିଁ ଏଆଇ ସେହି ସ୍ୱରକୁ ଚିହ୍ନି ବାସ୍ତବିକ ସମୟ ମଧ୍ୟରେ କେବଳ ସେହି ଅଡିଓକୁ ଶ୍ରୋତାଙ୍କ ପାଖରେ ପୁଣି ଚାଲୁ କରିଥାଏ। ଏହାକୁ ୨୧ ଜଣଙ୍କ ଉପରେ ପରୀକ୍ଷା କରାଯାଇଥିବା ବେଳେ ଟାର୍ଗେଟ୍ ସାଉଣ୍ଡ ହିୟରିଂ ପ୍ରଣାଳୀ ନିୟମିତ ହେଡ୍‌ଫୋନ୍ ମାଧ୍ୟମରେ ଭଲ ପ୍ରଦର୍ଶନ କରିଥିବା ଦେଖାଯାଇଥିଲା। ଏହା ସହ ବକ୍ତାଙ୍କ ସ୍ୱରଙ୍କୁ ଦୁଇ ଗୁଣା ସ୍ପଷ୍ଟ ଚିହ୍ନଟ କରିଥିଲା। ଅବଶ୍ୟ ଏହା ଏବେ ପ୍ରୋଟୋଟାଇପ୍ ଭାବେ ଉପଲବ୍ଧ।



## ଖାଦ୍ୟ ଶୈଳୀରୁ ଜାଣନ୍ତୁ ବ୍ୟକ୍ତିତ୍ୱ

**ଜଣେ ବ୍ୟକ୍ତିର ହାବଭାବ ତଥା ଚାଲିଚଳନ ତା'ର ବ୍ୟକ୍ତିତ୍ୱ ବିଷୟରେ ଅନେକ ସୂଚନା ଦେଇଥାଏ। ସେସବୁ ମଧ୍ୟରୁ ଭୋଜନ କରିବାର ଶୈଳୀ, ଆଚରଣ ଓ ଖାଦ୍ୟରୁଚିରୁ ବ୍ୟକ୍ତିତ୍ୱ ସମ୍ପର୍କରେ ଅନେକ କିଛି ତଥ୍ୟ ମିଳିଥାଏ। ଜ୍ୟୋତିଷ ଶାସ୍ତ୍ରରେ ଅନେକ ପ୍ରକାର ଖାଦ୍ୟ ଶୈଳୀ ସମ୍ପର୍କରେ କୁହାଯାଇଛି, ଯାହାଦ୍ୱାରା ଜଣେ ବ୍ୟକ୍ତିର ବ୍ୟକ୍ତିତ୍ୱକୁ ଜାଣିହେବ। ଜଣେ ବ୍ୟକ୍ତି କେଉଁ ଢଙ୍ଗରେ ଖାଦ୍ୟ ଖାଉଛି, ତାହାକୁ ଦେଖି ଉକ୍ତ ବ୍ୟକ୍ତିର କିଛି ଗୁଣ ସମ୍ପର୍କରେ ବାରିହୋଇଥାଏ।**

### କମ୍ ପରିମାଣର ଖାଦ୍ୟ

ଅନେକ ଜଣ ବହୁତ କମ୍ ଖାଦ୍ୟ ଖାଇଥାନ୍ତି। ଜ୍ୟୋତିଷ ଶାସ୍ତ୍ର ଅନୁସାରେ, ଏଭଳି ଲୋକ ନିଜକୁ ନିୟନ୍ତ୍ରଣରେ ରଖିବା ଜାଣନ୍ତି। ନିଜ ବିଚାର, ଭାବନା ଏବଂ ରାଗକୁ ଏମାନେ ନିୟନ୍ତ୍ରଣ କରିପାରନ୍ତି। ତେଣୁ ସେମାନେ ଜୀବନକାଳ ମଧ୍ୟରେ ଖୁବ୍ ସହଜରେ ଉଚ୍ଚ ପଦପଦବୀ ପାଇଥାନ୍ତି।



### ଶୀଘ୍ର ଖାଦ୍ୟ ଖାଉଥିଲେ

ଜ୍ୟୋତିଷଶାସ୍ତ୍ର ଅନୁସାରେ ଯେଉଁ ବ୍ୟକ୍ତିଙ୍କର ଶୀଘ୍ର ଖାଦ୍ୟ ଖାଇବାର ଅଭ୍ୟାସ ଥାଏ, ସେମାନେ ବ୍ୟସ୍ତବିବ୍ରତ ସ୍ୱଭାବର ହୋଇଥାନ୍ତି। କିନ୍ତୁ ଏହା ଦ୍ୱାରା ଅନ୍ନର ଅପମାନ ହୋଇଥାଏ ବୋଲି କୁହାଯାଏ। ଜ୍ୟୋତିଷ ଶାସ୍ତ୍ରରେ ଶୀଘ୍ର ଖାଦ୍ୟ ଖାଉଥିବା ଲୋକମାନେ ମହତ୍ୱାକାଂକ୍ଷୀ ବୋଲି କୁହାଯାଏ।

### ଧୀରେ ଖାଦ୍ୟ ଖାଇବା

କୌଣସି ବ୍ୟକ୍ତି ମଠେଇ ମଠେଇ ଖାଦ୍ୟ ଖାଉଥିଲେ, ଜ୍ୟୋତିଷଶାସ୍ତ୍ର ମତରେ ସେମାନେ ହେଉଛନ୍ତି ବହୁତ ଧୈର୍ଯ୍ୟବାନ୍। ଏଭଳି ଲୋକ ବୁଝିବିଚାରି ନିଷ୍ପତ୍ତି ନେଇଥାନ୍ତି। ତେଣୁ ସେମାନେ କମ୍ ଭୁଲ୍ କରନ୍ତି। ଏମାନେ ଖୁବ୍ ପରିଶ୍ରମୀ ଏବଂ ସରଳ ଜୀବନଯାପନ କରିବାରେ ବିଶ୍ୱାସ ରଖନ୍ତି।

### ସଣ୍ଢଣାର ସହିତ ଖାଇବା

ଯେଉଁ ଲୋକମାନେ ବହୁତ ସଣ୍ଢଣାର ସହିତ ଖାଦ୍ୟ ଖାଇଥାନ୍ତି, ସେମାନେ ଜୀବନରେ ଯେ କୌଣସି ପ୍ରକାର ସମସ୍ୟାର ସାମନା କରିବାକୁ ଭୟ କରି ନଥାନ୍ତି। ସେମାନେ ଯେଉଁସବୁ କାମ ହାତକୁ ନିଅନ୍ତି, ସବୁଗୁଡ଼ିକୁ ସମ୍ପୂର୍ଣ୍ଣ କରିଥାନ୍ତି। ଏଭଳି ଲୋକମାନେ ରୋମାଞ୍ଚଭରା ଜୀବନ ବିତାଇବାକୁ ଚାହାନ୍ତି।

## ଆଜିର ଇତିହାସ

- ୧୯୧୫- ବ୍ରିଟିଶ୍ ସରକାର ରବୀନ୍ଦ୍ରନାଥ ଟାଗୋରଙ୍କୁ ନାଇଟ୍‌ହୁଡ୍ ଉପାଧି ପ୍ରଦାନ କଲେ।
- ୧୯୪୭-ଭାରତର ଶେଷ ଭାଇସ୍‌ରାୟ ଲର୍ଡ ମାଉଣ୍ଟବେଟେନ୍ ଭାରତ ବିଭାଜନ ପାଇଁ ଘୋଷଣା କଲେ।
- ୧୯୫୯-ସିଙ୍ଗାପୁରକୁ ସେଲ୍‌ଫ ଗଭର୍ଣ୍ଣିଂ ଷ୍ଟେଟ୍ ଭାବେ ଘୋଷଣା କରାଗଲା।
- ୧୯୯୪-ଭାରତ ସହାୟତା କ୍ଲବ୍‌ର ନାମ ପରିବର୍ତ୍ତନ କରାଯାଇ 'ଭାରତ ସହାୟତା ମଞ୍ଚ' ରଖାଗଲା।
- ୨୦୦୫- ସୁରକ୍ଷା ପରିଷଦରେ ଭାରତର ଦାବିଦାରୀ ପାଇଁ ଫ୍ରାନ୍ସ ସମର୍ଥନ କଲା।
- ୨୦୧୪-ପୂର୍ବତନ କେନ୍ଦ୍ରମନ୍ତ୍ରୀ ଗୋପୀନାଥ ମୁଣ୍ଡେଙ୍କ ସଡ଼କ ଦୁର୍ଘଟଣାରେ ମୃତ୍ୟୁ।

## ଆଜିର ରାଶିଫଳ

**ମେଷ:** ପାରିବାରିକ ସମସ୍ୟା ଦେଖାଦେବ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ବ୍ୟବସାୟ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିବେ। ପ୍ରେମ ସମ୍ପର୍କରେ ସମସ୍ୟା ସୃଷ୍ଟି ହେବ।

**ବୃଷ:** ବନ୍ଧୁ ତଥା ଭାଇଙ୍କ ସହଯୋଗ ମିଳିବ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ସାମାଜିକ ପ୍ରତିଷ୍ଠା ବଢ଼ିବ। ପ୍ରତିଯୋଗିତାମୂଳକ ପରୀକ୍ଷାରେ ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ।

**ମିଥୁନ:** ଦିନଟି ଶୁଭଫଳ ପ୍ରଦାନ କରିବ। ଆର୍ଥିକ ମାମଲାରେ ସୁଧାର ଆସିବ। ସହକର୍ମୀଙ୍କ ସହଯୋଗରୁ ଅଫିସ୍ କାର୍ଯ୍ୟରେ ସଫଳତା ମିଳିବ। ଧାର୍ମିକ କାର୍ଯ୍ୟରେ ସାମିଲ ହେବେ।

**କର୍କଟ:** ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ଦୀର୍ଘଦିନରୁ ଅଟକି ରହିଥିବା କାର୍ଯ୍ୟ ପୂରା ହେବ। ପାରିବାରିକ ଜୀବନ ସୁଖମୟ ହେବ। ପରିବାର ସହିତ ସୁଖଦ ସମୟ ଅତିବାହିତ କରିବେ।

**ସିଂହ:** ସୃଜନାତ୍ମକ କାର୍ଯ୍ୟରେ ସଫଳତା ମିଳିବ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ। ମନ ପ୍ରସନ୍ନ ରହିବ। ପ୍ରେମ ସମ୍ବନ୍ଧ ମଜଭୁତ୍ ହେବ। ବିଦ୍ୟାର୍ଥୀ ମନୋରଞ୍ଜନ କାର୍ଯ୍ୟରେ ସମୟ ଅତିବାହିତ କରିବେ।

**କନ୍ୟା:** ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତି ହେବ। ରାଜନୀତିରେ ସାମିଲ ହେବେ। ଆର୍ଥିକ ସ୍ଥିତିରେ ସୁଧାର ଆସିବ। ବୈବାହିକ ଜୀବନରେ ସମସ୍ୟା ଆସିବ। ସାଙ୍ଗଙ୍କ ସହ ଦୂରସ୍ଥାନକୁ ଯାତ୍ରା କରିବେ।

**ତୁଳା:** ଅଫିସ୍ କାର୍ଯ୍ୟରେ ବିଦେଶ ଯାତ୍ରା ଯୋଗ ଅଛି। ଧାରକରଜକୁ ଦୂରେଇ ରହିବେ। ମାଆଙ୍କ ସ୍ୱାସ୍ଥ୍ୟ ସମସ୍ୟାରେ ଉନ୍ନତି ପରିଲକ୍ଷିତ ହେବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ।

**ବିଛା:** କର୍ମଚଞ୍ଚଳ ରହିବେ। ମନ ପ୍ରଫୁଲ୍ଲିତ ରହିବ। ଆୟଠୁ ବ୍ୟୟ ଅଧିକ ହେବ। ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ। ଘର ପାଇଁ ନୂଆ ଜିନିଷ କିଣିବେ। କଳା, ସାହିତ୍ୟ କ୍ଷେତ୍ରରେ ସଫଳତା ମିଳିବ।

**ଧନୁ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଧାର୍ମିକ କାର୍ଯ୍ୟ କରିବେ। ସମାଜରେ ମାନ, ପ୍ରତିଷ୍ଠା ବଢ଼ିବ। ସମାଜସେବାରେ ନିଜକୁ ନିୟୋଜିତ କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ।

**ମକର:** ଶାରୀରିକ ଯନ୍ତ୍ରଣା ଭୋଗିବେ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ବୁଲାବୁଲି ପାଇଁ ଯୋଜନା ପ୍ରସ୍ତୁତ କରିବେ। ଖେଳାଳିଙ୍କୁ ସଫଳତା ମିଳିବ। ବ୍ୟବସାୟରେ କ୍ଷତି ଘଟିବ।

**କୁମ୍ଭ:** ନିବେଶରୁ ଲାଭ ମିଳିବ। କାର୍ଯ୍ୟରୁ ଆଶାଜନକ ଫଳ ମିଳିବ। ଆତ୍ମବିଶ୍ୱାସର ସହ କାର୍ଯ୍ୟ ସମ୍ପାଦନ କରିବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି।

**ମୀନ:** ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ। ପଡ଼ୋଶୀଙ୍କ ସହ ବିବାଦ ଦେଖା ଦେବ। ବିଶେଷ କାର୍ଯ୍ୟରୁ ଲାଭ ମିଳିବ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହିବ।

## ଗଡ଼ାଚାଲିଛି ତିନିରଥ...

# ତାଳଧ୍ୱଜ ରଥ ଗୟଳ ଚିରଟ ଆରମ୍ଭ



**ପୁରୀ,୨।୬(ସମିସ):** ମୁଖ୍ୟ ମହାରଣାଙ୍କ ନେତୃତ୍ୱରେ ରଥଖଳାରେ ଆଗେଇ ଚାଲିଛି ତିନିରଥ ନିର୍ମାଣ। ଭଉଁରୀରେ ଚକ ଡେରା ନୀତି ସମ୍ପନ୍ନ ପରେ ଏବେ ଚକ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ମହାରଣା ସେବକ ଲାଗିପଡ଼ିଛନ୍ତି। ତିନିରଥର ୪୨ ଚକ ମଧ୍ୟରୁ ରବିବାର ସୁଦ୍ଧା ୩୩ଟି ଚକ ନିର୍ମାଣ ଶେଷ ହୋଇଛି। ବଳକା ଚକ କାମ ଦ୍ରୁତଗତିରେ ଚାଲିଛି। ଭୋଇ ସେବକମାନେ ୩୯ଟି ଚକର ସିଂଗଡା ବାଡିଆ କାମ ଶେଷ କରିଛନ୍ତି। ଆଉ ୩ଟି ଚକର ସିଂଗଡାବାଡିଆ ସାରିବା ପରେ ଯନ୍ତାଗାଡ଼ ପୋତାଯିବ। ସେହିପରି ଅନ୍ୟାନ୍ୟ କାମ ମଧ୍ୟରେ କରତି ସେବକ ତାଳଧ୍ୱଜ ରଥର ଗୟଳ ଚିରଟ ଆରମ୍ଭ କରିଛନ୍ତି। ଏହା ସମ୍ପୂର୍ଣ୍ଣ ହେବା ପରେ ମହାରଣା ସେବକ ଚଉପଟ କରିବେ। ରଥ ଅମିନଙ୍କ ପରାମର୍ଶକ୍ରମେ ଭୋଇ ସେବକମାନେ ପ୍ରତ୍ୟେକ ରଥ ପାଇଁ ଦଣ୍ଡା କାଠ ଏବଂ ସାନଉଚ୍ଛୁଳା ଅଖ କାଠ ଯୋଗାଇ ଦେଇଛନ୍ତି। ତିନିରଥର ମୁହାଁଟ, ପାଶ୍ୱ ମୁହାଁଟ, ନିରାଡ଼ି, ଖମ୍ବି, ଓରା ନିର୍ମାଣ ଚାଲିଛି। ସେହିପରି ତିନିରଥର ରୂପକାର ସେବକମାନେ କୋଣଗୁଜଗୁଡିକରେ ନୃସିଂହ ରୂପ ଖୋଦେଇ ଜାରି ରଖିଛନ୍ତି। ଖୋଦେଇ ଶେଷ ହୋଇଥିବା ରୂପଗୁଡିକର ପଲିସ କରୁଛନ୍ତି। ଦୋଳବେଦୀ ପରିସରରେ କମାର ସେବକମାନେ ତିନିରଥର ଦଣ୍ଡା ବିଡ଼ିଆ କଣ୍ଟା, ଅଗପାତେଳୀ କଣ୍ଟା ତିଆରି କରୁଛନ୍ତି।

# ୭୧ ଷ୍ଟ୍ରଙ୍ଗରୁମ୍‌ରେ ୧୪୯୨ ପ୍ରାର୍ଥୀଙ୍କ ଭାଗ୍ୟ ସିଲ୍

**■ ଷ୍ଟ୍ରଙ୍ଗରୁମର ସୁରକ୍ଷା ଲାଗି ଚାରିସ୍ତରୀୟ ବ୍ୟବସ୍ଥା**
**■ ଜଗୁଛନ୍ତି ଅର୍ଦ୍ଧସାମରିକ ବାହିନୀ ଓ ସଶସ୍ତ୍ର ପୁଲିସ**




**ଭୁବନେଶ୍ୱର, ୨।୬(ସମିସ):** ଓଡ଼ିଶାରେ ୪ ପର୍ଯ୍ୟାୟରେ ନିର୍ବାଚନ ଶେଷ ହୋଇଛି। ମତଦାନ ସରିବା ପରେ ୧୪୯୨ ପ୍ରାର୍ଥୀଙ୍କ ଭାଗ୍ୟ ଇଭିଏମ୍‌ରେ ସିଲ୍ ହୋଇଯାଇଛି। ମତଦାନ ପରେ ଇଭିଏମ୍ ଓ ଭିଭିପାଟ୍ ସୁରକ୍ଷାକୁ ବେଶ୍ ଗୁରୁତ୍ୱ ଦିଆଯାଇଛି। ରାଜ୍ୟର ୭୧ଟି ସ୍ଥାନରେ ଷ୍ଟ୍ରଙ୍ଗରୁମ୍ କରାଯାଇଛି। ମତଦାନ ସରିବା ପରେ ଇଭିଏମ୍ ଓ ଭିଭିପାଟ୍ ଷ୍ଟ୍ରଙ୍ଗରୁମ୍ ଗୁଡିକରେ ଚାରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ଅନ୍ତଃସ୍ତର ଓ ବାର୍ହ୍ୟସ୍ତର ସୁରକ୍ଷା ବନ୍ଦୋବସ୍ତ କରାଯାଇଛି। ଅନ୍ତଃସ୍ତର ସୁରକ୍ଷା ଦାୟିତ୍ୱରେ ଅର୍ଦ୍ଧ ସାମରିକ ବାହିନୀ ଓ ବାର୍ହ୍ୟସ୍ତର ଦାୟିତ୍ୱରେ ଆର୍ମଡ୍ ଫୋର୍ସ ଗୋଟିଏ ଲେଖାଏଁ ପ୍ଲାଟୁନ ଜଗୁଛନ୍ତି। ଏଥିସହ ବାହାର ସୁରକ୍ଷାରେ ଜିଲ୍ଲା ପୁଲିସର ଏକାଧିକ ପ୍ଲାଟୁନ ସୁରକ୍ଷା ବ୍ୟବସ୍ଥାର ତଦାରଖ କରୁଛି। ସେହିପରି ଜିଲ୍ଲା ପୁଲିସ ପକ୍ଷରୁ ୨୪ ଘଣ୍ଟିଆ ପହରା ଦିଆଯାଉଛି। ଷ୍ଟ୍ରଙ୍ଗରୁମ୍ ବାହାରେ କରାଯାଇଥିବା କଣ୍ଟ୍ରୋଲ ରୁମ୍‌ରେ ଜଣେ ଅତିରିକ୍ତ ଏସ୍‌ପି ପାହ୍ୟାର ଅଧିକାରୀଙ୍କୁ ତଦାରଖ ଦାୟିତ୍ୱ ଦିଆଯାଇଛି। ସେପରି ଷ୍ଟ୍ରଙ୍ଗରୁମ୍ ନିକଟବର୍ତ୍ତୀ ଅଞ୍ଚଳଗୁଡିକରେ ପିସିଆର୍ ଓ ଥାନାଗାଡି ପଇଁତରା ମାରୁଛନ୍ତି। ସେଭଳି ଷ୍ଟ୍ରଙ୍ଗରୁମ୍‌ରେ ପର୍ଯ୍ୟାପ୍ତ ପରିମାଣର ସିସିଟିଭି ଲଗାଯାଇଛି। ପ୍ରତି ମୁହୂର୍ତ୍ତରେ ଷ୍ଟ୍ରଙ୍ଗରୁମ୍‌ର ଭିତର ଦୃଶ୍ୟ ବାହାରେ ଲାଗିଥିବା ମନିଟରରେ ଦୃଶ୍ୟମାନ ହେଉଛି। ଯାହାକୁ ନିର୍ବାଚନ ଅଧିକାରୀଙ୍କ ସମେତ ରାଜନୈତିକ ଦଳଗୁଡିକର ଏଜେଣ୍ଟମାନେ ଦେଖିପାରିବେ। ଏଥିସହ ଷ୍ଟ୍ରଙ୍ଗରୁମ୍ ନିକଟକୁ କାହାରିକୁ ବି ଛଡାଯାଉନି। ସନ୍ଦିଗ୍ଧଙ୍କ ଗତିବିଧି ନଜର ଆସିଲେ, ବରିଷ୍ଠ ଅଧିକାରୀମାନେ ହସ୍ତକ୍ଷେପ କରୁଛନ୍ତି। ଅନ୍ୟପକ୍ଷରେ ମାଓ ଉପଦ୍ରୁତ ଥିବା ମାଲକାନଗିରି, କୋରାପୁଟ, ରାୟଗଡ଼ା, ନବରଙ୍ଗପୁର, ନୂଆପଡ଼ା, କଳାହାଣ୍ଡି, କନ୍ଧମାଳ, ସୁନ୍ଦରଗଡ଼, ବରଗଡ଼, କେନ୍ଦୁଝର ଓ ବୌଦ୍ଧ ଭଳି ଜିଲ୍ଲାରେ ଥିବା ଷ୍ଟ୍ରଙ୍ଗରୁମ୍‌ର ସୁରକ୍ଷାକୁ ଆହୁରି କଡାକଡି କରାଯାଇଛି। ଷ୍ଟ୍ରଙ୍ଗରୁମ୍‌ରେ ଲାଗିଥିବା ସିସିଟିଭି ଜିଲ୍ଲା ମୁଖ୍ୟାଳୟରେ କାର୍ଯ୍ୟ କରୁଥିବା କଣ୍ଟ୍ରୋଲ ରୁମ୍ ସହ ସିଧା ସଂଯୋଗ ରହିଛି। ସେଠାରୁ ଷ୍ଟ୍ରଙ୍ଗରୁମ୍‌ର ଗତିବିଧି ତଦାରଖ କରିବା ସହ କଡା ନଜର ରଖାଯାଇଛି। ଆସନ୍ତା ୪ ତାରିଖ ଅର୍ଥାତ୍ ଭୋଟ୍ ଗଣତି ଦିନ ଷ୍ଟ୍ରଙ୍ଗରୁମ୍ ଅଞ୍ଚଳରେ ସୁରକ୍ଷାକୁ ଦି'ଗୁଣା କରାଯିବ ବୋଲି ପୁଲିସ ସୂତ୍ରରୁ ଜଣାପଡ଼ିଛି।

## କାର୍‌ରୁ ଗଞ୍ଜେଇ ଜବତ ମାମଲା

# ପଶ୍ଚିମବଙ୍ଗର ୩ ଅଭିଯୁକ୍ତଙ୍କୁ ୧୦ବର୍ଷ ଜେଲ୍

**ବ୍ରହ୍ମପୁର, ୨।୬(ସମିସ):** ଏକ ଗଞ୍ଜେଇ ଚୋରାଚାଲାଣ ମାମଲାର ବିଚାରଣା କରି ଅତିରିକ୍ତ ଜିଲ୍ଲାଜଜ୍ (ତୃତୀୟ) ରାଜ କୁମାର ଦାଶ ୩ଜଣ ଅଭିଯୁକ୍ତଙ୍କୁ ଦୋଷୀସାବ୍ୟସ୍ତ କରିବା ସହ ୧୦ବର୍ଷ ଲେଖାଏଁ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହାସହ ପ୍ରତ୍ୟେକଙ୍କୁ ୧ଲକ୍ଷ ଟଙ୍କା ଲେଖାଏଁ ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦେୟ ଅତିରିକ୍ତ ୧ବର୍ଷ ଲେଖାଏଁ ଜେଲଦଣ୍ଡ ଭୋଗିବାକୁ ଉକ୍ତ ରାୟରେ ଉଲ୍ଲେଖ ରହିଛି। ଦୋଷୀ ସାବ୍ୟସ୍ତ ହୋଇଥିବା ଅଭିଯୁକ୍ତମାନେ ହେଲେ ପଶ୍ଚିମବଙ୍ଗର ନଦିଆ ଜିଲ୍ଲା କରିମପୁରର ନିତାଇ ମଣ୍ଡଳ(୩୪), ମୁର୍ସିଦାବାଦ ସାଗୁରପଡ଼ା ଥାନା ଅନ୍ତର୍ଗତ ସୂର୍ଯ୍ୟନଗରର ରାକେଶ ସରକାରୀ(୨୩) ଓ ରାହୁଲ ସେଖ(୨୧)।

**୧ ଲକ୍ଷ ଟଙ୍କା ଲେଖାଏଁ ଜରିମାନା**

ସୂଚନାଯୋଗ୍ୟ, ୨୦୨୩ ମସିହା ଜୁନ୍ ୫ ତାରିଖରେ ଏକ କାରରେ କନ୍ଧମାଳ ଜିଲ୍ଲାରୁ ବିପୁଳ ପରିମାଣର ଗଞ୍ଜେଇ ବ୍ରହ୍ମପୁର ସହର ଦେଇ କୋଲକାତାକୁ ଚାଲାଣ କରାଯାଉଥିବା ନେଇ ଅବକାରୀ ଗୁଇନ୍ଦା ବିଭାଗକୁ ସୂଚନା ମିଳିଥିଲା। ବିଭାଗୀୟ ଇନ୍ସପେକ୍ଟର ଗୀତାଞ୍ଜଳୀ ସାହୁ ଓ ତାଙ୍କ ଟିମ୍ ଫାଷ୍ଟଗେଟ ଠାରୁ ଆଙ୍କୁଶପୁର ମଧ୍ୟରେ ପାଟ୍ରୋଲିଂ କରିଥିଲେ। ଏହି ସମୟରେ ରତ୍ନପୁର ଠାରେ ଏକ ମହିନ୍ଦ୍ରା କାର୍‌କୁ (ଡବ୍ଲ୍ୟୁବି-୫୮-ଟି-୫୮୪୦) ସନ୍ଦେହରେ ଅଟକାଇ ଯାଞ୍ଚ କରାଯାଇଥିଲା। ଯାଞ୍ଚବେଳେ ସେହି କାର୍‌ରୁ ୮୦କିଲୋ ଗଞ୍ଜେଇ ଉଦ୍ଧାର କରାଯାଇଥିଲା। କାର୍‌ରେ ବସିଥିବା ଉପରୋକ୍ତ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିଲା। ଗିରଫ ପରଠାରୁ ଅଭିଯୁକ୍ତମାନେ ବ୍ରହ୍ମପୁର ମଣ୍ଡଳ କାରାଗାରରେ ରହିଥିଲେ। ମାମଲାର ବିଚରଣା ବେଳେ ମୋଟ ୩ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ଉପଯୁକ୍ତ ସାକ୍ଷ୍ୟ ଓ ପ୍ରମାଣକୁ ଆଧାର କରି କୋର୍ଟ ଉପରୋକ୍ତ ରାୟ ପ୍ରକାଶ କରିଥିଲେ। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ଅନୀଲ ସାହୁ ମକଦ୍ଦମା ପରିଚାଳନା କରୁଥିଲେ।

# ଧର୍ମଶାଳା ବିଜେଡି ବିଧାୟକ ପ୍ରାର୍ଥୀଙ୍କ ଉପରେ ସିରିଜ୍ ଆକ୍ରମଣ

## ହିମାଂଶୁଙ୍କୁ ଗିରଫ କରିବାକୁ ସିଇଓଙ୍କ ନିକଟରେ ଦାବି

**ଭୁବନେଶ୍ୱର,୨।୬(ସମିସ):** ଧର୍ମଶାଳା ବିଧାନସଭାରୁ ସ୍ୱାଧୀନ ବିଧାୟକ ପ୍ରାର୍ଥୀ ହିମାଂଶୁ ଶେଖର ସାହୁ ନିରନ୍ତର ଭାବେ ବିଜେଡି ବିଧାୟକ ପ୍ରାର୍ଥୀଙ୍କୁ ଆକ୍ରମଣ କରୁଛନ୍ତି। ଜୀବନରୁ ମାରି ଦେବାକୁ ତାଙ୍କ ସମର୍ଥକମାନେ ପ୍ରୟାସ କରୁଛନ୍ତି। ବହୁ ସ୍ଥାନରେ ହିଂସାକାଣ୍ଡ ଘଟାଇ ଜନସାଧାରଣଙ୍କ ସମ୍ପତ୍ତିକୁ ନଷ୍ଟ କରିଛନ୍ତି। ପୁଲିସ୍ ଗାଡି ସମେତ ଲକ୍ଷ୍ମୀ ବସ୍‌କୁ କ୍ଷତି ପହଞ୍ଚାଇଛନ୍ତି। ବିଜେଡି ରାଲି ଉପରେ ତାଙ୍କ ସମର୍ଥକ ଗାଡି ଚଢ଼େଇ ମାରିବାକୁ ପ୍ରୟାସ କରିଛନ୍ତି। ତେଣୁ ହିମାଂଶୁଙ୍କ ସମେତ ତାଙ୍କ ସମର୍ଥକଙ୍କୁ ଗିରଫ୍ କରିବା ଦାବିରେ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ)ଙ୍କ ନିକଟରେ ଫେରାଦ ହୋଇଛି ବିଜେଡି।

ବିଜେଡି ପକ୍ଷରୁ କୁହାଯାଇଛି ଯେ ହିମାଂଶୁଙ୍କ ନାମରେ ହତ୍ୟା ଉଦ୍ୟମ, ଭୟ ପ୍ରଦର୍ଶନ କରିବା, ଆର୍ମସ୍ ଆକ୍ଟ, କାର୍ଯ୍ୟରତ ସରକାରୀ କର୍ମଚାରୀଙ୍କୁ ଯନ୍ତ୍ରଣା ଦେବା, ଠକେଇ ପରି ଅନେକ୍ ମାମଲା ଥିବା ସେ ନିଜ ସତ୍ୟପାଠରେ ଦର୍ଶାଇଛନ୍ତି। ଯାହା ତାଙ୍କୁ ଜଣେ ପେଶାଦାର ଅପରାଧୀର ପରିଚୟ ଦେଇଛି। ଚଳିତ ନିର୍ବଚନ ସମୟରେ ସେ ନିରନ୍ତର ଭାବେ ବିଜେଡି ବିଧାୟକ ପ୍ରାର୍ଥୀ ପ୍ରଣବ ବଳବନ୍ତରାୟଙ୍କୁ



ଆକ୍ରମଣ କରୁଛନ୍ତି। ନିର୍ବାଚନରେ ନିଶ୍ଚିତ ପରାଜୟ ଜାଣିବା ପରେ ସେ ହିଂସ୍ର ହୋଇ ଉଠିଛନ୍ତି। ସରକାରୀ ଅଫିସ୍‌ରେ ଭଙ୍ଗାରୁଜା କରିବା ସହ ଜନସାଧାରଣଙ୍କ ସମ୍ପତ୍ତିକୁ ନଷ୍ଟ କରିଛନ୍ତି। ପୁଲିସ୍ ଗାଡି ସମେତ ଲକ୍ଷ୍ମୀ ବସ୍‌କୁ ମଧ୍ୟ କ୍ଷତି ପହଞ୍ଚାଇଛନ୍ତି। ଗତ ୨୭ ତାରିଖରେ ବିଜେଡି ବିଧାୟକ ପ୍ରାର୍ଥୀଙ୍କ ନେତୃତ୍ୱରେ ବାଇକ୍ ରାଲି ଚାଲିଥିବା ବେଳେ ବିପରୀତ ପାର୍ଶ୍ୱରୁ ଏକ ସ୍କର୍ପିଓ ରାଲି ଉପରେ ମାଡି ଯାଇଥିଲା। ବିଜେଡି ବିଧାୟକ ପ୍ରାର୍ଥୀ ଅଳ୍ପକେ ବର୍ତ୍ତି ଯାଇଥିଲେ। ଗାଡି ଚଲାଉଥିବା ଦିଲ୍ଲୀପ ବେହେରା ନାମକ ବ୍ୟକ୍ତି ହିମାଂଶୁଙ୍କ ସମର୍ଥକ ବୋଲି ଜଣାପଡ଼ିଥିଲା ଓ ଏହା ହିମାଂଶୁଙ୍କ ଦ୍ୱାରା ଏକ ଯୋଜନାବଦ୍ଧ ଷଡ଼ଯନ୍ତ୍ର ଥିଲା।

ଅନୁରୂପ ଭାବେ ନିର୍ବାଚନ ଦିନ ଅର୍ଥାତ ଶନିବାର ଦିନ ବିଜେଡି ବିଧାୟକ ପ୍ରାର୍ଥୀ ଶ୍ରୀ ବଳବନ୍ତରାୟଙ୍କୁ ସମର୍ଥକଙ୍କ ଦ୍ୱାରା ହତ୍ୟା କରିବା ପାଇଁ ହିମାଂଶୁ ଯୋଜନା କରିଥିଲେ। ଧର୍ମଶାଳା ବିଧାନସଭା ଅନ୍ତିଆ ପଞ୍ଚାୟତର ବୁଥ୍ ନମ୍ବର ୬୫ ଓ ୬୬ରେ ନିର୍ବାଚନ ତଦାରଖ କରୁଥିବାବେଳେ ଶ୍ରୀ ବଳବନ୍ତରାୟଙ୍କ ସମେତ ତାଙ୍କ ସୁରକ୍ଷାକର୍ମୀ ମୃତ୍ୟୁଞ୍ଜୟ ସ୍ୱାଇଁ ଓ ଆକିବ୍ ସୋହେଲ୍‌ଙ୍କୁ ଆକ୍ରମଣ କରିଥିଲେ। କାର୍ଯ୍ୟରେ ଥିବା ସୁରକ୍ଷାକର୍ମୀଙ୍କ ଠାରୁ ସୁନାଚେନ୍ ଲୁଟିବା ସହ ହତ୍ୟା ଧମକ ଦେଇଥିଲେ। ଏହାପରେ ରବିବାର ହିମାଂଶୁଙ୍କ ନେତୃତ୍ୱରେ ତାଙ୍କ ସମର୍ଥକମାନେ ବିଧାୟକଙ୍କ ଘର ଉପରେ ମଧ୍ୟ ଆକ୍ରମଣ କରିଛନ୍ତି। ବିଗତ କିଛିଦିନ ହେବ ବହୁ ଅପରାଧ ଘଟାଇ ସାରିଥିବା ପେଶାଦାର ଅପରାଧୀ ଶ୍ରୀ ସାହୁଙ୍କ ସମେତ ସିରିଜ୍ ଆକ୍ରମଣରେ ସମ୍ପୃକ୍ତ ଥିବା ତାଙ୍କ ସମର୍ଥକମାନଙ୍କୁ ତୁରନ୍ତ ଗିରଫ କରିବାକୁ ବିଜେଡି ଦାବି କରିଛି। ସିଇଓଙ୍କୁ ଦାବିପତ୍ର ଦେବାକୁ ଯାଇଥିବା ପ୍ରତିନିଧି ଦଳରେ ସାଂସଦ ସସ୍ମିତ ପାତ୍ର ଓ ସୁଲତା ଦେଓଙ୍କ ସମେତ ଲେଲିନ ମହାନ୍ତି, ତୁମ୍ବନାଥ ପଣ୍ଡା, ଓମ୍‌ପ୍ରକାଶ ସାହୁ, ମଧୁସ୍ମିତା ନାଏକ, ଇପ୍ସିତା ସାହୁ, ଡ. ପ୍ରିୟବ୍ରତ ମାଝି, ସୋଫିଆ ଆଲାମ୍ ପ୍ରମୁଖ ସାମିଲ ଥିଲେ।

# ଗଜପତି ଜିଲ୍ଲାରେ କାଳବୈଶାଖୀର ତାଣ୍ଡବ

**ଗଜପତି,୨।୬(ସମିସ):** ଗଜପତି ଜିଲ୍ଲାରେ ଆଜି କାଳବୈଶାଖୀର ତାଣ୍ଡବ ରୂପ ଦେଖିବାକୁ ମିଳିଛି। କାଳବୈଶାଖୀ ଯୋଗୁଁ ପାରଳାଖେମୁଣ୍ଡି ସମେତ ଗୋଷାଣୀ, କାଶୀନଗର ପ୍ରଭୃତି ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ଗଛ ପଡ଼ି ମୁଖ୍ୟତଃ ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପରିସ୍ଥିତି ଅଣାୟତ୍ତ ହୋଇଛି। ସାଧାରଣ ଓ୍ୱାର୍ଡ, କାଜୁଆଲିଟି, ଅକ୍ସିଜେନ ପ୍ଲାଣ୍ଟର ବ୍ୟାପକ କ୍ଷୟକ୍ଷତି ହୋଇଛି। ରୋଗୀସେବା ପ୍ରଭାବିତ ହେବା ସହ ଚିକିତ୍ସା କେନ୍ଦ୍ରରେ ପାଣି ପଶିଯାଇଛି। ଗଜପତି ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ସହ ସମସ୍ୟା ସମାଧାନ ପାଇଁ ପଦକ୍ଷେପ ଗ୍ରହଣ କରିଛନ୍ତି। ଜିଲ୍ଲାର ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର ମାନଙ୍କୁ ନେଇ ଜିଲ୍ଲାପାଳ ଜରୁରୀକାଳୀନ ବୈଠକ କରିବା ସହ କ୍ଷୟକ୍ଷତିର ଆକଳନ ଆରମ୍ଭ କରିଛନ୍ତି। ପାରଳାଖେମୁଣ୍ଡି ସହରର ବିଭିନ୍ନ ସ୍ଥାନରେ ଗଛ ପଡ଼ି ରାସ୍ତା ଅବରୋଧ ହେବା ସହ ବିଦ୍ୟୁତ ସେବା ଠପ୍ ହୋଇଯାଇଛି। ଇଭିଏମ ରହିଥିବା ଷ୍ଟ୍ରଙ୍ଗ୍ ରୁମ ସମ୍ମୁଖ ପାଚେରି ଭାଙ୍ଗି ପଡ଼ିବାରୁ ଅସ୍ଥାୟୀ ବ୍ୟାରିକେଡ଼ ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଛି। ଅଧିକ ବେଗରେ ପବନ ବୋହିବା ସହ ବର୍ଷା ଯୋଗୁଁ କ୍ଷୟକ୍ଷତି ବହୁ ମାତ୍ରାରେ

**■ ଇଭିଏମ୍ ଷ୍ଟ୍ରଙ୍ଗରୁମ୍ ପାଚେରି ଭାଙ୍ଗିପଡ଼ିଲା**
**■ ଗଛପଡ଼ି ବ୍ୟାପକ କ୍ଷୟକ୍ଷତି, ରାସ୍ତା ଅବରୋଧ**
**■ ସ୍ୱାସ୍ଥ୍ୟସେବା ଓ ଗମନାଗମନ ପ୍ରଭାବିତ**
**■ ଘଟଣାସ୍ଥଳରେ ଜିଲ୍ଲାପାଳଙ୍କ ଅନୁଧ୍ୟାନ**
**■ ଓଡ୍ରାଫ୍ ଟିମ୍ ପଠାଇବାକୁ ଜିଲ୍ଲାପାଳଙ୍କ ଅନୁରୋଧ**

ହୋଇଥିବା ଆଶଙ୍କା କରାଯାଉଛି। ଏ ନେଇ ଏସ୍ଆରସିଙ୍କୁ ଜଣାଇବା ସହ ଓଡ୍ରାଫ ଟିମ୍ ପଠାଇବାକୁ ଅନୁରୋଧ କରିଥିବା କହିଛନ୍ତି ଜିଲ୍ଲାପାଳ।





## ଭଉଁରିଯାତ ବାଣ ବିସ୍ଫୋରଣ ଘଟଣା

# ବାଣ ବେପାରୀ ସମେତ ୪ ଅଟକ

**ପୁରୀ/କଟକ,୨।୬(ସମିସ):** ନରେନ୍ଦ୍ର ପୁଷ୍କରିଣୀ ବାଣ ବିସ୍ଫୋରଣ ଘଟଣାର ଦୁଃଖ ଏ ଯାଏ ସରୁନି। ଦିନ ଯେତେ ଗଡୁଛି ମୃତ୍ୟୁ ସଂଖ୍ୟା ବଢ଼ିବାର ଖବର ସମସ୍ତଙ୍କୁ ମ୍ରିୟମାଣ କରିଦେଉଛି। ମେ ୨୯ ତାରିଖ କାଳରାତ୍ରିର ଏହି ଛାତିଥରା ଘଟଣାରେ ପୁଣି ଆଖି ବୁଜିଛନ୍ତି ୩ ଜଣ। ଶନିବାର ଏସ୍‌ସିବିରେ ଦିବ୍ୟରଞ୍ଜନ ସାହୁଙ୍କ ମୃତ୍ୟୁ ଘଟିଥିବା ବେଳେ ରବିବାର ସୋମନାଥ ବେହେରାଙ୍କ ମୃତ୍ୟୁ ଘଟିଛି। ଫଳରେ ମୃତ୍ୟୁସଂଖ୍ୟା ୧୩ ଛୁଇଁଥିବା ବେଳେ ଏବେ ବି ବିଭିନ୍ନ ହସ୍ପିଟାଲରେ ୧୭ ଜଣ ଚିକିତ୍ସାଧୀନ ଅଛନ୍ତି। ଅନ୍ୟପକ୍ଷରେ ଏହି ହୃଦୟ ବିଦାରକ ଘଟଣାର ଖୋଳତାଡ଼ ଚଳାଇଛି ପୁଲିସ। ରବିବାର ଚାରିଛକ ଅଞ୍ଚଳର ବାଣ ବେପାରୀଙ୍କ ସମେତ ୪ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି କୁମ୍ଭାରପଡ଼ା ଥାନା ପୁଲିସ।

ଗତ ବୁଧବାର ଚନ୍ଦନ ଯାତ୍ରାର ଭଉଁରୀ ଅବସରରେ ଚାଲିଥିଲା ମହାପ୍ରଭୁଙ୍କ ଚାପ ଖେଳ। ନରେନ୍ଦ୍ର ପୁଷ୍କରିଣୀ ଚାରିପଟେ ଭକ୍ତିରେ ତଲ୍ଲିନ ଶ୍ରଦ୍ଧାଳୁଙ୍କର ଥିଲା ଖଚାଖଚ ଭିଡ। ହଜାର ହଜାର ଶ୍ରଦ୍ଧାଳୁ ବସି ଚାପ ଖେଳ ଦେଖୁଥିଲେ। ହଠାତ୍ ଦେବୀଘାଟ ଦସତୁଠ ନିକଟରେ ହେଲା ବଡ ଧରଣର ବିସ୍ଫୋରଣ। ଗୋଟିଏ ଜାଗାରେ ଗଚ୍ଛିତ ଥିବା ବାଣରେ ନିଆଁ ଲାଗି ଏକାସଙ୍ଗେ ସବୁ ଫୁଟିଥିଲା। ଶ୍ରଦ୍ଧାଳୁଙ୍କ ଦେହରେ ନିଆଁ ଲାଗିଯିବା ସହ ଅନେକଙ୍କ ଦେହରେ ବାଣ ଆସି

**■ ଆଖି ବୁଜିଲେ ଆଉ ୩, ମୃତ୍ୟୁ ସଂଖ୍ୟା ୧୩ ଛୁଇଁଲା**
**■ ୫ରେ ଆପତ୍ତି ଅଭିଯୋଗ ଗ୍ରହଣ କରିବେ ଏସ୍ଆର୍‌ସି**

ମାଡ଼ ହୋଇଥିଲା। ନିମିଷକ ମଧ୍ୟରେ ନିଆଁରେ ପୋଡି ଯାଇଥିଲେ ୩୬ରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁ। ବାଣ ବିସ୍ଫୋରଣ ପରେ ଜୀବନ ବଞ୍ଚାଇବାକୁ ନରେନ୍ଦ୍ର ପୁଷ୍କରିଣୀ ଭିତରକୁ ଡେଇଁପଡ଼ିଥିଲେ ଅନେକ। ଆହତଙ୍କୁ ଉଦ୍ଧାର କରାଯାଇ ପ୍ରଥମେ ପୁରୀ ଜିଲ୍ଲା ସଦର ମୁଖ୍ୟ ଚିକିତ୍ସାଳୟ ଏବଂ ପରେ କଟକ ଓ ଭୁବନେଶ୍ୱରର ବିଭିନ୍ନ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ୬ ଜଣ ଚିକିତ୍ସିତ ହୋଇ ଘରକୁ ଫେରିଥିବା ବେଳେ ୧୩ ଜଣଙ୍କର ଅକାଳରେ ଜୀବନ ଚାଲିଯାଇଛି। ଏବେ ବି ହସ୍ପିଟାଲରେ ୧୭ ଜଣ ଚିକିତ୍ସିତ ହେଉଛନ୍ତି।

ରାଜ୍ୟବ୍ୟାପୀ ଆଲୋଡ଼ନ ସୃଷ୍ଟି କରିଥିବା ଏହି ବାଣ ବିସ୍ଫୋରଣ ପାଇଁ ପ୍ରକୃତରେ ଦାୟୀ କିଏ ତାକୁ ନେଇ ସବୁଆଡୁ ସ୍ୱର ଉଠୁଥିବା ବେଳେ ଏସ୍ଆର୍‌ସିଙ୍କ ପକ୍ଷରୁ ଏହାର ତଦନ୍ତ ଆରମ୍ଭ ହୋଇଛି। ଆସନ୍ତା ୫ ତାରିଖରେ ପୁରୀ ସର୍କିଟ ହାଉସ୍‌ରେ ଘଟଣାରେ ପକ୍ଷଭୁକ୍ତ ଥିବା ଶ୍ରୀମନ୍ଦିର ପ୍ରଶାସନ, ଅଗ୍ନିଶମ ବିଭାଗ, ପୁଲିସ ଏବଂ ପ୍ରତ୍ୟକ୍ଷଦର୍ଶୀଙ୍କଠାରୁ ମତାମତ ସଂଗ୍ରହ କରାଯିବ। ଅନ୍ୟପକ୍ଷରେ ପୁଲିସ ମଧ୍ୟ ଏହାକୁ ଗୁରୁତର ସହ ନେଇ ଖୋଳତାଡ଼ ଚଳାଇଛି। ଏହି କ୍ରମରେ ରବିବାର ବାଣ ବେପାରୀଙ୍କୁ ଅଟକ ରଖାଯାଇଛି। ଚାରିଛକରୁ ବାଣ ବେପାରୀଙ୍କୁ ଅଣାଯାଇ କୁମ୍ଭାରପଡ଼ା ଥାନାରେ ଅଟକ ରଖାଯାଇଛି। ତାଙ୍କୁ ଏହି ବାଣ ସମ୍ପର୍କରେ ପଚରାଉଚରା କରାଯାଉଛି। ବାସ୍ତବରେ ଏତେ ପରିମାଣର ବାଣ କିଏ ଅର୍ଡର ଦେଇଥିଲେ। ବାଣ ଫୁଟାଇବା ବ୍ୟକ୍ତିଙ୍କ ସମ୍ପର୍କରେ ମଧ୍ୟ ପଚରାଉଚରା କରାଯାଉଥିବା ଜଣାପଡ଼ିଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ବର୍ତ୍ତମାନ ସୁଦ୍ଧା ଏତେ ପରିମାଣର ବାଣ କିଏ ଆଣିଥିଲେ, ଯଦିବି ଫୁଟାଇବାକୁ ଆଣିଥିଲେ ପୁଲିସ ଏବଂ ଅଗ୍ନିଶମ ବାହିନୀକୁ ଜଣାଇଥିଲେ କି ନାହିଁ, ଯଦି ଜଣାଇଥିଲେ ତେବେ ସମ୍ଭାବ୍ୟ ଦୁର୍ଘଟଣାକୁ ଏଡାଇବା ପାଇଁ କ'ଣ ପ୍ରସ୍ତୁତି ଥିଲା ଏ ସବୁ ଉପରୁ ପରଦା ହଟିପାରି ନାହିଁ। ବାଣ ବିସ୍ଫୋରଣ ପରି ସମ୍ବେଦନଶୀଳ ଘଟଣାର ତଦନ୍ତ ଦାୟିତ୍ୱ ସରକାରଙ୍କ ପକ୍ଷରୁ ଏସ୍ଆରସିଙ୍କୁ ଦିଆଯାଇଛି। ଆସନ୍ତା ୫ ତାରିଖ ଅପରାହ୍ନ ୩ ଟାଠାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଏସ୍ଆରସି ପୁରୀ ସର୍କିଟ ହାଉସ୍‌ଠାରେ ବିଭିନ୍ନ ବ୍ୟକ୍ତିବିଶେଷ, ପ୍ରତ୍ୟକ୍ଷଦର୍ଶୀ, ବିଭିନ୍ନ ବିଭାଗର ଅଧିକାରୀଙ୍କଠାରୁ ବିସ୍ଫୋରଣ ସମ୍ପର୍କରେ ଆପତ୍ତି ଅଭିଯୋଗର ଶୁଣାଣି କରିବେ ବୋଲି ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। କେଉଁ ପରିସ୍ଥିତିରେ ଏପରି ଘଟଣା ଘଟିଲା ଓ ଭବିଷ୍ୟତରେ ଏହାକୁ କିପରି ପ୍ରତିହତ କରାଯାଇ ପାରିବ ସେଥିପାଇଁ ତଦନ୍ତ କରାଯିବ।

**● ଏନ୍‌ଜିଟିରେ ଜଙ୍ଗଲ ଜମି ଉପରେ ବେଆଇନ ନିର୍ମାଣ ମାମଲା**

# ତଦନ୍ତ କରିବେ ୩ ଜଣିଆ କମିଟି

**କଟକ, ୨।୬(ସମିସ):** ନୟାଗଡ଼ ଜିଲ୍ଲା ରଣପୁର ବ୍ଲକ ଝାଡ଼ପଡ଼ା ପଞ୍ଚାୟତରେ ଜଙ୍ଗଲ ଜମି ଉପରେ ବେଆଇନ ଗୃହ ନିର୍ମାଣ ମାମଲାରେ ଜାତୀୟ ଗ୍ରୀନ୍ ଟ୍ରିବୁନାଲ୍ ରାଜ୍ୟ ସରକାରଙ୍କୁ ନୋଟିସ୍ ଜାରି କରିଛନ୍ତି। ଏହି ଘଟଣାର ତଦନ୍ତ ପାଇଁ ଏକ କମିଟି ଗଠନ କରାଯାଇଛି। ନୟାଗଡ଼ ଜିଲ୍ଲାପାଳ, ଖୋର୍ଦ୍ଧା ଡିଏଫଓ ଓ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଜଣେ ବୈଜ୍ଞାନିକଙ୍କୁ ନେଇ ଗଠିତ ତିନିଜଣିଆ କମିଟି ଏହାର ତଦନ୍ତ କରି ଆସନ୍ତା ଚାରି ସପ୍ତାହ ଭିତରେ ରିପୋର୍ଟ ଦାଖଲ କରିବାକୁ ଏନଜିଟି କହିଛନ୍ତି। ଏହି ମାମଲାରେ ରାଜ୍ୟ ସରକାର, ରାଜ୍ୟ ଓ କେନ୍ଦ୍ର ପରିବେଶ ଓ ଜଙ୍ଗଲ ବିଭାଗ, ରାଜସ୍ୱ ବିଭାଗ ସଚିବ, ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ନୟାଗଡ଼ ଜିଲ୍ଲାପାଳ, ନୟାଗଡ଼ ଏସପି, ରଣପୁର ତହସିଲଦାର, ଝାଡପଡ଼ା ପଞ୍ଚାୟତ ସରପଞ୍ଚ ଓ ଅନ୍ୟ ଜଣଙ୍କୁ ନୋଟିସ ଜାରୀ ହୋଇଛି।

ମାମଲାରୁ ପ୍ରକାଶ ଯେ ଝାଡ଼ପଡ଼ା ଗାଁର ଜଣେ ବ୍ୟକ୍ତି କିଛିବର୍ଷ ତଳେ ସେହି ମୌଜାର ଖାତା ନମ୍ବର ୩୮୭, ପ୍ଲଟ ନମ୍ବର ୧୭୯୩ରେ ବେଆଇନ ଭାବେ ଏକ ଗୃହ ନିର୍ମାଣ କରିଥିଲେ। ପରେ ସେହି ଘରକୁ ଝାଡପଡ଼ା ପଞ୍ଚାୟତ ଅଫିସ ଭାବେ ବ୍ୟବହାର କରାଯାଇଥିଲା। ଝାଡପଡ଼ା ପଞ୍ଚାୟତ ପକ୍ଷରୁ ସେହି ପ୍ଲଟକୁ ପଞ୍ଚାୟତ ନାମରେ ହସ୍ତାନ୍ତର କରିବାକୁ ରଣପୁର ତହସିଲ ନିକଟରେ ଆବେଦନ କରାଯାଇଥିଲା; କିନ୍ତୁ ତହସିଲଦାର ଏହାକୁ ଖାରଜ କରିଥିଲେ। ପଞ୍ଚାୟତ ପକ୍ଷରୁ ପରେ ଉପଜିଲ୍ଲାପାଳଙ୍କ ନିକଟରେ ଆବେଦନ କରାଯାଇଥିଲା। ତାହା ବି ପରେ ଖାରଜ ହୋଇଥିଲା। ଏହି ଜମିର ସାବିକ କିସମ ଜଙ୍ଗଲ ହୋଇଥିବାରୁ ଏହା ହସ୍ତାନ୍ତର କରାଯାଇପାରିବ ନାହିଁ ବୋଲି ଉପଜିଲ୍ଲାପାଳ ତାଙ୍କ ନିର୍ଦ୍ଦେଶରେ କହିଥିଲେ। ଏହା ବିରୋଧରେ ପଞ୍ଚାୟତ ପକ୍ଷରୁ ଓଡ଼ିଶା ହାଇକୋର୍ଟରେ ଅପିଲ କରାଯାଇଥିଲା। ତାହା ମଧ୍ୟ ଖାରଜ ହୋଇଥିଲା। ପଞ୍ଚାୟତ ଅଫିସ ପାଇଁ ଆଉ ଏକ ଉପଯୁକ୍ତ ସ୍ଥାନ ଚୟନ କରିବାକୁ ହାଇକୋର୍ଟ ପ୍ରସ୍ତାବ ଦେଇଥିଲେ; କିନ୍ତୁ ପଞ୍ଚାୟତ ପକ୍ଷରୁ ସେହି ପ୍ଲଟ ନିକଟରେ ଆଉ ଏକ ଗୃହ ନିର୍ମାଣକୁ ଗ୍ରାମବାସୀ ବିରୋଧ କରିଥିଲେ। ଏହାକୁ ନେଇ ଝାଡପଡ଼ା ଗ୍ରାମର ବାସିନ୍ଦା ରବୀନ୍ଦ୍ର ପ୍ରଧାନ ଏନଜିଟି ନିକଟରେ ମାମଲା କରିଥିଲେ। ଜଙ୍ଗଲ ଜମି ଉପରେ ବେଆଇନ ନିର୍ମାଣକୁ ଭାଙ୍ଗିବା ସହ ନୂତନ ନିର୍ମାଣ ଉପରେ ରୋକ ଲଗାଇବାକୁ ସେ ପ୍ରାର୍ଥନା କରିଥିଲେ। ଆଇନଜୀବୀ ଶ୍ରୀ ଅଖଣ୍ଡ ଏହି ମାମଲା ପରିଚାଳନା କରୁଛନ୍ତି।

■ ଇରାନରେ ରାଷ୍ଟ୍ରପତି ନିର୍ବାଚନ ପ୍ରକ୍ରିୟା ଆରମ୍ଭ

# ଦୌଡ଼ରେ ପୂର୍ବତନ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ



ତେହରାନ୍, ୨।୬(ଏଜେନ୍ସି): ଇରାନର ପରବର୍ତ୍ତୀ ରାଷ୍ଟ୍ରପତି ନିର୍ବାଚନ ପାଇଁ ଏବେ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ରାଷ୍ଟ୍ରପତି ଇବ୍ରାହିମ ରାଇସିଙ୍କ ପରଲୋକର ପ୍ରାୟ ଦୁଇ ସପ୍ତାହ ପରେ ଏହି ପ୍ରକ୍ରିୟା ଆରମ୍ଭ ହୋଇଛି। ଇରାନର ସମ୍ବିଧାନ ଅନୁସାରେ କୌଣସି ରାଷ୍ଟ୍ରପତିଙ୍କ ମୃତ୍ୟୁର ୫୦ ଦିନ ମଧ୍ୟରେ ନିର୍ବାଚନ ଜରିଆରେ ପରବର୍ତ୍ତୀ ରାଷ୍ଟ୍ରପତିଙ୍କୁ ନିର୍ବାଚିତ କରିବାର ପ୍ରାବଧାନ ରହିଛି। ସେହି ଦୃଷ୍ଟିରୁ ନିର୍ବାଚନ ପ୍ରକ୍ରିୟା ଆରମ୍ଭ କରାଯାଇଥିଲା ବେଳେ ଇରାନର ପୂର୍ବତନ ରାଷ୍ଟ୍ରପତି ମହମୁଦ ଅହମ୍ମଦିନେଜାଦ ରବିବାର ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ସେହିପରି ପୂର୍ବତନ ପ୍ରଧାନମନ୍ତ୍ରୀ ମିର ହୁସେନ ମୋସାବି ମଧ୍ୟ ରାଷ୍ଟ୍ରପତି ନିର୍ବାଚନରେ ସାମିଲ ହୋଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଗତ ମେ'୧୯ ତାରିଖରେ ଏକ ହେଲିକପ୍ଟର ଦୁର୍ଘଟଣାରେ ରାଷ୍ଟ୍ରପତି ଇବ୍ରାହିମ ରାଇସିଙ୍କ ମୃତ୍ୟୁ ହୋଇଥିଲା।

# ଆମେରିକୀୟ ମ୍ୟୁଜିୟମକୁ କବ୍‌ଜା କଲେ ପାଲେଷ୍ଟାଇନ ସମର୍ଥକ



ୱାଶିଂଟନ, ୨।୬ (ଏଜେନ୍ସି): ଆମେରିକା ୟୁନିଭର୍ସିଟି ଗୁଡିକରେ ମାସେ ହେଲା ଚାଲିଥିବା ବିକ୍ଷୋଭ ପ୍ରଦର୍ଶନ ଶେଷ ହେବାର ନା ଧରୁନି। ଏବେ ପାଲେଷ୍ଟାଇନ ସମର୍ଥକ ନ୍ୟୁୟର୍କର ବ୍ରୁକଲିନ୍ ମ୍ୟୁଜିୟମକୁ କବ୍ଜା କରି ନେଇଛନ୍ତି। ଏହା ଉପରେ ବ୍ୟାନର ଲଗାଇ ଦେଇଛନ୍ତି। ଏଥିରେ 'ଫ୍ରି ପାଲେଷ୍ଟାଇନ' ଲେଖାଯାଇଛି। ଶୁକ୍ରବାର ଏହି ଘଟଣା ଘଟିଥିବାବେଳେ ରବିବାର ଏହା ସାମ୍ନାକୁ ଆସିଛି। ଏହି ଦିନ ପୁଲିସ ଅଲଗା ଅଲଗା ସ୍ଥାନରୁ ୧୧୪ ବିକ୍ଷୋଭକାରୀଙ୍କୁ ଗିରଫ କରିଛି। ସୂଚନା ଅନୁଯାୟୀ ପ୍ରଦର୍ଶନକାରୀ ମ୍ୟୁଜିୟମ କର୍ମଚାରୀଙ୍କୁ ବାଡେଇବା ସହିତ ଭଙ୍ଗାରୁଜା କରିଛନ୍ତି। ଲୋକଙ୍କୁ ଭିତରକୁ ପ୍ରବେଶ କରିବାକୁ ଦେଇ ନାହାନ୍ତି। ମ୍ୟୁଜିୟମରେ ଇସ୍ରାଏଲ ନିବେଶ ବିଷୟରେ ତଥ୍ୟ ମାଗିଛନ୍ତି। ଏହା ପରେ ପୁଲିସ ଡକା ଯାଇଥିଲା। ଏହି ମାମଲାରେ ୩୪ ଜଣଙ୍କୁ ଗିରଫ କରାଯାଇଥିଲା।

# ଚନ୍ଦ୍ରର ଅନ୍ଧକାରାଚ୍ଛନ୍ନ ଅଞ୍ଚଳରେ ଅବତରଣ କଲା ଚୀନ୍ ମହାକାଶ ଯାନ




ବେଜିଂ, ୨।୬ (ଏଜେନ୍ସି): ଚୀନ୍‌ର ମହାକାଶ ଅଭିଯାନକୁ ବଡ଼ ସଫଳତା ମିଳିଛି। ଗତ ୩ ତାରିଖରେ ଉତ୍‌କ୍ଷେପଣ କରାଯାଇଥିବା ଚାଙ୍ଗ ଇ-୬ ରବିବାର ଚନ୍ଦ୍ରର ସବୁଠାରୁ ଅନ୍ଧକାରାଚ୍ଛନ୍ନ ଅଞ୍ଚଳ ଦକ୍ଷିଣ ମେରୁର ଏଟକେନ ବେସିନରେ ଅବତରଣ କରିଛି। ଏହି ଯାନ ଏଠାରୁ ୨ କେଜି ନମୁନା ସଂଗ୍ରହ କରି ୨୩ ଦିନ ମଧ୍ୟରେ ପୃଥିବୀକୁ ଫେରିବ ବୋଲି କୁହାଯାଉଛି। ଏହା ସଫଳ ହେଲେ ଚୀନ୍ ଚନ୍ଦ୍ରରୁ ନମୁନା ଆଣିଥିବା ପ୍ରଥମ ଦେଶ ପାଲଟିବ। ରିପୋର୍ଟ ଅନୁଯାୟୀ ଏହି ସଫଳତା ମିଳିଲେ ଚନ୍ଦ୍ରରେ ଘାଟୀ ପ୍ରତିଷ୍ଠା ପ୍ରତିଯୋଗିତାରେ ଚୀନ୍ ଆମେରିକା ଏବଂ ଅନ୍ୟ ଦେଶଠାରୁ ଆଗକୁ ପଳାଇବ। ମାଟି ଖୋଳିବା ପାଇଁ ଲ୍ୟାଣ୍ଡରରେ ମେକାନିକାଲ ଆର୍ମ (ବାହୁ) ଲଗା ଯାଇଛି। ଯାନର ଉପର ଭାଗରେ ଏହି ନମୁନା ରହିବ। ଏହା ପରେ ଆଉ ଏକ ଯାନ ପଠାଯାଇ ଲ୍ୟାଣ୍ଡରକୁ ପୃଥିବୀକୁ ଅଣାଯିବ। ଏହା ଜୁନ୍ ୨୫ରେ ମଙ୍ଗୋଲିଆ ନିକଟରେ ଅବତରଣ କରିପାରେ।

କଂଗ୍ରେସ ନେତା ଜୟରାମ ରମେଶଙ୍କ ଦାବି

# ୧୫୦ ଜିଲ୍ଲାପାଳଙ୍କୁ ଧମକାଉଛନ୍ତି ସ୍ୱରାଷ୍ଟ୍ରମନ୍ତ୍ରୀ





ନୂଆଦିଲ୍ଲୀ, ୨।୬ (ଏଜେନ୍ସି):

ଭୋଟ ଗଣତି ଆରମ୍ଭ ହେବା ପୂର୍ବରୁ କଂଗ୍ରେସ ନେତା ଜୟରାମ ରମେଶ ବଡ଼ ଅଭିଯୋଗ ଲଗାଇଛନ୍ତି। ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଜିଲ୍ଲାପାଳଙ୍କୁ ଫୋନ୍ କରି ଧମକାଉଛନ୍ତି ବୋଲି କହିଛନ୍ତି। ଶନିବାର ସକାଳୁ ଶାହା ୧୫୦ରୁ ଅଧିକାରୀଙ୍କୁ ଫୋନ୍ କଲେଣି। ଏଭଳି କାର୍ଯ୍ୟ ଅତ୍ୟନ୍ତ ଲଜ୍ଜାଜନକ। ଏହାକୁ କଦାପି ଗ୍ରହଣ କରାଯିବ ନାହିଁ। ଗଣତନ୍ତ୍ର ଜନାଦେଶରେ ଚାଲେ ଧମକରେ ନୁହେଁ ବୋଲି ମନେ ରଖିବା ଉଚିତ। ୪ ତାରିଖରେ ଜନାଦେଶରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଅମିତ ଶାହା ଏବଂ ବିଜେପି କ୍ଷମତାଚ୍ୟୁତ ହେବ ଏବଂ 'ଇଣ୍ଡି' ମେଣ୍ଟ ଜିତିବ। ଅଧିକାରୀମାନେ କୌଣସି ଚାପର ସମ୍ମୁଖୀନ ନ ହେବା ଉଚିତ। ସେମାନେ ସମ୍ବିଧାନର ରକ୍ଷା କରିବା ଉଚିତ। ଏବେ ସମସ୍ତଙ୍କ ଉପରେ ନଜର ରଖାଯାଉଛି ବୋଲି ଜୟରାମ ରମେଶ କହିଛନ୍ତି। ରବିବାର ଭାରତର ନିର୍ବାଚନ କମିସନ (ଇସିଆଇ) କଂଗ୍ରେସ ନେତାଙ୍କ ଦାବି ଉପରେ ନିଜ ଆଡୁ ବିଚାର କରିଛନ୍ତି। ଇସିଆଇଙ୍କ ପକ୍ଷରୁ ଜୟରାମ ରମେଶଙ୍କୁ ଚିଠି ଲେଖାଯାଇଛି। ଏହି ଚିଠିରେ ନିଜ ଦାବି ସମ୍ବନ୍ଧିତ ତଥ୍ୟ ସେୟାର କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ତଥ୍ୟ ଦେଲେ ମାମଲାରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କୁହାଯାଇଛି।

ଚିଠିରେ ଇସିଆଇଙ୍କ ପକ୍ଷରୁ କୁହାଯାଇଛି ଯେ ଆଦର୍ଶ ଆଚରଣ ବିଧି

**ନିର୍ବାଚନ କମିସନଙ୍କ ଉପରେ ଭରସା ନାହିଁ**

**ଅଧିକାରୀଙ୍କ ତଥ୍ୟ ଦେବାକୁ କହିଲେ ଇସିଆଇ**

**ଏଭଳି ମନ୍ତବ୍ୟ ପ୍ରକ୍ରିୟା ଉପରେ ସନ୍ଦେହ ସୃଷ୍ଟି କରୁଛି**

କାର୍ଯ୍ୟକାରୀ ହେବା ସମୟରେ ସମସ୍ତ ଅଧିକାରୀ ନିର୍ବାଚନ କମିସନଙ୍କୁ ରିପୋର୍ଟ କରିଥାନ୍ତି। ଏ ପର୍ଯ୍ୟନ୍ତ କୌଣସି ଅଧିକାରୀ ଆପଣଙ୍କ ଦାବି ଭଳି ଅଭିଯୋଗ କରିନାହାନ୍ତି। ଆପଣ ଜାଣିଛନ୍ତି ଯେ ଭୋଟ ଗଣତି ପ୍ରକ୍ରିୟା ଏକ ପବିତ୍ର କାର୍ଯ୍ୟ। ଏହା ପ୍ରତ୍ୟେକ ରିଟର୍ଣ୍ଣିଂ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ଜୟରାମଙ୍କ ଏଭଳି ବୟାନ ନିର୍ବାଚନ ପ୍ରକ୍ରିୟା ଉପରେ ସନ୍ଦେହ ସୃଷ୍ଟି କରାଉଛି। ତେଣୁ ଏହି ବୟାନ ଉପରେ ଧ୍ୟାନ ଦେବା ଜରୁରୀ। ଆପଣ ଏକ ଜାତୀୟ ଦଳର ଦାୟିତ୍ୱବାନ, ଅଭିଜ୍ଞ ଏବଂ ବରିଷ୍ଠ ନେତା। ତଥ୍ୟ ଏବଂ ସୂଚନା ଆଧାରରେ ଯାହା ଠିକ୍ ଲାଗିଲା ତାହା ଆଧାରରେ ଗଣତି ପୂର୍ବରୁ ଆପଣ ଏଭଳି ମନ୍ତବ୍ୟ ଦେଇଛନ୍ତି। ତେଣୁ ଏହି ୧୫୦ ଜିଲ୍ଲାପାଳଙ୍କ ତଥ୍ୟ ଦେବାକୁ ଅନୁରୋଧ କରାଯାଉଛି। ଏହା ସହିତ ତଥ୍ୟପୂର୍ଣ୍ଣ ସୂଚନା ଏବଂ ଦାବିର ଆଧାର ଦର୍ଶାଇବାକୁ କୁହାଯାଇଛି। ଜରୁରୀ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ରବିବାର ସନ୍ଧ୍ୟା ୭ଟା ସୁଦ୍ଧା ସୂଚନା ଦେବାକୁ ଜୟରାମ ରମେଶଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ଜୟରାମ ରମେଶ ଆଜି ସାମ୍ବାଦିକ ସମ୍ମିଳନୀ କରି ଏହାର ଜବାବ ଦେଇଛନ୍ତି। କଂଗ୍ରେସ ଇସିଆଇଙ୍କୁ ସମ୍ମାନ ଦେଉଛି। କିନ୍ତୁ ଏହି ସଂସ୍ଥା ଯେଭଳି କାମ କରୁଛି ତାହାକୁ ନେଇ ଆଉ ଭରସା ନାହିଁ। ଇସିଆଇ ଏକ ସାମ୍ବିଧାନିକ ସଂସ୍ଥା। ଏହା ନିରପେକ୍ଷ ହେବା ଉଚିତ। ଲୋକ କେବଳ ଦଳ ଏବଂ ପ୍ରାର୍ଥୀ ନୁହେଁ, ଇସିଆଇଙ୍କୁ ମଧ୍ୟ ଦେଖୁଛନ୍ତି। ଜୟରାମ ରମେଶ ଇସିଆଇଙ୍କ ନୋଟିସ ଉତ୍ତର ଦେବେ ବୋଲି କହିଛନ୍ତି। ନିର୍ବାଚନ ନିରପେକ୍ଷ ହେଉଛି ବୋଲି ଦେଖାଯିବା ଉଚିତ। କଂଗ୍ରେସ ୧୧୪ଟି ଅଭିଯୋଗ କରିଥିଲା। ଏଥିରୁ ୧୪ଟି ପ୍ରଧାନମନ୍ତ୍ରୀଙ୍କ ବିରୋଧରେ ଥିଲା। କିନ୍ତୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନ ଥିଲା। କେବଳ ନିରପକ୍ଷେ କହିଦେଲେ କାମ ଚଳିବନି।

ଇସିଆଇଙ୍କୁ ଭେଟିଲେ 'ଇଣ୍ଡି' ଓ ବିଜେପି ନେତା

# ବିରୋଧୀ ୫, ଶାସକ ଦଳର ୩ ଦାବି





ନୂଆଦିଲ୍ଲୀ, ୨।୬(ଏଜେନ୍ସି): ବିରୋଧୀ 'ଇଣ୍ଡି' ମେଣ୍ଟର ନେତାମାନେ ରବିବାର ନିର୍ବାଚନ କମିସନ (ଇସିଆଇ)ଙ୍କ ସମ୍ପୂର୍ଣ୍ଣ ଖଣ୍ଡପୀଠଙ୍କୁ ଭେଟିଛନ୍ତି। ନେତାଙ୍କ ଏହି ପ୍ରତିନିଧିମଣ୍ଡଳ ଭୋଟ ଗଣତି ନିୟମ ଉପରେ ଚର୍ଚ୍ଚା କରିଛନ୍ତି। ୪ ତାରିଖରେ ଭୋଟ ଗଣତି ପ୍ରକ୍ରିୟାର ସମସ୍ତ ନିୟମ ପାଳନ କରିବା କହିଛନ୍ତି। ଏହା ସହିତ ଇସିଆଇଙ୍କ ନିକଟରେ ୫ଟି ଦାବି କରାଯାଇଛି। ଇଭିଏମ ଫଳାଫଳ ପୂର୍ବରୁ ପୋଷ୍ଟାଲ ବାଲାଟ ପରିଣାମ ଜାରି କରାଯାଉ। ନିୟମ ଅନୁଯାୟୀ ମତଗଣନା ହେଉ ଏବଂ ପର୍ଯ୍ୟବେକ୍ଷକ ଏହି ନିୟମ କାର୍ଯ୍ୟକାରୀ କରନ୍ତୁ। ସିସିଟିଭି ଦ୍ୱାରା ଭୋଟ ଗଣତି ଉପରେ ନଜର ରଖଯାଉ ଏବଂ କଣ୍ଟ୍ରୋଲ ୟୁନିଟର ଯାଞ୍ଚ ହେଉ। ମେସିନରୁ ଆସିଥିବା ଡାଟାକୁ ସ୍ପଷ୍ଟ କରାଯାଉ। ଇଭିଏମ ସିଲ୍ ହେବା ସମୟରେ ତାକୁ ଯାଞ୍ଚ କରିବା ପାଇଁ କାଉଣ୍ଟିଂ ଏଜେଣ୍ଟ ଉପସ୍ଥିତି ଥାଆନ୍ତି। ତେଣୁ ଗଣତି ସମୟରେ ଏହାକୁ ପୁଣି ସ୍ପଷ୍ଟ କରିବାକୁ ଦାବି କରିଛନ୍ତି। ଏହି ପ୍ରତିନିଧିମଣ୍ଡଳରେ ଅଭିଷେକ ମନୁ ସିଂଘଭି, ଡି ରାଜା, ରାମ ଗୋପାଳ ଯାଦବ, ସଞ୍ଜୟ ଯାଦବ, ନାସିର ହୁସେନ, ସଲମାନ ଖୁର୍ସିଦ ଏବଂ ସୀତାରାମ ୟେଚୁରି ସାମିଲ ଥିଲେ। କଂଗ୍ରେସ ନେତା ସଲ୍‌ମାନ ଖୁର୍ସିଦ କହିଛନ୍ତି ଯେ ଗଣତି ସମୟରେ କଡ଼ା ନଜର ରଖିବାକୁ ଦାବି କରାଯାଇଛି। ଏ ବିଷୟରେ ଇସିଆଇ ସନ୍ତୋଷଜନକ ଉତ୍ତର ମଧ୍ୟ ଦେଇଛନ୍ତି। ଏହି ଆଲୋଚନା ସମୟରେ କୌଣସି ନିୟମ ଉପରେ ପ୍ରଶ୍ନ ଉଠା ଯାଇନାହିଁ। ମାତ୍ର କଡ଼ାକଡ଼ି ଭାବେ ସବୁ ନିୟମ ପାଳନ କରିବାକୁ କୁହାଯାଇଛି। ସିଂଘଭି କହିଛନ୍ତି ଯେ ନିର୍ବାଚନରେ ପୋଷ୍ଟାଲ ବାଲାଟ ନିର୍ଣ୍ଣାୟକ ହୋଇଥାଏ। ତେଣୁ ନିୟମ ଅନୁଯାୟୀ ଆଗ ପୋଷ୍ଟାଲ ବାଲାଟର ଗଣତି ହେଉ।

ଅନ୍ୟପକ୍ଷରେ ବିଜେପି ପ୍ରତିନିଧିମଣ୍ଡଳ ମଧ୍ୟ ଆଜି ଇସିଆଇଙ୍କୁ ଭେଟିଛନ୍ତି। ଏମାନଙ୍କ ମଧ୍ୟରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ, ବାଣିଜ୍ୟମନ୍ତ୍ରୀ ପୀୟୁଷ ଗୋୟଲ ସମେତ ଅନେକ ବିଜେପି ନେତା ସାମିଲ ଅଛନ୍ତି। ଗୋୟଲ କହିଛନ୍ତି ଯେ ଇଣ୍ଡି ମେଣ୍ଟରେ ସାମିଲ ଦଳ କ୍ରମାଗତ ଭାବେ ଭାରତର ନିର୍ବାଚନ ପ୍ରକ୍ରିୟା ଉପରେ ପ୍ରଶ୍ନ ଉଠାଉଛନ୍ତି। ଏହା ଗଣତାନ୍ତ୍ରିକ ସଂସ୍ଥା ଉପରେ ଆକ୍ରମଣ। ଏହାକୁ ଦେଖି ଇସିଆଇଙ୍କ ନିକଟରେ ତିନି ଦାବି କରାଯାଇଛି। ଭୋଟ ଗଣତିରେ ସାମିଲ ପ୍ରତ୍ୟେକ ଅଧିକାରୀ ଏହି ପ୍ରକ୍ରିୟା ବିଷୟରେ ଭଲ ଭାବେ ଅବଗତ ହେବା ଉଚିତ। ସେ ଇସିଆଇଙ୍କ ସମସ୍ତ ପ୍ରୋଟୋକଲ ପାଳନ କରିବା ଆବଶ୍ୟକ। ୨ୟଟି ହେଲା ଗଣତି ଏବଂ ଫଳାଫଳ ଘୋଷଣା ସମୟରେ ସୁରକ୍ଷା ସୁନିଶ୍ଚିତ କରାଯାଉ। ଏହା ବ୍ୟତୀତ ନିର୍ବାଚନ ପ୍ରକ୍ରିୟାକୁ ଦୁର୍ବଳ କରିବା ପାଇଁ ହେଉଥିବା ଉଦ୍ୟମର ଅବଧାରଣା ନେଇ ଦାୟୀ ଲୋକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରାଯାଇଛି।

# ତିହାର ଜେଲ୍ ଅଧୀକ୍ଷକଙ୍କ ନିକଟରେ ଆତ୍ମସମର୍ପଣ କଲେ କେଜ୍ରିୱାଲ



ନୂଆଦିଲ୍ଲୀ, ୨।୬(ଏଜେନ୍ସି): ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିଓ୍ବାଲ ଆଜି ଅପରାହ୍ନରେ ତିହାର ଜେଲ ପହଞ୍ଚି ଜେଲ ଅଧୀକ୍ଷକଙ୍କ ନିକଟରେ ଆତ୍ମସମର୍ପଣ କରିଛନ୍ତି। ତାଙ୍କୁ ମିଳିଥିବା ୨୧ ଦିନର ଅନ୍ତରୀଣ ଜାମିନର ଅବଧି ଆଜି ସରିଛି। ଆତ୍ମସମର୍ପଣ କରିବା ପୂର୍ବରୁ କେଜ୍ରିଓ୍ବାଲ ପତ୍ନୀ ସୁନିତାଙ୍କୁ ସଙ୍ଗରେ ନେଇ ରାଜଘାଟ ପହଞ୍ଚି ମହାତ୍ମା ଗାନ୍ଧୀଙ୍କ ସମାଧିପୀଠରେ ମାଲ୍ୟାର୍ପଣ କରିଥିଲେ ଓ ତା'ପରେ କନ୍ନାଟପ୍ଲେସ୍‌ସ୍ଥିତ ପ୍ରାଚୀନ ହନୁମାନ ମନ୍ଦିର ଯାଇ ପୂଜାର୍ଚ୍ଚନା କରିଥିଲେ। ହନୁମାନଙ୍କ ଆର୍ଶୀବାଦ ନେବା ପରେ ସେ ଆମ୍ ଆଦମୀ ପାର୍ଟି(ଆପ୍) ମୁଖ୍ୟାଳୟକୁ ଯାଇ ଦଳୀୟ ନେତା ଓ କର୍ମୀମାନଙ୍କ ସହ ବୈଠକ କରିଥିଲେ। କେଜ୍ରିଓ୍ବାଲ କହିଛନ୍ତି, ତାଙ୍କୁ ୨୧ ଦିନର ଅନ୍ତରୀଣ ଜାମିନ ମିଳିଥିଲା, ସେ ମିନିଟଟିଏ ବି ନଷ୍ଟ ହେବାକୁ ଦେଇନାହାନ୍ତି। ଆପ୍ ପାଇଁ ଓ ସହଯୋଗୀ ଦଳଙ୍କ ପାଇଁ ନିର୍ବାଚନ ପ୍ରଚାର କାର୍ଯ୍ୟରେ ସେ ମହାରାଷ୍ଟ୍ର, ହରିୟାଣା, ଉତ୍ତରପ୍ରଦେଶ, ଝାଡ଼ଖଣ୍ଡ ଆଦି ରାଜ୍ୟ ଗସ୍ତ କରିଛନ୍ତି। ଦିଲ୍ଲୀବାସୀଙ୍କୁ କେଜ୍ରିଓ୍ବାଲ କହିଛନ୍ତି, ସେ ଜେଲକୁ ଫେରିଯାଉଛନ୍ତି। କୌଣସି ଦୁର୍ନୀତି କରି ନୁହଁ, ଏକଛତ୍ରବାଦ ବିରୋଧରେ ସ୍ୱର ଉତ୍ତୋଳନ କରିଥିବାରୁ ତାଙ୍କୁ ଜେଲ ଯିବାକୁ ପଡ଼ିଛି। ମହାତ୍ମା ଗାନ୍ଧୀ ଆମକୁ ଏକଛତ୍ରବାଦୀ ଶାସନରୁ ମୁକ୍ତି ଦେଇଥିଲେ। ଜୁନ୍ ୪ରେ ପ୍ରଭୁ ହନୁମାନ ଏକଛତ୍ରବାଦୀଙ୍କୁ ବିତାଡ଼ିତ କରିବେ। ସୌରଭ ଭରଦ୍ୱାଜ, ସଞ୍ଜୟ ସିଂହ ଓ ଅନ୍ୟ ଆପ୍ ନେତାଙ୍କ ସଙ୍ଗରେ ଯାଇ କେଜ୍ରିଓ୍ବାଲ ତିହାର ପହଞ୍ଚି ଆତ୍ମସମର୍ପଣ କରିଛନ୍ତି।

# ମୋଦୀ ପୁଣି ପ୍ରଧାନମନ୍ତ୍ରୀ ହେଲେ ଲଣ୍ଡା ହେବେ ସୋମନାଥ ଭାରତୀ



ନୂଆଦିଲ୍ଲୀ, ୨।୬(ଏଜେନ୍ସି): ନରେନ୍ଦ୍ର ମୋଦୀ ପୁଣିଥରେ ପ୍ରଧାନମନ୍ତ୍ରୀ ହେଲେ ସେ ଲଣ୍ଡା ହେବେ ବୋଲି କହିଛନ୍ତି ଆମ୍ ଆଦମୀ ପାର୍ଟି(ଆପ୍) ନେତା ସୋମନାଥ ଭାରତୀ। ନୂଆଦିଲ୍ଲୀ ଲୋକସଭା ଆସନରେ ଆପ୍ ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ିଥିବା ଭାରତୀ କହିଛନ୍ତି, ଦିଲ୍ଲୀର ସମସ୍ତ ସାତ ଲୋକସଭା ଆସନରେ ଇଣ୍ଡି ମେଣ୍ଟ ପ୍ରାର୍ଥୀ ଜିତିବେ, ଭୋଟରମାନେ ବହୁସଂଖ୍ୟାରେ ବିଜେପି ବିରୋଧରେ ଭୋଟ ଦେଇଥିବାରୁ ଏକ୍‌ଜିଟ୍ ପୋଲ୍ ମିଥ୍ୟା ପ୍ରମାଣିତ ହେବ ଓ ଇଣ୍ଡି ମେଣ୍ଟ ସଂଖ୍ୟାଗରିଷ୍ଠତା ପାଇ କେନ୍ଦ୍ରରେ ସରକାର ଗଢ଼ିବ। ଅନେକ ମିଡିଆ ସଂସ୍ଥା ପକ୍ଷରୁ ପ୍ରକାଶିତ ଏକ୍‌ଜିଟ୍ ପୋଲ୍ ଅନୁଯାୟୀ ବିଜେପି ନେତୃତ୍ୱାଧୀନ ଏନଡିଏ ୨୦୧୯ ତୁଳନାରେ ବହୁ ଅଧିକ ଆସନ ଜିଣି ସ୍ୱଚ୍ଛନ୍ଦରେ ସରକାର ଗଢ଼ିବ। ଏହି ଏକ୍‌ଜିଟ୍ ପୋଲ୍ ସମ୍ପର୍କରେ ଭାରତୀ କହିଛନ୍ତି ମୋଦୀଙ୍କୁ ଡରି ଏକ୍‌ଜିଟ୍ ପୋଲ୍ ଛାପୁଥିବା ଖବରକାଗଜ ବା ପ୍ରସାରଣ କରୁଥିବା ଟେଲିଭିଜନ୍ ଚ୍ୟାନେଲ୍ ବିଜେପି ଜିତିବ ବୋଲି ମିଥ୍ୟା ପ୍ରଚାର କରିଛନ୍ତି। ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ କହିଛନ୍ତି, ଏକ୍‌ଜିଟ୍ ପୋଲ୍ ଫେକ୍ ନ୍ୟୁଜ୍। ବୋଧହୁଏ ଇଭିଏମ୍ ମେସିନ୍ ହେରାଫେରି କରିବାକୁ ଏଭଳି ମିଥ୍ୟା, କାଳ୍ପନିକ ଏକଜିଟ୍ ପୋଲ୍'ର ପ୍ରସାରଣ କରାଯାଇଛି।

# ମାତାଲ ହୋଇ ମହିଳାଙ୍କୁ ପିଟିଲେ ରବିନା



ମୁମ୍ବାଇ, ୨।୬(ଏଜେନ୍ସି): ବଲିଉଡ ଅଭିନେତ୍ରୀ ରବିନା ଟଣ୍ଡନ ନିଶାସକ୍ତ ଅବସ୍ଥାରେ ଜଣେ ମହିଳାଙ୍କ ଉପରେ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ସେ ଓ ତାଙ୍କ ଡ୍ରାଇଭର ମିଳିତ ଭାବେ ଜଣେ ମହିଳା ଓ ତାଙ୍କ ପରିବାରଙ୍କୁ ଦୁର୍ବ୍ୟବହାର କରିବା ସହିତ ଆକ୍ରମଣ କରିଥିବା ଥାନାରେ ଅଭିଯୋଗ ହୋଇଛି। ଶନିବାର ରାତିରେ ଏହି ଘଟଣା ବାନ୍ଦ୍ରା ସ୍ଥିତ ରାଜିଭି ଆଇନ୍ ମହାବିଦ୍ୟାଳୟ ସମ୍ମୁଖରେ ଘଟିଥିବା କୁହାଯାଉଛି। ଏହି ଘଟଣା ଏବେ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ପୀଡ଼ିତା ମହିଳାଙ୍କ ପୁଅ ଅଭିଯୋଗ କରିଛନ୍ତି ଯେ, ରବିନା ଟଣ୍ଡନ ମଦ୍ୟପାନ କରି ତାଙ୍କ ମା ଓ ଭାଣିଜୀଙ୍କୁ ପ୍ରଥମେ ଧକ୍କା ଦେଇଥିଲେ। ଏହାର ପ୍ରତିବାଦ କରିବାରୁ ରବିନାଙ୍କ ଡ୍ରାଇଭର ଗାଡ଼ିରୁ ବାହାରି ଗାଳି ଗୁଲଜ କରିଥିଲେ।

ଏକ୍‌ଜିଟ୍ ପୋଲ୍ ଅନୁମାନ କେତେ ସତ, କେତେ ମିଛ

# ଅନେକ ଥର ଭୁଲ୍ ସାବ୍ୟସ୍ତ ହୋଇଛି ଆକଳନ



ନୂଆଦିଲ୍ଲୀ, ୨।୬ (ଏଜେନ୍ସି):

ଗଣତନ୍ତ୍ରର ମହାପର୍ବ ଶେଷ ହେବାକୁ ବସିଛି। ସପ୍ତମ ପର୍ଯ୍ୟାୟ ମତଦାନ ସରିବା ସହିତ ବୁଥ୍ ବାହୁଡ଼ା ମତ (ଏକ୍‌ଜିଟ ପୋଲ) ଆସିଯାଇଛି। ଏଥିରୁ କିଏ କ୍ଷମତାରେ ରହିବ ଏବଂ ଆଉ କିଏ କ୍ଷମତାଚ୍ୟୁତ ହେବ ତାହା ସ୍ପଷ୍ଟ ହୋଇଯାଏ ବୋଲି କୁହାଯାଉଛି। ମାତ୍ର ସବୁ ସମୟରେ ଏକଜିଟ ପୋଲ ଆକଳନ ସତ ହୁଏନାହିଁ। ଅନେକ ଥରା ଏହା ମଧ୍ୟ ଭୁଲ୍ ସାବ୍ୟସ୍ତ ହୋଇଛି। କିଛି ଥର ତ ଏକଜିଟ୍ ପୋଲର ଆକଳନ ସମ୍ପୂର୍ଣ୍ଣ ଓଲଟା ହୋଇଯାଇଛି। ଏଭଳି ସ୍ଥିତିରେ କେନ୍ଦ୍ରରେ କ୍ଷମତାସୀନ ହେବା ପାଇଁ ଉଭୟ ଶାସକ ଏନଡିଏ ଏବଂ ବିରୋଧୀ 'ଇଣ୍ଡି' ମେଣ୍ଟ ପକ୍ଷରୁ ଦାବି କରାଯାଉଛି। କଂଗ୍ରେସ ଆକଳନକୁ ସମ୍ପୂର୍ଣ୍ଣ ଖାରଜ କରିଦେଇଛି। କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ ଏହା ଏକଜିଟ୍ ପୋଲ ନୁହେଁ ମୋଦୀ ମିଡିଆ ପୋଲ୍ ବୋଲି କହିଛନ୍ତି। ସିଦ୍ଧୁ ମୁସେୱାଲାଙ୍କ ଗୀତ ୨୯୫ ପରି ଇଣ୍ଡି ମେଣ୍ଟ ସମାନ ଆସନ ଜିତିବ ବୋଲି ଉଲ୍ଲେଖ କରିଛନ୍ତି। ସେହିପରି ବିରୋଧୀ ମେଣ୍ଟ ଜିତିଲେ କଂଗ୍ରେସରୁ ପ୍ରଧାନମନ୍ତ୍ରୀ ହେବେ ବୋଲି ଜୟରାମ ରମେଶ କହିଛନ୍ତି। ଏପରି ସ୍ଥିତିରେ ସମସ୍ତଙ୍କ ନଜର ୪ ତାରିଖକୁ ରହିଛି। ଜନତାଙ୍କ ନିଷ୍ପତ୍ତି ଇଭିଏମ୍ ଭିତରେ ରହିଛି। ତେଣୁ ନିର୍ବାଚନ ଫଳାଫଳକୁ ନେତା ଏବଂ ଜନତା ଚାତକ ପରି ଚାହିଁ ବସିଛନ୍ତି।

ଭାରତରେ ଏକଜିଟ୍ ପୋଲର ଆକଳନ ନୂଆ ନୁହେଁ। ଏହା ୮୦ ଦଶକରୁ ଆରମ୍ଭ ହୋଇଥିଲା। ସେବେଠୁ ଏ ପର୍ଯ୍ୟନ୍ତ ପ୍ରାୟ ସବୁ ଥର ଆକଳନ କରାଯାଉଛି। ମାତ୍ର କେବେ କେବେ ଏକ୍‌ଜିଟ ପୋଲ ସଠିକ୍ ସାବ୍ୟସ୍ତ ହୋଇଥିବାବେଳେ ଆଉ କେବେ ସମ୍ପୂର୍ଣ୍ଣ ବିଫଳ ହୋଇଛି। ୨୦୦୪ରେ ସବୁ ଏଜେନ୍ସି 'ଇଣ୍ଡିଆ ସାଇନିଂ' ସ୍ଲୋଗାନ ଦେଇଥିବା ଏନ୍‌ଡିଏକୁ ପୂର୍ଣ୍ଣ ବହୁମତ ମିଳିବ ବୋଲି ଆକଳନ କରିଥିଲେ। କିନ୍ତୁ ଫଳାଫଳ ସମ୍ପୂର୍ଣ୍ଣ ଓଲଟା ଥିଲା। ଏନ୍‌ଡିଏକୁ ୨୦୦ ଆସନ ମଧ୍ୟ ମିଳି ନ ଥିଲା। ଏହି ସମୟରେ ପ୍ରାୟ ଅଧିକାଂଶ ଏକଜିଟ ପୋଲ ମିଥ୍ୟା ସାବ୍ୟସ୍ତ ହୋଇଥିଲା। ଏହି ନିର୍ବାଚନରେ ୟୁପିଏ ୨୨୨ ଆସନ ହାସଲ କରି ଏସ୍‌ପି ଏବଂ ବିଏସ୍‌ପି ସହଯୋଗରେ ସରକାର ଗଠନ କରିଥିଲା। ଏକ୍‌ଜିଟ ପୋଲ୍‌ରେ ବିଜେପି ନେତୃତ୍ୱାଧୀନ ଏନଡିଏକୁ ୨୪୮ରୁ ଅଧିକ ଆସନ ମିଳିବ ବୋଲି ଆକଳନ କରାଯାଇଥିଲା। ସି-ଭୋଟର୍ସ ୨୬୩-୨୭୫, ଆଉଟଲୁକ ଏମଡିଆରଏ ୨୯୦, ଏନ୍‌ଡିଟିଭି ଇଣ୍ଡିଆନ ଏକ୍ସପ୍ରେସ ଏନିଡିଏକୁ ୨୫୦ ଆସନ ଏବଂ କଂଗ୍ରେସକୁ ୧୯୦ ଆସନ ମିଳିବ ବୋଲି ଅନୁମାନ କରିଥିଲା। କିନ୍ତୁ ଏନଡିଏକୁ ୧୮୯, କଂଗ୍ରେସ ଏବଂ ସହଯୋଗୀ ଦଳଙ୍କୁ ୨୨୨ ଏବଂ ଅନ୍ୟମାନଙ୍କୁ ୧୩୨ ଆସନ ମିଳିଥିଲା।

ସେହିପରି ୨୦୦୯ ଲୋକସଭା ନିର୍ବାଚନର ଆକଳନ ମଧ୍ୟ ଭୁଲ୍ ସାବ୍ୟସ୍ତ ହୋଇଥିଲା। ଏହି ନିର୍ବାଚନରେ ୟୁପିଏକୁ ୧୯୭ ଏବଂ ଏନଡିଏକୁ ୧୯୯ ଆସନ ମିଳିବ ବୋଲି କୁହାଯାଇଥିଲା। ମାତ୍ର ୟୁପିଏ ୨୬୨ ଏବଂ ଏନଡିଏ ୧୫୯ ଆସନ ପାଇଥିଲା। କଂଗ୍ରେସ ପୁଣି କ୍ଷମତାକୁ ଫେରିବ ନାହିଁ ବୋଲି ଅଧିକାଂଶ ଏକଜିଟ ପୋଲରେ ଆକଳନ କରାଯାଇଥିଲା। କିନ୍ତୁ ପରିଣାମ ଓଲଟା ହୋଇଥିଲା। ମାତ୍ର ୨୦୧୪ରେ ଏକଜିଟ୍ ପୋଲ କିଛି ମାତ୍ରରେ ସତ୍ୟ ସାବ୍ୟସ୍ତ ହୋଇଥିଲା। କିନ୍ତୁ ଗୋଟିଏ ଏଜେନ୍ସି ବ୍ୟତୀତ ଆଉ କେହି ବିଜେପିକୁ ବହୁମତ ମିଳିବ ବୋଲି ଆକଳନ କରି ନ ଥିଲେ। ଏହି ଥର ୧୦ ବର୍ଷ ହେଲା କ୍ଷମତାରେ ଥିବା ଏନଡିଏକୁ ବିଜେପି କ୍ଷମତାଚ୍ୟୁତ କରିଥିଲା। ସେ ସମୟରେ କଂଗ୍ରେସ ୧୦୦ ସିଟ୍ ପାଇବ ବୋଲି କୁହାଯାଇଥିଲା। ମାତ୍ର ଏହି ଦଳ ୪୪ ଆସନରେ ଚିତ୍‌ପଟାଙ୍ଗ ମାରିଥିଲା। ବିଜେପି ଅନୁମାନଠାରୁ ଅଧିକ ୨୮୨ ଏବଂ ଏନଡିଏ ୩୩୬ ଆସନ ଜିତିଥିଲା। ନ୍ୟୁଜ୍ ୨୪-ଚାଣକ୍ୟ ବିଜେପିକୁ ୩୪୦ ଏବଂ ୟୁପିଏକୁ ୭୦, ଇଣ୍ଡିଆ ସି-ଭୋଟର ବିଜେପିକୁ ୨୮୯ ଏବଂ କଂଗ୍ରେସକୁ ୧୦୧, ହେଡ୍‌ଲାଇନ୍ସ ଟୁଡେ ବିଜେପିକୁ ୨୭୨ ଏବଂ କଂଗ୍ରେସକୁ ୧୧୫ ଆସନ ମିଳିବ ବୋଲି ଆକଳନ କରିଥିଲା। ସେହିପରି ୨୦୧୯ ଲୋକସଭା ନିର୍ବାଚନର ଅଧିକାଂସ ଏକ୍‌ଜିଟ ପୋଲ ଅନୁମାନ ସଠିକ ସାବ୍ୟସ୍ତ ହୋଇଥିଲା। ଅଧିକାଂଶ ଏଜେନ୍ସି ଏନଡିଏ ମେଣ୍ଟ ଜିତିବ ବୋଲି ଆକଳନ କରିଥିଲେ। ଏହି ନିର୍ବାଚନରେ ଏନଡିଏକୁ ୩୫୩ ଏବଂ ୟୁପିଏକୁ ୫୨ ଆସନ ମିଳିଥିଲା।

■ କାଳବୈଶାଖୀ ପ୍ରଭାବରେ ଉପୁଡ଼ିଲା ବିଦ୍ୟୁତ୍ ଖୁଣ୍ଟ

# ତିନିଦିନ ଅନ୍ଧାରରେ ଉପାନ୍ତବାସୀ

**ହରଭଙ୍ଗା, ୨।୬(ସମିସ):** ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ଦୁର୍ଗମ ଇଲାକା କୁହାଯାଉଥିବା ତଳଗାଁ ପଞ୍ଚାୟତର ଗଣ୍ଡାପାଜୁ, ଡାକପଦର,



ଖାଲ ଗାଜୁରେ ଦୀର୍ଘ ଚାରିଦିନ ହେବ ବିଦ୍ୟୁତ ସେବା ବିଚ୍ଛିନ୍ନଥିଲା। ଗଣ୍ଡାପାଜୁ ମଝି ଜଙ୍ଗଲରେ କାଳ ବୈଶାଖୀର ପ୍ରଭାବରେ ବିଦ୍ୟୁତ ଖୁଣ୍ଟ ଉପରେ ବଡ଼ ବଡ଼ ଗଛ ପଡ଼ିଯିବାରୁ ବିଦ୍ୟୁତ ବିଭାଗର ୪ ଟି ଖୁଣ୍ଟ ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିଲା। ଯାହାଫଳରେ ଇଲେଭେନ କେଭି ତାର ସମ୍ପୂର୍ଣ୍ଣ ଛିଡିଯାଇଥିଲା। ଦୀର୍ଘ ତିନି ଚାରିଦିନ ଅଞ୍ଚଳରେ ବିଦ୍ୟୁତ ସରବରାହ ବନ୍ଦ ରହିଥିବା ଏବଂ ଲୋକେ ଉହକ ବିକଳ ହୋଇ ୪୫ ଡିଗ୍ରୀ ତାପମାତ୍ରାରେ ଆଉଟ ପାଉଟ ହେବାକୁ ପଡ଼ିଥିଲା। ପରବର୍ତ୍ତୀ ସମୟରେ ବିଭାଗୀୟ ଅଧିକାରୀମାନଙ୍କ ସହ ଗ୍ରାମର ଲୋକମାନେ ଓ ବିଦ୍ୟୁତ କର୍ମଚାରୀ ମିଶି ଅକ୍ଲାନ୍ତ ପରିଶ୍ରମ କରି ରବିବାର ଦିନ କାମଶେଷ କରିଥିଲେ। ଅଞ୍ଚଳରେ ବିଦ୍ୟୁତ ସେବାରୁ ବିଛିନ୍ନ ଥିବା ଉପଭୋକ୍ତାମାନେ ବିଦ୍ୟୁତ ସେବା ପାଇଥିବା ଜଣାପଡ଼ିଛି। ଗ୍ରାମବାସୀଙ୍କ ଏଭଳି ସହଯୋଗ ପାଇଁ ବିଦ୍ୟୁତ ବିଭାଗ ସମସ୍ତ ଗ୍ରାମ ଲୋକଙ୍କୁ ଧନ୍ୟ ବାଦ ଜଣାଇଛନ୍ତି। ସୂଚନା ଥାଉକି ଟାଟା କମ୍ପାନୀ ଲୋକଙ୍କୁ ବିଦ୍ୟୁତ ଶୁଳ୍କରେ ଶୋଷଣ କରିବା ଏବଂ ବିଦ୍ୟୁତ ସେବା

**ଗ୍ରାମବାସୀଙ୍କ ସହଯୋଗ ଲୋଡ଼ିଲା ଟାଟା ପାୱାର**

ଯୋଗାଇ ଦେବାରେ ବିଫଳ ହେଉଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଆବଶ୍ୟକ କର୍ମଚାରୀ ମଧ୍ୟ ରଖି ପାରୁନଥିବା ଏବଂ ବିଦ୍ୟୁତ ସମସ୍ୟା ସମାଧାନ କ୍ଷେତ୍ରରେ ଟାଟା କେତେ ପ୍ରସ୍ତୁତ ଏଥିରୁ ଜଣା ପଡ଼ିଯାଉଛି ବୋଲି ଉପଭୋକ୍ତାମାନଙ୍କ ଭିତରେ ମତ ପ୍ରକାଶ ପାଇଥିଲା।



**କାଳବୈଶାଖୀ ରଚିଲା ତାଣ୍ଡବ**

# ମଣ୍ଡିରେ ଭାସୁଛି ଚାଷୀଙ୍କ ଧାନ





**ଲଡୁଗାଁ, ୨।୬(ସମିସ):** କୋକସରା ବ୍ଲକ ଅଞ୍ଚଳରେ ତାଣ୍ଡବ ରଚିଛି କାଳବୈଶାଖୀ। ରବିବାର ଅପରାହ୍ନରେ ପ୍ରବଳ ଘୂର୍ଣ୍ଣିଝଡ଼ ସହ ପ୍ରବଳ ପବନ ଓ ଝଡବର୍ଷା ୩୦ ରୁ ୪୫ ମିନିଟ ପର୍ଯ୍ୟନ୍ତ ଲାଗି ରହିଥିଲା। କାଳବୈଶାଖୀ ପ୍ରଭାବରେ ହୋଇଥିବା ବର୍ଷା ଯୋଗୁ ଖରାରୁ ଲୋକଙ୍କୁ ଆଶ୍ୱସ୍ତି ମିଳିଥିବା ବେଳେ ବ୍ଲକର ବିଭିନ୍ନ ସ୍ଥାନରେ ବଡ଼ ବଡ଼ ଗଛ ସହ ବିଦ୍ୟୁତ ଖୁଣ୍ଟ ଉପୁଡି ପଡ଼ିଥିବା ଦେଖିବାକୁ ମିଳିଛି। ଫଳରେ ବ୍ଲକରେ ବିଦ୍ୟୁତ ଯୋଗାଣ ମଧ୍ୟ ଠପ ହୋଇ ପଡ଼ିଛି। ଅନ୍ୟପଟେ କୋକସରା ବ୍ଲକର ବିଭିନ୍ନ ମଣ୍ଡିରେ ଚାଷୀଙ୍କ ହଜାର ହଜାର କ୍ୱିଣ୍ଟାଲ ଧାନ ବର୍ଷାରେ ଭିଜି ନଷ୍ଟ ହୋଇଥିବା ନେଇ ଚାଷୀ ଅଭିଯୋଗ କରିଛନ୍ତି। ଅନ୍ୟପଟେ ମଣ୍ଡି ପରିସରରେ ଖୋଲା ଆକାଶ ତଳେ ଥିବା ଧାନ ପାଣିରେ ଭାସୁଛି। କୋକସରା ସଦର ମଣ୍ଡିରେ ଚାଷୀଙ୍କ ୪ ହଜାରରୁ ଊର୍ଦ୍ଧ୍ୱ କ୍ୱିଣ୍ଟାଲ ଧାନ ରହିଥିବା ବେଳେ କାଳବୈଶାଖୀ ବର୍ଷାରେ ଧାନ ଭିଜି ଗୁଣବତ୍ତା ହରାଇଥିବା ବେଳେ ଆଗକୁ କଟନୀ ଛଟନୀକୁ ନେଇ ଚାଷୀ ଚିନ୍ତିତ ହୋଇ ପଡ଼ିଛନ୍ତି। କାଳବୈଶାଖୀ ଝଡବର୍ଷାରେ ବଙ୍ଗୋମୁଣ୍ଡାର ଛତୁ ଚାଷୀ ରୋମାଞ୍ଚଳ ପୁଝାରୀଙ୍କ ଛତୁ ଘର ନଷ୍ଟ ଉଡାଇ ନେଇଥିବା ବେଳେ କୁକୁଡ଼ା ଚାଷୀ ଜଗବନ୍ଧୁ ପୁଝାରୀଙ୍କ କୁକୁଡ଼ା ଫାର୍ମର ଆଜବେଷ୍ଟସ ଉଡାଇ ନେଇଛି। କୋକସରା ପଟ୍ଟନାୟକ ପଡ଼ାରେ ବିଦ୍ୟୁତ ଖୁଣ୍ଟ ଭାଙ୍ଗି ଯାଇଥିବା ବେଳେ ଗମ୍ଭାରୀଗୁଡା ଚିକିଲି ରାସ୍ତାରେ ମଧ୍ୟ ଏକ ବିରାଟକାୟ ବରଗଛ ଧରାଶାୟୀ ହୋଇ ପଡ଼ିଥିବା ବେଳେ କୋକସରା ଅଗ୍ନିଶମ କର୍ମଚାରୀ ମାନେ ପହଞ୍ଚି ଗଛ କାଟି ରାସ୍ତା ସଫା କରିଛନ୍ତି। ଜାତୀୟ ରାଜପଥ ୨୬ କୋକସରା କଲେଜ ଛକ ନିକଟରେ ରେ ମଧ ରାସ୍ତାରେ ଗଛ ପଡ଼ି ରହିଥିବା ବେଳେ ରାସ୍ତାରେ ଯାତାୟାତରେ ସମସ୍ୟା ସୃଷ୍ଟି ହୋଇଛି।

**ବିଦ୍ୟୁତ ଖୁଣ୍ଟ ଓ ଗଛ ଧରାଶାୟୀ**



# ହାତୀ ଆତଙ୍କରେ ଦୁଇ ଗ୍ରାମର ୩୦ ପରିବାର

**ଭବାନୀପାଟଣା, ୨।୬ (ସମିସ):** କଳାହାଣ୍ଡି ନଦୀନାଳ, ଝରଣା, ଜଙ୍ଗଲ ପାହାଡ଼ପର୍ବତରେ ମଣ୍ଡିତ ପ୍ରାଚୁର୍ଯ୍ୟଭରା ବିଭିନ୍ନ ବୈଶିଷ୍ଟ୍ୟପୂର୍ଣ୍ଣ ଜିଲ୍ଲା ରୂପେ ଅନ୍ୟତମ। ଦୁର୍ଭାଗ୍ୟଜନକ ଭାବେ ଜଙ୍ଗଲ ଅବକ୍ଷୟ ହେବାରୁ ବନ୍ୟପ୍ରାଣୀ ମାନଙ୍କ ପାଇଁ ଚିନ୍ତା ବଢ଼ାଇଛି। ଗାଁ ଭିତରକୁ ହାତୀ ଓ ବାଘ ପଶି ଆତଙ୍କ ସୃଷ୍ଟି କରୁଛନ୍ତି। ଏପରିକି ଜଙ୍ଗଲୀ ଭାଲୁ ସହର ମଧ୍ୟକୁ ଆସିଥିବା ନଜିର ରହିଛି। ସେହିଭଳି କହିବାକୁ ଗଲେ ହାତୀପଲ ଜଙ୍ଗଲରୁ ବାହାରି



ଗାଁ ଭିତରେ ପ୍ରବେଶ କରି ଧନଜୀବନ ନଷ୍ଟ କରୁଥିବା ଅନେକ ଦୃଷ୍ଟାନ୍ତ ରହିଛି। ଏବେ କିନ୍ତୁ ସ୍ଥିତି ସମ୍ପୂର୍ଣ୍ଣ ଭିନ୍ନ। କଲମପୁର ବ୍ଲକ ଅନ୍ତର୍ଗତ ଦେପୁର ପଞ୍ଚାୟତର ଦୁଇଟି ଗ୍ରାମ ଘରଲା ଓ ଦେଉଳପଡ଼ାବାସୀଙ୍କ ନିଦ ହଜାଇ ଦେଉଛି ଦନ୍ତା। ସିଙ୍ଗାରୀ ସଂରକ୍ଷିତ ଜଙ୍ଗଲରୁ ୧୨ ଟିକିଆ ହାତୀପଲ ଉକ୍ତ ଅଞ୍ଚଳରେ ତାଣ୍ଡବ ରଚାଇ ଆସୁଥିଲେ। ଧାନ ଗଛ ନଷ୍ଟ କରିବା ସହିତ ପନିପରିବା ଓ କଦଳୀ ଗଛ ଉପାଡିବା ଘର ଭାଙ୍ଗି ଭୟର ବଳୟ ଭିତରେ ଗ୍ରାମବାସୀଙ୍କୁ ରଖିଛନ୍ତି। ତେବେ ୧୨ ପଟ ହାତୀଙ୍କ ମଧ୍ୟରୁ ୧୧ଟି ହାତୀ ଅନ୍ୟ କୌଣସି ଜଙ୍ଗଲ ଦେଇ ଚାଲିଯାଇଥିବାବେଳେ କେବଳ ଗୋଟିଏ ହାତୀ ରହିଯାଇ ଘରଲା ଓ ଦେଉଳପଡ଼ା ଗାଁ ରେ ବସବାସ କରୁଥିବା ୪୦ ପରିବାରଙ୍କ ଚିନ୍ତା ବଢ଼ାଇଦେଇଛି। ନିକଟରେ ଥିବା ଦେବଗିରି ଜଙ୍ଗଲରେ ଦିନସାରା ଦନ୍ତା ହାତୀଟି ରହୁଛି ଏବଂ ଠିକ ସନ୍ଧ୍ୟା ହେଲେ ଗାଁ ମୁହାଁ ହେଉଛି। ଆଜିକୁ ୨୫ ଦିନ ଧରି ଚାଲିଥିଲେ ବି ବନ ବିଭାଗ କେବଳ କହୁଛନ୍ତି ଆମେ ହାତୀର ଗତିବିଧି

**ଇନ୍ଦ୍ରାବତୀ କେନାଲ ହୁଡ଼ାରେ ବିତୁଛି ରାତି**

ଉପରେ ନଜର ରଖିଛୁ। ଘଉଡାଇବାର କୌଣସି ବ୍ୟବସ୍ଥା ବନ ବିଭାଗ ପକ୍ଷରୁ ହୋଇ ନ ଥିବା ଖୋଦ ରେଞ୍ଜର ଲିଙ୍ଗରାଜ ଭୋଇ ପ୍ରକାଶ କରିଛନ୍ତି। ଇନ୍ଦ୍ରାବତୀ କେନାଲକୁ ଲାଗିକି ରହିଛି ଘରଲା ଗାଁ ଯେଉଁଠି ୮ଟି ପରିବାର ରୁହନ୍ତି ଏବଂ ଦେଉଳପଡ଼ା ଗାଁରେ ୩୨ପରିବାର ରହିଆସୁଛନ୍ତି। ସେମାନଙ୍କ ଜୀବନ ପ୍ରତି ବଡ ବିପଦ ସାଜିଛି ଗୋଟେ ଘାଇଲା ଦନ୍ତା। ଦେବଗିରି ଜଙ୍ଗଲରୁ ସନ୍ଧ୍ୟା ହେଲେ ଭୟଙ୍କର ଗର୍ଜନ କରି ଗାଁ ମଧ୍ୟକୁ ଆସୁଛି। କେତେବେଳେ ଆସିବା ଯିବା ନିର୍ଦ୍ଦିଷ୍ଟ ସମୟ ନାହିଁ। କିନ୍ତୁ ହାତୀ ଗର୍ଜନ କାନରେ ପଡ଼ିଲେ ବେଳେବେଳେ ଚୁଲି ମୁଣ୍ଡରୁ ଉଠି ଛୁଆ ପିଲାଙ୍କୁ ଧରି ଇନ୍ଦ୍ରାବତୀ କେନାଲ ଆରପଟକୁ ପ୍ରାଣବିକଳରେ ଚାଲିଯାଉଥିବା କଥା ସେ ଗାଁ ଦୁଇଟିର ମହିଳାମାନେ ଅତି ଭୟାତୁର ଭାବରେ ପ୍ରକାଶ କରିଛନ୍ତି। କେନାଲରେ ବର୍ତ୍ତମାନ ପାଣିନାହିଁ ବୋଲି କେନାଲ ପାର ହୋଇ ଖାଲି ପେଟରେ ମଧ୍ୟ ପଟି କନ୍ଥା ଧରି ପିଚୁ ରାସ୍ତାରେ ରାତିରେ ଆଶ୍ରୟ ନିଅନ୍ତି। ହାତୀ ଆସେ, ଗାଁ ସାରା ବୁଲି ଯଦିକିଛି ଖାଇବା ଜିନିଷ ପାଏ ଖାଇସାରି ଆମ୍ବଗଛ ପାଖରେ ରୁହେ। ଘରଲା ଗ୍ରାମର ଦୁଇଟି ଘରକୁ ଭାଙ୍ଗି



ଚୁରମାର କରିଦେଇଛନ୍ତି ହାତୀ। ଦିନସାରା ଜୀବନଜୀବିକା ପାଇଁ ଗ୍ରାମବାସୀଙ୍କୁ ନାନା କସରତ କରିବାକୁ ପଡେ, ରାତିହେଲେ ଭୟ ଗ୍ରାସ କରେ। ଏହା ଯେମିତି ଏବେ ନିତିଦିନିଆ ଘଟଣା ହୋଇଯାଇଛି। ସେହିପରି ଦେଉଳପଡ଼ା ଗାଁ ଲୋକମାନେ ଅଧିକ ସଂଖ୍ୟା ହେଉଥିବା କାରଣରୁ ହାତୀ ଆସିବା ଜାଣିଲେ ଟର୍ଚ୍ଚ ଲାଇଟ ପକାଇ ଟିଣ ଡବା ବଜାଇ ହାତୀକୁ ଘଉଡାଇବାକୁ ଚେଷ୍ଟା କରନ୍ତି। ତଥାପି ଶୌଚ ଇତ୍ୟାଦି ନିତ୍ୟକର୍ମ ପାଇଁ ଭୟରେ କେନାଲ ହୁଡାକୁ ଯିବାକୁ ଭୟ କରନ୍ତି। ଇନ୍ଦ୍ରାବତୀ କେନାଲର ଉଭୟ ପାର୍ଶ୍ୱରେ ଏହି ଦୁଇଟି ଗାଁ। କିଛି ଦୂର ବ୍ୟବଧାନରେ ଯେଉଁ ପୋଲ ଖଣ୍ଡକ ଅଛି ହାତୀ ସେ ପୋଲ ଦେଇ କେତେବେଳେ ଘରଲା ଗାଁ ମୁହାଁ ହୁଏ ପୁଣି ଦେଉଳପଡ଼ା ଗାଁ ଭିତରକୁ ପଶି ଆସେ। ଦୀର୍ଘ ଏକମାସ ଧରି ସ୍ଥିତି ଏମିତି ରହିଛି କିନ୍ତୁ ବନ ବିଭାଗ ତରଫରୁ କୌଣସି ଠୋସ ପଦକ୍ଷେପ ଗ୍ରହଣ ନ କରିବା ଦୁର୍ଭାଗ୍ୟଜନକ ବୋଲି କୁହାଯାଇଛି। ତେବେ ଥୁଆମୂଳରାମପୁର (ଦକ୍ଷିଣ) ରେଞ୍ଜର ଲିଙ୍ଗରାଜ ଭୋଇ କହନ୍ତି ଯେ ଆମେ କିଛି ଫରେଷ୍ଟ ଷ୍ଟାଫ ଆଉ ଗ୍ରାମବାସୀଙ୍କ ମିଳିତ ଉଦ୍ୟମ କ୍ରମେ ହାତୀର ଗତିବିଧି ହାତୀ ଯାଉଥିବା ସ୍ଥାନର ପାଦ ଚିହ୍ନ ଗୁଡିକ ଉପରେ ତୀକ୍ଷ୍ଣ ନଜର ରଖିବା ସହିତ ଲୋକଙ୍କୁ ଭୟଭୀତ ନ ହେବାକୁ ମୋଟିଭେଟ କରୁଛୁ। କ୍ଷତିପୂରଣ ପାଇଁ ଲେଖିକି ଦେଇଛି। ଟଙ୍କା ମଧ୍ୟ ମଞ୍ଜୁର ହୋଇଛି। ଘର ଭାଙ୍ଗିଥିବା ଏବଂ ଯାହାର ଧାନ ଫସଲ ନଷ୍ଟ ହୋଇଥିବ ସେ ରିପୋର୍ଟ ପ୍ରସ୍ତୁତ କରି ପଠାଯାଇଛି। ଏତିକିରେ ବନ ବିଭାଗ ଚୁପ ରହିଛି। କଳାହାଣ୍ଡି ଜିଲ୍ଲାରେ ହାତୀପଲ ଆସିବା, ଫସଲ ହାନି ଓ ଘରଦ୍ୱାର ଧ୍ୱଂସ ହେବା ଘଟଣା ବାରମ୍ବାର ଦେଖିବାକୁ ମିଳୁଛି। ଏକର ଏକର ଫସଲ ନଷ୍ଟ ହେବା ଓ ଗ୍ରାମାଞ୍ଚଳରେ ଘର ଭୁଶୁଡ଼ିବା ସହ ଜୀବନ ହାନି ଘଟିବାର ଅନେକ ନଜିର ରହିଛି। ବନ ବିଭାଗ ମୂଲ୍ୟବାନ ଜୀବନ ତ ଫେରେଇ ପାରିବେନି ଜୀବନର ସୁରକ୍ଷା ଲାଗି ଦୃଢ଼ ପଦକ୍ଷେପ ନେବାକୁ ଦାବି କରାଯାଇଛି।

● ସୁନାଖଣିଆ ବିଟ୍‌ରେ ୨୩ଟିକିଆ ହାତୀପଲ

## ବାଟୋଇଙ୍କୁ ସତର୍କ କରୁଛି ବନ୍ୟପ୍ରାଣୀ ବିଭାଗ

**ହରଭଙ୍ଗା, ୨।୬(ସମିସ):** ନୟାଗଡ଼ ବନ୍ୟପ୍ରାଣୀ ବନଖଣ୍ଡରୁ କୁସଙ୍ଗ ରେଞ୍ଜର ସୁନା ଖଣିଆରେ ଏକ ବଡ଼ ହାତୀ ପଲ ଆସିଛି। ବନ୍ୟ ପ୍ରାଣୀ ବିଭାଗ ଏନେଇ ଏହି ରାସ୍ତା ଦେଇ ଯାତାୟତ କରୁଥିବା ବାଟୋଇଙ୍କୁ ସଚେତନତା କରାଉଛି। ସୂଚନା ଅନୁଯାଇ ଗତ କିଛିଦିନ ତଳେ ଉକ୍ତ ରେଞ୍ଜରେ ହାତୀ ଗଣନା କାର୍ଯ୍ୟ ସରିଥିବା ବେଳେ ଗଣନା ସମୟରେ କୌଣସି ହାତୀପଲ ଜଙ୍ଗଲରେ ନଥିବା ନେଇ ବନ୍ୟ ପ୍ରାଣୀ ବିଭାଗ ପକ୍ଷରୁ ତଥ୍ୟ ପ୍ରଦାନ କରାଯାଇଥିଲା। କିନ୍ତୁ ଆଜକୁ ଦୁଇ ଦିନ ହେବ ନୟାଗଡ଼ ବନଖଣ୍ଡ ଛାମୁଣ୍ଡିଆ



ବନାଞ୍ଚଳରୁ ଏକ ୨୩ଟିକିଆ ହାତୀ ପଲ କୁସଙ୍ଗ ରେଞ୍ଜକୁ ଅତିକ୍ରମ କରି ବର୍ତମାନ ସମସ୍ତ ହାତୀ ସୁନା ଖଣିଆ ବିଟ ଅଞ୍ଚଳରେ ରହିଥିବା ସୂଚନା ମିଳିଛି। ହାତୀ ମାନେ ଅସହ୍ୟ ଗରମରୁ ରକ୍ଷା ପାଇବା ପାଇଁ ସବୁବେଳେ ମହାନଦୀ କୂଳ ଜଙ୍ଗଲରେ ରହିଥିବାରୁ ବନ୍ୟପ୍ରାଣୀ ବିଭାଗ ହାତୀଙ୍କ ଗତିବିଧ ଉପରେ ଲକ୍ଷ୍ୟ ରଖିଛି। ଅନ୍ୟ ପକ୍ଷରେ ହାତୀ ପଲ ରାସ୍ତା ପାର ହୋଇ ମହାନଦୀକୁ ପାଣି ପିଇବାକୁ ଯିବା ଆସିବା କରୁଥିବାରୁ ବନ୍ୟପ୍ରାଣୀ ଉକ୍ତ ଅଞ୍ଚଳରେ ବସାବସ କରୁଥିବା ଲୋକଙ୍କୁ ସତର୍କ କରାଇବା ସହ ବିନା ଅନୁମତିରେ ବାଟୋଇଙ୍କୁ ଯିବା ଆସିବାକୁ ବାରଣ କରିଛି। ଏହି ହାତୀ ପଲ ଦଳରେ ୧୧ମାଇ ହାତୀ, ୫ଟି ଅଣ୍ଡିରା ଏବଂ ୭ଟି ଛୁଆ ହାତୀ ଥିବା ନେଇ ବନ୍ୟପ୍ରାଣୀ ରେଞ୍ଜ ଅଧିକାରୀ ସଂସାର ବର୍ଗିଆ ସୂଚନା ଦେଇଛନ୍ତି।

■ ପୂର୍ବତଟ ରେଳପଥ ମହାପ୍ରବନ୍ଧକଙ୍କ ତାଳଚେର ଅଞ୍ଚଳ ପରିଦର୍ଶନ

# ସାଇଡିଂରୁ କୋଇଲା ଉତ୍ତୋଳନ କାର୍ଯ୍ୟର ସମୀକ୍ଷା

**ଭୁବନେଶ୍ୱର,୨।୬(ସମିସ):** ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ଆଜି ତାଳଚେର ଅଞ୍ଚଳ ପରିଦର୍ଶନ କରି ରେଳବାଇ ଭିତ୍ତିଭୂମି ବିକାଶ ଏବଂ ଟ୍ରାଫିକ ସୁବିଧା ସମେତ ତାଳଚେର ଅଞ୍ଚଳରେ ଚାଲୁଥିବା ନିର୍ମାଣ କାର୍ଯ୍ୟ ନିରୀକ୍ଷଣ କରିଛନ୍ତି। ମହାପ୍ରବନ୍ଧକଙ୍କ ଏହି ନିରୀକ୍ଷଣ ସମୟରେ ପୂର୍ବତଟ ରେଳପଥ ମୁଖ୍ୟାଳୟର ପ୍ରମୁଖ ଓ ବରିଷ୍ଠ ଅଧିକାରୀ ଏବଂ ଖୋର୍ଦ୍ଧା ରୋଡ଼ ରେଳମଣ୍ଡଳର ମଣ୍ଡଳ ରେଳବାଇ ପ୍ରବନ୍ଧକ ଏଚ୍ ଏସ୍ ବଜୱା ପ୍ରମୁଖ ଉପସ୍ଥିତ ଥିଲେ। ନିରୀକ୍ଷଣ ସମୟରେ ଶ୍ରୀ ଫୁଙ୍କୱାଲ ଭିତ୍ତିଭୂମି କାର୍ଯ୍ୟର ସମୀକ୍ଷା କରିବା ସହ ଧାର୍ଯ୍ୟ ସମୟ ମଧ୍ୟରେ ପ୍ରକଳ୍ପ ସମାପ୍ତି ପାଇଁ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ମହାପ୍ରବନ୍ଧକ ମଧ୍ୟ ତାଳଚେର ଅଞ୍ଚଳରେ ରେଳବାଇ ସାଇଡିଙ୍ଗ ନିରୀକ୍ଷଣ କରି ଉନ୍ନତ ଟ୍ରାଫିକ ଗତିବିଧି ଓ ଟ୍ରାଫିକ ସୁବିଧା କାର୍ଯ୍ୟର ସମୀକ୍ଷା କରି ସମ୍ପୃକ୍ତ ଅଧିକାରୀମାନଙ୍କୁ ଅସୁବିଧା ମୁକ୍ତ ଟ୍ରାଫିକ ଗତିବିଧି ପାଇଁ ଗତିଶୀଳତାକୁ ଉନ୍ନତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାବ୍ୟତୀତ ମହାପ୍ରବନ୍ଧକ ତାଳଚେର ଅଞ୍ଚଳର ବିଭିନ୍ନ କୋଲିଆରୀରୁ ଦେଶର ବିଭିନ୍ନ ଗନ୍ତବ୍ୟସ୍ଥଳକୁ ଶୀଘ୍ର କୋଇଲା ଉତ୍ତୋଳନ କରି ପରିବହନ ଉପରେ ଗୁରୁତ୍ୱାରୋପ କରିଥିଲେ।

# ୬ ବର୍ଷ ହେଲା ବ୍ୟାଙ୍କରେ ଗଡୁଛି ଅଫିସ୍ ନିର୍ମାଣ ପାଣ୍ଠି

**ଭୁବନେଶ୍ୱର, ୨।୬ (ସମିସ):** ସବୁ ଜିଲ୍ଲାରେ ପାକ୍ସ ଓ ଲାମ୍ପସ୍‌ର ନିଜସ୍ୱ କାର୍ଯ୍ୟାଳୟ ନିର୍ମାଣ ପାଇଁ ସରକାର ପାଣ୍ଠି ଯୋଗାଇ ଦେଲେ; ଆନୁସଙ୍ଗିକ ସହାୟତା ମଧ୍ୟ ଦିଆଗଲା। କିନ୍ତୁ ୬ ବର୍ଷ ହେଲା ବ୍ୟାଙ୍କରେ ପାଣ୍ଠି ପଡି ରହିଛି। ବାରମ୍ବାର ତାଗିଦ କରିବା ପରେ କିଛି ସ୍ଥାନରେ ଅଫିସ୍ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ଯେଉଁଠି କାମ

**ସୁଧ ସହିତ ଅର୍ଥ ଫେରସ୍ତ ପାଇଁ ନିର୍ଦ୍ଦେଶ**

ଆରମ୍ଭ ହୋଇନାହିଁ ସେଠାରୁ ସୁଧ ସହିତ ଦିଆଯାଇ ଥିବା ପାଣ୍ଠି ଆଦାୟ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।

ସୂଚନା ଅନୁସାରେ ୩୦ ଜିଲ୍ଲାରେ ୨୬୬ଟି ପାକ୍ସ ଓ ଲାମ୍ପସ୍ କାର୍ଯ୍ୟାଳୟ ପାଇଁ ୨୦୧୬-୧୭ ମସିହାରେ ସରକାର ପ୍ରାୟ ୧୩ କୋଟି ଟଙ୍କା ଦେଇଥିଲେ। କିନ୍ତୁ ୨୦୨୨-୨୩ ପର୍ଯ୍ୟନ୍ତ ସେହି ପାଣ୍ଠିରୁ ଟଙ୍କାଟିଏ ବି ଖର୍ଚ୍ଚ ହେଲା ନାହିଁ। କୌଣସି ଜିଲ୍ଲାରେ ବି କାର୍ଯ୍ୟାଳୟ ନିର୍ମାଣ ପାଇଁ ପଦକ୍ଷେପ ନିଆଗଲା ନାହିଁ। ବ୍ୟାଙ୍କରେ ଟଙ୍କା ଗଡି ଚାଲିଲା। ଗତ ବର୍ଷ ସମବାୟ ବିଭାଗର କଡ଼ା ତାଗିଦ ପରେ କିଛି ସ୍ଥାନରେ କାମ ଆରମ୍ଭ ହୋଇଥିଲା; କିନ୍ତୁ ସିଂହଭାଗ ଅର୍ଥ ଖର୍ଚ୍ଚ ହୋଇପାରି ନାହିଁ। ଏହାକୁ ନେଇ ଗତ ମାସ ୧୭ ତାରିଖରେ ରେଜିଷ୍ଟ୍ରାର ଅଫ୍ କୋଅପରେଟିଭ୍ ସୋସାଇଟିଙ୍କ ଅଧ୍ୟକ୍ଷତାରେ ବସିଥିବା ବୈଠକରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ଯେଉଁଠି କାମ ହୋଇଛି ତାହାର ବିନିଯୋଗ ପ୍ରମାଣପତ୍ର ଦାଖଲ ପାଇଁ ଜିଲ୍ଲା ସମବାୟ ନିବନ୍ଧକ, ଏଆରସିଏସ୍‌ମାନଙ୍କୁ ମେ' ମାସ ୩୧ ତାରିଖ ପର୍ଯ୍ୟନ୍ତ ସମୟ ଦିଆଯାଇଥିଲା। କିନ୍ତୁ ତାହା ବିଭାଗର ହସ୍ତଗତ ହୋଇନଥିବା ଜଣାପଡିଛି। ଯେଉଁ ପାକ୍ସ ଓ ଲାମ୍ପସ୍‌ରେ କାମ ଆରମ୍ଭ ହୋଇନାହିଁ କିମ୍ବା ଆରମ୍ଭ ହେବାର ସମ୍ଭାବନା ନାହିଁ ସେମାନେ ଅଫିସ୍ ନିର୍ମାଣ ଅର୍ଥ ସୁଧ ସହିତ ଫେରସ୍ତ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ନିଜେ ବ୍ୟକ୍ତିଗତ ଭାବେ କ୍ଷେତ୍ର ଅନୁଧ୍ୟାନ କରି ପାକ୍ସ, ଲାମ୍ପସ୍‌ରେ କାମ କେତେବାଟ ଆଗେଇଛି ତାହାର ରିପୋର୍ଟ ଚଳିତ ମାସ ୩୦ ତାରିଖ ସୁଦ୍ଧା ଦାଖଲ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।

# ଚତୁର୍ଥ ପର୍ଯ୍ୟାୟରେ ୭୪.୪୧ ପ୍ରତିଶତ ମତଦାନ

**ଭୁବନେଶ୍ୱର,୨।୬(ସମିସ):** ରାଜ୍ୟରେ ଗତ ୧ ତାରିଖରେ ଚତୁର୍ଥ ତଥା ଶେଷ ପର୍ଯ୍ୟାୟ ନିର୍ବାଚନ ଅନୁଷ୍ଠିତ ହୋଇଥିବା ବେଳେ ଏହାର ଚୂଡ଼ାନ୍ତ ମତଦାନ ହାର ପ୍ରକାଶ ପାଇଛି। ଚତୁର୍ଥ ପର୍ଯ୍ୟାୟରେ ଅନୁଷ୍ଠିତ ୬ ଲୋକସଭା ଆସନ ଏବଂ ଏହା ଅନ୍ତର୍ଗତ ୪୨ ବିଧାନସଭା ଆସନରେ ମୋଟ ୭୪.୪୧ ପ୍ରତିଶତ ମତଦାନ ହୋଇଛି। ଭାରତ ନିର୍ବାଚନ ଆୟୋଗଙ୍କ ଭୋଟର ଟର୍ଣ୍ଣଆଉଟ ଆପ୍‌ରେ ଉପଲବ୍ଧ ତଥ୍ୟ ଅନୁଯାୟୀ ବାଲେଶ୍ୱର ଲୋକସଭା ଆସନରେ ୭୬.୭୭ ପ୍ରତିଶତ ମତଦାନ ହୋଇଥିବା ବେଳେ ଭଦ୍ରକ ଲୋକସଭା ଆସନରେ ୭୩.୨୩ ପ୍ରତିଶତ ମତଦାନ ହୋଇଛି। ସେହିପରି ଜଗତସିଂହପୁରରେ ୭୫.୪୮ ପ୍ରତିଶତ, ଯାଜପୁରରେ ୭୪.୪୭ ପ୍ରତିଶତ, କେନ୍ଦ୍ରାପଡାରେ ୭୧.୨୨ ପ୍ରତିଶତ ଏବଂ ମୟୂରଭଞ୍ଜରେ ୭୫.୭୯ ପ୍ରତିଶତ ମତଦାନ ହୋଇଛି।

## ଦେଶ ବିଦେଶ

# ପଞ୍ଜାବରେ ୩ ଟ୍ରେନ୍ ମଧ୍ୟରେ ଧକ୍କା

**ଚଣ୍ଡିଗଡ଼, ୨।୬ (ଏଜେନ୍ସି):** ପଞ୍ଜାବର ଫତେଗଡ଼ ସାହିବରେ ଓଡ଼ିଶାର ବାହାନାଗା ଭଳି ଟ୍ରେନ୍ ଦୁର୍ଘଟଣା ଅଳ୍ପକେ ଟଳି ଯାଇଛି। ଏଠାରେ ରବିବାର ସକାଳ ୪ଟାରେ ଅଟକି ରହିଥିବା ଏକ ମାଲବାହୀ ଟ୍ରେନ୍‌କୁ ପଛରୁ ଆସୁଥିବା ଅନ୍ୟ ଏକ ମାଲବାହୀ ଟ୍ରେନ୍ ଧକ୍କା ଦେଇଛି। ଏଥିରେ ଗୋଟିଏ ଇଞ୍ଜିନ ପଲଟି ଯାଇଛି। ଏହା ନିକଟସ୍ଥ ଟ୍ରାକ୍‌ରେ ଯାଉଥିବା ପାସେଞ୍ଜର ଟ୍ରେନ୍ ସହ ମାଡ଼ ହୋଇଛି। ମାତ୍ର ଟ୍ରେନ୍‌ର ବେଗ କମ୍ ଥିବାରୁ ସେତେ କୌଣସି କ୍ଷୟକ୍ଷତି ହୋଇନାହିଁ। ଏହି



ଦୁର୍ଘଟଣାରେ ମାଲଗାଡ଼ିର ୨ ଲୋକ ପାଇଲଟ ଆହତ ହୋଇଛନ୍ତି। ପଟିୟାଲାର ରାଜେନ୍ଦ୍ର ହସ୍ପିଟାଲରେ ଉଭୟଙ୍କ ଚିକିତ୍ସା ଚାଲିଛି। ସୂଚନା ଅନୁଯାୟୀ ଡେଡିକେଟେଡ ଫ୍ରେଣ୍ଟ କରିଡରର ନ୍ୟୁ ସରହିନ୍ଦ ଷ୍ଟେସନରେ କୋଇଲା ନେଇ ଯାଉଥିବା ଟ୍ରେନ ଛିଡ଼ା ହୋଇଥିଲା। ଏହି ସମୟରେ ପଛରୁ ଆଉ ଏକ କୋଇଲା ବୋଝେଇ ଟ୍ରେନ ଆସି ପୂର୍ବରୁ ଛିଡ଼ା ହୋଇଥିବା ଟ୍ରେନକୁ ଧକ୍କା ଦେଇଥିଲା। ଏହା ମଧ୍ୟରେ କୋଲକାତାରୁ ଜମ୍ମୁ ତୱି ଯାଉଥିବା ସ୍ପେସିଆଲ ସମର ଟ୍ରେନ (୦୪୬୮୧) ଅମ୍ବାଲାରୁ ଲୁଧିଆନା ଅଭିମୁଖେ ବାହାରି ଥିଲା। ଏହି ଟ୍ରେନ ନ୍ୟୁ ସରହିନ୍ଦ ଷ୍ଟେସନ ନିକଟରେ ପହଞ୍ଚିଥିବାବେଳେ ଦୁର୍ଘଟଣା ଘଟିଥିଲା। ବେଗ କମ୍‌ଥିବାରୁ ପାସେଞ୍ଜର ଟ୍ରେନକୁ ଡ୍ରାଇଭର ତୁରନ୍ତ ଅଟକାଇ ଦେଇଥିଲେ। ତେଣୁ ଟ୍ରେନ୍‌ର ବହୁତ କମ୍ କ୍ଷୟକ୍ଷତି ହୋଇଛି। ମାତ୍ର ଦୁର୍ଘଟଣାରେ ଟ୍ରାକ୍ ସମ୍ପୂର୍ଣ୍ଣ ଖରାପ ହୋଇଯାଇଛି। ମାଲଗାଡ଼ିର ବଗି ପରସ୍ପର ଉପରେ ପଡ଼ିଥିବା ଦେଖାଯାଉଛି। ଏହାର ସୂଚନା ପାଇ ରେଳ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଥିଲେ। ଇଞ୍ଜିନର କାଚ ଭାଙ୍ଗି ଭିତରେ ଫସିଥିବା ଲୋକ ପାଇଲଟଙ୍କୁ ବାହାର କରିଥିଲେ। ଏବେ ରେଳ ବିଭାଗ ମାମଲାର ତଦନ୍ତ କରୁଛି। ଟ୍ରାକ୍‌ରେ ଗୋଟିଏ ଟ୍ରେନ ଥିବାବେଳେ ଅନ୍ୟଟି କେମିତି ଆସିଲା ବୋଲି ପ୍ରଶ୍ନ ଉଠୁଛି।


# ଓଲଟିଲା ଟ୍ରାକ୍ଟର-ଟ୍ରଲି; ୧୩ ବରଯାତ୍ରୀ ମୃତ

**ଭୋପାଳ, ୩।୬ (ଏଜେନ୍ସି):** ମଧ୍ୟପ୍ରଦେଶ ରାଜଗଡ଼ ଜିଲ୍ଲାର ପିପଲୋଦି ଛକ ନିକଟରେ ରବିବାର ସନ୍ଧ୍ୟାରେ ବଡ଼ ଦୁର୍ଘଟଣା ଘଟିଛି। ଏଠାରେ ବରଯାତ୍ରୀଙ୍କୁ ନେଇ ଯାଉଥିବା ଏକ ଟ୍ରାକ୍ଟର-ଟ୍ରଲି ପଲଟି ଯାଇଛି। ଏଥିରେ ୪ ଶିଶୁଙ୍କ ସମେତ ୧୩ ଜଣଙ୍କ ମୃତ୍ୟୁ ହୋଇଛି। ୨ ଜଣ ଗୁରୁତର ଆହତ ହୋଇଛନ୍ତି। ଜିଲ୍ଲାପାଳ ଏବଂ ଏସ୍‌ପି ଘଟଣାସ୍ଥଳରେ ପହଞ୍ଚିଛନ୍ତି। ସ୍ଥାନୀୟ ଲୋକଙ୍କ ସହାୟତାରେ ଦମକଳ ବାହିନୀ ଏବଂ ପୁଲିସ ଉଦ୍ଧାରକାର୍ଯ୍ୟ ଆରମ୍ଭ କରିଥିଲା। ସୂଚନା ଅନୁଯାୟୀ ଏହି ବରଯାତ୍ରୀ ରାଜସ୍ଥାନର ମୋତିପୁରା ଗ୍ରାମରୁ ଆସିଥିଲା। ଟ୍ରାକ୍ଟର ଟ୍ରଲିରେ ପ୍ରାୟ ୩୦ ଜଣ ଲୋକ ରାଜଗଡ଼ର କୁଲାମପୁରା ଗ୍ରାମକୁ ଯାଉଥିଲେ। ମାତ୍ର ପିପଲୋଦିରେ ନିୟନ୍ତ୍ରଣ ହରାଇ ପଲଟି ଯାଇଥିଲା। ଦୁର୍ଘଟଣା ପରେ ଘଟଣାସ୍ଥଳରେ ଆର୍ତ୍ତ ଚିତ୍କାର ଶୁଣିବାକୁ ମିଳିଥିଲା।

# ଆଜି ଦେଖାଯିବ ବିରଳ ମହାଜାଗତିକ ଦୃଶ୍ୟ

**ନୂଆଦିଲ୍ଲୀ, ୨।୬ (ଏଜେନ୍ସି):** ମହାକାଶରେ ସୋମବାର ବିରଳ ମହାଜାଗତିକ ଦୃଶ୍ୟ ଦେଖିବାକୁ ମିଳିବ। ଆଜି ୬ଟି ଗ୍ରହ ପରେଡ୍ କରିବେ। ଅର୍ଥାତ୍ ଗୋଟିଏ ଧାଡ଼ିରେ ଦୃଶ୍ୟମାନ ହେବେ। ଆମେରିକା ମହାକାଶ ସଂସ୍ଥା ନାସାର ସୂଚନା ଅନୁଯାୟୀ ସୂର୍ଯ୍ୟଙ୍କ ପରିକ୍ରମ ପୂର୍ଣ୍ଣ କରିବାରେ ଲାଗୁଥିବା ସମୟ ଆଧାରରେ ଗ୍ରହଗୁଡିକ ଗୋଟିଏ ଧାଡ଼ିରେ ଆସିଥାନ୍ତି। କାରଣ ପ୍ରତ୍ୟେକ ଗ୍ରହଙ୍କ ପରିକ୍ରମା ସମୟ ଅଲଗା ଅଲଗା ହୋଇଥାଏ। ତେବେ ଏହି ଦୃଶ୍ୟ ଭାରତରେ ଦେଖାଯିବ ନାହିଁ। ଏହା ନ୍ୟୁୟର୍କରେ ଦେଖାଯିବ। କେବଳ କିଛି ଗ୍ରହକୁ ଖାଲି ଆଖିରେ ଦେଖିହେବ। ଅନ୍ୟ ଗ୍ରହ ଦେଖିବା ପାଇଁ ବାଇନାକୁଲାରର ସହାୟତା ନେବାକୁ ପଡ଼ିବ। ଏହି ଗ୍ରହ ପରେଡରେ ବୁଧ, ମଙ୍ଗଳ, ବୃହସ୍ପତି, ଶନି, ୟୁରେନ୍ସ ଏବଂ ନେପଚୁନ ସାମିଲ ହେବ। ଏହି ଗ୍ରହ ମଧ୍ୟରୁ ବୁଧ ଏବଂ ମଙ୍ଗଳ ସବୁଠାରୁ ଉଜ୍ଜ୍ୱଳ ଦେଖାଯିବେ। କାରଣ ଏହି ଦୁଇ ଗ୍ରହ ଅନ୍ୟ ଅପେକ୍ଷା ପୃଥିବୀର ଅଧିକ ନିକଟତର ହେବେ।

**ପରେଡ୍ କରିବେ ୬ ଗ୍ରହ**




भारत सरकार • अंतरिक्ष विभाग / GOVERNMENT OF INDIA - DEPARTMENT OF SPACE
निर्माण एवं अनुरक्षण समूह, एसडीएससी-शार / CONSTRUCTION AND MAINTENANCE GROUP, SDSC-SHAR
श्रीहरिकोटा / नेल्लूर (जिला), आं.प्र. / SRIHARIKOTA - 524124

संक्षिप्त ई–निविदा सूचना / Brief E-TENDER NOTICE

ई–निविदा सूचना सं. / e- Tender Notice No : SHAR/CMD/E/B 2487202/2024-25 तिथि/ Date. 28.05.2024

भारत के राष्ट्रपति की ओर से, "चांदीपुर, उड़ीसा में पर्यावरणीय एवं अंतरिक्ष अनुसंधान सुविधा (एएसआरएफ)। (विद्युत कार्य)।"(अनुमानित लागत: ₹297.54 लाख) के लिए ई–निविदा के माध्यम से मद दर निविदाएं आमंत्रित की जाती हैं। निविदा दस्तावेज 17.06.2024 को 14:30 बजे तक डाउनलोड किए जा सकते हैं। विस्तृत सूचना हेतु इच्छुक निविदाकार हमारी वेबसाइट www.isro.gov.in या www.tenderwizard.com/ISRO पर जा सकते हैं।

On behalf of President of India, Item Rate tenders are invited through e-tendering for **"Atmospheric and Space Research Facility (ASRF) at Chandipur, Odisha. (Electrical works)" (Estimated cost: ₹297.54 Lakhs)**. Tender documents can be downloaded up to 17.06.2024, 14:30 hrs. Interested tenderers may visit www.isro.gov.in or www.tenderwizard.com/ISRO for details.

हस्ताक्षरित- समूह प्रधान, सीएमजी / एसडीएससी शार / Sd/- GROUP HEAD, CMG / SDSC SHAR



୨/୬/୨୦୨୪ (ରବିବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୬,୨୯,୯୯୪/- ସୁନା: ୦୦.୪୨୦ ଗ୍ରାମ୍ ରୁପା: ୦୮.୭୫୦ ଗ୍ରାମ୍



# କାକଟପୁର, ନିମାପଡ଼ାରେ ମତଦାନ ୭୬.୪୮ ପ୍ରତିଶତ

## କାକଟପୁରରେ ୭୩.୬୨, ନିମାପଡ଼ାରେ ୭୯.୩୦ ପ୍ରତିଶତ ଭୋଟର ମତ ସାବ୍ୟସ୍ତ କଲେ

**ପୁରୀ, ୨।୬(ସମିସ)**

ଶେଷ ହୋଇଛି ଚତୁର୍ଥ ପର୍ଯ୍ୟାୟ ମତଦାନ। ଏହି ଅନ୍ତିମ ପର୍ଯ୍ୟାୟ ନିର୍ବାଚନରେ ପୁରୀ ଜିଲ୍ଲାର କାକଟପୁର ଏବଂ ନିମାପଡ଼ା ନିର୍ବାଚନମଣ୍ଡଳୀର ଭୋଟର ସେମାନଙ୍କ ମତାଧିକାର ସାବ୍ୟସ୍ତ କରିଛନ୍ତି। ଜଗତ୍‌ସିଂହପୁର ଲୋକସଭା ଅଧୀନରେ ରହିଥିବା ଏହି ଦୁଇ ବିଧାନସଭା ନିର୍ବାଚନମଣ୍ଡଳୀର ୨୪ ପ୍ରାର୍ଥୀଙ୍କ ଭାଗ୍ୟ ଇଭିଏମ୍‌ରେ ସିଲ୍ ହୋଇଯାଇଛି। ନିମାପଡ଼ାର ୧୩ ଏବଂ କାକଟପୁରର ୧୧ ବିଧାନସଭା ପ୍ରାର୍ଥୀଙ୍କ ରାଜନୈତିକ ଭବିଷ୍ୟତ ଷ୍ଟ୍ରଙ୍ଗରୁମ୍‌ରେ ତାଲା ପଡ଼ିଛି। ଆସନ୍ତା ୪ ତାରିଖରେ ଭୋଟ ଗଣତି ପରେ ସ୍ପଷ୍ଟ ହେବ ଜନମତ। ତେବେ ଏଥର ଏହି ଦୁଇ ନିର୍ବାଚନମଣ୍ଡଳୀରେ ୭୬.୪୮ ପ୍ରତିଶତ ମତଦାନ ହୋଇଛି।

ଚଳିତ ନିର୍ବାଚନରେ ଅଧିକ ସଂଖ୍ୟାରେ ଭୋଟର ଯେପରି ସାମିଲ ହୋଇପାରିବେ ତାହା ଉପରେ ଗୁରୁତ୍ୱାରୋପ କରିଥିଲେ ନିର୍ବାଚନ କମିଶନ। ଏଥିଲାଗି ବିଭିନ୍ନ ପ୍ରକାର ପଦକ୍ଷେପ ମଧ୍ୟ ହାତକୁ ନିଆଯାଇଥିଲା। ହେଲେ ପୁରୀ ଜିଲ୍ଲାର ଭୋଟର ଏଥିପ୍ରତି ବିଶେଷ ସଚେତନ ହୋଇନାହାନ୍ତି, ଯାହା ମତଦାନ ଫଳାଫଳରୁ ସ୍ପଷ୍ଟ ଜଣାପଡୁଛି। ପୂର୍ବରୁ ଜିଲ୍ଲାର ୪ଟି ନିର୍ବାଚନମଣ୍ଡଳୀ (ପୁରୀ, ବ୍ରହ୍ମଗିରି, ସତ୍ୟବାଦୀ ଓ ପିପିଲି)ର ମତଦାନ ସରିଥିବା ବେଳେ ଶନିବାର ନିମାପଡ଼ା ଓ କାକଟପୁର ନିର୍ବାଚନମଣ୍ଡଳୀରେ ମତଦାନ ସରିଛି। ତେବେ ଏହି ଦୁଇ ବିଧାନସଭା ନିର୍ବାଚନମଣ୍ଡଳୀରେ ଭୋଟ ହାର ରହିଛି ୭୬.୪୮ ପ୍ରତିଶତ।

କାକଟପୁର ନିର୍ବାଚନ ମଣ୍ଡଳୀର ମୋଟ ଭୋଟର ଥିଲେ ୨ଲକ୍ଷ ୪୪ ହଜାର ୧୦୬ ଜଣ। ସେମାନଙ୍କ ମଧ୍ୟରେ ୧, ୨୫, ୯୩୯ ପୁରୁଷ, ୧, ୧୮, ୧୬୩ ମହିଳା ଓ ୪ଜଣ ଅନ୍ୟାନ୍ୟ ଭୋଟର ରହିଥିଲେ। ଏହି ଭୋଟରମାନଙ୍କ ମଧ୍ୟରୁ ମୋଟ ୧ଲକ୍ଷ ୭୯ ହଜାର ୭୦୮ ଜଣ ମତଦାନ କରିଛନ୍ତି। ୯୦ହଜାର ୬୬୧ ଜଣ ପୁରୁଷ, ୮୯ ହଜାର ୪୪ ଜଣ ମହିଳା ମତଦାନ କରିଥିବା ବେଳେ ୩ ଜଣ ଅନ୍ୟାନ୍ୟ ଭୋଟର ମତାଧିକାର ସାବ୍ୟସ୍ତ କରିଛନ୍ତି। କାଟପୁରର ଭୋଟ ହାର ରହିଛି ୭୩.୬୨ ପ୍ରତିଶତ। ସେହିପରି ନିମାପଡ଼ା ନିର୍ବାଚନ ମଣ୍ଡଳୀର ମୋଟ ଭୋଟର ହେଉଛନ୍ତି ୨ଲକ୍ଷ ୪୭ ହଜାର ୫୯୨ ଜଣ। ସେମାନଙ୍କ ମଧ୍ୟରେ ୧, ୨୬, ୭୧୨ ପୁରୁଷ, ୧, ୨୦, ୮୭୨ ମହିଳା ଓ ୮ଜଣ ଅନ୍ୟାନ୍ୟ ଭୋଟର ରହିଥିଲେ। ଏମାନଙ୍କ ମଧ୍ୟରୁ ମୋଟ ୧ଲକ୍ଷ ୯୬ ହଜାର ୩୪୪ ଜଣ ମତଦାନ କରିଛନ୍ତି। ୧ଲକ୍ଷ ୧ ହଜାର ୭୯୧ ଜଣ ପୁରୁଷ, ୯୪ ହଜାର ୫୫୨ ଜଣ ମହିଳା ମତଦାନ କରିଥିବା ବେଳେ ଜଣେ ଅନ୍ୟାନ୍ୟ ଭୋଟର ମତାଧିକାର ସାବ୍ୟସ୍ତ କରିଛନ୍ତି। ନିମାପଡ଼ାର ଭୋଟ ହାର ରହିଛି ୭୯.୪୮ ପ୍ରତିଶତ। ଶେଷ ପର୍ଯ୍ୟାୟରେ ଜିଲ୍ଲାର ଏହି ଦୁଇଟି ନିର୍ବାଚନମଣ୍ଡଳୀର ଭୋଟ ହାର ରହିଛି ୭୬.୪୮ ପ୍ରତିଶତ।

ସୂଚନାଥାଉ କି, ମେ ୨୫ ତାରିଖରେ ପୁରୀ ଜିଲ୍ଲାର ୪ଟି ବିଧାନସଭା ନିର୍ବାଚନମଣ୍ଡଳୀରେ ମତଦାନ ହୋଇଥିଲା। ଏଥିମଧ୍ୟରୁ ବ୍ରହ୍ମଗିରିରେ ସର୍ବାଧିକ ୮୧.୨୫ ପ୍ରତିଶତ ମତଦାନ ହୋଇଥିବା ବେଳେ ପୁରୀରେ ସବୁଠୁ କମ୍ ୬୭.୬୪ ପ୍ରତିଶତ ଭୋଟ ପଡ଼ିଥିଲା। ଅନ୍ୟ ନିର୍ବାଚନମଣ୍ଡଳୀ ମଧ୍ୟରେ ସତ୍ୟବାଦୀ ୭୭.୧୮, ପିପିଲି ୮୦.୫୮ ପ୍ରତିଶତ ମତଦାନ ହୋଇଛି।

### ପୁରୀରେ ପହଞ୍ଚିଲେ କାଉଣ୍ଟିଂ ଅବ୍‌ଜର୍‌ଭର୍

**ପୁରୀ, ୨।୬(ସମିସ):** ଆସନ୍ତା ୪ ତାରିଖରେ ଭୋଟ ଗଣତି। ଏଥିପାଇଁ ଭାରତର ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ କ୍ରମେ ପୁରୀରେ ପହଞ୍ଚିଛନ୍ତି ଗଣତି ପର୍ଯ୍ୟବେକ୍ଷକ ବା କାଉଣ୍ଟିଂ ଅବ୍‌ଜରଭରମାନେ। ସେମାନଙ୍କ ଉପସ୍ଥିତିରେ ଗଣତି ପ୍ରକ୍ରିୟା ଅନୁଷ୍ଠିତ ହେବ। ୧୦୫ କାକଟପୁର ନିର୍ବାଚନମଣ୍ଡଳୀ ପାଇଁ ଏଚ୍.ଜେ. ଦେଶାଇ, ୧୦୬ ନିମାପଡ଼ା ନିର୍ବାଚନମଣ୍ଡଳୀ ପାଇଁ ସୋନାପା ଯାମଗାର, ୧୦୭ ପୁରୀ ନିର୍ବାଚନ ମଣ୍ଡଳୀ ପାଇଁ ସୌମ୍ୟକେତୁ ମିଶ୍ର, ୧୦୮ ବ୍ରହ୍ମଗିରି ଓ ୧୧୦ ପିପିଲି ପାଇଁ ଡ. କୁନାଲ ପ୍ରକାଶ ଖେମନାର ଏବଂ ୧୦୯ ସତ୍ୟବାଦୀ ନିର୍ବାଚନ ମଣ୍ଡଳୀ ପାଇଁ ରାମ ସୁରେଶ ବର୍ମା କାଉଣ୍ଟିଂ ପର୍ଯ୍ୟବେକ୍ଷକ ଦାୟିତ୍ୱରେ ରହିଛନ୍ତି। ଗଣତି ପାଇଁ ମାଇକ୍ରୋ ଅବ୍‌ଜରଭର, କାଉଣ୍ଟିଂ ସୁପରଭାଇଜର, କାଉଣ୍ଟିଂ ଆସିଷ୍ଟାଣ୍ଟମାନଙ୍କୁ ନିଯୁକ୍ତି ଓ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି ବୋଲି ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଅବଗତ କରାଇଛନ୍ତି। ସୂଚନାଯୋଗ୍ୟ ଯେ, ପୁରୀ ଓ ସତ୍ୟବାଦୀ ନିର୍ବାଚନ ମଣ୍ଡଳୀର ଭୋଟ ଗଣତି କେନ୍ଦ୍ରୀୟ ବିଦ୍ୟାଳୟ ପରିସରରେ ଏବଂ କାକଟପୁର, ନିମାପଡ଼ା, ବ୍ରହ୍ମଗିରି ଓ ପିପିଲି ନିର୍ବାଚନ ମଣ୍ଡଳୀର ଭୋଟ ଗଣତି ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ପରିସରରେ ଜୁନ୍ ୪ ତାରିଖରେ ଅନୁଷ୍ଠିତ ହେବ।

## ମା' ରାମଚଣ୍ଡୀଙ୍କ ଜଳଶାୟୀ ଉତ୍ସବ



**ପୁରୀ, ୨।୬(ସମିସ):** ଦୋଳମଣ୍ଡପ ସାହି ଜେନାରୀ ଗଛସ୍ଥିତ ମା' ରାମଚଣ୍ଡୀ ଠାକୁରାଣୀଙ୍କ ଜଳଶାୟୀ ଉତ୍ସବ ରବିବାର ଜଳକ୍ରୀଡ଼ା ଏକାଦଶୀ ତିଥିରେ ଅନୁଷ୍ଠିତ ହୋଇଯାଇଛି। ପ୍ରାତଃରୁ ଦ୍ୱାର ଫିଟିବା ପରେ ମଙ୍ଗଳ ଆଳତି, ଅବକାଶ, ଶୀତଳଭୋଗ, ବାଲଭୋଗ ଓ ଶଙ୍ଖୁଡ଼ି ଭୋଗ ବଢ଼ିବା ପରେ ମା'ଙ୍କ ଆସ୍ଥାନରେ ମାଟି ପ୍ରଲେପ କରାଯାଇଥିଲା। ଶିଶିର ଶତପଥୀ, ରଞ୍ଜନ ଦାଶ, ଅକ୍ଷୟ କର, ସବ୍ୟସାଚୀ ରଥ, ଅମିତାଭ ମହାପାତ୍ର, ରବିନାରାୟଣ ଦାଶ ପ୍ରମୁଖ ନିକଟସ୍ଥ କୂଅରୁ ଗଡୁରେ ଜଳ ଆଣି ମା'ଙ୍କ ଅସ୍ଥାନ ନିକଟରେ ରଖିଥିଲେ। ପୂଜକ ସୋମନାଥ ଦାଶ ଓ ପିନାକ ଦାଶ ଜଳରେ ଅଗୁର, ଚନ୍ଦନ, ଚୁଆ, କେସର ଓ ସୁବାସିତ ପୁଷ୍ପ ମିଶ୍ରଣ କରିବା ପରେ ମା'ଙ୍କ ମସ୍ତକରେ ଜଳ ଲାଗି କରାଯାଇଥିଲା। ଏହାପରେ ପଣାଭୋଗ ହୋଇଥିବା ବେଳେ ସନ୍ଧ୍ୟା ପର୍ଯ୍ୟନ୍ତ ମା' ପାଣିରେ ବୁଡ଼ି ରହିଥିଲେ। ସନ୍ଧ୍ୟାରେ ଅସ୍ଥାନରୁ ଜଳ ନିଷ୍କାସନ କରାଯିବା ପରେ ମାଆଙ୍କୁ ଚନ୍ଦନ ବେଶରେ ସଜିତ କରାଯାଇ ସନ୍ଧ୍ୟା ଆଳତି ହୋଇଥିଲା। ସ୍ଥାନୀୟ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ଜଳାଶାୟୀ ଓ ବେଶ ଦର୍ଶନ କରି ମା'ଙ୍କ ଆଶିଷ ଲାଭ କରିଥିଲେ। ରାତିରେ ମା'ଙ୍କୁ ପ୍ରସ୍ତୁତ ବିଭିନ୍ନ ପ୍ରକାରର ସୁସ୍ୱାଦୁ ବ୍ୟଞ୍ଜନ ଭୋଗ କରାଯାଇଥିଲା। ଏହି ଅବସରରେ ମା'ଙ୍କ ମନ୍ଦିରକୁ ଉଜ୍ୱଳ ଆଲୋକମାଳାରେ ସଜିତ କରାଯାଇଥିଲା। ମା' ରାମଚଣ୍ଡୀ ଠାକୁରାଣୀ ପରିଚାଳନା କମିଟି ସମ୍ପାଦକ ମାଗୁଣି ପୃଷ୍ଟି, ସହ ସମ୍ପାଦକ ରାଜେନ୍ଦ୍ର ପାତ୍ର, ଗୋବିନ୍ଦ ଦତ୍ତ ଓ କୋଷାଧ୍ୟକ୍ଷ ବୁଲୁ ପଡ଼ିଆରୀ ସମସ୍ତ କାର୍ଯ୍ୟ ସମ୍ପାଦନ କରିଥିଲେ।





ରଥଖଳାରେ ଆଗେଇ ଚାଲିଛି ରଥ ନିର୍ମାଣ କାର୍ଯ୍ୟ

### ଆଜି ବିଶ୍ୱ ସାଇକଲ ଦିବସ: ସାଇକଲର ସାଥୀ ଶ୍ୟାମ ସେନାପତି

# ବାଣ୍ଟୁଛନ୍ତି ସୁସ୍ଥତା ଓ ପରିବେଶ ସୁରକ୍ଷାର ବାର୍ତ୍ତା

**ପୁରୀ, ୨।୬(ସମିସ)**

ସେ ଜଣେ ଆଗଧାଡ଼ିର ମଞ୍ଚ ସଂଯୋଜକ। କେବଳ ଏତିକି ତାଙ୍କର ପରିଚୟ ନୁହେଁ, ସାହିତ୍ୟ ସାଧନାର ଜଣେ ନିରଳସ ସାଧକ। କବିତା, ପ୍ରବନ୍ଧ ଲେଖିବାରେ ବି ତାଙ୍କର ରହିଛି ବିଶେଷ ରୁଚି। ପୁରୀ ସହରର ଯେ କୌଣସି ସାଂସ୍କୃତିକ କାର୍ଯ୍ୟକ୍ରମରେ ତାଙ୍କ ଉପସ୍ଥିତି ଦେଖିବାକୁ ମିଳିବ। ଆୟୋଜକଙ୍କଠାରୁ ଡାକରା ତ ଆସିଥିବ ନିଶ୍ଚୟ। ଯଦି ବି କେହି ଭୁଲିଯାଇ ତାଙ୍କୁ ଖବର ଦେଇନାହାନ୍ତି ସେ କିନ୍ତୁ କାର୍ଯ୍ୟକ୍ରମ ଆରମ୍ଭ ପୂର୍ବରୁ ଆପଣାଛାଏଁ ପହଞ୍ଚିଯାନ୍ତି ତାଙ୍କ ସାଇକେଲ୍ ଧରି। ପୁରୀର ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ, ସାହିତ୍ୟ ଅନୁଷ୍ଠାନ ସହ ସାମିଲ ଥିବା ଜଣେ ସଫଳ ମଞ୍ଚ ସଂଯୋଜକ ହେଉଛନ୍ତି ୫୫ ବର୍ଷୀୟ ଶ୍ୟାମପ୍ରକାଶ ସେନାପତି। ଜଣେ ନିଆରା ମଣିଷ ମଧ୍ୟ। ଏକ ବିଶ୍ୱ ରେକର୍ଡ ବି ରହିଛି ତାଙ୍କ ନାଁରେ। ଆର୍ଥିକ ଦୃଷ୍ଟିରୁ ସେ ବେଶ୍ ସମୃଦ୍ଧ ଆଉ ସ୍ୱଚ୍ଛଳ। ଚାହିଁଥିଲେ ଏକାଧିକ ବାଇକ୍ ଏବଂ ଚାରିଚକିଆ ଗାଡି ଚଢିପାରିଥାନ୍ତେ। ହେଲେ ସେ ନିଜର ଶରୀର ଚାର୍ଯ୍ୟାକୁ ପ୍ରାଧାନ୍ୟ ଦେଇ ୪୫ ବର୍ଷ ହେବ ସାଇକେଲ୍‌କୁ ସାଥୀ କରିଛନ୍ତି। ସମସ୍ତଙ୍କୁ ସୁସ୍ଥ ରହିବାର ବାର୍ତ୍ତା ବାଣ୍ଟୁଥିବା ଶ୍ୟାମପ୍ରକାଶ ପରୋକ୍ଷରେ ପରିବେଶ ସୁରକ୍ଷା ପାଇଁ ବି ବାର୍ତ୍ତା ଦେଉଛନ୍ତି।



ଶ୍ୟାମପ୍ରକାଶ ସେନାପତି ପୁରୀର ଏକ ପ୍ରତିଷ୍ଠିତ ପରିବାରର ପୁଅ। କିଶୋର ଅବସ୍ଥାରୁ ଆଜି ପର୍ଯ୍ୟନ୍ତ ପ୍ରାୟ ୪୫ ବର୍ଷ ହେବ ସାଇକେଲ ଚଳାଉଥିବାରୁ ସେ ଏବେ ସମ୍ପୂର୍ଣ୍ଣ ଫିଟ୍ ରହିଛନ୍ତି। ଯାତାୟତ ପାଇଁ ଯେତେ ପ୍ରତିକୂଳ ପରିସ୍ଥିତି ଆସିଥିଲେ ବି କେବେ ସେ ଗାଡିମୁହାଁ ହୋଇନାହାନ୍ତି। ବାଇକ୍‌ଟିଏ କିଣିବାକୁ ବି ଆଗ୍ରହ ପ୍ରକାଶ କରିନାହାନ୍ତି। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ପ୍ରତିଦିନ ସାଇକେଲ ଚଳାଇ ବିଭିନ୍ନ ସ୍ଥାନକୁ ଯିବାଆସିବା କରୁଥିବାରୁ ସେ ସମ୍ପୂର୍ଣ୍ଣ ଫିଟ୍ ରହିଛି। ୨୦/୨୫ ବର୍ଷ ପୂର୍ବରୁ ତାଙ୍କ ସ୍ୱାସ୍ଥ୍ୟ ଯେମିତି ଥିଲା ଏବେ ସେମିତି ରହିଛି। ଏହାଦ୍ୱାରା ସେ ଅନ୍ୟକୁ ସୁସ୍ଥତାର ବାର୍ତ୍ତା ଦେଉଥିବା ବେଳେ ପରୋକ୍ଷରେ ପରିବେଶ ସୁରକ୍ଷା ଦିଗରେ ମଧ୍ୟ ସହଭାଗିତା ରଖୁଛନ୍ତି।

ଶ୍ରୀ ସେନାପତି କୁହନ୍ତି, ସାଇକେଲ ପରିବେଶ ଅନୁକଳ। ନିୟମିତ ସାଇକେଲ ଚଳାଇବା ଦ୍ୱାରା ସ୍ୱାସ୍ଥ୍ୟ ଫିଟ୍ ଏବଂ ସୁସ୍ଥ ରୁହେ। ପ୍ରତ୍ୟେକ ଦିନ ୧ ଘଣ୍ଟା ସାଇକେଲ ଚଳାଇବା ଫଳରେ ମୋଟାପଣ ସହ ଶରୀରର ୭୦ ପ୍ରତିଶତ ସମସ୍ୟା ନିୟନ୍ତ୍ରିତ ହୁଏ। ପ୍ୟାଡଲ ମାରିବା ଦ୍ୱାରା ଅଣ୍ଟା ଉପର ଓ ତଳ ଅଂଶ ସକ୍ରିୟ ହୋଇଥାଏ। ମଧ୍ୟମ ବେଗରେ ନିୟମିତ ସାଇକେଲ ଚଳାଇବା ଦ୍ୱାରା ପ୍ରଶ୍ୱାସ ତନ୍ତ୍ରର ମାଂସପେଶୀ ମଜ୍‌ବୁତ ରୁହେ। ଭବିଷ୍ୟତରେ ଗଣ୍ଠିଜନିତ ସମସ୍ୟା ସୃଷ୍ଟି ହେବାର ସମ୍ଭାବନା କମ୍ ଥାଏ। ସାଇକେଲ ଚଳାଇବା ମଜା ନିଆରା। ସକାଳୁ ଘରୁ ବାହାରି ଫେରିବା ପର୍ଯ୍ୟନ୍ତ ମୋ ସହିତ ସାଇକେଲ ରହିଥାଏ ବୋଲି କହିଛନ୍ତି ଶ୍ରୀ ସେନାପତି। ଦିନକୁ ଏବେ ପ୍ରାୟ ୧୦ରୁ ୧୫ କିମି ସାଇକେଲ ଚଳାଉଥିବା ଶ୍ୟାମପ୍ରକାଶ ସାଇକେଲ ଚଳାଇ କଟକ ମଧ୍ୟ ଯାଇଛନ୍ତି। ପରିବେଶକୁ ପ୍ରଦୂଷଣମୁକ୍ତ ସହ ନିଜ ଶରୀରକୁ ସୁସ୍ଥ ରଖିବା ପାଇଁ ସମସ୍ତେ ସାଇକେଲ ଚଳାଇବା ଦରକାର ବୋଲି କହିଛନ୍ତି ଶ୍ୟାମପ୍ରକାଶ ସେନାପତି।

## ଶ୍ରୀମନ୍ଦିରରେ ଜଳକ୍ରୀଡ଼ା ଏକାଦଶୀ

**ପୁରୀ, ୨।୬(ସମିସ):** ଶ୍ରୀମନ୍ଦିରରେ ରବିବାର ଜଳକ୍ରୀଡ଼ା ଏକାଦଶୀ ଅନୁଷ୍ଠିତ ହୋଇଯାଇଛି। ମହାପ୍ରଭୁଙ୍କ ଯାତ ଭୋଗ ସରିବା ପରେ ମଦନମୋହନ ଓ ଶ୍ରୀଦେବୀ ଆଜ୍ଞାମାଳ ପାଇଥିଲେ। ଏହାପରେ ଦେବଦେବୀଙ୍କୁ ବଟମୂଳେ ଥିବା ପାଲିଙ୍କିରେ ବିଜେ କରାଯାଇଥିଲା। ପାଲିଙ୍କିକୁ ବିମାନବଡୁ ସେବକମାନେ ବିମଳା ମନ୍ଦିର ସମ୍ମୁଖରେ ଥିବା ଜଳକ୍ରୀଡ଼ା ମଣ୍ଡପକୁ ନେଇଥିଲେ। ମହାଜନ ସେବକମାନେ ମଦନମୋହନ ଓ ଶ୍ରୀଦେବୀଙ୍କୁ ଜଳକ୍ରୀଡ଼ା ମଣ୍ଡପକୁ ବିଜେ କରାଇଥିଲେ। ପୂର୍ବରୁ ଜଳକୁ ପବିତ୍ର କରାଯାଇ କୁଣ୍ଡରେ ପୂର୍ଣ୍ଣ କରାଯାଇଥିଲା। ଠାକୁର ଠାକୁରାଣୀ ସେହି ଜଳ କୁଣ୍ଡରେ ସ୍ନାନ କରିଥିଲେ। ଜଳକୁଣ୍ଡରେ ଥିବା ଅବସ୍ଥାରେ ତାଙ୍କ ନିକଟରେ ପଞ୍ଚୋପଚାର ବିଧିରେ ଶୀତଳଭୋଗ ମଣୋହି ଏବଂ ବନ୍ଦାପନା କରାଯାଇଥିଲା। ଏହାପରେ ଠାକୁର ଠାକୁରାଣୀ ଜଳକୁଣ୍ଡରୁ ବାହାର କରାଯିବା ପରେ ବେଶ କରାଯାଇଥିଲା। ଏହି ସମସ୍ତ ନୀତି ସାରି ମଦନମୋହନ ଓ ଶ୍ରୀଦେବୀ ପାଲିଙ୍କିରେ ବିଜେ ହୋଇ ପ୍ରତ୍ୟାବର୍ତ୍ତନ କରିଥିଲେ। ଶ୍ରୀଦେବୀ ରତ୍ନସିଂହାସନକୁ ଏବଂ ମଦନମୋହନ ଦକ୍ଷିଣୀଘରକୁ ବିଜେ କରିଥିଲେ। ମହାପ୍ରଭୁଙ୍କ ଭିତର ଚନ୍ଦନ ଲାଗିକାଳୀନ ଏହା ହେଉଛି ପ୍ରଥମ ଜଳକ୍ରୀଡ଼ା।

## କର୍ମଚାରୀଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି

**ପୁରୀ, ୨।୬(ସମିସ):** ପୁରୀ ଜିଲ୍ଲା ପରିଷଦରେ କାର୍ଯ୍ୟରତ ସେକ୍ସନ ଅଫିସର ଲୋକନାଥ ମହାନ୍ତିଙ୍କ ଅକାଳ ବିୟୋଗରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ରବିବାର ଅନୁଷ୍ଠିତ ଏହି ସ୍ମୃତିଚାରଣ କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଶାସନ ରାଜୀବ କୁମାର ବେହେରା ଅଧ୍ୟକ୍ଷତା କରିଥିଲେ। ସ୍ୱର୍ଗତ ମହାନ୍ତି ରାଜସ୍ୱ ବିଭାଗର କର୍ମଚାରୀ ଥିବାବେଳେ ଡେପୁଟେସନରେ ଜିଲ୍ଲା ପରିଷଦର ସେକ୍ସନ ଅଫିସର ଭାବେ କାର୍ଯ୍ୟ କରୁଥିଲେ। ସେ ଜଣେ ମିଷ୍ଟଭାଷୀ ଓ ସମସ୍ତଙ୍କ ସହ ମିଶି କାର୍ଯ୍ୟ କରୁଥିବା କର୍ମଚାରୀ ଥିଲେ। ତାଙ୍କର ବିୟୋଗ ଆମ ପାଇଁ ଓ ତାଙ୍କ ପରିବାର ପାଇଁ ବିରାଟ କ୍ଷତି ବୋଲି ସେ କହିବା ସହ ତାଙ୍କ ପ୍ରତି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ପରେ ସମସ୍ତ ଅଧିକାରୀ ଓ କର୍ମଚାରୀ ସ୍ୱର୍ଗତ ମହାନ୍ତିଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ ସହ ତାଙ୍କ ଶୋକସନ୍ତପ୍ତ ପରିବାର ପ୍ରତି ସମବେଦନା ଜଣାଇଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ବୈଷୟିକ ବିମଳ ଚନ୍ଦ୍ର ତିରିଆ, କାର୍ଯ୍ୟ ନିର୍ବାହୀ ଅଧିକାରୀ ଅର୍ଥ ବାଣୀଭୂଷଣ ଦାଶ, ସନ୍ତୋଷ କୁମାର ବରାଳ ଓ ଅନ୍ୟାନ୍ୟ କର୍ମଚାରୀମାନେ ଯୋଗଦେଇଥିଲେ।

### ଭଉଁରି ଯାତ୍ରା ବାଣ ବିସ୍ଫୋରଣ ଘଟଣା

# ଅପରିଚିତଙ୍କ ଠିକଣା ପାଇଁ ସହଯୋଗ ଲୋଡ଼ିଲା ପ୍ରଶାସନ

**ପୁରୀ, ୨।୬(ସମିସ):** ନରେନ୍ଦ୍ର ପୁଷ୍କରିଣୀରେ ମହାପ୍ରଭୁଙ୍କ ଭଉଁରି ଯାତ୍ରା ସମୟରେ ଘଟିଥିଲା ଭୟାନକ ବାଣ ବିସ୍ଫୋରଣ। ଏହି ଦୁର୍ଘଟଣାରେ ଆହତ ହୋଇ କଟକ ବଡ ଡାକ୍ତରଖାନାରେ ଚିକିତ୍ସାଧୀନ ଜଣେ ବ୍ୟକ୍ତିଙ୍କର ଶନିବାର ରାତିରେ ମୃତ୍ୟୁ ଘଟିଛି। ମେଡିକାଲ କାଗଜରେ ତାଙ୍କ ନାମ ଦିବ୍ୟରଞ୍ଜନ ସାହୁ, ପିତାଙ୍କ ନାମ ଦୁଷ୍ମନ୍ତ ସାହୁ ଏବଂ ଠିକଣା ପୁରୀ ବୋଲି ଉଲ୍ଲେଖ ରହିଥିବା ଏସ୍‌ସିବି ମେଡିକାଲ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ଦିବ୍ୟରଞ୍ଜନଙ୍କ ପ୍ରକୃତ ଠିକଣା ମିଳିପାରୁ ନାହିଁ। ଏ ସମ୍ପର୍କରେ ବିଭିନ୍ନ ଥାନା ପକ୍ଷରୁ ମଧ୍ୟ ଠିକଣା ତଲାସ ପାଇଁ ଉଦ୍ୟମ କରାଯାଉଛି। ଏଭଳି ସମ୍ବେଦନଶୀଳ ଘଟଣାରେ ସହଯୋଗ ପୂର୍ବକ କୌଣସି ବ୍ୟକ୍ତି ଦିବ୍ୟରଞ୍ଜନଙ୍କ ବିଷୟରେ ଜାଣିଥାଇପାରନ୍ତି ତେବେ ପୁରୀ ଜିଲ୍ଲା ଜରୁରୀ ବିଭାଗ କିମ୍ବା ତହସିଲଦାର ପୁରୀଙ୍କୁ ଅବଗତ କରାଇବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଉଛି।

### ଆହତଙ୍କ ଆଶୁ ଆରୋଗ୍ୟ ପାଇଁ ଦୀପଦାନ

ନରେନ୍ଦ୍ର ପୁଷ୍କରିଣୀରେ ମହାପ୍ରଭୁଙ୍କ ଚାପ ଖେଳ ବେଳେ ଘଟିଥିଲା ଭୟାନକ ବାଣ ବିସ୍ଫୋରଣ। ଏହି ଘଟଣାରେ ୧୩ ଜଣଙ୍କ ଅକାଳ ବିୟୋଗ ଘଟିଥିବା ବେଳେ ଏବେ ବି ହସ୍ପିଟାଲରେ ୧୭ ଜଣ ଚିକିତ୍ସାଧୀନ ଅଛନ୍ତି। ତେବେ ଏହି ଦୁର୍ଘଟଣାରେ ମୃତକଙ୍କ ଆତ୍ମାର ସଦ୍‌ଗତି ଏବଂ ଆହତଙ୍କ ଆଶୁ ଆରୋଗ୍ୟ କାମନା କରି ଶ୍ରୀକ୍ଷେତ୍ର ବିକାଶ ମଞ୍ଚ ପକ୍ଷରୁ ସିଂହଦ୍ୱାର ସମ୍ମୁଖରେ ସମୂହ ଦୀପଦାନ କରାଯାଇଛି। ଆହତମାନେ ଯେପରି ଶୀଘ୍ର ସୁସ୍ଥ ହୋଇ ଘରକୁ ଫେରିବେ ସେଥିପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରାଯାଇଛି। ଶ୍ରୀକ୍ଷେତ୍ର ବିକାଶ ମଞ୍ଚର ସମସ୍ତ କାର୍ଯ୍ୟକର୍ତ୍ତା ଏବଂ ଏହି ଅଭାବନୀୟ ଘଟଣାରେ ମ୍ରିୟମାଣ ହୋଇଥିବା ବ୍ୟକ୍ତିବିଶେଷ ସାମିଲ ହୋଇଥିଲେ। ଆଗାମୀ ଦିନରେ ଏଭଳି ଦୁର୍ଘଟଣାର ଯେପରି ପୁନରାବୃତ୍ତି ନ ହୁଏ ସେଥିଲାଗି ମହାପ୍ରଭୁଙ୍କ ନିକଟରେ ସମସ୍ତେ ପ୍ରାର୍ଥନା କରିଥିଲେ।



ପିକ୍‌ଅପ୍‌କୁ ଧକ୍କାଦେଲା ଯାତ୍ରୀବାହୀ ଟାଟା ମ୍ୟାଜିକ୍

# ଡ୍ରାଇଭର ସମେତ ୮ରୁ ଊର୍ଦ୍ଧ୍ୱ ଆହତ





ନିମାପଡ଼, ୨।୬(ସମିସ): ନିମାପଡ଼ା-ପିପିଲି ମୁଖ୍ୟରାସ୍ତା ରଟିଲୋ ଛକ ନିକଟରେ ରବିବାର ଅପରାହ୍ନରେ ଦୁର୍ଘଟଣା ଘଟି ୮ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଆହତ ହୋଇଥିବା ଜଣାପଡ଼ିଛି। ପିପିଲିରୁ ନିମାପଡ଼ା ଆସୁଥିବା ଯାତ୍ରୀବାହୀ ଟାଟା ମ୍ୟାଜିକ ରଟିଲୋ ଛକ ନିକଟରେ ଛିଡା ହୋଇଥିବା ଏକ ପିକ୍‌ଅପ ଭ୍ୟାନ ପଛପଟୁ ଧକ୍କା ଦେବାରୁ ମ୍ୟାଜିକରେ ଥିବା ୮ରୁ ଊର୍ଦ୍ଧ୍ୱ ଯାତ୍ରୀ ଆହତ ହୋଇଥିବା ଜଣାପଡ଼ିଛି। ସେଥି ମଧ୍ୟରୁ ଡ୍ରାଇଭର ସମେତ ଦୁଇଜଣ ଗୁରୁତର ହେଇଥିବା ବେଳେ ତାଙ୍କୁ ନିମାପଡ଼ା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା କରାଯାଇ ଭୁବନେଶ୍ୱର ୬ନମ୍ବର ସ୍ଥାନାନ୍ତରିତ କରାଯାଇଛି। ଅନ୍ୟଆହତ




ବ୍ୟକ୍ତିମାନେ ହେଲେ ଘନଶ୍ୟାମ ଭୋଇ(୫୫)ରେଞ୍ଚ, ପରମାନନ୍ଦ କାଣ୍ଡି (୫୫)ହରିଶପୁର, ନରହରି କାଣ୍ଡି (୪୫), ସୁରେନ୍ଦ୍ରକାଣ୍ଡି(୪୭), ଚିନ୍ମୟପ୍ରଧାନ(୨୪), ଗୁରୁତର, ଜୟକୃଷ୍ଣ ଭୋଇ(୫୫)ଗୁରୁତର, ରମେଶ ବେହେରା (୬୨) ସମେତ ଅନ୍ୟ ଆହତଙ୍କୁ ଚିକିତ୍ସା କରାଯାଇଛି। ପୁଲିସ ଗାଡିକୁ ଜବତ କରି ତଦନ୍ତ ଚଳାଇଛି।

କାକଟପୁର ବ୍ଲକରେ ୭୩.୭୦ପ୍ରତିଶତ ମତଦାନ

# ମତ ସାବ୍ୟସ୍ତ କଲେ ୩୪, ୭୬୦ଜଣ ମହିଳା



ଗମ୍ଭାରୀପଦା, ୨।୬(ସମିସ): କାକଟପୁର ବ୍ଲକ ଅନ୍ତର୍ଗତ ୧୬ଟି ପଞ୍ଚାୟତର ୧୦୨ଟି ମତଦାନ କେନ୍ଦ୍ରରେ ଅନୁଷ୍ଠିତ ଗଣତାନ୍ତ୍ରିକ ପଦ୍ଧତିରେ ମତଦାନ କାଁଭାଁ କିଛି ଘଟଣାକୁ ଛାଡିଦେଲେ ଶାନ୍ତିପୂର୍ଣ୍ଣ ଭାବରେ ସମାପନ ହୋଇଯାଇଛି। ଓଥକା ଓ ସୁହାଗପୁର ପଞ୍ଚାୟତର କିଛି ବୁଥରେ ମକ୍‌ପୁଲକୁ ନେଇ ଉପୁଜିଥିବା ସମସ୍ୟାର ସମାଧାନ ମଣ୍ଡଳ ଉନ୍ନୟନ ଅଧିକାରୀ ବିଷ୍ଣୁ ଗୋବିନ୍ଦଙ୍କ ହସ୍ତକ୍ଷେପ ଫଳରେ ସମାଧାନ ହୋଇଥିଲା। ପ୍ରକାଶଥାଉକି ୯୩, ୭୭୫ ଜଣ ଭୋଟରଙ୍କୁ ମଧ୍ୟରୁ ୬୯, ୧୧୪ ଜଣ ମତ ସାବ୍ୟସ୍ତ କରିଥିଲେ। ସେମାନଙ୍କ ମଧ୍ୟରୁ ୩୪, ୩୫୪ଜଣ ପୁରୁଷ ମତଦାତା ହୋଇଥିବା ବେଳେ ୩୪, ୭୬୦ଜଣ ମହିଳା ମତଦାନ କରିଥିଲେ। କାକଟପୁର ସରକାରୀ ବାଳିକା ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଏ ଅଞ୍ଚଳର ଆର୍ଥିକ ଉନ୍ନତିର ମୁଖ୍ୟ ମାନଦଣ୍ଡ ସାଜିଥିବା ପାନଚାଷକୁ କେନ୍ଦ୍ରକରି ଥିମାଟିକ୍ ମତଦାନ କେନ୍ଦ୍ର କରାଯାଇଥିଲା। ବ୍ଲକସ୍ତରରେ ୪୦ଟି ମହିଳା ମତଦାନ କେନ୍ଦ୍ର, ୧୮ ଟି ସଖିବୁଥ୍, ଇକୋ ବୁଥ୍ ୧ଟି, ଭିନ୍ନକ୍ଷମ ବୁଥ ୧ଟି, ୟଙ୍ଗ ବୁଥ୍ ଗୋଟିଏ କରାଯାଇ ଭୋଟରଙ୍କୁ ଅଧିକ ମତଦାନ ପାଇଁ ଆକୃଷ୍ଟ କରାଯାଇଥିବା ବିଏଲଓ ସୁପରଭାଇଜର ତ୍ରିଲୋଚନ ବିଶ୍ୱାଳଙ୍କ ଠାରୁ ପ୍ରକାଶ। ସାଧାରଣତଃ ପୁରୁଷଙ୍କ ଅପେକ୍ଷା କାକଟପୁର ବ୍ଲକରେ ମହିଳା ଭୋଟରମାନେ ଅଧିକ ସଂଖ୍ୟାରେ ମତଦାନ କରିଥିଲେ। କାକଟପୁର ଆଇଆଇସି ବିଜୟ କେତନ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଦେଢ଼ କମ୍ପାନୀ ସେଣ୍ଟ୍ରାଲ ଟିମ୍ ଓ ୧୩ଟି ପାଟ୍ରୋଲିଂ ଗାଡ଼ିର ସହାୟତାରେ ଶାନ୍ତିଶୃଙ୍ଖଳାର ସହ ମତଦାନ ସମ୍ପର୍ଣ୍ଣ ହୋଇଥିଲା।

● ଅସହ୍ୟ ଗୁଳୁଗୁଳିରେ ଅସ୍ତବ୍ୟସ୍ତ ଜନଜୀବନ

# ଦାଉ ସାଧୁଚି ଅଘୋଷିତ ବିଦ୍ୟୁତ୍ କାଟ୍

ଡେଲାଙ୍ଗ, ୨।୬(ସମିସ): ରାଜ୍ୟରେ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ଜାରି ରହିଥିବାରୁ ସାଧାରଣ ଲୋକେ ଅସହ୍ୟ ଗରମ ଓ ଗୁଳୁଗୁଳି ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ ଦାଉ ସାଧୁଛି ବିଜୁଳି ବିଭାଗ। ଅଂଶୁଘାତକୁ ଦୃଷ୍ଟିରେ ରଖି ଖରାରେ ଅତି ଆବଶ୍ୟକ ନପଡ଼ିଲେ ବାହାରକୁ ନବାହାରିବାକୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟଣ ବିଭାଗ ବାରମ୍ବାର ସୂଚନା ଦେଉଛି। ଅନ୍ୟପଟେ ବାରମ୍ବାର ଅଘୋଷିତ ବିଦ୍ୟୁତ୍ କାଟ କରାଯାଉଥିବାରୁ ଲୋକେ ଘରେ ମଧ୍ୟ ରହିପାରୁ ନାହାଁନ୍ତି। ଅସମ୍ଭାଳ ଗରମ ହେଉଥିବାରୁ ଛୋଟଛୁଆ ଘରେ ଶୋଇପାରୁନାହାନ୍ତି। ତେଣୁ ବିଜୁଳି ପଙ୍ଖା ନୁହଁ ହାତ ପଙ୍ଖା(ବିଞ୍ଚଣା) ଲୋକମାନଙ୍କର ସାହାରା ପାଲଟିଛି। ଅନ୍ୟପଟେ ଦିନ ୧୧ଟାରୁ ଡେଲାଙ୍ଗ ଅଞ୍ଚଳର ପ୍ରାୟ ବଜାରଘାଟ ଶୁନଶାନ ହୋଇପଡୁଛି। ବିଦ୍ୟୁତ୍ କାଟ ବନ୍ଦ ଲାଗି ବାରମ୍ବାର ଡେଲାଙ୍ଗ ବିଦ୍ୟୁତ୍ ବିଭାଗକୁ ଲୋକେ ଅଭିଯୋଗ କରୁଥିଲେ ମଧ୍ୟ ମରାମତି ପାଇଁ ବିଦ୍ୟୁତ୍ କାଟ କରାଯାଉଥିବା ବିଭାଗ ପକ୍ଷରୁ କୁହାଯାଉଛି। ଡେଲାଙ୍ଗ ଅଞ୍ଚଳର ଲୋକେ ହନ୍ତସନ୍ତ ହୋଇ ଗାଁ ଦାଣ୍ଡରେ ବୁଲୁଥିବା ଓ ଗଛମୂଳରେ ବସୁଥିବା ଭିଡିଓ ଭାଇରାଲ ହେଉଥିବା ବେଳେ ବିଜୁଳି ବିଭାଗର ନିଘା ନଥିବା ଅଭିଯୋଗ ହୋଇଛି। ତୁରନ୍ତ ଅଘୋଷିତ ବିଦ୍ୟୁତ୍‌କାଟ ବନ୍ଦ କରାନଗଲେ ଲୋକେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

# ବିଜେପି ନେତାଙ୍କ ଆକ୍ରମଣରେ ବିଜେଡି ନେତା ଲହୁଲୁହାଣ

ନୟାହାଟ, ୨।୬(ସମିସ):ସାଧାରଣ ନିର୍ବାଚନ ସରିବା ପରେ ବିଜେପି ହାରିବା ଭୟରେ ତାଙ୍କ କର୍ମୀମାନେ ରକ୍ତ ମୁଖା ହୋଇ ବିଜେଡି ନେତାମାନଙ୍କୁ ଗାଁ ଗହଳିରେ ପଶି ଆକ୍ରମଣ କରୁଥିବା ଆଲୋଡନ ସୃଷ୍ଟି କରିଛି। ଏହିଭଳି ଘଟଣା ବିରୁତୁଙ୍ଗ ପଞ୍ଚାୟତରେ ଦେଖିବାକୁ ମିଳିଛି, ବିରୁତୁଙ୍ଗ ପଞ୍ଚାୟତରେ ସରପଞ୍ଚ ବିଜେପି ସମର୍ଥିତ ହୋଇଥିବା ବେଳେ ଚଳିତ ସାଧାଣଣ ନିର୍ବାଚନରେ ଗଡ଼କରମଳା ଗ୍ରାମର ବିଜେଡି ନେତା କ୍ଷିରୋଦ କୁମାର ପରିଡ଼ା କିଛି ବିଜେପି ଲୋକଙ୍କୁ ଆଣି ବିଜେଡିରେ ମିଶାଇ ଭୋଟ ଦେବାରୁ ବିଜେପି କର୍ମୀମାନେ ଶନିବାର ଦିନ ଭୋଟଗ୍ରହଣ କେନ୍ଦ୍ର ଠାରେ କ୍ଷିରୋଦ ପରିଡ଼ାକୁ ଗାଳିଗୁଲଜ କରିଥିଲେ। ଶ୍ରୀ ପରିଡ଼ା କିଛି ନକହି ଘରକୁ ପଳାଇ ଥିଲେ, ରବିବାର ସକାଳେ କ୍ଷିରୋଦ ପରିଡ଼ା ଗଡ଼କରମଳା ଛକରେ ଠିଆ ହୋଇଥିବା ବେଳେ ଆଲୋକ ନାମକ ଜଣେ ବିଜେପିର ଜଣେ କର୍ମୀ ତାଙ୍କ ପଛପଟୁ ମାରଣାସ୍ତ୍ରରେ ଆକ୍ରମଣ କରି ଲହୁଲୁହାଣ କରିଥିଲେ। ଶ୍ରୀ ପରିଡ଼ାଙ୍କ ହାତ, ଗୋଡ, ମୁଣ୍ଡରେ ଆଘାତ ଲାଗିଥିବାରୁ ଆହାତ ଅବସ୍ଥାରେ ଭୁବନେଶ୍ୱର ମେଡ଼ିକାଲରେ ଚିକିତ୍ସାଧୀନ ଅଛନ୍ତି। ଗୋପ ଥାନାରେ ଅଭିଯୋଗ ହେବାପରେ ପୁଲିସ ଘଟଣାର ତଦନ୍ତ ଚଳାଇଛି। ଏବିଷୟରେ ଗୋପ ଥାନା ଆଇଆଇସି ପ୍ରଶାନ୍ତ ପଢ଼ିଆରୀଙ୍କୁ ପଚାରିବାରୁ ଅଭିଯୋଗକ୍ରମେ ମାମଲା ରୁଜୁ କରାଯାଇଛି ଅଭିଯୁକ୍ତକୁ ଖୁବ୍ ଗିରଫ କରାଯିବ ବୋଲି କହିଛନ୍ତି।

ସତ୍ୟବାଦୀ ସଙ୍ଗୀତ ମହାବିଦ୍ୟାଳୟ

# ବିଶ୍ୱ ଓଡ଼ିଶୀ ସଙ୍ଗୀତ ଦିବସ ପାଳିତ

ସାକ୍ଷୀଗୋପାଳ, ୨।୬(ସମିସ): ସତ୍ୟବାଦୀ ସଙ୍ଗୀତ ମହାବିଦ୍ୟାଳୟ ପକ୍ଷରୁ ବିଶ୍ୱ ଓଡ଼ିଶୀ ସଙ୍ଗୀତ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ଅବସରପ୍ରାପ୍ତ ପ୍ରଫେସର ବୃନ୍ଦାବନ ରଥ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍‌ଘାଟନ କରିଥିଲେ। ଓଡ଼ିଶୀ ସଙ୍ଗୀତକୁ ବିଶ୍ୱସ୍ତରରେ ପହଞ୍ଚାଇ ଥିବା ପୂଜ୍ୟ ସଙ୍ଗୀତ ଗୁରୁ ଓ ସଙ୍ଗୀତ ସାଧକମାନଙ୍କ ନିକଟରେ ଓଡ଼ିଶାବାସୀ କୃତଜ୍ଞ ବୋଲି ପ୍ର. ରଥ କହିଥିଲେ। ଓଡ଼ିଶୀ ସଙ୍ଗୀତ ଆସର ଏବଂ ଆଲୋଚନାଚକ୍ରରେ ମହାବିଦ୍ୟାଳୟ ର ଅଧ୍ୟାପକ, ବିଦ୍ୟାର୍ଥୀ ଓ କର୍ମକର୍ତ୍ତା ଅଂଶ ଗ୍ରହଣ କରିଥିଲେ। କିନ୍ତୁ ଓଡ଼ିଶୀ ସଙ୍ଗୀତକୁ ଶାସ୍ତ୍ରୀୟ ମାନ୍ୟତା ନମିଳିବା ଦୁର୍ଭାଗ୍ୟଜନକ ବୋଲି ଆଲୋଚନାଚକ୍ରରେ ମତ ପ୍ରକାଶ ପାଇଥିଲା। ଓଡ଼ିଆଭାଷା, ଓଡ଼ିଶୀ ନୃତ୍ୟକୁ ଶାସ୍ତ୍ରୀୟ ମାନ୍ୟତା ପ୍ରଦାନ କରାଯାଇଥିବା ବେଳେ ଓଡ଼ିଶୀ ସଙ୍ଗୀତକୁ ସ୍ୱତନ୍ତ୍ର ମାନ୍ୟତା ପାଇଁ ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କ ନିକଟରେ ବାରମ୍ବାର ପ୍ରସ୍ତାବ ଦେଇଥିଲେ ମଧ କେନ୍ଦ୍ର ସରକାର ଅଣଦେଖା କରିବା ଓଡିଆ ଓ ଓଡିଶୀ ପ୍ରତି ଦୁର୍ଭାଗଜନକ ବୋଲି ମତ ପ୍ରକାଶ ପାଇଥିଲା। ଓଡ଼ିଶୀ ସଙ୍ଗୀତ ଉପରେ ଅଧିକରୁ ଅଧିକ ଗବେଷଣା ଆବଶ୍ୟକ ରହିଛି ବୋଲି ସତ୍ୟବାଦୀ ସଙ୍ଗୀତ ମହାବିଦ୍ୟାଳୟର ସମ୍ପାଦକ ବଦ୍ରିନାରାୟଣ ଖୁଣ୍ଟିଆ ମତ ରଖିଥିଲେ। ଓଡ଼ିଶୀ ସଙ୍ଗୀତ ଗୁରୁ ଅଚ୍ୟୁତ ମହାରଣା, ଗୁରୁ ଅଶୋକ ସାହୁ, ଗୁରୁ ବ୍ରଜ କିଶୋର ମହାପାତ୍ର, ଗୁରୁ ଦୁର୍ଗା ପ୍ରସାଦ ମହାପାତ୍ର, ଦିଗମ୍ବର ରଥ, ଓଡ଼ିଶୀ ନୃତ୍ୟ ଗୁରୁ ଚିରସ୍ରୋତା ଖୁଣ୍ଟିଆ, ମୀରା ଦାଶ, ଗୁରୁ ବୈକୁଣ୍ଠନାଥ ସେଠୀ, ମାନସ ନାୟକ ପ୍ରମୁଖ ଓଡ଼ିଶୀ ସଙ୍ଗୀତ ଓ ବାଦ୍ୟଯନ୍ତ୍ର ପରିବେଷଣରେ ସହଯୋଗ କରିଥିଲେ।



ଗୋପ ବଜାରରେ ଘଣ୍ଟା ଘଣ୍ଟା ଧରି ଟ୍ରାଫିକ୍ ଜାମ୍

# ଫସି ରହିଲା ପର୍ଯ୍ୟଟକଙ୍କ ଗାଡ଼ି

ଗୋପ, ୨।୬(ସମିସ): ଗୋପ ବଜାର ମୁଖ୍ୟରାସ୍ତା ସଂକୀର୍ଣ୍ଣ ଯୋଗୁଁ ବିଭିନ୍ନ ସମୟରେ ଟ୍ରାଫିକ୍ ଜାମ୍ ଭଳି ପରିସ୍ଥିତି ସୃଷ୍ଟି ହୋଇଛି। ରବିବାର ସନ୍ଧ୍ୟାରେ ଘଣ୍ଟା ଘଣ୍ଟା ଧରି ଟ୍ରାଫିକ୍ ଜାମ୍ ହେବା ଫଳରେ ପର୍ଯ୍ୟଟକଙ୍କ ଗାଡ଼ି ସହ ଆମ୍ବୁଲାନ୍ସ ମଧ୍ୟ ଦୀର୍ଘ ସମୟ ପର୍ଯ୍ୟନ୍ତ ଫଶି ରହିଥିଲା। ଗୋପ ବଜାର ଛକ ଠାରୁ ଦୀର୍ଘ ୧ କି.ମି. ପର୍ଯ୍ୟନ୍ତ ଗାଡ଼ିଗୁଡ଼ିକ ଛିଡ଼ା ହୋଇ ରହିଥିବା ବେଳେ ପର୍ଯ୍ୟଟକଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳିଥିଲା। ଗୋପ ବଜାରରେ ବେଆଇନ୍ ପାର୍କିଂ ଯୋଗୁଁ ଏଭଳି ଟ୍ରାଫିକ୍ ସମସ୍ୟା ସୃଷ୍ଟି ହୋଇଥିବା ପର୍ଯ୍ୟଟକମାନେ ଅଭିଯୋଗ କରିଛନ୍ତି। ବିଭିନ୍ନ ସମୟରେ ଗୋପ ଛକ ଉପରେ ବିଭିନ୍ନ ଯାନବାହାନ ଗୁଡ଼ିକ ବେଆଇନ୍ ଭାବେ ପାର୍କିଂ କରାଯାଉଥିବା ବେଳେ ପୁଲିସ୍ ପକ୍ଷରୁ କୌଣସି ପଦକ୍ଷେପ ନିଆନଯିବାରୁ ରବିବାର ଏଭଳି ସମସ୍ୟା ଦେଖିବାକୁ ମିଳିଥିଲା। ଗୋପ ଥାନାରେ କର୍ମଚାରୀ ଅଭାବ ଯୋଗୁଁ ବିଭିନ୍ନ ସମସ୍ୟା ସୃଷ୍ଟି ହେଉଥିବା ବେଳେ ଦିନକୁ ଦିନ ଆଇନ୍ ଶୃଙ୍ଖଳା ପରିସ୍ଥିତି ବିଗିଡ଼ିବାରେ ଲାଗିଛି। ସେହିପରି ଟ୍ରାଫିକ୍ ନିୟନ୍ତ୍ରଣ କରିବାରେ ପୁଲିସ୍ ସମ୍ପୂର୍ଣ୍ଣ ବିଫଳ ହୋଇଥିବା ଯୋଗୁଁ ଅସନ୍ତୋଷ ସୃଷ୍ଟି ହୋଇଛି। ଏସମ୍ପର୍କରେ ଗୋପ ଥାନା ନିକଟରେ ଖବର ଥିଲେ ମଧ୍ୟ ଟ୍ରାଫିକ୍ ଜାମ୍ ପରିସ୍ଥିତି ନିୟନ୍ତ୍ରଣ କରିବା ପୁଲିସ୍ ଅଣଦେଖା କରିଥିଲା। ଏସମ୍ପର୍କରେ ଥାନାଧିକାରୀ ପ୍ରଶାନ୍ତ କୁମାର ପଢ଼ିଆରୀଙ୍କୁ ପଚାରିବାରୁ ଟ୍ରାଫିକ୍ ଜାମ୍ ସମ୍ପର୍କରେ ଅଭିଯୋଗ ପାଇବା ମାତ୍ରେ ତୁରନ୍ତ ପୁଲିସ୍ କର୍ମଚାରୀ ପଠାଯାଇଥିଲା ଓ ଖୁବ୍ କମ୍ ସମୟ ମଧ୍ୟରେ ଟ୍ରାଫିକ୍ ପରିସ୍ଥିତିକୁ ନିୟନ୍ତ୍ରଣ କରାଯାଇଥିଲା ବୋଲି କହିଛନ୍ତି।



# ଚିଲିକା ଉପକୂଳରେ ନିଶା ଦେଇ ପକ୍ଷୀ ଶିକାର



କଣାସ, ୨।୬(ସମିସ): କଣାସ ବ୍ଲକର ଶେଷସୀମା ଚିଲିକା ଦୟାନଦୀର ମୁହାଁଣ ଠାରୁ ମକରାନଦୀ ମହାଁଣ ଦେଇ ଭୁଷଣ୍ଡପୁର ପର୍ଯ୍ୟନ୍ତ ଚିଲିକା ଉପକୂଳରେ ପକ୍ଷୀମାନଙ୍କୁ ନିଶା ଔଷଧ ଦେଇ ଶିକାରୀମାନେ ଧରିନେଉଥିବା ବେଳେ ଶିକାରୀଙ୍କ ପ୍ରତି ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉନି। ଶୀତଋତୁ ଆସିଲେ ବିଭିନ୍ନ ଦେଶରୁ ଲକ୍ଷଲକ୍ଷ ଚଢ଼େଇ ଚିଲିକାକୁ ଆସନ୍ତି ଏବଂ ଗ୍ରୀଷ୍ମର ଆଗମନ ହେବାପରେ ନିଜ ଦେଶକୁ ଫେରିଯାଆନ୍ତି। କିନ୍ତୁ କିଛି ବର୍ଷ ହେଲା ଦେଖିବାକୁ ମିଳୁଛି ଅନେକ ବିଦେଶୀ ପକ୍ଷୀ ଚିଲିକା ଉପକୂଳର ଗାଁଗଣ୍ଡାରେ ଧାନଖାଇବା ପାଇଁ ରହିଯାଉଛନ୍ତି। ବର୍ତ୍ତମାନ ଅନେକ ଗେଣ୍ଡାଳିଆ, ପେଟିଆ, କାମଚଢ଼େଇ ଚିଲିକା ଉପକୂଳ ଗ୍ରାମ ଗୋପିନାଥପୁର, ପାଇକମରା, ସାନଓରା, ବଡଓରା, ଓଗାଳପୁର, ଗଙ୍ଗାଧରପୁର, ଦୋଛିଁଆ, ଆଳିପଡ଼ା, ନୂଆଗାଁ, ଦେଇପୁର ମୌଜାର ଧାନଜମିରେ ପୋକ, ଜୋକ ଖାଉଥିବା ବେଳେ ଚିଲିକା ଉପକୂଳରେ ଜମା ହୋଇଥିବା କଲିକତି ଦଳ ଓ କଇଁଫୁଲ କେଶରକୁ ଖାଉଛନ୍ତି। ପକ୍ଷୀମାନଙ୍କୁ ଶିକାର କରିବା ଲାଗି ଶିକାରୀମାନେ ଧାନ ଜମିରେ ଛିଟିକିଣି ବସାଇବା ସହିତ କଇଁଫୁଲ କେଶରରେ ସିରିଞ୍ଜି ମାଧ୍ୟମରେ ନିଶାଯୁକ୍ତ ଔଷଧ ପୁରାଇ ପକ୍ଷୀମାନଙ୍କୁ କରାୟତ କରୁଛନ୍ତି। ଶୀତଋତୁରେ ବିଦେଶୀ ପକ୍ଷୀମାନଙ୍କ ସୁରକ୍ଷା ପାଇଁ ଟାଙ୍ଗି ବନ ବିଭାଗ, ସାତପଡ଼ା ଓ ବାଲୁଗାଁ ପକ୍ଷୀ ସୁରକ୍ଷା ବିଭାଗ ପକ୍ଷରୁ କଡାକଡି ବ୍ୟବସ୍ଥା ଥିବା ବେଳେ ବର୍ତ୍ତମାନ କୌଣସି ସୁରକ୍ଷା ବ୍ୟବସ୍ଥା ନଥିବାରୁ ଶିକାରୀମାନେ ଦୈନଦିନ ନିବିଘ୍ନରେ ଶହଶହ ପକ୍ଷୀ ଶିକାର କରୁଛନ୍ତି। ପକ୍ଷୀ ସୁରକ୍ଷା ପ୍ରତି ଦୃଷ୍ଟି ଦେବାପାଇଁ ପକ୍ଷୀପ୍ରେମୀ ନିବେଦନ କରିଛନ୍ତି।



ପୃଥିବୀକୁ ଅଧିକ ଉତ୍ତମ ରୂପେ ଗଢ଼ିବା ପାଇଁ ଜ୍ଞାନ ହାସଲ କରିବା ଶିକ୍ଷାର ଅସଲ ଉଦ୍ଦେଶ୍ୟ : କେବଳ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ନୁହେଁ!
-ସୋନମ୍ ୱାଙ୍ଗଚୁକ୍



ସକାଳ
THE SAKALA

# ଭାରତର ବିଶାଳ ଜନାଦେଶ ମନ୍ଥନ

ଭାରତର ପରିପକ୍ୱ ଗଣତନ୍ତ୍ର ଆଉ ଗୋଟିଏ ପାହାଚ ଉପରକୁ ଉଠିଲା। ଆମ ଦେଶର ଅଠରତମ ସାଧାରଣ ନିର୍ବାଚନ କୋଳାହଳମୟ ବ୍ୟସ୍ତତାପୂର୍ଣ୍ଣ, ଉତ୍କାଂକ୍ଷା ଓ ନିମ୍ନସ୍ତରର ପ୍ରତିଦ୍ୱନ୍ଦ୍ୱିତା ତଥା ଅନିୟନ୍ତ୍ରିତ କ୍ଷମତା ଲୋଭର ପରାକାଷ୍ଠା ପ୍ରଦର୍ଶନ ପରେ ଏବେ ଦେଶର ବିଭିନ୍ନ ଜିଲ୍ଲାରେ ଉଚ୍ଚସୁରକ୍ଷା ବଳୟ ମଧ୍ୟରେ ଜନାଦେଶର ସନ୍ତକ ବହନ କରି ଗଚ୍ଛିତ ହୋଇ ରହିଛନ୍ତି ଲକ୍ଷ ଲକ୍ଷ ଇଲେକ୍ଟ୍ରୋନିକ୍ସ ଭୋଟିଂ ମେସିନ (ଇଭିଏମ୍) ଓ ଭିଭିପାଟ୍ ଯନ୍ତ୍ରମାନ। ସାରା ଦେଶ ଯେମିତି ଶାନ୍ତିର ନିଃଶ୍ୱାସ ମାରୁଛି ଗୋଟାଏ ତୋଫାନୀ ଅଭିଯାନର ପରିସମାପ୍ତିରେ। ଭାରତର ସବୁଠାରୁ ଦୀର୍ଘତମ କାଳ ଧରି ଲମ୍ବିତ ସାଧାରଣ ନିର୍ବାଚନର କୋଳାହଳପୂର୍ଣ୍ଣ ପରିସମାପ୍ତି ପରେ ରାଜନେତା, ମତଦାତା, ନିର୍ବାଚନ କମିଶନ୍‌ର କର୍ତ୍ତବ୍ୟନିଷ୍ଠ ପରିଚାଳନା ଶୃଙ୍ଖଳ ଓ ପ୍ରଶାସନ କଳର ଲକ୍ଷ ଲକ୍ଷ ଅଧିକାରୀ ଓ କର୍ମଚାରୀ। ସତେଯେମିତି କନ୍ୟାକୁମାରୀଠାରେ ଅବସ୍ଥିତ ବିବେକାନନ୍ଦ ସ୍ମୃତି ପ୍ରସ୍ତରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ଶାନ୍ତ ଧ୍ୟାନ ମୁଦ୍ରାରେ ସମସ୍ତ ରାଷ୍ଟ୍ର ଯୋଗାବିଷ୍ଟ। ଗୋଟିଏ ଘଟଣାବହୁଳ ନିର୍ବାଚନୀ ସୁନାମୀ ପରେ ଯେମିତି ବହୁ ଅପେକ୍ଷିତ ଶାନ୍ତି ଓ ନିରବତା। ପୃଥିବୀର ସର୍ବବୃହତ୍ ଗଣତନ୍ତ୍ରର ବୃହତ୍ତମ ନିର୍ବାଚନ ପ୍ରକ୍ରିୟାରେ ମାନବ ଇତିହାସରେ ସର୍ବକାଳୀନ ବିଶାଳତମ ଜନାଦେଶ-ମନ୍ଥନର ଫଳାଫଳର ପ୍ରତୀକ୍ଷାରେ ସାରା ବିଶ୍ୱ, ସାରା ଦେଶ ଓ ଆମର ସାରା ଓଡ଼ିଶା!

କିନ୍ତୁ ଗତ ସନ୍ଧ୍ୟାଠାରୁ ଅନ୍ୟଏକ ଗୁଞ୍ଜରଣ ଆରମ୍ଭ ହୋଇଛି ରାଷ୍ଟ୍ର ଭିତରେ ଓ ବାହାରେ ମହାଭାରତୀୟ ଜନାଦେଶ ମନ୍ଥନର ପୂର୍ବାଭାସକୁ ନେଇ। ନିର୍ବାଚନୀ କସରତରେ କିଏ ଜିଣିବ କିଏ ହାରିବ ତାହା ଆସନ୍ତାକାଲି ଭୋଟ ଗଣନାରୁ ତ ନିଶ୍ଚୟ ସ୍ପଷ୍ଟ ହେବ ହିଁ ହେବ। କିନ୍ତୁ ତା'ପୂର୍ବରୁ ସାଙ୍କେତିକ ତଥା ଗାଣିତିକ ସୂତ୍ରର ଆନୁମାନିକ ଅବଲମ୍ବନରେ ବୁଥ୍‌ବାହୁଡ଼ା ମତଦାତାଙ୍କ ମନ୍ତବ୍ୟର ସାରାଂଶକୁ ନେଇ ରାଷ୍ଟ୍ରବ୍ୟାପୀ ଅଙ୍କ କଷାକଷି ତଥା ଜନାଦେଶ ସର୍ଭେର ଚର୍ବିତ ଚର୍ବଣ ଆରମ୍ଭ ହୋଇସାରିଛି। ପ୍ରକୃତ ଭୋଟଗଣନା ପୂର୍ବରୁ ଏଭଳି ସାମ୍ପଲ୍ ସର୍ଭେ ପଶ୍ଚିମା ଗଣତନ୍ତ୍ରର ହିଁ ଅନୁକରଣରେ ଆମ ଦେଶରେ ପ୍ରାୟ ଗତ ସତୁରୀ ଦଶକଠାରୁ। ଏପରିକି ଜନମତ ସର୍ଭେ ବିଶେଷଜ୍ଞ ଓ ଜନମତ ସର୍ଭେ ଘରୋଇ ଅନୁଷ୍ଠାନସବୁ ଦେଶସାରା ଗଢ଼ିଉଠିଛି। ରାଷ୍ଟ୍ରୀୟ ତଥା ଆଞ୍ଚଳିକ ଗଣମାଧ୍ୟମ ଏଭଳି ଜନାଦେଶ ସର୍ଭେର ଅନୁଶୀଳନ ମଞ୍ଚ ରୂପେ ବହୁତ ଲୋକପ୍ରିୟତା ଅର୍ଜନ କରିଛି। ଭାରତ ଭଳି ବିଶାଳ ଜନସଂଖ୍ୟା ବିଶିଷ୍ଟ ଦେଶରେ ପ୍ରାୟ ୯୭ କୋଟି ଭୋଟର ଓ ସେହି ଅନୁପାତରେ ମତଦାନ କେନ୍ଦ୍ର ସାରାଦେଶରେ ଜନମତର ସାଙ୍କେତିକ ସଂଗ୍ରହ କିଭଳି ନିର୍ଭରଯୋଗ୍ୟ ଭାବରେ ସମ୍ଭବ ହୋଇପାରୁଛି ତାହା ଏକ ସ୍ୱତନ୍ତ୍ର ଆଲୋଚନାର ଅପେକ୍ଷା ରଖେ। କେତେବର୍ଷ ତଳେ ଏହିଭଳି ଜନମତ ସର୍ଭେ ସଂସ୍ଥାମାନଙ୍କରେ କିପରି ଆର୍ଥିକ ପ୍ରଲୋଭନ ତଥା ଆର୍ଥିକ ପୃଷ୍ଠପୋଷକତା ଜରିଆରେ ଇଚ୍ଛାମୁତାବକ ଜନମତ ସଂଗୃହୀତ ହୋଇପାରୁଛି ତାହାର ଏକ ପର୍ଦ୍ଦାଫାଶ ହୋଇଥିଲା। ସାମୂହିକ ବିଶ୍ୱସନୀୟତା ହରାଇବା ପରେ ମଧ୍ୟ ଦେଶର ଆଗୁଆ ଜନମତ ସର୍ଭେ ସଂସ୍ଥା ପୁଣି ସକ୍ଷମ, ସଫଳ ଓ ପ୍ରଭାବୀ ଢଙ୍ଗରେ ଦେଶରେ ନିର୍ବାଚୀନ ଜନମତର ଆକଳନ କିପରି କରୁଛନ୍ତି ତାହା ନିଶ୍ଚୟ ବିସ୍ମୟକର। ଏଭଳି ସଂସ୍ଥାମାନଙ୍କର ଖୋଲାଖୋଲି ରାଜନୈତିକ ପୃଷ୍ଠପୋଷକତା ସତ୍ତ୍ୱେ ସାଧାରଣ ନିର୍ବାଚନ ଭଳି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମକୁ କିପରି ପ୍ରଭାବିତ କରି ଆସୁଛନ୍ତି ତାହା ଚିନ୍ତା କଲେ ବିସ୍ମିତ ହେବାକୁ ପଡ଼େ। ବୋଧହୁଏ ସମୟ ଆସିଗଲାଣି, ଯେତେବେଳେ ଆମ ଦେଶରେ କାର୍ଯ୍ୟରତ ଏହି ପେସାଦାର ଜନମତ ସର୍ଭେ ସଂସ୍ଥା ଆଇନଗତ ପଞ୍ଜିକରଣ ଓ ନିୟନ୍ତ୍ରଣ ବିଷୟରେ ଗମ୍ଭୀର ଭାବେ ଆଲୋଚନା ଆବଶ୍ୟକ। ନ ହେଲେ 'ତିନିତୁଣ୍ଡରେ ଛେଳି କୁକୁର' ଭଳି ଲୋକକଥାର ଅବତାରଣା ଦିନକୁ ଦିନ ବଢ଼ି ଚାଲିବ। ଆମର ବିଜ୍ଞାନୀ ଗଣମାଧ୍ୟମ କର୍ମକର୍ତ୍ତାମାନେ ବୋଧହୁଏ ଏହି ଦୁର୍ବଳତାକୁ ହୃଦୟଙ୍ଗମ କରି ସବୁ ଅଗ୍ରଣୀ ଜନମତ ସର୍ଭେ ସଂସ୍ଥା ଦ୍ୱାରା ପ୍ରକାଶିତ ନିର୍ବାଚନ ଫଳାଫଳର ପୂର୍ବଭାସର 'ହାରହାରି' ବା 'ପୋଲ୍ ଅଫ୍ ପୋଲ୍‌ସ' ଭଳି ଗୋଟିଏ ନୂଆ ଫର୍ମୁଲା ଆବିଷ୍କାର କରିଛନ୍ତି। ଗତ ତିନି/ଚାରିଟି ସାଧାରଣ ନିର୍ବାଚନରେ ଆୟୋଜିତ ବିଭିନ୍ନ ଜନାଦେଶ ସର୍ଭେ ସଂସ୍ଥାଙ୍କର ବୁଥ୍‌ବାହୁଡ଼ା ଭବିଷ୍ୟବାଣୀ ଯେଭଳି ଶୋଚନୀୟ ଭାବେ ବିଫଳ ହୋଇଛି ସେଥିରୁ ଅନୁମାନ କରାଯାଏ ବୁଥ୍‌ବାହୁଡ଼ା ମତ ସର୍ଭେର ଇନ୍ଦ୍ରଜାଲ ଖେଳ କେତେ ବିଜ୍ଞାନସମ୍ମତ ଓ କେତେ ନିଛକ ମନୋରଞ୍ଜନ। ଗଣମାଧ୍ୟମ ବଜାରର ଅର୍ଥନୀତି ପ୍ରକରଣରେ ଏହି ପ୍ରମୁଖ ମାଇଲଖୁଣ୍ଟଟି ନିର୍ବାଚନୀ ଜନାଦେଶ ସମ୍ଭାବ୍ୟ ଗଣିତର ଗୁଡ଼ିଉଡ଼ା ପର୍ବ କେତେ ସତ କେତେ ମିଛ ତାହା ନ କହିଲେ ଭଲ।

ବେଳେ ବେଳେ ମନେ ହୁଏ ଭାରତୀୟ ନିର୍ବାଚନ ପ୍ରକରଣର ବିଶାଳତାରେ ବିସ୍ମିତ ହୋଇ ଆମେ ସବୁ ନିର୍ବାଚନର ମୁଖ୍ୟ ଉଦ୍ଦେଶ୍ୟକୁ ଅବହେଳା କରୁନାହୁଁ ତ? ଯେଉଁମାନେ ନିର୍ବାଚନ ରଣଭୂମିରେ ଭୋଟ ମାଗିବାକୁ ଠିଆ ହୋଇଛନ୍ତି, ସେମାନଙ୍କ ଦଳର ଆଦର୍ଶ ଓ ଉଦ୍ଦେଶ୍ୟ କ'ଣ, ସେମାନଙ୍କ ଆଜି ପର୍ଯ୍ୟନ୍ତ ପ୍ରଶାସନିକ ତଥା ଜନସ୍ୱାର୍ଥ ସମ୍ବଳିତ କାର୍ଯ୍ୟକ୍ରମର ଅଭିଜ୍ଞତା କ'ଣ, ଆଗକୁ ସେମାନେ ଆମ ପାଇଁ କ'ଣ କରିବାକୁ ପ୍ରତିଶ୍ରୁତି ଦେଉଛନ୍ତି ଏବଂ ଯେଉଁ ନିର୍ବାଚନ ପ୍ରାର୍ଥୀଟି ତାଙ୍କ ପକ୍ଷରୁ ଆମ ଆଗରେ ହାତଯୋଡ଼ି ଠିଆ ହୋଇଛି, ତାହାର ବ୍ୟକ୍ତିଗତ କାର୍ଯ୍ୟପଞ୍ଜିକା କ'ଣ - ଏ ସବୁ ନିର୍ବାଚନ ପୂର୍ବରୁ ମତଦାତାମାନଙ୍କ ବୁଝିବା ପାଇଁ ସ୍ପଷ୍ଟ ଭାବରେ ଚର୍ଚ୍ଚିତ ହେଉଛି ତ? ରାଲି, ରୋଡଶୋ', 'ହାତୀ ଦେବି ଛତି ଦେବି' ରଙ୍ଗୀନ ସ୍ୱପ୍ନର ପ୍ରଚାର ଆଦିରେ ଭୋଟରମାନଙ୍କୁ ଭୋଟ ପ୍ରାର୍ଥୀଙ୍କ ସହ ଅବାଧ ଆଲୋଚନା ପାଇଁ ସମୟ ଓ ମଞ୍ଚ ମିଳୁଛି ତ? ଭୋଟ ପ୍ରତ୍ୟାଶୀମାନେ ଯେଉଁସବୁ 'ରେବଡ଼ୀ' ଜାତୀୟ ପ୍ରଲୋଭନ ଦେଖାଉଛନ୍ତି ସେଗୁଡ଼ିକ ଆମ ଦେଶର ଓ ରାଜ୍ୟର ଅର୍ଥନୀତିର ଅନୁକୂଳ ହେବ ତ? ଏହାଛଡ଼ା ନିର୍ବାଚନ ଇସ୍ତାହାରଗୁଡ଼ିକରେ ଯାହା ସ୍ୱପ୍ନ ବଣ୍ଟାଯାଉଛି ସେଗୁଡ଼ିକ ବାସ୍ତବରେ ଦିଆଯାଉଛି କି ନାହିଁ ତାହାର ତତ୍ତ୍ୱାବଧାନ କରିବା ପାଇଁ କୌଣସି ସାମ୍ବିଧାନିକ ବା ଆଇନଗତ ପ୍ରକ୍ରିୟା ଜନସାଧାରଣଙ୍କ ପାଇଁ ଉପଲବ୍ଧ ଅଛି ତ? ନିକଟରେ ଉଚ୍ଚତମ ନ୍ୟାୟାଳୟ ଗୋଟିଏ ଆବେଦନ ଭିତ୍ତିରେ ଏକ ଜାତୀୟ କମିଟି ଗଠନ କରିବାକୁ ମନସ୍ଥ କରିଛନ୍ତି, ଯିଏ ରାଜନୈତିକ ଦଳମାନଙ୍କ ଦ୍ୱାରା ଘୋଷିତ ବିଭିନ୍ନ ଅର୍ଥ ବଣ୍ଟନ ଯୋଜନା ଆଦି ପାଇଁ ସେହି ଦଳମାନଙ୍କୁ ଦାୟୀ କରିବା ଲାଗି ଶାସନ ସଂସ୍କାରର ପରିକଳ୍ପନା କରିବେ।

ସଦ୍ୟ ସମାପ୍ତ ସାଧାରଣ ନିର୍ବାଚନରେ ବିଭିନ୍ନ ଦଳର ତୁଙ୍ଗ ରାଜନେତା ଯେଉଁଭଳି ଅଶାଳୀନ ଭାଷାର ପ୍ରୟୋଗ କରିଛନ୍ତି ତାହା ଆମ ଗଣତାନ୍ତ୍ରିକ ପରମ୍ପରାର ଶୁଦ୍ଧତା ଓ ନୈତିକତା ପାଇଁ ଏକ ବଡ଼ ପ୍ରଶ୍ନବାଚୀ। ଏଭଳି ଘଟଣାମାନଙ୍କୁ ନେଇ ନିର୍ବାଚନ କମିଶନ୍‌ଙ୍କ ପାଖରେ ଫେରାଦ ହେଲା ପରେ ମଧ୍ୟ ସମ୍ୟକ କାର୍ଯ୍ୟାନୁଷ୍ଠାନ ହୋଇନାହିଁ ବୋଲି ବିଭିନ୍ନ ମହଲରୁ ମତ ପ୍ରକାଶ ପାଉଛି। ଏହାଛଡ଼ା ନିର୍ବାଚନ କମିଶନରମାନଙ୍କ ଚୟନ ପ୍ରକ୍ରିୟା ନେଇ ଏକ ସ୍ୱଚ୍ଛ ଓ ସୁସ୍ଥ ପରମ୍ପରା ହେବା ଉଚିତ ବୋଲି ମଧ୍ୟ ମତ ପ୍ରକାଶ ପାଇଛି। ସେହିପରି ସାତ ପର୍ଯ୍ୟାୟ ଦୀର୍ଘ ନିର୍ବାଚନ କାର୍ଯ୍ୟକ୍ରମକୁ ନେଇ ମଧ୍ୟ ନିର୍ବାଚନ କମିଶନ୍‌ଙ୍କ ନିରପେକ୍ଷତାକୁ ନେଇ ପ୍ରଶ୍ନ ଉଠିଛି। ଏହାଛଡ଼ା ମତଦାନ କେନ୍ଦ୍ରରେ ଅବ୍ୟବସ୍ଥା, ଭୋଟିଂ ମେସିନ୍ ଅଚଳ ହେବାର ବହୁସଂଖ୍ୟକ ଘଟଣା, ନିର୍ବାଚନ କମିଶନ୍ ଦ୍ୱାରା ପ୍ରତିପର୍ଯ୍ୟାୟ ଶେଷରେ ଭୋଟିଂ ପରିସଂଖ୍ୟାନ ଘୋଷଣାରେ ଅବହେଳା ଇତ୍ୟାଦି ବହୁ ଗୁରୁତ୍ୱପୂର୍ଣ୍ଣ ବିଷୟ ମଧ୍ୟ ତର୍କର ବିଷୟ ପାଲଟିଛି ଏବଂ ଉଚ୍ଚତମ ଅଦାଲତ ପର୍ଯ୍ୟନ୍ତ ମାମଲା ଯାଇଛି। ନିର୍ବାଚନ ଖର୍ଚ୍ଚ ସୀମା ନିମିତ୍ତ ତତ୍ତ୍ୱାବଧାନ ପ୍ରକ୍ରିୟା, ଅପରାଧୀଙ୍କୁ ନିର୍ବାଚନରୁ ଦୂରେଇ ରଖିବା, ଆଦର୍ଶ ଆଚରଣ ବିଧି ଉଲ୍ଲଙ୍ଘନ ବିରୋଧରେ ତତ୍କାଳ କାର୍ଯ୍ୟାନୁଷ୍ଠାନ ଆଦି ବିଷୟରେ ପୁନରାବଲୋକନ କରି ଆଇନ ଓ ନିୟମାବଳୀରେ ସଂଶୋଧନ ହେବା ଅତ୍ୟାବଶ୍ୟକ ହୋଇପଡ଼ିଛି। ଗଣତନ୍ତ୍ର ଓ ସମ୍ବିଧାନର ସୁରକ୍ଷା ପାଇଁ ନିର୍ବାଚନ ଗଙ୍ଗୋତ୍ରୀକୁ ଶୁଦ୍ଧ ଓ ସ୍ୱଚ୍ଛ କରିବା ସମୟ ଆସିଯାଇଛି। ●

## ଘୋଷଣା

ଦୈନିକ **'ସକାଳ'** ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

# କନ୍ୟାକୁମାରୀରେ ସାଧନାରୁ ଜନ୍ମ ନେଲା ନୂଆ ସଂକଳ୍ପ



ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

**ମୋର ପ୍ରିୟ ଦେଶବାସୀଗଣ,**

ଗଣତନ୍ତ୍ରର ଜନନୀରେ ଗଣତନ୍ତ୍ରର ସବୁଠାରୁ ବଡ଼ ପର୍ବ ଆଜି ଜୁନ୍ ପହିଲାରେ ପୂରଣ ହେଉଛି। କନ୍ୟାକୁମାରୀରେ ତିନି ଦିନର ଆଧ୍ୟାତ୍ମିକ ଯାତ୍ରା ପରେ ମୁଁ ଏବେ ଦିଲ୍ଲୀ ଅଭିମୁଖେ ବିମାନରେ ଚଢ଼ିଛି। କାଶୀ ସମେତ ଅନେକ ଆସନରେ ମତଦାନ ଚାଲିଛି। ଅନେକ ଅଭିଜ୍ଞତା ଅଛି, ଅନେକ ଅନୁଭୂତି ବି ଅଛି... ମୁଁ ନିଜ ଭିତରେ ଅସୀମ ଶକ୍ତିର ପ୍ରବାହ ଅନୁଭବ କରୁଛି। ବାସ୍ତବରେ ଏହି ୨୪ ନିର୍ବାଚନରେ ଅନେକ ସୁଖଦ ସଂଯୋଗ ଦେଖିବାକୁ ମିଳିଛି। ଅମୃତକାଳର ଏହି ପ୍ରଥମ ଲୋକସଭା ନିର୍ବାଚନରେ ମୁଁ ୧୮୫୭ ମସିହାର ପ୍ରଥମ ସ୍ୱାଧୀନତା ସଂଗ୍ରାମର ପ୍ରେରଣାସ୍ଥଳୀ ମେରଠରୁ ପ୍ରଚାର ଆରମ୍ଭ କରିଥିଲି। ମା' ଭାରତୀର ପରିକ୍ରମା କରି ଏହି ନିର୍ବାଚନର ମୋର ଶେଷ ସଭା ପଞ୍ଜାବର ହୋସିଆରପୁରଠାରେ ଅନୁଷ୍ଠିତ ହୋଇଥିଲା। ସନ୍ଥ ରବିଦାସଜୀଙ୍କ ତପୋଭୂମିରେ, ଆମ ଗୁରୁମାନଙ୍କ ଭୂମି ପଞ୍ଜାବରେ ଶେଷ ସଭା ହେବାର ସୌଭାଗ୍ୟ ମଧ୍ୟ ଅତ୍ୟନ୍ତ ସ୍ୱତନ୍ତ୍ର। ଏହାପରେ କନ୍ୟାକୁମାରୀରେ ଭାରତ ମାତାଙ୍କ ଚରଣରେ ବସିବାର ସୁଯୋଗ ପାଇଥିଲି। ସେହି ପ୍ରାରମ୍ଭିକ ମୁହୂର୍ତ୍ତରେ ମୋ ମନରେ ନିର୍ବାଚନର କୋଳାହଳ ଗୁଞ୍ଜରିତ ହେଉଥିଲା। ସଭା, ସଡ଼କ ଶୋଭାଯାତ୍ରାରେ ମୁଁ ଦେଖିଥିବା ଅଗଣିତ ଚେହେରା ମୋ ଆଖି ସାମ୍ନାକୁ ଆସୁଥିଲା। ମା', ଭଉଣୀ ଓ ଝିଅମାନଙ୍କର ଅସୀମ ସ୍ନେହର ସେହି ଜୁଆର, ସେମାନଙ୍କ ଆଶୀର୍ବାଦ... ସେହି ବିଶ୍ୱାସ, ଯାହା ସେମାନଙ୍କ ଆଖିରେ ମୋ ପାଇଁ ପ୍ରତିଫଳିତ ହୋଇଥିଲା ... ମୁଁ ସବୁ କିଛି ଅନୁଭବ କରୁଥିଲି। ମୋ ଆଖି ଆର୍ଦ୍ର ହୋଇଯାଇଥିଲା... ମୁଁ ଶୂନ୍ୟତା ଭିତରକୁ ଯାଉଥିଲି, ସାଧନାରେ ପ୍ରବେଶ କରୁଥିଲି।

ଅଳ୍ପକିଛି ମୁହୂର୍ତ୍ତରେ ରାଜନୈତିକ ବିବାଦ, ଆକ୍ଷେପ ଓ ପ୍ରତିଆକ୍ଷେପ... ଅଭିଯୋଗର ସ୍ୱର ଓ ଶବ୍ଦ ଶୂନ୍ୟତା ଭିତରେ ସମାହିତ ହୋଇଯାଇଥିଲା। ମନରେ ଥିବା ବୈରାଗ୍ୟ ଭାବନା ଆହୁରି ତୀବ୍ର ହୋଇଗଲା... ମୋ ମନ ବାହ୍ୟ ଜଗତରୁ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇଗଲା। ଏତେ ବଡ଼ ଦାୟିତ୍ୱ ମଧ୍ୟରେ ଏଭଳି ସାଧନା କଷ୍ଟକର, କିନ୍ତୁ କନ୍ୟାକୁମାରୀର ମାଟି ଏବଂ ସ୍ୱାମୀ ବିବେକାନନ୍ଦଙ୍କ ପ୍ରେରଣା ଏହାକୁ ସହଜ କରିଦେଇଥିଲା। ମୁଁ ମଧ୍ୟ ମୋ କାଶୀ ଭୋଟରଙ୍କ ଚରଣରେ ସାଂସଦ ଭାବେ ମୋର ନିର୍ବାଚନକୁ ଛାଡ଼ି ଏଠାକୁ ଆସିଥିଲି। ମୁଁ ଭଗବାନଙ୍କ ନିକଟରେ କୃତଜ୍ଞ ଯେ ସେ ମୋତେ ଜନ୍ମରୁ ଏହି ସଂସ୍କାର ଦେଇଛନ୍ତି। ମୁଁ ଏହା ମଧ୍ୟ ଭାବୁଥିଲି ଯେ ସ୍ୱାମୀ ବିବେକାନନ୍ଦ ଜୀ ସେହି ସ୍ଥାନରେ ତାଙ୍କ ସାଧନା ସମୟରେ କ'ଣ ଅନୁଭବ କରିଥିବେ ! ମୋ ସାଧନାର କିଛି ଅଂଶ ଏହି ପ୍ରକାର ବିଚାରରେ ପ୍ରବାହିତ ହେଲା।

ଏହି ବୈରାଗ୍ୟ ମଧ୍ୟରେ, ଶାନ୍ତି ଏବଂ ନିରବତା ମଧ୍ୟରେ, ମୁଁ ଭାରତର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଭାରତର ଲକ୍ଷ୍ୟ ପାଇଁ ନିରନ୍ତର ବିଚାରରେ ବୁଡ଼ି ରହିଥିଲି। କନ୍ୟାକୁମାରୀର ଉଦୀୟମାନ ସୂର୍ଯ୍ୟ ମୋ ବିଚାରକୁ ନୂତନ ଉଚ୍ଚତା ଦେଇଥିଲା, ସମୁଦ୍ରର ବିଶାଳତା ମୋ ବିଚାରକୁ ବିସ୍ତାର କରିଥିଲା, ଆଉ ଦିଗନ୍ତର ବିସ୍ତାର ମୋତେ ବ୍ରହ୍ମାଣ୍ଡର ଗଭୀରତାରେ ଥିବା ଏକାତ୍ମ ଭାବନା ଏବଂ ମୁକ୍ତ ବିଚାର ବିଷୟରେ ନିରନ୍ତର ଅନୁଭବ କରାଇଥିଲା। ଲାଗୁଥିଲା, ଯେମିତି କିଛି ଦଶନ୍ଧି ପୂର୍ବେ ହିମାଳୟ କୋଳରେ କରିଥିବା ଚିନ୍ତନ ଓ ଅନୁଭୂତି ପୁନର୍ଜୀବିତ ହେଉଛି।

ସାଥୀମାନେ, କନ୍ୟାକୁମାରୀର ଏହି ସ୍ଥାନ ସବୁବେଳେ ମୋ ମନର ଅତି ନିକଟତର ରହିଆସିଛି। କନ୍ୟାକୁମାରୀଠାରେ ବିବେକାନନ୍ଦ ଶିଳା ସ୍ମାରକୀକୁ ଶ୍ରୀଏକନାଥ ରାନାଡେ ଜୀ ନିର୍ମାଣ କରାଇଥିଲେ। ଏକନାଥଜୀଙ୍କ ସହ ମୋତେ ବହୁତ ଭ୍ରମଣ କରିବାର ସୁଯୋଗ ମିଳିଥିଲା। ଏହି ସ୍ମାରକୀ ନିର୍ମାଣ ସମୟରେ କିଛିସମୟ କନ୍ୟାକୁମାରୀରେ ରହିବା ଓ ଦର୍ଶନ କରିବା ସ୍ୱାଭାବିକ ଥିଲା।

କାଶ୍ମୀରରୁ କନ୍ୟାକୁମାରୀ... ପ୍ରତ୍ୟେକ ଦେଶବାସୀଙ୍କ ହୃଦୟରେ ଏହା ହେଉଛି ଆମର ସାଧାରଣ ପରିଚୟ। ଏହା ହେଉଛି ସେହି ଶକ୍ତିପୀଠ ଯେଉଁଠାରେ ମା' ଶକ୍ତି କନ୍ୟାକୁମାରୀ ଭାବରେ ଅବତାର ନେଇଥିଲେ। ଏହି ଦକ୍ଷିଣ ପ୍ରାନ୍ତରେ ମା' ଶକ୍ତି ତପସ୍ୟା କରି ଭାରତର ଉତ୍ତର ପ୍ରାନ୍ତରେ ହିମାଳୟରେ ବସିଥିବା ଭଗବାନ ଶିବଙ୍କୁ ଅପେକ୍ଷା କରି ରହିଥିଲେ। କନ୍ୟାକୁମାରୀ ହେଉଛି ସଙ୍ଗମସ୍ଥଳୀର ଭୂମି। ଆମ ଦେଶର ପବିତ୍ର ନଦୀଗୁଡ଼ିକ ବିଭିନ୍ନ ସମୁଦ୍ରରେ ମିଶିଥା'ନ୍ତି ଏବଂ ଏଠାରେ ସେହି ସମୁଦ୍ରମାନେ ମିଶିଛନ୍ତି। ଏଠାରେ ଆଉ ଏକ ମହାନ ସମାଗମ ହୋଇଥାଏ - ଭାରତର ଆଦର୍ଶଗତ ସଙ୍ଗମ!

ବିବେକାନନ୍ଦ ଶିଳା ସ୍ମାରକୀ ସହିତ ସନ୍ଥ ତିରୁୱଲ୍ଲୁବରଙ୍କର ଏକ ବିଶାଳ ପ୍ରତିମୂର୍ତ୍ତି, ଗାନ୍ଧୀ ମଣ୍ଡପମ୍ ଏବଂ କାମରାଜର୍ ମଣି ମଣ୍ଡପମ୍ ରହିଛି। ମହାନ ବୀରମାନଙ୍କର ବିଚାର ଏଠାରେ ରାଷ୍ଟ୍ର ଚିନ୍ତନର ସଂଗମ ସୃଷ୍ଟି କରିଥାଏ। ଏହାଦ୍ୱାରା ରାଷ୍ଟ୍ର ନିର୍ମାଣ ପାଇଁ ମହାନ ପ୍ରେରଣା ସୃଷ୍ଟି ହୋଇଥାଏ। ଯେଉଁମାନେ ଭାରତ ଓ ରାଷ୍ଟ୍ରର ଏକତା ଉପରେ ସନ୍ଦେହ କରନ୍ତି, ସେମାନଙ୍କୁ କନ୍ୟାକୁମାରୀର ଏହି ଭୂମି ଏକତାର ଏକ ଅବିସ୍ମରଣୀୟ ବାର୍ତ୍ତା ଦେଇଥାଏ। କନ୍ୟାକୁମାରୀରେ ଥିବା ସନ୍ଥ ତିରୁୱଲ୍ଲୁବରଙ୍କ ବିଶାଳ ପ୍ରତିମୂର୍ତ୍ତି ସମୁଦ୍ରରୁ ମା' ଭାରତୀଙ୍କ ବିସ୍ତାରକୁ ଦେଖୁଥିବା ପ୍ରତୀୟମାନ ହୋଇଥାଏ। ତାଙ୍କ ରଚନା 'ତିରୁକୁରଲ' ତାମିଲ ସାହିତ୍ୟର ରତ୍ନ ସହ ଜଡ଼ିତ ଏକ ମୁକୁଟ ପରି। ଏଥିରେ ଜୀବନର ପ୍ରତ୍ୟେକ ଦିଗକୁ ବର୍ଣ୍ଣନା କରାଯାଇଛି, ଯାହା ଆମକୁ ନିଜ ପାଇଁ ଏବଂ ଦେଶ ପାଇଁ ସର୍ବଶ୍ରେଷ୍ଠ ପ୍ରଦର୍ଶନ କରିବାକୁ ପ୍ରେରଣା ଦେଇଥାଏ। ଏପରି ଜଣେ ମହାନ ବ୍ୟକ୍ତିତ୍ୱଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ମଧ୍ୟ ମୋର ବଡ଼ ସୌଭାଗ୍ୟ।

ସାଥୀମାନେ, ସ୍ୱାମୀ ବିବେକାନନ୍ଦ କହିଥିଲେ- ପ୍ରତ୍ୟେକ ରାଷ୍ଟ୍ରର ଏକ ବାର୍ତ୍ତା ଥାଏ, ପୂରଣ କରିବା ଲାଗି ଏକ ଲକ୍ଷ୍ୟ ଥାଏ, ପହଞ୍ଚିବା ପାଇଁ ଏକ ଭାଗ୍ୟ ଥାଏ। ହଜାର ହଜାର ବର୍ଷ ଧରି ଭାରତ ଏହି ଭାବନା ସହିତ ସାର୍ଥକ ଉଦ୍ଦେଶ୍ୟ ନେଇ ଆଗେଇ ଚାଲିଛି। ଭାରତ ହଜାର ହଜାର ବର୍ଷ ଧରି ବିଭିନ୍ନ ବିଚାରର ଗବେଷଣା କେନ୍ଦ୍ର ପାଲଟିଛି। ଆମେ ଆର୍ଥିକ କିମ୍ବା ଭୌତିକ ମାନଦଣ୍ଡରେ ଯାହା ଅର୍ଜିତ କରିଥିଲୁ ତାହାକୁ ଆମର ବ୍ୟକ୍ତିଗତ ପୁଞ୍ଜି କେବେ ବି ଭାବିନାହୁଁ। ସେଥିପାଇଁ 'ଇଦଂ ନ ମମ' ଏହା ଭାରତ ଚରିତ୍ରର ଏକ ପ୍ରାକୃତିକ ଓ ସ୍ୱାଭାବିକ ଅଙ୍ଗ ପାଲଟିଯାଇଛି।

ଭାରତର କଲ୍ୟାଣ ମାଧ୍ୟମରେ ବିଶ୍ୱକଲ୍ୟାଣ ଏବଂ ଭାରତର ପ୍ରଗତି ମାଧ୍ୟମରେ ବିଶ୍ୱର ପ୍ରଗତି, ସ୍ୱାଧୀନତା ଆନ୍ଦୋଳନ ମଧ୍ୟ ଏହାର ଏକ ବଡ଼ ଉଦାହରଣ। ୧୯୪୭ ମସିହା ଅଗଷ୍ଟ ୧୫ ତାରିଖରେ ଭାରତ ସ୍ୱାଧୀନ ହୋଇଥିଲା। ସେତେବେଳେ ପୃଥିବୀର ଅନେକ ଦେଶ ଦାସତ୍ୱରେ ଥିଲେ। ଭାରତର ସ୍ୱାଧୀନତା ମଧ୍ୟ ସେହି ଦେଶଗୁଡ଼ିକୁ ପ୍ରେରଣା ଦେଇଥିଲା ଓ ସୁଦୃଢ଼ କରିଥିଲା। ଫଳରେ ସେମାନେ ସ୍ୱାଧୀନତା ପାଇଥିଲେ। ନିକଟରେ କରୋନା ଭଳି କଠିନ ସମୟର ଉଦାହରଣ ମଧ୍ୟ ଆମ ସାମ୍ନାରେ ରହିଛି। ଯେତେବେଳେ ଗରିବ ଏବଂ ବିକାଶଶୀଳ ଦେଶଗୁଡ଼ିକ ବିଷୟରେ ଆଶଙ୍କା ପ୍ରକାଶ କରାଯାଉଥିଲା, ଭାରତର ସଫଳ ପ୍ରୟାସ ସେସବୁ ଦେଶକୁ ଉତ୍ସାହିତ କରିଥିଲା ଏବଂ ସେମାନଙ୍କୁ ସହଯୋଗ ମଧ୍ୟ ମିଳିଲା।

ଆଜି ଭାରତର ଶାସନ ମଡେଲ ବିଶ୍ୱର ଅନେକ ଦେଶ ପାଇଁ ଉଦାହରଣ ପାଲଟିଛି। ମାତ୍ର ୧୦ ବର୍ଷ ମଧ୍ୟରେ ୨୫ କୋଟି ଲୋକଙ୍କୁ ଦାରିଦ୍ର୍ୟମୁକ୍ତ କରିବା ଅଭୂତପୂର୍ବ। ଜନହିତକର ସୁଶାସନ, ଆକାଂକ୍ଷୀ ଜିଲ୍ଲା, ଆକାଂକ୍ଷୀ ବ୍ଲକ ଭଳି ଅଭିନବ ପରୀକ୍ଷଣ ଆଜି ବିଶ୍ୱରେ ଚର୍ଚ୍ଚାର ବିଷୟ ପାଲଟିଛି। ଗରିବଙ୍କୁ ସଶକ୍ତ କରିବାଠାରୁ ଆରମ୍ଭ କରି ଅନ୍ତିମ ସୋପାନରେ ସୁବିଧା ଓ ସେବା ପହଞ୍ଚାଇବା ପର୍ଯ୍ୟନ୍ତ ଅନ୍ତିମ ଫଙ୍କିରେ ଥିବା ବ୍ୟକ୍ତିଙ୍କୁ ପ୍ରାଥମିକତା ଦେବା ପାଇଁ ଆମର ପ୍ରୟାସ ବିଶ୍ୱକୁ ପ୍ରେରଣା ଦେଇଛି। ଆମେ କିପରି ଗରିବମାନଙ୍କୁ ସଶକ୍ତ କରିବା, ସ୍ୱଚ୍ଛତା ଆଣିବା ଏବଂ ସେମାନଙ୍କୁ ଅଧିକାର ଦେବା ପାଇଁ ପ୍ରଯୁକ୍ତିର ବ୍ୟବହାର କରିପାରିଛୁ, ବିଶ୍ୱ ପାଇଁ ତାହାର ଏକ ଶ୍ରେଷ୍ଠ ଉଦାହରଣ ପାଲଟିଛି ଭାରତର ଡିଜିଟାଲ ଇଣ୍ଡିଆ ଅଭିଯାନ। ଭାରତରେ ଶସ୍ତା ଡାଟା ଗରିବ ଲୋକଙ୍କୁ ସୂଚନା ଓ ସେବା ମିଳିବା ସୁନିଶ୍ଚିତ କରି ସାମାଜିକ ସମାନତାର ମାଧ୍ୟମ ପାଲଟିଛି। ସମଗ୍ର ବିଶ୍ୱ ପ୍ରଯୁକ୍ତିବିଦ୍ୟାର ଏହି ସାର୍ବଜନୀନକରଣକୁ ଗବେଷଣା ଦୃଷ୍ଟିକୋଣରୁ ଦେଖୁଛି ଏବଂ ବଡ଼ ବଡ଼ ବୈଶ୍ୱିକ ସଂଗଠନମାନେ ଆମ ମଡେଲରୁ ଶିଖିବା ପାଇଁ ଅନେକ ଦେଶକୁ ପରାମର୍ଶ ଦେଉଛନ୍ତି।

ଆଜି ଭାରତର ପ୍ରଗତି ଏବଂ ଭାରତର ଉନ୍ନତି କେବଳ ଭାରତ ପାଇଁ ଏକ ବଡ଼ ସୁଯୋଗ ନୁହେଁ। ସମଗ୍ର ବିଶ୍ୱରେ ଥିବା ଆମର ସମସ୍ତ ସାଥୀ ଦେଶମାନଙ୍କ ପାଇଁ ମଧ୍ୟ ଏହା ଏକ ଐତିହାସିକ ଅବସର। ଜି-୨୦ର ସଫଳତା ପରେ ଭାରତର ଏହି ଭୂମିକାକୁ ବିଶ୍ୱ ଅଧିକ ମୁଖର ହୋଇ ଗ୍ରହଣ କରୁଛି। ଆଜି ଭାରତ ଗ୍ଲୋବାଲ୍ ସାଉଥ୍ ବା ଦକ୍ଷିଣ ବିଶ୍ୱର ଏକ ଶକ୍ତିଶାଳୀ ଏବଂ ଗୁରୁତ୍ୱପୂର୍ଣ୍ଣ ସ୍ୱର ଭାବରେ ସ୍ୱୀକୃତି ହାସଲ କରିଛି। ଭାରତର ଉଦ୍ୟମରେ ଆଫ୍ରିକୀୟ ସଂଘ ଜି-୨୦ ରାଷ୍ଟ୍ର ଗୋଷ୍ଠୀରେ ସାମିଲ ହୋଇଥିଲା। ଏହା ସମସ୍ତ ଆଫ୍ରିକୀୟ ଦେଶର ଭବିଷ୍ୟତ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମୋଡ଼ ସାବ୍ୟସ୍ତ ହୋଇଛି।

ବନ୍ଧୁଗଣ, ନୂଆ ଭାରତର ଏହି ରୂପ ଆମକୁ ଗର୍ବ ଓ ଗୌରବରେ ଭରି ଦେଇଥାଏ, କିନ୍ତୁ ଏହା ସହିତ ୧୪୦ କୋଟି ଦେଶବାସୀଙ୍କୁ ନିଜ କର୍ତ୍ତବ୍ୟର ମଧ୍ୟ ଅନୁଭବ କରାଇଥାଏ। ଏବେ ଗୋଟିଏ ମୁହୂର୍ତ୍ତ ବି ନଷ୍ଟ ନକରି ଆମକୁ ବଡ଼ ଦାୟିତ୍ୱ ଓ ବଡ଼ ଲକ୍ଷ୍ୟ ଦିଗରେ ପଦକ୍ଷେପ ନେବାକୁ ପଡ଼ିବ। ଆମର ନୂଆ ସ୍ୱପ୍ନ ଅଛି। ନିଜ ସ୍ୱପ୍ନକୁ ନିଜ ଜୀବନ ଭାବେ ଗ୍ରହଣ କରନ୍ତୁ ଏବଂ ସେହି ସ୍ୱପ୍ନକୁ ସାକାର କରିବା ଆରମ୍ଭ କରନ୍ତୁ।

ଆମକୁ ଭାରତର ବିକାଶକୁ ଏକ ବିଶ୍ୱ ପରିପ୍ରେକ୍ଷୀରେ ଦେଖିବାକୁ ପଡ଼ିବ ଏବଂ ଏଥିପାଇଁ ଆମେ ଭାରତର ଅନ୍ତର୍ନିହିତ ସମ୍ଭାବନାକୁ ବୁଝିବା ଜରୁରୀ। ଆମକୁ ଭାରତର ଶକ୍ତିକୁ ସ୍ୱୀକାର ଏବଂ ସୁଦୃଢ଼ କରିବାକୁ ପଡ଼ିବ ଏବଂ ବିଶ୍ୱର ସ୍ୱାର୍ଥ ପାଇଁ ଏହାର ପୂର୍ଣ୍ଣ ଉପଯୋଗ କରିବାକୁ ହେବ। ଆଜିର ବୈଶ୍ୱିକ ପରିସ୍ଥିତିରେ, ଏକ ଯୁବ ରାଷ୍ଟ୍ର ଭାବରେ ଭାରତର ସାମର୍ଥ୍ୟ ଆମ ପାଇଁ ଏକ ଏପରି ସୁଖଦ ସଂଯୋଗ, ଯେଉଁଠାରୁ ଆମକୁ ଆଉ ପଛକୁ ଫେରି ଦେଖିବାକୁ ପଡିବ ନାହିଁ। ଏକବିଂଶ ଶତାବ୍ଦୀର ବିଶ୍ୱ ଭାରତକୁ ବହୁତ ଆଶାର ସହ ଦେଖୁଛି। ଆହୁରି ବିଶ୍ୱ ପରିପ୍ରେକ୍ଷୀରେ ଆଗକୁ ବଢ଼ିବାକୁ ହେଲେ ଆମକୁ ଅନେକ ପରିବର୍ତ୍ତନ କରିବାକୁ ପଡ଼ିବ। ସଂସ୍କାରକୁ ନେଇ ଆମର ପାରମ୍ପରିକ ଚିନ୍ତାଧାରା ମଧ୍ୟ ଆମକୁ ବଦଳାଇବାକୁ ପଡିବ। ଭାରତ କେବଳ ସଂସ୍କାରକୁ ଆର୍ଥିକ ପରିବର୍ତ୍ତନରେ ସୀମିତ ରଖିପାରିବ ନାହିଁ। ଜୀବନର ପ୍ରତ୍ୟେକ କ୍ଷେତ୍ରରେ ସଂସ୍କାର ଦିଗରେ ଆମକୁ ଆଗକୁ ବଢ଼ିବାକୁ ପଡ଼ିବ। ଆମ ସଂସ୍କାର ମଧ୍ୟ ୨୦୪୭ର ବିକଶିତ ଭାରତ ସଂକଳ୍ପ ସହିତ ସମାନ ହେବା ଉଚିତ୍।

ଆମକୁ ଏହା ମଧ୍ୟ ବୁଝିବାକୁ ହେବ ଯେ ସଂସ୍କାର କେବେ ବି କୌଣସି ଦେଶ ପାଇଁ ଏକ ଅଲଗା ପ୍ରକ୍ରିୟା ହୋଇପାରିବ ନାହିଁ। ସେଥିପାଇଁ ମୁଁ ଦେଶ ନିମନ୍ତେ 'ସଂସ୍କାର, ପ୍ରଦର୍ଶନ ଏବଂ ରୂପାନ୍ତର'ର ଲକ୍ଷ୍ୟ ରଖିଥିଲି। ସଂସ୍କାରର ଦାୟିତ୍ୱ ନେତୃତ୍ୱ ଉପରେ ରହିଛି। ସେହି ଆଧାରରେ ଆମ ଅମଲାତନ୍ତ୍ର କାର୍ଯ୍ୟ କରିଥାଏ ଏବଂ ତା'ପରେ ଯେତେବେଳେ ଜନସାଧାରଣ ଏଥିରେ ସାମିଲ ହୁଅନ୍ତି, ସେତେବେଳେ ଆମେ ପରିବର୍ତ୍ତନ ଘଟୁଥିବା ଦେଖିଥାଉ।

ଭାରତକୁ ଏକ ବିକଶିତ ଭାରତରେ ପରିଣତ କରିବାକୁ ହେଲେ ଆମକୁ ଶ୍ରେଷ୍ଠତାକୁ ମୌଳିକ ଭାବନା ରୂପେ ଗ୍ରହଣ କରିବାକୁ ପଡ଼ିବ। ଆମକୁ ସ୍ପିଡ୍, ସ୍କେଲ୍, ସ୍କୋପ୍ ଓ ଷ୍ଟାଣ୍ଡାର୍ଡ ଅର୍ଥାତ୍ ଗତି, ବ୍ୟାପକତା, ସୁଯୋଗ ଓ ମାନ, ଏସବୁ ଦିଗରେ ଦ୍ରୁତ ଗତିରେ କାମ କରିବାକୁ ପଡ଼ିବ। ଆମକୁ ଉତ୍ପାଦନ ସହିତ ଗୁଣବତ୍ତା ଉପରେ ଗୁରୁତ୍ୱ ଦେବାକୁ ପଡିବ, ଆମକୁ ତ୍ରୁଟିଶୂନ୍ୟ-ପ୍ରଭାବଶୂନ୍ୟ ବା ଜିରୋ ଡିଫେକ୍ଟ-ଜିରୋ ଇଫେକ୍ଟ ମନ୍ତ୍ର ଗ୍ରହଣ କରିବାକୁ ପଡିବ।

ସାଥୀମାନେ, ଆମେ ପ୍ରତି ମୁହୂର୍ତ୍ତରେ ଗର୍ବିତ ହେବା ଉଚିତ ଯେ ଭଗବାନ ଆମକୁ ଭାରତ ମାଟିରେ ଜନ୍ମ ଦେଇଛନ୍ତି। ଭାରତର ସେବା କରିବା ଏବଂ ଏହାର ଶିଖର ଯାତ୍ରାରେ ଆମର ଭୂମିକା ନିର୍ବାହ କରିବାକୁ ଭଗବାନ ଆମକୁ ଚୟନ କରିଛନ୍ତି। ପ୍ରାଚୀନ ମୂଲ୍ୟବୋଧକୁ ଆଧୁନିକ ସ୍ୱରୂପରେ ଗ୍ରହଣ କରି ଆମକୁ ଆମ ଐତିହ୍ୟକୁ ଆଧୁନିକ ଢଙ୍ଗରେ ପୁନଃ ପରିଭାଷିତ କରିବାକୁ ପଡ଼ିବ। ଏକ ରାଷ୍ଟ୍ର ଭାବରେ ଆମକୁ ପୁରୁଣା ଚିନ୍ତାଧାରା ଏବଂ ମାନ୍ୟତାକୁ ମଧ୍ୟ ସଂଶୋଧନ କରିବାକୁ ପଡ଼ିବ। ଆମ ସମାଜକୁ ପେସାଦାର ନିରାଶାବାଦୀଙ୍କ ଚାପରୁ ଆମକୁ ବାହାର କରିବାକୁ ହେବ। ଆମକୁ ମନେ ରଖିବାକୁ ହେବ ଯେ, ନକାରାତ୍ମକତାରୁ ମୁକ୍ତି ହିଁ ସଫଳତାର ସିଦ୍ଧିରେ ପହଞ୍ଚିବା ପାଇଁ ପ୍ରଥମ ପୁଞ୍ଜି। ସକାରାତ୍ମକତାର କୋଳରେ ହିଁ ସଫଳତା ମିଳିଥାଏ।

ଭାରତର ଅସୀମ ଓ ଅମର ଶକ୍ତି ପ୍ରତି ମୋର ଆସ୍ଥା, ଶ୍ରଦ୍ଧା ଓ ବିଶ୍ୱାସ ଦିନକୁ ଦିନ ବଢିବାରେ ଲାଗିଛି। ମୁଁ ଗତ ୧୦ ବର୍ଷ ମଧ୍ୟରେ ଭାରତର ଏହି ସାମର୍ଥ୍ୟକୁ ଅଧିକ ବୃଦ୍ଧି ପାଉଥିବା ଦେଖିଛି ଏବଂ ଏହାକୁ ଅଧିକ ଅନୁଭବ କରିଛି।

ଆମେ ଯେପରି ବିଂଶ ଶତାବ୍ଦୀର ଚତୁର୍ଥ-ପଞ୍ଚମ ଦଶନ୍ଧିକୁ ସ୍ୱାଧୀନତା ପାଇଁ ବ୍ୟବହାର କରିଥିଲୁ, ଠିକ୍ ସେହିଭଳି ଏକବିଂଶ ଶତାବ୍ଦୀର ଏହି ୨୫ ବର୍ଷରେ ଆମକୁ ଏକ ବିକଶିତ ଭାରତର ଭିତ୍ତିପ୍ରସ୍ତର ସ୍ଥାପନ କରିବାକୁ ପଡ଼ିବ। ସ୍ୱାଧୀନତା ସଂଗ୍ରାମ ସମୟରେ ଦେଶବାସୀଙ୍କ ଆଗରେ ବଳିଦାନର ସମୟ ଆସିଥିଲା। ଆଜି ବଳିଦାନର ସମୟ ନୁହେଁ, ବରଂ ନିରନ୍ତର ଯୋଗଦାନର ସମୟ। ସ୍ୱାମୀ ବିବେକାନନ୍ଦ ୧୮୯୭ ରେ କହିଥିଲେ ଯେ ଆମକୁ ଆଗାମୀ ୫୦ ବର୍ଷ କେବଳ ଦେଶ ପାଇଁ ସମର୍ପିତ କରିବାକୁ ପଡ଼ିବ। ତାଙ୍କ ଆହ୍ୱାନର ଠିକ୍ ୫୦ ବର୍ଷ ପରେ ୧୯୪୭ ମସିହାରେ ଭାରତ ସ୍ୱାଧୀନ ହୋଇଥିଲା। ଆଜି ଆମ ପାଖରେ ଏଭଳି ଏକ ସୁବର୍ଣ୍ଣ ସୁଯୋଗ ରହିଛି। ଆସନ୍ତୁ ଆଗାମୀ ୨୫ ବର୍ଷ କେବଳ ଦେଶକୁ ସମର୍ପିତ କରିବା। ଆମର ଏହି ପ୍ରୟାସ ଆଗାମୀ ପିଢ଼ି ଏବଂ ଆଗାମୀ ଶତାବ୍ଦୀ ପାଇଁ ନୂତନ ଭାରତର ଏକ ମଜଭୁତ ଭିତ୍ତିଭୂମି ଭାବରେ ଅମର ହୋଇ ରହିବ। ଦେଶର ଶକ୍ତିକୁ ଦେଖି ମୁଁ କହିପାରିବି ଯେ ଏହି ଲକ୍ଷ୍ୟ ଅଧିକ ଦୂରରେ ନାହିଁ। ଆସନ୍ତୁ ତୁରନ୍ତ ପଦକ୍ଷେପ ନେବା... ଆସନ୍ତୁ ମିଳିମିଶି ଆଗକୁ ବଢ଼ିବା, ଭାରତକୁ ବିକଶିତ କରିବା। ●

**(କନ୍ୟାକୁମାରୀରୁ ଦିଲ୍ଲୀ ବିମାନରେ ଫେରିବା ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜୁନ ୧ ଅପରାହ୍ନ ୪ ଟା ୧୫ ରୁ ସନ୍ଧ୍ୟା ୭ ଟା ମଧ୍ୟରେ ଏହି ଆଲେଖ୍ୟ ଲେଖିଥିଲେ)**

# କାନକୁହା କଥା

ଅଲେଖ ଚନ୍ଦ୍ର ମିଶ୍ର
ଭୁବନେଶ୍ୱର, ମୋ: ୯୪୩୮୬୭୩୮୯୮

ଭାବ ପ୍ରକାଶ ପାଇଁ ଭାଷା, କଥା, ବଚନ, ବାକ୍ୟ, ବୋଲି, ବାଣୀ ଇତ୍ୟାଦି ଯେପରି ଗୋଟିଏ ଗୋଟିଏ ମାଧ୍ୟମ, ସେହିପରି ସେ ସବୁର ପ୍ରକାଶ ଶୈଳୀ ଯଥା - ଖାଆ, ଭୁଞ୍ଜ, ଗିଳ୍, ଯୁକ୍ତିଯୁକ୍ତ, ଅବାନ୍ତର, ରୋକଠୋକ୍, ବିନା ଭାବିଚିନ୍ତି, ଇଙ୍ଗିତ, ଠାରାଠାରି, ଥଟ୍ଟାମଜ୍ଜା, ବକବକ୍, ଉପରେ ପଡ଼ି, ଆଖିଆଖିରେ, କଥାରେ ସର ପକେଇବା, ଆକାଶରୁ ତୋଳି ଆଣିବା, ବଢ଼େଇ, ଫୁଟାଣି, ଗାଲୁଆମି, ଟୁପ୍‌ଟାପ୍, ଫୁସ୍‌ଫାସ୍, ଦେଖେଇ ଶିଖେଇ, ବୁଲେଇ ବଙ୍କେଇ, ଦ୍ୱିଅର୍ଥବୋଧକ ବା ଶ୍ଳେଷ, ସାଙ୍କେତିକ ଭଙ୍ଗି, ପରୋକ୍ଷ ଉକ୍ତି ଇତ୍ୟାଦି ପ୍ରତ୍ୟେକର ମର୍ମ ନିଆରା। ଏସବୁ ବ୍ୟତୀତ ଯେଉଁ ଶୈଳୀ ସବୁଠାରୁ ବେଶୀ ଶକ୍ତିଶାଳୀ, ପ୍ରଭାବଶାଳୀ ଓ ଅନେକ ସମୟରେ ବିପଜ୍ଜନକ ହୁଏ, ତାହା ହେଲା 'କାନକୁହା କଥା', ଯାହାକୁ ନେଇ ଲୌକିକ ବଚନିକାଟିଏ ରହିଛି - 'ପାଖରେ ଶୁଏ କାନରେ କୁହେ ତା କଥା କି ଅନ୍ୟଥା ହୁଏ।'

କାନରେ କୁହା ଯାଉଥିବା କଥାର ଶବ୍ଦ ଅଧିକ ନଥାଏ, କିନ୍ତୁ ତା'ର ପ୍ରତିକ୍ରିୟା ଏତେ ପ୍ରଭାବଶାଳୀ ଓ ସୁଦୂରପ୍ରସାରୀ ଯେ ତା'କୁ ଏଡ଼ାଇବା କଷ୍ଟକର। କାରଣ ବିଷ ପେଟରେ ପଡ଼ିଲେ ଜଣକୁ ମାରେ, କିନ୍ତୁ କାନରେ ପଡ଼ିଲେ ଅନେକ ଲୋକ ମରନ୍ତି। ତେଣୁ ହୁଏତ କୁହାଯାଏ - 'ତୁଣ୍ଡ ବାଇଦ ସହସ୍ର କୋଶ।' ବଡ଼ ପାଟିରେ କଥାବାର୍ତ୍ତା ହେଲେ ତାହା ହୁଏତ କିଛି ଲୋକଙ୍କର କାନରେ ପଡ଼େ; ନଚେତ୍ ପବନରେ ମିଳେଇ ଯାଏ। କିନ୍ତୁ କାନରେ ଦିଆ ଯାଉଥିବା ମନ୍ତ୍ର ସିଧା ମନରେ ବସିଯାଏ। ଏହା ବଳରେ ସଜ ମାଛରେ ପୋକ ପଡ଼ିପାରେ, ପରର ଅନୁପସ୍ଥିତିରେ ତା'ର କୁତ୍ସାରଟନା କରାଯାଇପାରେ ଏବଂ ଆବଶ୍ୟକ ସ୍ଥଳେ ଛଳନା ବା ମିଥ୍ୟାର ଆଶ୍ରୟ ନେଇ ନିଜର ଅଭିଷ୍ଟ ସାଧନ କରା ଯାଇପାରେ। ଯେପରି ମନ୍ଥରାର କୁମନ୍ତ୍ରଣାରେ କୈକେୟୀଙ୍କର ଚରିତ୍ର କଳଙ୍କିତ ହୋଇ ଯାଇଥିଲା ଏବଂ ସାରା ଅଯୋଧ୍ୟାର କାହାଣୀ ଓଲଟ ପାଲଟ ହୋଇ ଯାଇଥିଲା। ମୃତ୍ୟୁ ପୂର୍ବରୁ ରାବଣ ମନ୍ଦୋଦରୀ ନିକଟରେ କେତେ ସନ୍ତର୍ପଣରେ ନିଜ ଜୀବନର ଏକାନ୍ତ ଗୋପନୀୟ ରହସ୍ୟ ପ୍ରକାଶ କରିଥିଲା, ଅଥଚ ପୁରାଣରେ ତାହା ଏକ ଖୋଲା ଉପାଖ୍ୟାନ ପାଲଟିଗଲା। ବେଳେବେଳେ ନିଜ ସପକ୍ଷରେ ଦି'ପଦ ସୁପାରିସ ପାଇଁ କାନକୁ 'ଲବି'ର ମାଧ୍ୟମ ରୂପରେ ବ୍ୟବହାର କରାଯାଏ।

କାନକୁହା କଥା ଯେବେ ଚୁଗୁଲିର ରୂପ ନିଏ, ସେଥିରେ ରଙ୍ଗ ଲାଗିଯାଏ। ଏହା ଯୋଗୁଁ ସୃଷ୍ଟି ହେଉଥିବା ଭୁଲ୍ ଧାରଣାକୁ ଦୂର କରିବା କାଠିକର ପାଠ ହୋଇଯାଏ। ଆଉ ଯଦି କାନକୁହାରେ ଗୁଜବଟିଏ ରଟି ଯାଏ କିମ୍ବା ଉଡ଼ା ଖବରଟିଏ ବ୍ୟାପି ଯାଏ, ସେଥିରେ ତ ଡେଣା ଲାଗିଯାଏ, ଯାହାକୁ ପ୍ରତିହତ କରିବା ସହଜସାଧ୍ୟ ହୁଏନା। ମିଥ୍ୟା, ଅପବାଦ, କୁତ୍ସା, ଈର୍ଷା, ପରଶ୍ରୀକାତରତା, ପର ଘର ଭାଙ୍ଗିବା, ପରସ୍ପର ମଧ୍ୟରେ ଅବୁଝାମଣା ସୃଷ୍ଟି କରେଇବା ଇତ୍ୟାଦି ଅନେକ ନକାରାତ୍ମକ ବିଭାବର ଏହା ବାହକ।

ଗାଁର ନଈକୂଳରେ ବା ପୋଖରୀ ତୁଠରେ ମାଇପି ମହଲରେ ହେଉଥିବା ଗୋପନୀୟ ଚର୍ଚ୍ଚା କଥା କିଏ ବା ନ ଜାଣେ! '- ବୁଝିଲ ନାନି! ଶୁଣିଲ ଅପା! ଇଆଡ଼େ ଟିକେ କାନ ଦେଖେଇଲ ଖୁଡ଼ି, ତୁମକୁ ମିଛ ମତେ ସତ...' ଇତ୍ୟାଦି। କାନରେ କିଛି ଫୁସ୍ ଫୁସ୍ କରି କହି ସାରିଲା ପରେ ପୁଣି ତାଗିଦ୍ - 'ଏ କଥା ଆଉ କାହାକୁ କହିବିନି ଟି! ମୋ ରାଣ, ମୋ ମୁଣ୍ଡ ଛୁଅଁ ...'। ହେଲେ ସେ କଥା କିଛି ଅଛପା ରହେନା। କାନରୁ କାନ ହୋଇ ଚାରିଆଡ଼େ ବ୍ୟାପିଯାଏ। ଅନ୍ୟ ପ୍ରକାରର କଥାକୁ ହୁଏତ କେହି ଶୁଣି ପାରେ କି ନ ଶୁଣି ପାରେ କିମ୍ବା ବିଶ୍ୱାସ କରି ପାରେ କି ନ କରିପାରେ, କିନ୍ତୁ କାନକୁହା କଥାକୁ ସହଜରେ ଏଡ଼େଇ ହୁଏନା। କାରଣ ସେଥିପାଇଁ ବକ୍ତା ଓ ଶ୍ରୋତା ଉଭୟଙ୍କର ସମାନ ଉତ୍କଣ୍ଠା ଥାଏ, ଯାହା ଫଳରେ ତାହା ସହଜରେ ମନରେ ଲାଖି ଯାଏ।

ଆମ ପୁରାଣ ଶାସ୍ତ୍ରରେ ବର୍ଣ୍ଣିତ 'ଷଡ଼ ଭେଦ'ରେ (ସାମ, ଦାନ, ଦଣ୍ଡ, ଭେଦ, ସଂଶୟ ଓ ଦ୍ୱୈଧିଭାବ) କାନକୁହା କଥାର ବିଶେଷ ଭୂମିକା ରହିଛି। କାରଣ ଭେଦନୀତି ପ୍ରୟୋଗ ପାଇଁ ଏହା ଏକ ଅମୋଘ ଅସ୍ତ୍ର। ଏ ବିଷୟରେ ଏକ ଲୋକପ୍ରିୟ ସଂସ୍କୃତ ଉପାଖ୍ୟାନର ଅବତାରଣା କରିବା ପ୍ରାସଙ୍ଗିକ ମନେହୁଏ। ଅନେକ ବର୍ଷ ପୂର୍ବେ ଅବନ୍ତୀ ନଗରୀରେ ରାଜୁତି କରୁଥିଲେ ଜଣେ ଲୋକପ୍ରିୟ ରାଜା। ସେ ଜ୍ଞାନୀ, ଗୁଣୀ ତଥା ପଣ୍ଡିତମାନଙ୍କୁ ଖୁବ୍ ଆଦର କରୁଥିଲେ। ତେଣୁ ତାଙ୍କ ସଭାରେ ଅନେକ ପଣ୍ଡିତ ଥିଲେ। ଦିନେ ଜଣେ ଯୁବପଣ୍ଡିତ ବହୁଦୂରରୁ ଆସି ରାଜାଙ୍କୁ ସାକ୍ଷାତ କଲେ। ତାଙ୍କ ସହିତ କିଛି ସମୟ ବାର୍ତ୍ତାଳାପ କରିଲା ପରେ ରାଜା ଜାଣି ପାରିଲେ ଯେ ସେ ଜଣେ ଅପ୍ରତିଦ୍ୱନ୍ଦ୍ୱୀ ଶାସ୍ତ୍ରଜ୍ଞ। ସେ ତାଙ୍କୁ ସଙ୍ଗେ ସଙ୍ଗେ 'ସଭାପଣ୍ଡିତ' ଭାବରେ ନିୟୋଜିତ କରିଦେଲେ। ସେହିଦିନଠାରୁ କୌଣସି ସମସ୍ୟା ଉପୁଜିଲେ ରାଜା ତାଙ୍କରି ପରାମର୍ଶ ଲୋଡ଼ିବାକୁ ପସନ୍ଦ କଲେ। ରାଜାଙ୍କର ଏପରି ମନୋଭାବରେ ପୁରୁଣା ପଣ୍ଡିତମାନେ ଈର୍ଷାଳୁ ହୋଇପଡ଼ିଲେ ଏବଂ ନବାଗତ ପଣ୍ଡିତଙ୍କୁ ଯେନତେନପ୍ରକାରେଣ ରାଜାନୁଗ୍ରହରୁ ବଞ୍ଚିତ କରେଇବାକୁ ଉପାୟ ପାଞ୍ଚିବାକୁ ଲାଗିଲେ। କିନ୍ତୁ ତାହା ସମ୍ଭବ ହେଲାନି। କ୍ରମେ ସେମାନଙ୍କ ମୁଣ୍ଡରେ ଗୋଟିଏ ଖଳ ବୁଦ୍ଧି ଜୁଟିଲା। ରାଜମହଲରେ ଝଡ଼ାପୋଛା, ସଫାସଫି ଆଦି ବାସି ପାଇଟି କରିବା ପାଇଁ ଝାଡୁଦାରଟିଏ ପ୍ରତିଦିନ ବଡ଼ି ସକାଳୁ ଆସେ। ଉଆସର ପ୍ରତ୍ୟେକ କୋଣକୁ ଏପରିକି ରାଜାଙ୍କର ଶୟନ କକ୍ଷକୁ ବି ତା'ର ଅବାଧ ପ୍ରବେଶ ଥାଏ। ଶେଷକୁ ଖଳପଣ୍ଡିତମାନେ ସେହି ଝାଡୁଦାରର ସହାୟତା ଲୋଡ଼ିଲେ ଏବଂ ତା'କୁ କିଛି ଉତ୍କୋଚ ଦେଇ ନିଜର ଯୋଜନା ତା' କାନରେ ପକେଇଦେଲେ। ପରଦିନ ଭୋର୍‌ସମୟରେ ରାଜାଙ୍କର ଖଟ ତଳ ସଫା କରୁଥିଲା ବେଳେ ଝାଡୁଦାରଟି ଲକ୍ଷ୍ୟ କଲା ରାଜା ଛାଇ ନିଦରେ ଶୋଇଛନ୍ତି। ବେଳ ଉଣ୍ଡି ସେ ତାଙ୍କ କାନ ପାଖରେ ଅସ୍ପୋଟ ସ୍ୱରରେ ସ୍ୱଗତୋକ୍ତି କଲା, 'ଦେଖ ହୋ ଯୁଗ କ'ଣ ହେଲା! ଅଜଣା ଅଶୁଣା ଲୋକଟାକୁ ପଣ୍ଡିତ ଭାବି ରାଜା ମୁଣ୍ଡ ଉପରେ ବସେଇ ଦେଲେ। ହେଲେ ସେ ଏମିତି କାମ କଲା! ଛି... ଶେଷରେ ରାଣୀଙ୍କ ସହିତ ...।' ଏତିକି କହି ଜାଣିଶୁଣି ଜିଭ କାମୁଡ଼ି ପକେଇଲା। ତା' କଥା ଶୁଣି ରାଜା ହଠାତ୍ ଉଠିପଡ଼ି ପଚାରିଲେ, 'କିରେ! କ'ଣ ହେଲା? ପଣ୍ଡିତ କ'ଣ କଲେ କି? ରହିଗଲୁ କାହିଁକି? ସଫା ଖୋଲି କହ, ମୁଁ ତୋତେ ଅଭୟ ଦେଉଛି।' ରାଜାଙ୍କ କଥା ଶୁଣି ମନେ ମନେ ଖୁସି ହେଉଥିଲେ ବି ଭୟରେ ଘାବରେଇ ଯିବାର ଛଳନା କରି ଲୋକଟି କହିଲା, 'ମଣିମା! ମୁଁ ମୂରୁଖ ନୋକ। କାଲିରାତିରେ ଟିକେ ବେଶୀ ତାଡ଼ି ପିଇ ଦେଇଥିଲି ତ ନିଶା ଛାଡ଼ିନି। କ'ଣ ଆଡୁ ସାଡୁ ବକି ଦେଲି ନିଜେ ବି ଜାଣିନି। ମୋ ମୁଣ୍ଡ ରଖ ମଣିମା...।' ରାଜା ତା'କୁ ବିଦା କରିଦେଲେ। ହେଲେ ତାଙ୍କ ମନଭିତରେ ସେ ଯେଉଁ ବିଷ ଭରି ଦେଇ ଗଲା ତାକୁ ଭୁଲି ପାରିଲେ ନାହିଁ। ତା' ପରଦିନ ସେ ନୂତନ ପଣ୍ଡିତଙ୍କୁ ରାଜ୍ୟରୁ ବାହାର କରିଦେଲେ। ବିଚରା ନିରୀହ ପଣ୍ଡିତ! କି ଦୋଷ କରିଥିଲେ ଜାଣିବାକୁ ସୁଯୋଗ ବି ପାଇଲେନି। ●

# ତୃତୀୟ ଲିଙ୍ଗୀଙ୍କ ପାଇଁ ମେଡିକାଲ ବୋର୍ଡ ଗଠନରେ ବିଳମ୍ବ

**ଭୁବନେଶ୍ୱର,୨।୬(ସମିସ):** କିନ୍ନର ଅବା ତୃତୀୟ ଲିଙ୍ଗୀ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟଗତ ସମସ୍ୟାର ସମାଧାନ ପାଇଁ ମେଡିକାଲ ବୋର୍ଡ ଗଠନରେ ବିଳମ୍ବ ଦେଖାଦେଇଛି। ଫଳରେ ଲିଙ୍ଗ ପରିବର୍ତ୍ତନ ଓ ସ୍ୱାସ୍ଥ୍ୟ ସମସ୍ୟାର ସମାଧାନ ହୋଇପାରୁ ନାହିଁ। ପ୍ରତି ଜିଲ୍ଲାରେ ତୃତୀୟ ଲିଙ୍ଗୀଙ୍କ ପାଇଁ ମେଡିକାଲ ବୋର୍ଡ଼ ଗଠନ କରିବାକୁ ବିହିତ ପଦକ୍ଷେପ ନେବା ପାଇଁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ସଚିବ ଶାଳିନୀ ପଣ୍ଡିତ ଗତବର୍ଷ ଡିସେମ୍ବର ମାସରେ ସମସ୍ତ ସିଡିଏମ୍‌ଓ/ପିଏଚ୍‌ଓଙ୍କୁ ପତ୍ର ଲେଖି ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଏପର୍ଯ୍ୟନ୍ତ ଏ ଦିଗରେ ବିଶେଷ ଅଗ୍ରଗତି ହୋଇ ନ ଥିବା ଅଭିଯୋଗ ହୋଇଛି।

ତୃତୀୟ ଲିଙ୍ଗୀ ଅବା କିନ୍ନରମାନେ ନାନା ସମସ୍ୟାର ସମ୍ମୁଖୀନ ହେଉଥିବା ବେଳେ ସେମାନଙ୍କ କଲ୍ୟାଣ ଲକ୍ଷ୍ୟ ନେଇ ମେଡିକାଲ ବୋର୍ଡ ଗଠନ ଜରୁରୀ ହୋଇପଡ଼ିଛି। ଏଥିପାଇଁ ବିଭିନ୍ନ ଅନୁଷ୍ଠାନ ଦାବି କରି ଆସୁଥିଲେ। ଜିଲ୍ଲା ସ୍ତରରେ ମେଡିକାଲ ବୋର୍ଡ ଗଠନ କରିବା ଲାଗି ଜାତୀୟ ମାନବାଧିକାର କମିଶନ (ଏନ୍‌ଏଚ୍‌ଆରସି) ଉଭୟ ରାଜ୍ୟ ଏବଂ କେନ୍ଦ୍ର ସରକାରମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

**ଲିଙ୍ଗ ପରିବର୍ତ୍ତନ ଓ ସ୍ୱାସ୍ଥ୍ୟ ସମସ୍ୟାର ହୋଇପାରୁନି ସମାଧାନ**

ଏହି ନିର୍ଦ୍ଦେଶ ଅନୁସାରେ ମେଡିକାଲ ବୋର୍ଡ ଗଠନ ପାଇଁ ପଦକ୍ଷେପ ନିଆଯାଇଥିଲା। ସବୁ ଦିଗରୁ ବିଚାର କରିବା ପରେ ଜିଲ୍ଲାସ୍ତରରେ ମେଡିକାଲ ବୋର୍ଡ ଗଠନ ପାଇଁ ଏକ କମିଟି ମଧ୍ୟ ଗଠନ କରାଗଲା। ନିଷ୍ପତ୍ତି ଅନୁସାରେ ମେଡିକାଲ ବୋର୍ଡ ସିଡିଏମ୍/ପିଏଚ୍‌ଓଙ୍କ ନେତୃତ୍ୱରେ କାର୍ଯ୍ୟ କରିବ। ଏଥିରେ ଡିଏମ୍‌ଓ (ଏମ୍‌ଏସ୍) ଆବାହକ ରହିଥିବା ବେଳେ ସର୍ଜରୀ ବିଶେଷଜ୍ଞ, ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞ, ମାନସିକ ରୋଗ ବିଶେଷଜ୍ଞ ଓ କ୍ଲିନିକାଲ ସାଇକୋଲୋଜିଷ୍ଟ ସଦସ୍ୟ ରହିଛନ୍ତି। ତୃତୀୟ ଲିଙ୍ଗୀ ବ୍ୟକ୍ତି କୌଣସି ଅନୁରୋଧ କଲେ ତାହା ଉପରେ କମିଟି ବୈଠକ ଆୟୋଜନ କରି ନିଷ୍ପତ୍ତି ଗ୍ରହଣ କରିବ।

ଏହି କମିଟି ମୁଖ୍ୟତଃ କିନ୍ନର ଅବା ତୃତୀୟ ଲିଙ୍ଗୀ ବ୍ୟକ୍ତିଙ୍କର କୌଣସି ସ୍ୱାସ୍ଥ୍ୟଗତ ସମସ୍ୟା ଏବଂ ଲିଙ୍ଗ ପରିବର୍ତ୍ତନ ଅସ୍ତ୍ରୋପଚାର ସମ୍ପର୍କିତ ମାମଲା ଉପରେ ନିଷ୍ପତ୍ତି ଗ୍ରହଣ କରିବା ସହିତ ହିତାଧିକାରୀଙ୍କୁ ସେବା ସୁନିଶ୍ଚିତ କରିବେ। ସେମାନଙ୍କ ଚିକିତ୍ସା, ପରାମର୍ଶ ଏବଂ କାଉନସେଲିଂ ଦିଗରେ କମିଟି ପଦକ୍ଷେପ ନେବ। ଏନ୍‌ଏଚ୍‌ଆର୍‌ସିଙ୍କ ନିର୍ଦ୍ଦେଶ ଅନୁସାରେ ରାଜ୍ୟ ସରକାର ତୃତୀୟ ଲିଙ୍ଗୀ ନାଗରିକଙ୍କ ପାଇଁ ବୃଦ୍ଧାଶ୍ରମ ନିର୍ମାଣ, ସର୍ବସାଧାରଣ ସ୍ଥାନରେ ଅଲଗା ଶୌଚାଳୟ ବ୍ୟବସ୍ଥା ଏବଂ ନିଜର କଳାନୈପୁଣ୍ୟ ପ୍ରଦର୍ଶନ ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା କରିବା ଲାଗି ପଦକ୍ଷେପ ନେବା ଲାଗି କୁହାଯାଇଥିଲା। ଏପରିକି ସରକାରୀ ଡାକ୍ତରଖାନାରେ ଲିଙ୍ଗ ପରିବର୍ତ୍ତନ ଅସ୍ତ୍ରୋପଚାର କଲେ ହିତାଧିକାରୀଙ୍କୁ ଆର୍ଥିକ ସହାୟତା ଦେବା ଲାଗି କମିସନ ନିର୍ଦ୍ଦେଶ ଦେଇଥିଲେ। ତେବେ ଆଜି ସୁଦ୍ଧା ଏ ଦିଗରେ ଅଗ୍ରଗତି ହୋଇ ନ ଥିବା ଜଣାପଡ଼ିଛି। ହିତାଧିକାରୀଙ୍କ କହିବା ଅନୁସାରେ, ବିଳମ୍ବରେ ହେଲେ ମଧ୍ୟ ସରକାର ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ସ୍ୱରୂପ ମେଡିକାଲ ବୋର୍ଡ ଗଠନ ପାଇଁ ନିର୍ଦ୍ଦେଶନାମା ଜାରି କରିଛନ୍ତି। ହେଲେ ଜିଲ୍ଲାସ୍ତରରେ ଏହାର କାର୍ଯ୍ୟାନ୍ୱୟନ ଆଦୌ ନାହିଁ। ଏହା ଏକ ସମ୍ବେଦନଶୀଳ ପ୍ରସଙ୍ଗ ହୋଇଥିବାରୁ ବିଭାଗ ବହିତ ପଦକ୍ଷେପ ନେବା ଯଥେଷ୍ଟ ଜରୁରୀ। ଆମେ ଆଶା କରୁଛୁ ନିର୍ବାଚନ ପରେ ଏହି ଆଦେଶନାମା କାର୍ଯ୍ୟକାରୀ ହେବ।

## ବାଇକ ଦୁର୍ଘଟଣାରେ ଦୁଇ ମୃତ, ଜଣେ ଗୁରୁତର

**କେସିଙ୍ଗା/ଗାଇଗାଁ/ଗବାନୀପାଟଣା, ୨।୬(ସମିସ):** କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ ଅନ୍ତର୍ଗତ ପାଷ୍ଟିକୁଡିଠାରୁ ପିପଲଭାଡ଼ି ସଂଯୋଗ ହେଉଥିବା ରାସ୍ତାରେ ଏକ ସଡ଼କ ଦୁର୍ଘଟଣାରେ ଦୁଇ ଜଣ ପ୍ରାଣ ହରାଇଛନ୍ତି। ଅନ୍ୟ ଜଣେ ଆହତ ହୋଇଥିବା ଜଣାପଡ଼ିଛି। ମୃତକ ହେଉଛନ୍ତି ଠେମରା ଗ୍ରାମର ଘନଶ୍ୟାମ ଶବର ( ୩୦) ଓ ଦୁର୍ବାଦଳ ଶବର (୨୭)। ଆହତ ଜଣଙ୍କ ହେଉଛନ୍ତି କନାବିରା ଗ୍ରାମର ବିକ୍ରମ ଶବର ବୟସ (୩୫)। ସୂଚନା ଅନୁଯାୟୀ ରବିବାର ଉକ୍ତ ୩ ଯୁବକ ବାଇକ ଯୋଗେ ଗୋକୁଳେଶ୍ୱର ଗ୍ରାମରୁ ଭୋଜି ଖାଇ ଅପରାହ୍ଣରେ ଫେରିବା ସମୟରେ ଭାରସାମ୍ୟ ହରାଇ ରାସ୍ତାରେ ପଡ଼ି ଯାଇଥିଲେ। ଫଳରେ ଘଟଣାସ୍ଥଳରେ ଘନଶ୍ୟାମ ଓ ଦୁର୍ବାଦଳଙ୍କର ମୃତ୍ୟୁ ହୋଇଥିଲା। ସ୍ଥାନୀୟ ଲୋକ ଭବାନୀପାଟଣା ସଦର ଥାନାକୁ ଖବର ଦେବାରେ ଆଇଆଇସି ନରେଶ ପ୍ରଧାନ ଓ ପୁଲିସ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଆହତଙ୍କୁ ସ୍ଥାନୀୟ ଲୋକଙ୍କ ସାହାଯ୍ୟରେ୧୦୮ ଆମ୍ବୁଲାନ୍ସ ଯୋଗେ ଭବାନୀପାଟଣା ମେଡ଼ିକାଲ ପଠାଇଥିଲେ। ମୃତ ବ୍ୟକ୍ତିଙ୍କ ମଧ୍ୟ ଶବ ବ୍ୟବଚ୍ଛେଦ ପାଇଁ ଭବାନୀପାଟଣା ମୁଖ୍ୟ ଡାକ୍ତର ଖାନକୁ ପଠାଯାଇଛି।

## ନିର୍ବାଚନୀ ହିଂସା; ଗାଡ଼ି ଚଢ଼ାଇ ବୃଦ୍ଧଙ୍କୁ ହତ୍ୟା ଅଭିଯୋଗ

**କେନ୍ଦ୍ରାପଡ଼ା, ୨।୬(ସମିସ):** କେନ୍ଦ୍ରାପଡ଼ା ଜିଲ୍ଲା ପାଟକୁରା ନିର୍ବାଚନ ମଣ୍ଡଳୀର କୁଦାନଗରୀ ଥାନା ଅନ୍ତର୍ଗତ ଜମପଡ଼ା ପଞ୍ଚାୟତ ବିଜେପି ସଭାପତି କୁଞ୍ଜବନ ସ୍ୱାଇଁଙ୍କ ପିତା ପୁରୁଷୋତ୍ତମ ସ୍ୱାଇଁ(୭୫)ଙ୍କର ବାଇକ୍ ଧକ୍କାରେ ମୃତ୍ୟୁ ଘଟିଛି। ତାଙ୍କୁ ଗାଡ଼ି ଚଢାଇ ହତ୍ୟା କରାଯାଇଥିବା ନେଇ ଅଭିଯୋଗ ହୋଇଛି। ଗତ ଶନିବାର ନିର୍ବାଚନ ଚାଲୁଥିବା ସମୟରେ କୌଣସି କାରଣକୁ କେନ୍ଦ୍ରକରି ବୁଥ ନିକଟରେ କେତେଜଣ କୁଞ୍ଜବନଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଭୋଟ ଗ୍ରହଣ ସରିଲା ପରେ ସେହିଦିନ ସନ୍ଧ୍ୟାରେ କୁଞ୍ଜବନଙ୍କ ବାପା ପୁରୁଷୋତ୍ତମ ନିଜ ଘର ପାଖରେ ଛିଡା ହୋଇଥିବା ସମୟରେ କେତେଜଣ ଦ୍ରୁତଗତିରେ ବାଇକ୍ ନେଇ ଆସି ପୁରୁଷୋତ୍ତମଙ୍କୁ ଧକ୍କା ଦେଇ ପଳାଇଥିଲେ। ଏହାପରେ ପୁରୁଷୋତ୍ତମ ରାସ୍ତା ଉପରକୁ ଛିଟିକ



ପଡ଼ିଥିଲେ। ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ତାଙ୍କୁ ପ୍ରଥମେ କେନ୍ଦ୍ରାପଡ଼ା ମୁଖ୍ୟ ଚିକିତ୍ସାଳୟ ଏବଂ ପରେ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କଲାବେଳେ ବାଟରେ ମୃତ୍ୟୁ ଘଟିଥିଲା। ପାଟକୁରା ବିଧାୟକ ପ୍ରାର୍ଥୀ ତେଜେଶ୍ୱର ପରିଡ଼ା ଡାକ୍ତରଖାନାରେ ପହଞ୍ଚି ଏଭଳି ହିଂସାତ୍ମକ ଆଚରଣକୁ ଦୃଢ଼ ନିନ୍ଦା କରିବା ସହ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

ତେବେ ଏହି ଘଟଣାରେ ବିଜେଡ଼ିକୁ ବଦନାମ କରାଯିବାକୁ ଉଦ୍ୟମ କରାଯାଉଛି। ଅନ୍ୟଦଳର ବ୍ୟକ୍ତି ହୋଇ ନିଜକୁ ଶାସକ ଦଳର କର୍ମକର୍ତ୍ତା କହି ହିଂସା ଭିଆଇ ଶାସକ ଦଳକୁ ବଦନାମ କରିବାକୁ ଚେଷ୍ଟା କରୁଥିବା ଅଭିଯୋଗ ହେଉଛି। ଯେଉଁ ବ୍ୟକ୍ତି ବାଇକ ଦୁର୍ଘଟଣା ଘଟାଇଥିଲେ ସେ ଅତ୍ୟଧିକ ନିଶା ସେବନ କରିଥିବା ସ୍ଥାନୀୟ ଲୋକେ କହିଛନ୍ତି।

## ବିମାନବନ୍ଦରରେ ହେଉନାହିଁ ଓଡ଼ିଆରେ ଘୋଷଣା

**ଭୁବନେଶ୍ୱର, ୨।୬(ସମିସ):** କେଇଦିନ ତଳର କଥା। ଜଣେ ବ୍ୟକ୍ତି ବିମାନରେ ଏକାକୀ ଭୁବନେଶ୍ୱରରୁ ବେଙ୍ଗାଲୁରୁ ଅଭିମୁଖେ ଯାଉଥିଲେ। ସେ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ଅପେକ୍ଷା କରିଥିଲେ; ହାତରେ ବୋର୍ଡିଂ ପାସ୍ ଥିଲା। କିନ୍ତୁ ବେଶ୍ କିଛି ସମୟ ଅପେକ୍ଷା କରିବା ପରେ ନିକଟରେ ବସିଥିବା ଅନ୍ୟ ଜଣେ ଯାତ୍ରୀଙ୍କ ଠାରୁ ଜାଣିବାକୁ ପାଇଥିଲେ ଯେ ତାଙ୍କ ବିମାନ ଯାଇ ସାରିଲାଣି। ଏବେ ଆଉ କିଛି କରିହେବ ନାହିଁ।

**■ ଯାତ୍ରାରୁ ବଞ୍ଚିତ ହେଲେ ଯାତ୍ରୀ**
**■ ସ୍ଥାନୀୟ ଭାଷାରେ ଘୋଷଣା ପାଇଁ ୨୦୧୬ରୁ ରହିଛି ନିର୍ଦ୍ଦେଶ**

ସମ୍ପୃକ୍ତ ବ୍ୟକ୍ତି ଜଣକ ବିମାନରେ ଯାଇ ନ ପାରିବାର କାରଣ ହେଉଛି ସେ ହିନ୍ଦୀ କିମ୍ବା ଇଂରାଜୀ ବୁଝିପାରନ୍ତି ନାହିଁ। ବିମାନବନ୍ଦର ଟର୍ମିନାଲରେ ବିମାନ ସମ୍ପର୍କିତ ଘୋଷଣା କେବଳ ହିନ୍ଦୀ ଏବଂ ଇଂରାଜୀ ଭାଷାରେ ଘୋଷଣା କରାଯାଉଛି। ତାଙ୍କ ବିମାନରେ ବୋର୍ଡିଂ ଜାରି ରହିଥିବା ସମ୍ପର୍କରେ ଘୋଷଣା କରାଯାଇଥିଲା। କିନ୍ତୁ ସେ ତାହା ବୁଝିପାରି ନଥିଲେ। ବିମାନ ଚାଲି ଯାଇଥିବାରୁ ମନ ଦୁଃଖରେ ସେ ଫେରି ଆସିଥିଲେ। ତେବେ ଏପରି ବ୍ୟବସ୍ଥା ଉପରେ ସେ ଉଠାଇଛନ୍ତି ବଡ଼ ପ୍ରଶ୍ନ। ବିମାନ ଯାତ୍ରା ସମ୍ପର୍କରେ ଟର୍ମିନାଲରେ ସ୍ଥାନୀୟ ଭାଷାରେ କାହିଁକି ସୂଚନା ଦିଆଯାଉ ନାହିଁ? କେବଳ ହିନ୍ଦୀ କିମ୍ବା ଇଂରାଜୀ ଜାଣିଥିବା ଲୋକ ବିମାନରେ ଯାଉ ନାହାନ୍ତି। ଅନେକ ଯାତ୍ରୀ ଏପରି ଅଛନ୍ତି ଯେଉଁମାନେ ଓଡ଼ିଆ ବ୍ୟତୀତ ଆଉ




ଅନ୍ୟ ଭାଷା ବୁଝିପାରନ୍ତି ନାହିଁ। ତେବେ ଟର୍ମିନାଲରେ ଆଞ୍ଚଳିକ ଭାଷାରେ ଘୋଷଣା କରିବା ପାଇଁ ପୂର୍ବରୁ ନିର୍ଦ୍ଦେଶନାମା ଜାରି କରାଯାଇ ଥିଲେ ସୁଦ୍ଧା ତାହାର ଅନୁପାଳନ ହେଉନଥିବା ଅଭିଯୋଗ ହେଉଛି। ୨୦୧୬ରେ ଭାରତୀୟ ବିମାନବନ୍ଦର ପ୍ରାଧିକରଣ (ଏଏଆଇ) ସମସ୍ତ ବିମାନବନ୍ଦର କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶନାମା ଜାରି କରି କହିଥିଲେ ଯେ ପ୍ରଥମେ ସ୍ଥାନୀୟ ଭାଷା ଏବଂ ପରେ ହିନ୍ଦୀ ଓ ଇଂରାଜୀରେ ଘୋଷଣା କରାଯିବ। କିନ୍ତୁ ଏଥିରେ ଘୋର ବ୍ୟତିକ୍ରମ ଦେଖା ଦେଉଥିବା ଅଭିଯୋଗ ହୋଇଛି। କିଛି ଯାତ୍ରୀଙ୍କ କହିବା ଅନୁସାରେ ବିମାନରେ ଯାତ୍ରା କରୁଥିବା ପ୍ରତ୍ୟେକ ଲୋକ ଇଂରାଜୀ କିମ୍ବା ହିନ୍ଦୀ ଜାଣିବା ବାଧ୍ୟତାମୂଳକ ନୁହେଁ। ଟର୍ମିନାଲରେ ଲାଗିଥିବା ଡିସପ୍ଲେ ବୋର୍ଡରେ ମଧ୍ୟ ବିମାନ ସମ୍ପର୍କିତ ସୂଚନା ଇଂରାଜୀରେ ପ୍ରଦର୍ଶିତ ହେଉଛି। କିନ୍ତୁ ଅନ୍ତତଃ ଯାତ୍ରା ପାଇଁ କେଉଁ ବିମାନ ପ୍ରସ୍ତୁତ ଅଛି, କେଉଁ ବିମାନରେ ବୋର୍ଡିଂ ଚାଲିଛି ଅବା ବିମାନ ଚଳାଚଳ ସମ୍ପର୍କିତ ଅନ୍ୟ ଜରୁରୀ ସୂଚନା ଆଞ୍ଚଳିକ ଭାଷାରେ ଘୋଷଣା କରାଯିବା ଜରୁରୀ। ଯଦି କେହି କେବଳ ଆଞ୍ଚଳିକ ଭାଷା ବୁଝିପାରୁ ଥିବା ଯାତ୍ରୀ ବିମାନରେ ଯାତ୍ରା କରିବାରୁ ବଞ୍ଚିତ ହୁଅନ୍ତି ତେବେ ଏଥିପାଇଁ କାହାକୁ ଦାୟୀ କରାଯିବ ବୋଲି ପ୍ରଶ୍ନ ଉଠିଛି। ଅପରପକ୍ଷେ ଏ ନେଇ ବିମାନବନ୍ଦର କର୍ତ୍ତୃପକ୍ଷଙ୍କ ମତାମତ ମିଳିପାରି ନାହିଁ।

● ନିର୍ବାଚନ ପରବର୍ତ୍ତୀ ଆଇନଶୃଙ୍ଖଳାକୁ ଗୁରୁତ୍ୱ

## ମୁତୟନ ହେବେ ଆଉ ୭୦ କମ୍ପାନୀ ସିଏପିଏଫ୍

**ଭୁବନେଶ୍ୱର, ୨।୬(ସମିସ):** ଓଡ଼ିଶାରେ ନିର୍ବାଚନ ପରବର୍ତ୍ତୀ ଆଇନଶୃଙ୍ଖଳା ବଜାୟ ରଖିବା ପାଇଁ ଏବଂ ପ୍ରତ୍ୟେକ କାଉଣ୍ଟିଙ୍ଗ୍ ସେଣ୍ଟରର ସୁରକ୍ଷା ପାଇଁ ଏକ ବଡ଼ ନିଷ୍ପତ୍ତି ନିଆଯାଇଛି। ଆସନ୍ତା ୬ ତାରିଖ ପର୍ଯ୍ୟନ୍ତ ଆହୁରି ୭୦ କମ୍ପାନୀ ସିଏପିଏଫ୍ ମୁତୟନ ହେବେ। ଏନେଇ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ ଯେ ଏକକାଳୀନ ସାଧାରଣ ନିର୍ବାଚନ-୨୦୨୪ର ସୁରକ୍ଷା ପାଇଁ ଚଳିତଥର ଓଡ଼ିଶାରେ ରେକର୍ଡ ସଂଖ୍ୟକ ସିଏପିଏଫ୍ କମ୍ପାନୀ (୧୮୫) ମୁତୟନ ହୋଇଥିଲେ। ରାଜ୍ୟରେ ଚାରି ପର୍ଯ୍ୟାୟ ମତଦାନ ହୋଇସାରିବା ପରେ ଏହା ମଧ୍ୟରୁ କେବଳ ୨୫ କମ୍ପାନୀ ସିଏପିଏଫ୍ ଇଭିଏମ୍ ଷ୍ଟ୍ରଙ୍ଗରୁମ୍, କାଉଣ୍ଟିଙ୍ଗ୍ ସେଣ୍ଟରରେ ମୁତୟନ ହୋଇ ରହିବା ପାଇଁ ନିଷ୍ପତ୍ତି ହୋଇଥିଲା।

## ଅବଶିଷ୍ଟାଂଶ...

### ସିକିମ୍‌ରେ ଖାତା...

ହୋଇଛି। ୫୦ ଆସନରୁ ବିଜେପି ୪୬ ଆସନ ଜିତିଥିବା ବେଳେ ନ୍ୟାସ୍‌ନାଲ୍ ପିପୁଲ୍ସ ପାର୍ଟି(ଏନ୍‌ପିଇପି )୫, ନ୍ୟାସନାଲିଷ୍ଟ୍ କଂଗ୍ରେସ ପାର୍ଟି(ଏନସିପି )୩, ପିପୁଲ୍ସ ପାର୍ଟି ଅଫ୍ ଅରୁଣାଚଳ(ପିପିଏ) ୨ କଂଗ୍ରେସ ୧ ଓ ୩ ଜଣ ସ୍ୱାଧୀନ ବିଧାୟକ ଜିତିଛନ୍ତି। ୬୦ ଆସନ ବିଶିଷ୍ଟ ଅରୁଣାଚଳ ପ୍ରଦେଶ ବିଧାନସଭାକୁ ବିଜେପିର ୪୬, ଏନପିଇପି'ର ୫, ଏନସିପି'ର ୩, ପିପିଏ'ର ୨, କଂଗ୍ରେସର ୧ ଓ ୩ ଜଣ ସ୍ୱାଧୀନ ବିଧାୟକ ନିର୍ବାଚିତ ହୋଇଛନ୍ତି। ପ୍ରାର୍ଥୀପତ୍ର ପ୍ରତ୍ୟାହାରର ଶେଷ ଦିବସ ଅନ୍ତେ ନିର୍ଦ୍ୱନ୍ଦ୍ୱରେ ବିଜେତା ଘୋଷିତ ୧୦ ବିଜେପି ବିଧାୟକ ପ୍ରାର୍ଥୀଙ୍କ ମଧ୍ୟରୁ ୭ଜଣଙ୍କ ବିପକ୍ଷରେ କୌଣସି ପ୍ରାର୍ଥୀ ନଥିଲେ ଓ ୩ ଜଣଙ୍କ ବିପକ୍ଷରେ କେବଳ ଜଣେ ଲେଖାଏଁ ପ୍ରାର୍ଥୀ ହିଁ ଥିଲେ, କିନ୍ତୁ ସେମାନେ ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିନେଇ ବିଜେପି ପ୍ରାର୍ଥୀଙ୍କୁ ନିର୍ଦ୍ୱନ୍ଦ୍ୱରେ ଜିତିବାର ସୁଯୋଗ ଦେଇଥିଲେ। ସୂଚନାଯୋଗ୍ୟ ଯେ ଅରୁଣାଚଳ ପ୍ରଦେଶର ୨ ଏବଂ ସିକିମର ଗୋଟିଏ ଲୋକସଭା ଆସନର ଭୋଟଗଣତି ଜୁନ୍ ୪ରେ ହେବ।

### ପ୍ରଶ୍ନ ଘେରରେ...

ହୋଇଥିବା ବେଳେ ଏଠାରେ ଏନ୍‌ଡିଏ ୧୬-୨୯ ଆସନରେ ବିଜୟ ହାସଲ କରିବ ଏହି ସଂସ୍ଥା ଦର୍ଶାଇଛନ୍ତି। ଏହିଭଳି ଢଙ୍ଗରେ ଓଡ଼ିଶାର ଲୋକସଭା ଆସନକୁ ନେଇ ହୋଇଥିବା ଏକ୍‌ଜିଟ୍ ପୋଲ୍‌ର ତଥ୍ୟ ଆଧାରରେ ବିଜେପି ଅଧିକ ଆସନ ଦଖଲ କରିବ ବୋଲି ଦାବି କରୁଛି। କିନ୍ତୁ ତୃଣମୂଳ ସ୍ତରର ପ୍ରକୃତ ସତ୍ୟ କ'ଣ, ତାହା ଆସନ୍ତା ୪ ତାରିଖରେ ଜଣାପଡ଼ିବ। ବିଜୁ ଜନତା ଦଳର ସାଧୁତା, କଠିନ ପରିଶ୍ରମ ଏବଂ ଉତ୍ସର୍ଗୀକୃତ ସେବା ମନୋଭାବକୁ ଓଡ଼ିଶାବାସୀ ସ୍ୱୀକୃତି ଦେଇଥିବା ନେଇ ମୁଁ ଦୃଢ଼ ଆଶାବାଦୀ ବୋଲି ସାଂସଦ ଶ୍ରୀ ମଙ୍ଗରାଜ ନିଜ 'ଏକ୍ସ' ଆକାଉଣ୍ଟରେ ପ୍ରକାଶ କରିଛନ୍ତି।

ନିଃସନ୍ଦେହରେ ଏକ୍‌ଜିଟ୍ ପୋଲ୍‌କୁ ନିର୍ବାଚନ ଫଳାଫଳର ପ୍ରତିବିମ୍ବ ବୋଲି କୁହାଯାଇ ପାରିବ ନାହିଁ। ଏହା କେବଳ ଏକ ଆକଳନ। ମାତ୍ର ଏହି ଆକଳନ ନିରପେକ୍ଷତା ହରାଉଥିବା ଯୋଗୁଁ ଧୀରେଧୀରେ ଏହା ସାଧାରଣରେ ଗ୍ରହଣୀୟତା ହରାଉଛି ବୋଲି କୁହାଯାଉଛି। କୋଟି କୋଟି ଟଙ୍କା ଖର୍ଚ୍ଚ କରି ଦେଶବ୍ୟାପୀ ଲକ୍ଷ ଲକ୍ଷ ଲୋକଙ୍କ ମତକୁ ସମ୍ପୂର୍ଣ୍ଣ ଭାବେ ବିଶ୍ଳେଷଣ କଲା ପରେ ଏକ୍‌ଜିଟି ପୋଲ ପ୍ରକାଶ କରାଯାଏ ବୋଲି ସଂପୃକ୍ତ ସଂସ୍ଥାଗୁଡ଼ିକ ଦାବି କରିଥାନ୍ତି। ନିକଟ ଅତୀତରେ ଯେତେକ ଏକ୍‌ଜିଟି ପୋଲ ପ୍ରକାଶ ପାଇଛି, ତନ୍ମଧ୍ୟରୁ କୌଣସି ଏକ୍‌ଜିଟ୍ ପୋଲ ଫଳ ସମ୍ପୂର୍ଣ୍ଣ ସତ୍ୟ ହୋଇନାହିଁ। ୨୦୧୯ରେ ୮ଟି ଜାତୀୟ ସଂସ୍ଥାର ଏକ୍‌ଜିଟ୍ ପୋଲ ମଧ୍ୟରୁ ଗୋଟିଏ ସଂସ୍ଥାର ଫଳାଫଳ ୯୨% ଯାଏ ମେଳ ଖାଇଥିଲା, ମାତ୍ର ଅନ୍ୟ କୌଣସି ସଂସ୍ଥାର ଆକଳନ ୯୦ % ଯାଏ ଛୁଇଁ ନ ଥିଲା। ତେବେ ଦେଶର କେତେକ ପ୍ରମୁଖ ସର୍ଭେ ସଂସ୍ଥା ଚଳିତଥର ଯେପରି ଏକ୍‌ଜିଟି ପୋଲ ପ୍ରକାଶ କରିଛନ୍ତି, ତାହାକୁ ନେଇ ବିବାଦ ସୃଷ୍ଟି ହୋଇଛି। କେଉଁଠାରେ ଲଢୁଥିବା ଆସନଠାରୁ ଉକ୍ତ ରାଜନୈତିକ ଦଳକୁ ଅଧିକ ଆସନ ପ୍ରଦାନ କରାଯାଇଛି ତ କେଉଁଠାରେ ଆଶ୍ଚର୍ଯ୍ୟଜନକ ଭାବେ ନିର୍ଦ୍ଦିଷ୍ଟ ରାଜନୈତିକ ଦଳକୁ ଅଣଦେଖା କରାଯାଇଛି। ଅପରପକ୍ଷେ ଦେଶବ୍ୟାପୀ ଲୋକସଭା ନିର୍ବାଚନକୁ ନେଇ ବିଭିନ୍ନ ସଂସ୍ଥାଗୁଡ଼ିକ ଯେପରି ଏକପାଖିଆ ପୋଲ୍ ଆକଳନ କରିଛନ୍ତି, ତାହାକୁ ନେଇ ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି।

ଦେଶର ଅନ୍ୟତମ ଜଣାଶୁଣା ଗଣମାଧ୍ୟମ ସଂସ୍ଥା ନ୍ୟୁଜ୍ ୨୪କୁ ରାଜସ୍ଥାନରେ ଲୋକସଭା ଆସନକୁ ନେଇ କିମ୍ଭୁତ କିମାକାର ଏକ୍‌ଜିଟି ପୋଲ ପ୍ରକାଶ କରିଛି। ରାଜସ୍ଥାନରେ ମୋଟ ଆସନ ସଂଖ୍ୟା ୨୫ ଥିବାବେଳେ ବିଜେପି ଏହାଠାରୁ ଅଧିକ ଅର୍ଥାତ୍ ୩୩ ଆସନରେ ବିଜୟ ଲାଭ କରିବ ବୋଲି ନ୍ୟୁଜ୍ ୨୪ ଆକଳନ କରିଛି। ସେହିପରି ଏକ୍ଷେତ୍ରରେ ଜି ନ୍ୟୁଜ୍ ମଧ୍ୟ ପଛରେ ପଡ଼ିନାହିଁ। ହିମାଚଳ ପ୍ରଦେଶର ମୋଟ ଆସନ ସଂଖ୍ୟା ୪ଟି ହୋଇଥିବା ବେଳେ ଏଠାରେ ଏନ୍‌ଡିଏ ୬ରୁ ୮ ଆସନରେ ବିଜୟ ଲାଭ କରିବ ବୋଲି ଆକଳନ କରିଛି। ସେହିପରି ହରିୟାଣାରେ ମୋଟ ଆସନ ସଂଖ୍ୟା ୧୦ ହୋଇଥିବା ବେଳେ ଏଠାରେ ବିଜେପି ୧୬ରୁ ୧୯ ଆସନ ପାଇବ ବୋଲି ଉକ୍ତ ସଂସ୍ଥା ଆଶ୍ଚର୍ଯ୍ୟଜନକ ଆକଳନ କରିଛି। ସଂସ୍ଥାମାନଙ୍କର ତ୍ରୁଟିପୂର୍ଣ୍ଣ ଆକଳନ ଏଇଠି ସରୁନାହିଁ। ବିହାରରେ ଏଲଜେପି ମୋଟ ୫ଟି ଆସନରେ ପ୍ରତିଦ୍ୱନ୍ଦ୍ୱିତା କରୁଛି। ମାତ୍ର ଦଳ ଏଠାରେ ୪ରୁ ୬ଟି ଆସନରେ ବିଜୟ ଲାଭ କରିବ ବୋଲି ଏକ୍ସିସ୍ ମାଇଁ ଇଣ୍ଡିଆ ପରି ଆଗଧାଡ଼ିର ସର୍ଭେ ସଂସ୍ଥା ପକ୍ଷରୁ ଆକଳନ କରାଯାଇଛି। ସେହିପରି ତାମିଲନାଡୁରେ କଂଗ୍ରେସ ମୋଟ ୯ଟି ଆସନରେ ନିର୍ବାଚନ ଲଢୁଥିବା ବେଳେ ଏଠାରେ ଦଳ ୧୩ରୁ ୧୫ ଆସନରେ ବିଜୟ ଲାଭ କରିବ ବୋଲି ସମାନ ସଂସ୍ଥା ପକ୍ଷରୁ ଆକଳନ ପ୍ରକାଶ ପାଇଛି। ଶହ ଶହ କର୍ମଚାରୀ, କୋଟି କୋଟି ଟଙ୍କା ଖର୍ଚ୍ଚ କରାଯିବା ସହ ସର୍ଭେକ୍ଷଣ ସଂସ୍ଥାମାନେ ଉନ୍ନତ ଜ୍ଞାନକୌଶଳର ବ୍ୟବହାର କରୁଛନ୍ତି। ଏସବୁ ସତ୍ତ୍ୱେ ଆକଳନ ପ୍ରକାଶ ବେଳେ ଏପରି ଗୁରୁତର ତ୍ରୁଟି କିପରି ପରିଲକ୍ଷିତ ହେଉଛି, ତାହାକୁ ନେଇ ସାଧାରଣରେ ମତପ୍ରକାଶ ପାଇଛି।

ଅପରପକ୍ଷେ ଏକ୍‌ଜିଟି ପୋଲର ବିଶ୍ୱସନୀୟତାକୁ ନେଇ ମଧ୍ୟ ସାଧାରଣରେ ମତପ୍ରକାଶ ପାଇଛି। ନିକଟରେ ବିହାର, ପଶ୍ଚିମବଙ୍ଗ ପରି ରାଜ୍ୟ ପାଇଁ ପ୍ରକାଶିତ ଏକ୍‌ଜିଟି ପୋଲ ମିଛ ସାବ୍ୟସ୍ତ ହୋଇଥିଲା। ଏ ସମ୍ପର୍କରେ ସୋସିଆଲ ମିଡିଆ ଏକ୍ସରେ ପ୍ରଫେସର ଜୟନ୍ତ କେ. ମହାପାତ୍ର ମଧ୍ୟ ନିଜର ମତ ରଖିଛନ୍ତି। ସେ ନିଜ ପୋଷ୍ଟରେ ଉଲ୍ଲେଖ କରିଛନ୍ତି ଯେ ୨୦୧୯ରେ ଏକ୍ସିସ ମାଇଁ ଇଣ୍ଡିଆର ପ୍ରଦୀପ ଗୁପ୍ତା ଓଡ଼ିଶାରେ ବିଜେପି ୧୫ରୁ ୧୯ ଆସନରେ ବିଜୟ ଲାଭ କରିବ ବୋଲି ଆକଳନ କରିଥିଲା। ମାତ୍ର ବିଜେପି ୮ଟି ଲୋକସଭା ଆସନରେ ସନ୍ତୁଷ୍ଟ ହୋଇଥିଲା। ଚଳିତଥର ଏହି ସଂସ୍ଥା ଓଡ଼ିଶାରେ ବିଜେପିକୁ ୧୮ ରୁ ୨୦ ଆସନ ପ୍ରଦାନ କରିଥିବା ବେଳେ ଶାସକ ଦଳ ବିଜେଡିକୁ ୦ରୁ ୨ଟି ଆସନ ପ୍ରଦାନ କରିଛି। ଏପରିସ୍ଥଳେ ଗତଥର ପରି ଚଳିତଥର ଯଦି ବିଜେପି ୧୦ ଅଙ୍କ ଡେଇଁବାକୁ ବିଫଳ ହୁଏ ତାହେଲେ ପ୍ରଦୀପ ଗୁପ୍ତା ନିଜ ଦୋକାନ ବନ୍ଦ କରିବେକି ବୋଲି ପ୍ରଫେସର ମହାପାତ୍ର ପ୍ରଶ୍ନ କରିଛନ୍ତି। ପ୍ରଫେସର ମହାପାତ୍ରଙ୍କ ପରି ଅନେକ ସୋସିଆଲ ମିଡିଆ ୟୁଜର୍ସ ବିଭିନ୍ନ ସଂସ୍ଥାର ଏକ୍‌ଜିଟି ପୋଲକୁ ଫେକ୍‌ଜିଟି ପୋଲ ବୋଲି ବ୍ୟଙ୍ଗ କରିଛନ୍ତି।

### ଓଡ଼ିଶା ଭୋଟରଙ୍କ...

ଇଣ୍ଡିଆ'ପକ୍ଷରୁ କରାଯାଇଥିବା ସର୍ଭେରେ ଲୋକସଭା ଓଡ଼ିଶାରେ ବିଜେପିକୁ ୧୫-୧୯ ଆସନ ମିଳିବା ସହ ବିଜେଡିକୁ ୨-୬ ଟି ଆସନ ମିଳିବ। ସେହିପରି ରିପବ୍ଲିକ୍ 'ସି-ଭୋଟର' ସର୍ଭେରେ ବିଜେପିକୁ ୧୦ ଓ ବିଜେଡିକୁ ୧୧ ଟି ଆସନ ମିଳିବ ବୋଲି ଆକଳନ କରାଯାଇଥିବା ବେଳେ ଟାଇମ୍ସ ନାଓ ବିଜେପିକୁ ୧୨ ଓ ବିଜେଡିକୁ ୮ ଏବଂ ଚାଣକ୍ୟ ନ୍ୟୁଜ୍ ୨୪ ପକ୍ଷରୁ ବିଜେପିକୁ ୧୪ ଓ ବିଜେଡିକୁ ୭ ଟି ଲୋକସଭା ଆସନ ମିଳିବ ବୋଲି ଦାବି କରାଯାଇଥିଲା। ହେଲେ ୨୦୧୯ ନିର୍ବାଚନ ଫଳାଫଳ ପ୍ରକାଶ ପାଇବା ପରେ ଏହା ସମ୍ପୂର୍ଣ୍ଣ ମିଥ୍ୟା ପ୍ରମାଣିତ ହେବା ସହ ବିଜେଡି ଓଡ଼ିଶା ଲୋକସଭା ଆସନ କ୍ଷେତ୍ରରେ ବଡ଼ ଦଳ ଭାବେ ପରିଗଣିତ ହୋଇଥିଲା। ଦଳ ଓଡ଼ିଶାରୁ ୧୨ ଟି ଲୋକସଭା ଆସନ ଜିତିବାରେ ସଫଳ ହୋଇଥିବା ବେଳେ ବିଜେପି ମାତ୍ର ୮ ଟି ଆସନ ଜିତିବାରେ ସକ୍ଷମ ହୋଇଥିଲା।

ଏହା ପୂର୍ବରୁ ୨୦୧୪ ନିର୍ବାଚନରେ ମଧ୍ୟ ପ୍ରଚଣ୍ଡ ମୋଦୀ ହାୱାକୁ ଦୃଷ୍ଟିରେ ରଖି ବହୁ ସଂସ୍ଥା ଓଡ଼ିଶାରେ ବିଜେପି ଭଲ ପ୍ରଦର୍ଶନ କରି ଅଧିକ ଲୋକସଭା ଆସନ ଜିତିବ ବୋଲି ଦାବି କରିଥିଲେ। ହେଲେ ସହି ସମୟରେ ଓଡ଼ିଶାରେ ବିଜେଡି ୨୦ ଟି ଆସନ ଜିତିଥିବା ବେଳେ ବିଜେପି ମାତ୍ର ଗୋଟିଏ ଆସନ ଜିତିପାରିଥିଲା। ଯାହାକୁ ନେଇ ଶ୍ରୀ ମହାପାତ୍ର କହିଛନ୍ତି ଯେ ୨୦୧୯ ନିର୍ବାଚନ ବେଳେ ଏସି ରୁମ୍‌ରେ ବସି ଜାତୀୟ ସଂସ୍ଥା କରିଥିବା ଏକ୍‌ଜିଟ୍ ପୋଲ୍ କେତେ ସତ ହୋଇଥିଲା ତାହା ସଭିଏଁ ଦେଖିଛନ୍ତି। ୨୦୨୪ରେ ମଧ୍ୟ ଏହାର ପୁନରାବୃତ୍ତି ହେବ ବୋଲି ଶ୍ରୀ ମହାପାତ୍ର ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

### ୭୨ ଘଣ୍ଟାରେ...

ମୃତ୍ୟୁ ମାମଲାଗୁଡ଼ିକ ଯାଞ୍ଚ କରାଯିବା ପରେ ଏମାନଙ୍କ ମଧ୍ୟରୁ ୬ ଜଣଙ୍କ ମୃତ୍ୟୁର କାରଣ ଅଂଶୁଘାତ ବୋଲି ସ୍ପଷ୍ଟ ହୋଇଥିବା ବେଳେ ବାକି ୬ ଜଣଙ୍କ ମୃତ୍ୟୁର କାରଣ ଅଂଶୁଘାତରୁ ହୋଇ ନାହିଁ ବୋଲି ପୋଷ୍ଟମର୍ଟମ ପରେ ଜଣାପଡ଼ିଥିଲା। ତେବେ ଗତ ୭୨ ଘଣ୍ଟା ମଧ୍ୟରେ ଏହି ସ୍ଥିତି ଉଦ୍‌ବେଗଜନକ ହୋଇଥିବା ବେଳେ ୭୨ ଘଣ୍ଟାରେ ୯୯ ଜଣ ପ୍ରାଣ ହରାଇଛନ୍ତି ଓ ଏମାନଙ୍କ ମୃତ୍ୟୁର କାରଣ ଅଂଶୁଘାତ ବୋଲି ଦାବି କରାଯାଇଛି। ତେବେ ଏହି ମୃତକଙ୍କର ମୃତ୍ୟୁର କାରଣ ଯାଞ୍ଚ କରାଯାଇ ବର୍ତ୍ତମାନ ସୁଦ୍ଧା ୨୦ ଜଣଙ୍କ ମୃତ୍ୟୁର କାରଣ ଅଂଶୁଘାତ ଯୋଗୁଁ ହୋଇଥିବା ନେଇ ସ୍ଥାନୀୟ ଜିଲ୍ଲାପାଳ ଏସ୍‌ଆରସିଙ୍କ ଅବଗତ କରାଇଛନ୍ତି। ବାକି ୨ ଜଣଙ୍କ ମୃତ୍ୟୁର କାରଣ ଅଂଶୁଘାତ ଯୋଗୁଁ ହୋଇ ନାହିଁ ବୋଲି ଜଣାପଡ଼ିଛି। ତେବେ ଚଳିତ ଗ୍ରୀଷ୍ମ ଋତୁରେ ମୋଟ୍ ୧୪୧ ଟି ମୃତ୍ୟୁ ଅଂଶୁଘାତ ଯୋଗୁଁ ହୋଇଥିବା ନେଇ ଅଭିଯୋଗ ହୋଇଛି। ଏମାନଙ୍କ ମଧ୍ୟରୁ ଯୁଗ୍ମ ତଦନ୍ତ ଓ ପୋଷ୍ଟମର୍ଟମ ପରେ ୨୬ ଜଣଙ୍କ ମୃତ୍ୟୁ ଅଂଶୁଘାତ ପାଇଁ ହୋଇଥିବା ନେଇ ସ୍ପଷ୍ଟ ହୋଇଛି ଓ ବାକି ୧୦୭ ଜଣଙ୍କର ମୃତ୍ୟୁ କାରଣ ନେଇ ଯାଞ୍ଚ ଜାରି ରହିଛି ବୋଲି ଏସ୍‌ଆରସିଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। ସୂଚନା ଥାଉ କି ପଶ୍ଚିମ ଓଡ଼ିଶାରେ ତାତି ଯୋଗୁଁ ଦୈନିକ ବିଭିନ୍ନ ଜିଲ୍ଲାରେ ଏକାଧିକ ଲୋକ ପ୍ରାଣ ହରାଉଥିବା ନେଇ ଅଭିଯୋଗ ହେଉଛି। ବିଶେଷ କରି ଝାରସୁଗୁଡ଼ା ଜିଲ୍ଲା ସୁନ୍ଦରଗଡ଼ ଜିଲ୍ଲାର ରାଉରକେଲାରୁ ମୃତକଙ୍କ ସଂଖ୍ୟା ଅଧିକ ରହୁଛି। ଶନିବାର ସୁଦ୍ଧା ସମ୍ବଲପୁରରେ ୧୮ ଜଣଙ୍କର ଏହି ଅସ୍ୱାଭିବକ ମୃତ୍ୟୁ ହୋଇସାରିଥିବା ବେଳେ ଏମାନଙ୍କ ମଧ୍ୟରୁ ୭ ଜଣଙ୍କର ମୃତ୍ୟୁ ଅଂଶୁଘାତ ଯୋଗୁଁ ହୋଇଥିବା ସ୍ପଷ୍ଟ ହୋଇଛି। ସେହିପରି ରାଉରକେଲାରେ ୩୫ ଜଣଙ୍କର ଅସ୍ୱାଭାବିକ ମୃତ୍ୟୁ ହୋଇଥିବା ବେଳେ ୬ ଜଣଙ୍କର ଅଂଶୁଘାତ ଯୋଗୁଁ ମୃତ୍ୟୁ ହୋଇଥିବା ସ୍ପଷ୍ଟ ହୋଇଛି। ଏଭଳି ମୃତ୍ୟୁ ପାଇଁ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ଏକ ଟିମ୍ ଘଟଣା ସ୍ଥଳରେ ପହଞ୍ଚି ସ୍ଥିତି ଯାଞ୍ଚ କରୁଛି।

ସେହିପରି ରବିବାର ଅପରାହ୍ଣରେ ହୋଇଥିବା କାଳବୈଶାଖୀ ପ୍ରଭାବରେ ବଜ୍ରପାତରେ ରାୟଗଡ଼ା ସଦର ବ୍ଲକର କାରୁବାଇ ଓ ମିରାବାଲି ଗ୍ରାମର ଦୁଇଜଣଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ମିରାବାଲି ଗ୍ରାମ ପଞ୍ଚାୟତ ସଦର ମିରାବାଲି ଗ୍ରାମର ସୀତାଇ ଜିଲାକାରା(୪୫) ଏବଂ କାରୁବାଇ ଗ୍ରାମ ପଞ୍ଚାୟତର ସଦର କାରୁବାଇ ଗ୍ରାମର ମୁଟୁକା ମାଣ୍ଡାଙ୍ଗି(୪୫)ଙ୍କର ବଜ୍ରପାତରେ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ଏ ନେଇ ମିଳିଥିବା ସୂଚନା ପ୍ରକାରେ, ମିରାବାଲି ଗ୍ରାମର ସିତାଇ ଜିଲାକାରା ଅପରାହ୍ଣରେ ଟୋଲ ଗୋଟାଇ ଘରକୁ ଫେରୁଥିବା ସମୟରେ ବଜ୍ରପାତର ଶିକାର ହୋଇ ପ୍ରାଣ ହରାଇଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ସେହିପରି କାରୁବାଇ ଗ୍ରାମର ମୁଟୁକା ମାଣ୍ଡାଙ୍ଗି ଗାଁ ପାଖ ଅଞ୍ଚଳକୁ ଯାଇ ଘରକୁ ଫେରୁଥିବା ସମୟରେ ବଜ୍ରପାତର ଶିକାର ହୋଇ ପ୍ରାଣ ହରାଇଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ଉଭୟ ଗ୍ରାମରେ ଏ ନେଇ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିବାବେଳେ ଉଭୟ ମୃତକଙ୍କ ପରିବାର ଏବଂ ଗ୍ରାମବାସୀ ମୃତଦେହକୁ ରାୟଗଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିବାବେଳେ ସନ୍ଧ୍ୟା ହୋଇଯାଇଥିବାରୁ ସୋମବାର ସକାଳେ ଶବ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯିବ ବୋଲି ଜଣାପଡ଼ିଛି।

### ବଜ୍ର ନେଲା...

ଗ୍ରାମର ସନ୍ୟାସୀ ସାହୁ ସେଠାରେ ରହି ମୋବାଇଲ୍ ଫୋନରେ କଥା ହେଉଥିଲେ। ଏତିକିବେଳେ ୨ ଶ୍ରମିକଙ୍କ ଉପରେ ବଜ୍ରପାତ ହୋଇଥିଲା। ସ୍ଥାନୀୟ ଲୋକେ ଓ ପାଟପୁର ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟଙ୍କୁ ଉଦ୍ଧାର କରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଡାକ୍ତର ସେଠାରେ ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ପାଟପୁର ଥାନାରେ ଅପମୃତ୍ୟୁ ମାମଲା ରୁଜୁ ହେବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ପଠାଯାଇଛି।

ସେହିପରି ଗଞ୍ଜାମ ଜିଲ୍ଲା ବଡ଼ଗଡ଼ ଥାନା ନୂଆଗାଁ ଗ୍ରାମରେ ବଜ୍ରାଘାତରେ ଲମ୍ବୋଧର ପାଣିଗ୍ରାହୀ (୩୬)ଙ୍କ ମୃତ୍ୟୁ ଘଟିଛି। ଲମ୍ବୋଦର ଚାଷ କରିବାକୁ ଜମିକୁ ଯାଇଥିଲେ। ଅପରାହ୍ନ ୩ଟାବେଳେ ବର୍ଷା ହେବା ସହ ଘଡ଼ଘଡି ଓ ବିଜୁଳି ମାରିଥିଲା। ଯେଉଁଥିରେ ଲମ୍ବୋଦର ସେଠାରେ ଅଚେତ୍ ହୋଇଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ବଡ଼ଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ତେବେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ।

ସେହିପରି କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ବ୍ଲକ କଟିଙ୍ଗିଆ ପଞ୍ଚାୟତର କଟିଙ୍ଗିଆ ଛକରେ ବଜ୍ରପାତରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ମୃତ ମହିଳା ଜଣକ କଟିଙ୍ଗିଆ ଛକର ଅମ୍ରିତା ପ୍ରଧାନ (୩୫)। ସେ ଆମ୍ବ ଗୋଟାଇବାକୁ ଜଙ୍ଗଲକୁ ଯାଇଥିଲେ। ଫେରିବା ସମୟରେ କାଳବୈଶାଖୀ ତାଣ୍ଡବ ରଚିଥିଲା । ଅମ୍ରିତା କଟିଙ୍ଗିଆ ଏଟିଏମ୍ ନିକଟ ଆମ୍ବଗଛ ତଳେ ରହିଥିବା ବେଳେ ହଠାତ୍ ତାଙ୍କ ଉପରେ ବଜ୍ରପାତ ହୋଇଥିଲା। ସେଠାରେ ହିଁ ସେ ଟଳିପଡିଥିଲେ। ଘଟଣା ସ୍ଥଳରେ ତାଙ୍କ ସ୍ୱାମୀ ପହଞ୍ଚି ୧୦୮ ଆମ୍ବୁଲାନ୍ସ ଯୋଗେ ଜି.ଉଦୟଗିରି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଆଣିଥିଲେ। ଡା. ଅଶୋକ ପ୍ରଧାନ ତାଙ୍କର ପ୍ରାଥମିକ ଚିକିତ୍ସା ପରେ ଉକ୍ତ ମହିଳାଙ୍କୁ ମୃତ ଘୋଷଣା କରିଥିଲେ।

## ବଜ୍ରପାତରେ ଦୁଇ ମଇଁଷି ମୃତ

**କୋରାପୁଟ/ପୋଡ଼ାଗଡ଼, ୨।୬(ସମିସ):** ବଜ୍ରପାତ ଯୋଗୁଁ କୋରାପୁଟ ବ୍ଲକ ମଣ୍ଡିପୁଟ ପଞ୍ଚାୟତ ବଣ୍ଡାଗୁଡ଼ା ଗ୍ରାମରେ ଦୁଇଟି ମଇଁଷିର ମୃତ୍ୟୁ ହୋଇଛି। ମଇଁଷି ଦୁଇଟି ବଣ୍ଡାଗୁଡ଼ା ଗ୍ରାମର ମୀନ ନାୟକଙ୍କର ବୋଲି ଜଣାପଡ଼ିଛି। ଗତ ଶନିବାର ମୀନ ନାୟକଙ୍କର ଗାଇ, ମଇଁଷି ନିକଟସ୍ଥ ଜଙ୍ଗଲକୁ ଚରିବା ପାଇଁ ଯାଇଥିଲେ। ଅପରାହ୍ଣରେ ଘଡ଼ଘଡ଼ି, ବର୍ଷା ହେବାରୁ ଦୁଇଟି ମଇଁଷି ବ୍ୟତୀତ ଅନ୍ୟଗୁଡ଼ିକ ଘରକୁ ଚାଲି ଆସିଥିଲେ। ବର୍ଷାରେ କେଉଁଠି ରହିଥିବେ, ବର୍ଷା କମିଲେ ମଇଁଷିଗୁଡ଼ିକ ଫେରିବେ ଭାବି ମୀନ ରାତିରେ ଶୋଇପଡ଼ିଥିଲେ। ତେବେ ସକାଳ ସୁଦ୍ଧା ଘରକୁ ଫେରି ନ ଥିବାରୁ ମୀନ ରବିବାର ସକାଳେ ଖୋଜାଖୋଜି କରିବାବେଳେ ଗାଁ ମୁଣ୍ଡ ଆମ୍ବ ଗଛ ନିକଟରେ ଦୁଇଟି ମଲା ମଇଁଷି ପଡ଼ିଥିବା ଦେଖିବାକୁ ପାଇଥିଲେ। ଏ ସମ୍ପର୍କରେ ସେ ସ୍ଥାନୀୟ ସରପଞ୍ଚ, ପ୍ରାଣୀ ଚିକିତ୍ସା ନିରୀକ୍ଷକ ଓ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ଅବଗତ କରାଇ ସହାୟତା ପାଇଁ ଅନୁରୋଧ କରିଛନ୍ତି।

### ରଜଯାଏଁ ତାତିରୁ...

ଛୁଇଁଥିଲେ ହେଁ ମୌସୁମୀ ବାୟୁ ଓଡ଼ିଶା ଆସିବାରେ ବିଳମ୍ବ ହେବ। ସାଧାରଣତଃ ଜୁନ୍ ୧୦ରୁ ୧୨ ତାରିଖ ସୁଦ୍ଧା ରାଜ୍ୟକୁ ମୌସୁମୀ ଆସିବାର ସ୍ୱାଭାବିକ ସମୟ ଭାବେ ବିବେଚନା କରାଯାଇଥାଏ। କିନ୍ତୁ ଚଳିତ ଥର ରାଜ୍ୟରେ ଜୁନ୍ ୧୫ ଆଗରୁ ମୌସୁମୀ ବର୍ଷା ହେବାର ସମ୍ଭାବନା କମ୍ ରହିଛି ବୋଲି ଶ୍ରୀ ପଶୁପାଳକ କହିଛନ୍ତି।

ସେହିପରି ପାଣିପାଗ କେନ୍ଦ୍ର ପକ୍ଷରୁ ଜାରି ବୁଲେଟିନ୍ ଅନୁଯାୟୀ, ସୋମବାର ବରଗଡ଼ ଓ ବଲାଙ୍ଗିରରେ ଭୀଷଣ ଗ୍ରୀଷ୍ମ ଲହରୀ ଆଶଙ୍କା ରହିଛି। ଏହାସହିତ କଳାହାଣ୍ଡି, ନୂଆପଡ଼ା ଓ ସୋନପୁରରେ ଗ୍ରୀଷ୍ମ ଲହରୀ ସ୍ଥିତି ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ପାଣିପାଗ କେନ୍ଦ୍ର ଉପରୋକ୍ତ ଜିଲ୍ଲାଗୁଡ଼ିକ ପାଇଁ ଯଥାକ୍ରମେ ଅରେଞ୍ଜ ଓ ୟେଲୋ ଆଲର୍ଟ ଜାରି କରାଯାଇଛି। ଏହି ଜିଲ୍ଲାଗୁଡ଼ିକ ବ୍ୟତୀତ ଉପକୂଳ ଓଡ଼ିଶାର ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି ଜିଲ୍ଲାରେ ପ୍ରବଳ ଗୁଳୁଗୁଳି ଆଶଙ୍କା କରି ଏହି ଜିଲ୍ଲାଗୁଡ଼ିକ ପାଇଁ ଉଷ୍ମ ଆର୍ଦ୍ର ପାଣିପାଗ ସ୍ଥିତି ଜାରି କରାଯାଇଛି। ସୋମବାର କିଛି ଜିଲ୍ଲାରେ କାଳବୈଶାଖୀର ମଧ୍ୟ ଆଶଙ୍କା ରହିଥିବା ପାଣିପାଗ ବିଭାଗ କହିଛି।

### ଏବେ ବି ଅପରିଚିତ...

ଦେଇଥିଲା। କରମଣ୍ଡଳ ଏକ୍ସପ୍ରେସ ସହ ମାଲବୋଝେଇ ଟ୍ରେନ୍ ଏବଂ ଯଶୱନ୍ତପୁର ହାୱଡା ଟ୍ରେନ୍ ଦୁର୍ଘଟଣାରେ୨୯୬ ଜଣଙ୍କର ମୃତ୍ୟୁ ହୋଇଥିଲା। ଏହା ସହ ୧୨ଶହରୁ ଅଧିକ ଲୋକ ଆହତ ମଧ୍ୟ ହୋଇଥିଲେ। ଦୁର୍ଘଟଣାରେ ୩ଟି ଟ୍ରେନ୍‌ର ପାଖାପାଖି ୧୭ଟି ବଗି କ୍ଷତିଗ୍ରସ୍ତ ହୋଇଥିଲା।

### ଡାକ୍ତର ନିଖୋଜ...

ଲୋକମାନେ ପାଟିତୁଣ୍ଡ କରିଥିଲେ। କିଛି ସମୟ ବଚସା ହେବା ପରେ ଡାକ୍ତର ଶବ ବ୍ୟବଚ୍ଛେଦ କରି ସେମାନଙ୍କୁ ମୃତଶରୀର ହସ୍ତାନ୍ତର କରିଦେଇଥିଲେ। ଏହି ଘଟଣାକୁ କେନ୍ଦ୍ର କରି ଡାକ୍ତରଙ୍କୁ ଅପହରଣ କରାଯାଇଥିବାର ଅନୁମାନ କରାଯାଉଛି। ରବିବାର କାଲିମେଳା ଥାନା ପୁଲିସ ଓ ଏସଡିପିଓ ସଚିନ ପଟେଲ ମେଡିକାଲକୁ ଯାଇ ତଦନ୍ତ ଆରମ୍ଭ କରିଛନ୍ତି ଓ ପୋଷ୍ଟର ସହିତ ଚିଠି ଜବତ କରିଛନ୍ତି। ଡାକ୍ତରଙ୍କୁ ମାଓବାଦୀ ନା କେହି ଦୁର୍ବୃତ୍ତ ଅପହରଣ କରିଛନ୍ତି ସେ ବିଷୟରେ ସଠିକ୍ ସୂଚନା ମିଳିପାରିନାହିଁ। ଡାକ୍ତର ଅପହରଣ ସମ୍ପର୍କରେ ମାଲକାନଗିରି ଏସପି ନୀତେଶ ୱାଧୱାନିଙ୍କୁ ପଚାରିବାରୁ ସେ କହିଛନ୍ତି, ଏହା ମାଓ ଅପହରଣ ଘଟଣା ନୁହେଁ। ଡାକ୍ତର ନିଜ ଇଚ୍ଛାରେ କେଉଁଆଡ଼େ ଯାଇଥାଇ ପାରନ୍ତି କିମ୍ବା ତାଙ୍କୁ କେହି ଦୁର୍ବୃତ୍ତ ନେଇଯାଇପାରିଥାଏ। ପୋଷ୍ଟର ଓ ଚିଠିରୁ ଯାହା ଜଣାପଡୁଛି ଏହା ମାଓବାଦୀଙ୍କର ଲେଖା ନୁହେଁ। କେହି ଦୁର୍ବୃତ୍ତ ଡରାଇବା ପାଇଁ ଏପରି ଲେଖି ଥାଇପାରନ୍ତି। ଏହାର ତଦନ୍ତ ଚାଲିଛି, ଖୁବଶୀଘ୍ର ଡାକ୍ତର ନିଖୋଜ ସମ୍ପର୍କରେ ଜଣାପଡ଼ିଯିବ ବୋଲି ଶ୍ରୀ ୱାଧୱାନି କହିଛନ୍ତି। ଅପର ପକ୍ଷରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ପ୍ରଫୁଲ୍ଲ କୁମାର ନନ୍ଦ କହିଛନ୍ତି ରବିବାର ଭୋରରୁ ଡାକ୍ତର ଅମ୍ଳାନ କୁମାର ଭୋଇ ନିଜ ରୁମରେ ନ ଥିବାର ଦେଖି ଡାକ୍ତରଖାନା କର୍ମଚାରୀ ଓ ଅନ୍ୟ ଡାକ୍ତରମାନେ ବହୁତ ଖୋଜାଖୋଜି କରିଥିଲେ, ତାଙ୍କ ରୁମ୍ ନିକଟରେ ପୋଷ୍ଟର ଲଗାଯାଇଥିବା ଦେଖି କାଲିମେଳା ହସ୍ପିଟାଲ ଭାରପ୍ରାପ୍ତ ମେଡିକାଲ ଅଫିସର ଡାକ୍ତର ଅରୁଣ ପାଣିଗ୍ରାହୀ କାଲିମେଳା ଥାନାରେ ଡାକ୍ତର ନିଖୋଜ ସମ୍ପର୍କରେ ଏତଲା ଦେଇଛନ୍ତି, ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏହାର ତଦନ୍ତ ପାଇଁ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଏ. ହୁସେନଙ୍କୁ କାଲିମେଳା ହସ୍ପିଟାଲକୁ ପଠାଯାଇଛି ବୋଲି ଡାକ୍ତର ଶ୍ରୀ ନନ୍ଦ କହିଛନ୍ତି।

SALE
Booking Open 2/3 BHK Flat Bhpl Krishna, Bharatpur, Bhpl Rudra in front of CET. College, Ghatikia, Bhpl SB Homes, Ghatikia, Bhpl PNM, Satya Vihar, Bhubaneswar. Contact- Bhavishya Homes Pvt Ltd.
Ph.: 9437015112

# ମେଣ୍ଟୁନି ଶୋଷ; ମିଳୁନି ଜଳ

# ନୟାଗଡ଼ବାସୀଙ୍କୁ ଭୁଆଁ ବୁଲାଉଛି ଜିଭିପିଆର୍

ନୟାଗଡ଼,୨।୬(ସମିସ)

ନୟାଗଡ଼ ଜିଲ୍ଲାର ନୟାଗଡ଼, ଭାପୁର, ଖଣ୍ଡପଡ଼ା ବ୍ଲକ ଓ ନୂଆଗାଁ ବ୍ଲକର କିଛି ପଞ୍ଚାୟତକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବାକୁ ୨୦୧୯ ମସିହାରେ ମେଗା ପ୍ରକଳ୍ପ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ରାଜ୍ୟ ସରକାର ଏଥିପାଇଁ ଆନୁସଙ୍ଗିକ ପାଣ୍ଠି ବ୍ୟବସ୍ଥା କରିଥିବା ବେଳେ ପ୍ରକଳ୍ପ ଦାୟିତ୍ୱରେ ଥିବା ଠିକା ସଂସ୍ଥା ଜିଭିପିଆର୍ ନୟାଗଡ଼ବାସୀଙ୍କୁ ୫ ବର୍ଷ ହେବ ଭୂଆଁ ବୁଲାଇ ଚାଲିଛି। ମନ୍ଥର ଗତିରେ ପ୍ରକଳ୍ପ କାମ ଚାଲିଥିବା ବେଳେ କେବେ ଏହା ଶେଷ ହେବ, ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ପ୍ରକଳ୍ପ ପାଇଁ ଅନେକ ଗାଁ, ମୁଖ୍ୟ ରାସ୍ତାରେ ପାଇପ୍ ବିଛାଇବା କାର୍ଯ୍ୟ ଅଧା ଅଧୁରା ଅବସ୍ଥାରେ ରହିଥିବା ବେଳେ ଅନେକ ସ୍ଥାନରେ ଓଭରହେଡ୍ ପାଣିଟାଙ୍କି ନିର୍ମାଣ କାମ ବାକି ରହିଛି। ଏହି ପ୍ରକଳ୍ପର ମୁଖ୍ୟ କୁହାଯାଇଥିବା ଇନଟେକ୍ ୱେଲ୍, ଜଳ ବିଶୋଧନାଗାର ନିର୍ମାଣ କାର୍ଯ୍ୟ ଅଧପନ୍ତରିଆ ଅବସ୍ଥାରେ ରହିଛି। "ସକାଳ' ପକ୍ଷରୁ ଗ୍ରାଉଣ୍ଡ ଜିରୋରୁ ଏହାର ସ୍ଥିତି ଓ ଅବସ୍ଥିତି ଅନୁଧ୍ୟାନ କରାଯାଇଥିବା ବେଳେ ବନମାଳିପୁର ବିମାନ ଅବତରଣ ପଡ଼ିଆରେ ନିର୍ମାଣ କରାଯାଉଥିବା ଜଳବିଶୋଧନ ପ୍ରକଳ୍ପ ନିକଟରେ କମ୍ପାନୀ କର୍ମଚାରୀଙ୍କ ନାଲିଆଖି ଦେଖିବାକୁ ମିଳିଛି। ଏଠାରେ ନିର୍ମାଣ କାମ ୫୦ ପ୍ରତିଶତ ଶେଷ ହୋଇନଥିବା ବେଳେ ଫଟୋ ଉଠାଇବାକୁ ନେଇ କମ୍ପାନୀ କର୍ମଚାରୀ ନାଲିଆଖି ଦେଖାଇଛନ୍ତି। ସେହିଭଳି ଭାବେ ଭାପୁର ବ୍ଲକ ଟିକିରିପଡ଼ା ଶାସନ ନିକଟବର୍ତ୍ତୀ ପଦ୍ମାବତୀ ମୌଜାରେ ନିର୍ମାଣ କରାଯାଉଥିବା ଇନଟେକ୍ ୱେଲ୍ କାର୍ଯ୍ୟ ଶେଷ ହୋଇଥିବା ବେଳେ ପମ୍ପ ହାଉସ କାର୍ଯ୍ୟ ୫୦ ପ୍ରତିଶତ ସରିଛି। ବନମାଳିପୁର ଜଳବିଶୋଧନାଗାରଠାରୁ ଖଣ୍ଡପଡ଼ା ଓ ନୟାଗଡ଼କୁ ସଂଯୋଗ କରୁଥିବା ପାଇପ୍ ଲାଇନ କାର୍ଯ୍ୟ ଅନେକ ସ୍ଥାନରେ ଅଧାପନ୍ତରିଆ ଅବସ୍ଥାରେ ରହିଛି। କୁସୁମୀ ବ୍ରିଜ୍ ତଳେ ପାଇପ୍ ପକାଇବା ପାଇଁ ଏବେ ମାଟି ଖୋଳା ଚାଲିଛି। ସେହିଭଳି ନୟାଗଡ଼, ଖଣ୍ଡପଡ଼ା ଓ ଭାପୁର ବ୍ଲକର ଅନେକ ଗ୍ରାମରେ ପାଇପ୍ ପକାଇବା କାର୍ଯ୍ୟ ଅଧପନ୍ତରିଆ ଅବସ୍ଥାରେ ରହିଛି। ଏହି ମେଗା ପ୍ରକଳ୍ପ ଅଧୀନରେ ମୋଟ ୭୮ଟି ଓଭରହେଡ୍ ଟାଙ୍କି ନିର୍ମାଣ ହେବାକୁ ଥିବା ବେଳେ ଏବେ ସୁଦ୍ଧା ୪୮ଟି ଟାଙ୍କି ନିର୍ମାଣ ଶେଷ ହୋଇଥିବା ସୂଚନା ମିଳିଛି। ୨୫ଟି ଟାଙ୍କି ନିର୍ମାଣ ୨୦ ପ୍ରତିଶତ ହୋଇନଥିବା ବେଳେ ଅନେକ ଅଧା ହୋଇ ରହିଛି। ୬୦୩ କୋଟି ୪୪ ଲକ୍ଷର ଏହି ପ୍ରକଳ୍ପ ନିର୍ମାଣ ଦାୟିତ୍ୱ ଜିଭିପିଆର କମ୍ପାନୀ ନେଇଥିଲା। ୫୩୦ କୋଟି ଟଙ୍କା ବ୍ୟୟ ବରାଦରେ ମେଗା ପାନୀୟ ଜଳ ପ୍ରକଳ୍ପ ନିର୍ମାଣ କରିବାକୁ ସରକାରଙ୍କ ସହ କମ୍ପାନୀର ଚୁକ୍ତି ହୋଇଥିଲା। ୨୦୧୯ ମସିହା ଡିସେମ୍ବର ୬ ତାରିଖରୁ ଏହାର ନିର୍ମାଣ ଆରମ୍ଭ ହୋଇ ୨୦୨୧ ଡିସେମ୍ବର ୫ ତାରିଖ ମଧ୍ୟରେ ଏହା ଶେଷ ହେବ ବୋଲି ଚୁକ୍ତିନାମା କରାଯାଇଥିଲା। ଏହା ମଧ୍ୟରେ ଆଉ ଅଧିକ ଅଢ଼େଇ ବର୍ଷ ବିତି ସାରିଥିବା ବେଳେ ମେଗା ପାନୀୟ ଜଳ ପ୍ରକଳ୍ପ ନିର୍ମାଣ କାମ ଶେଷ ନହେବା ପ୍ରଶ୍ନବାଚୀ ସୃଷ୍ଟି କରିଛି। କମ୍ପାନୀ ଅତ୍ୟନ୍ତ ଧିମା ଗତିରେ କାମ କରିବା କାରଣରୁ ପ୍ରକଳ୍ପ ସମୟ ଅବଧି ମଧ୍ୟରେ ଶେଷ ହୋଇ ବାରମ୍ବାର ବୃଦ୍ଧି କରା ସରିଛି। ଗତ ୨୦୨୩ ଜୁଲାଇ ସୁଦ୍ଧା କାମ ଶେଷ ହୋଇ ଅଗଷ୍ଟରେ ଟ୍ରାଏଲ ରନ୍ କରାଯିବା ନେଇ ଅନେକ ସମୀକ୍ଷା ବୈଠକରେ ଆଲୋଚନା ହୋଇଥିଲା। ମାତ୍ର ଏବେ ୨୦୨୪ ଜୁଲାଇ ନିକଟବର୍ତ୍ତୀ ହୋଇଥିବା ବେଳେ ପ୍ରକଳ୍ପ କାର୍ଯ୍ୟ ୩୦ ପ୍ରତିଶତରୁ ଊର୍ଦ୍ଧ୍ୱ ବାକି ରହିଛି। ନୟାଗଡ଼, ଖଣ୍ଡପଡ଼ା, ଭାପୁର ଓ ନୂଆଗାଁ ବ୍ଲକର ୭୯ ପଞ୍ଚାୟତ ୪୯୮ ଗ୍ରାମବାସୀ ଏହା ଦ୍ୱାରା ଉପକୃତ ହେବାକୁ ଲକ୍ଷ୍ୟ ରଖାଯାଇଛି। ୨୦୫୪ ମସିହା ପର୍ଯ୍ୟନ୍ତ ଏହି ମେଗା ପ୍ରକଳ୍ପ ପାନୀୟ ଜଳ ଯୋଗାଇ ଦେବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ରାଜ୍ୟ ସରକାର ଜନସାଧାରଣଙ୍କ ହିତ ପାଇଁ ଶହ ଶହ କୋଟି ଟଙ୍କା ବ୍ୟୟରେ ନିର୍ମାଣ କରୁଥିବା ଏହି ପ୍ରକଳ୍ପ ପ୍ରତି ରାଜନୈତିକ ଓ ପ୍ରଶାସନିକ ଅଣଦେଖା ସ୍ପଷ୍ଟ ବାରି ହେଉଛି।

- ମେଗା ପାନୀୟ ଜଳ ପ୍ରକଳ୍ପ ନିର୍ମାଣରେ ମନ୍ଥରତା
- ୫ ବର୍ଷ ବିତିଲାଣି; ତଥାପି ସରୁନି କାମ
- ଫଟୋ ଉଠାଇଲେ କର୍ମଚାରୀଙ୍କ ନାଲିଆଖି







ନୟାଗଡ଼ ପାନୀୟ ଜଳ ଯୋଗାଣ ବିଭାଗ ଏହାର ତଦାରଖ ଦାୟିତ୍ୱରେ ରହିଥିବା ବେଳେ କମ୍ପାନୀ ପ୍ରୀତି ପାଇଁ ଆଦୌ ଧ୍ୟାନ ଦିଆଯାଉନାହିଁ। କମ୍ପାନୀର କିଛି କର୍ମଚାରୀ ସରକାରୀ ଅଧିକାରୀଙ୍କୁ ହାତ ବାରିଶ ସଜାଇ ଦିନ ଗଡ଼ାଇ ଚାଲିଥିବା ବେଳେ ଜଳାଭାବ ସମସ୍ୟା ଦିନକୁ ଦିନ ବହୁ ଗୁଣିତ ହେଉଛି। ଅନେକ ଗାଁରେ ପିଇବା ପାଇଁ ବିଶୁଦ୍ଧ ପାନୀୟ ଜଳ ମିଳିପାରୁନଥିବା ବେଳେ ସ୍ଥାନୀୟ ଜନପ୍ରତିନିଧି ଆକ୍ରୋଶର ଶିକାର ହେଉଛନ୍ତି। ମତାମତ ପାଇଁ ଆରଡବ୍ଲ୍ୟୁଏସଏସ ନିର୍ବାହୀ ଯନ୍ତ୍ରୀ ସର୍ଫରାଜ୍ ଖାନ୍‌ଙ୍କୁ ଯୋଗାଯୋଗ କରାଯାଇଥିବା ବେଳେ ସେ ଫୋନ୍ ଉଠାଇ ନାହାନ୍ତି।

---

- ନିୟମକୁ ଫୁ; ଖରାରେ ନିୟୋଜିତ ଶ୍ରମିକ

## ଗ୍ରୀଷ୍ମ ପ୍ରବାହ ବେଳେ ଷ୍ଟେସନ୍ ରୋଡ୍ ନିର୍ମାଣ



**ନୟାଗଡ଼,୨।୬(ସମିସ):** ନୟାଗଡ଼ ଜିଲ୍ଲାରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଓ ତାପମାତ୍ରା ବୃଦ୍ଧି ଚିନ୍ତାର ବିଷୟ ପାଲଟିଥିବା ବେଳେ ସରକାରଙ୍କ ନିୟମକୁ ଫୁ କରି ଶ୍ରମିକଙ୍କୁ କାର୍ଯ୍ୟରେ ନିୟୋଜିତ କରାଯାଉଛି। ମଧ୍ୟାହ୍ନ ତଥା ତୁ ତୁ ଖରାରେ ନୟାଗଡ଼ ଟାଉନଷ୍ଟେସନ୍ ଦ୍ୱିତୀୟ ପ୍ଲାଟଫର୍ମ ରାସ୍ତା ନିର୍ମାଣ କରାଯାଉଥିବା ଦେଖାଯାଇଛି। ଦିନ ୧୧ଟାରୁ ୩ଟା ପର୍ଯ୍ୟନ୍ତ ଶ୍ରମିକଙ୍କୁ ନିୟୋଜିତ କରିବାକୁ ବାରଣ କରାଯାଇଥିବା ବେଳେ ଏଠାରେ ଠିକାସଂସ୍ଥା ଶ୍ରମିକଙ୍କୁ ଦିନତମାମ ଖଟାଉଛି। ସମ୍ପୃକ୍ତ ଠିକାସଂସ୍ଥା ବିରୋଧରେ ଜିଲ୍ଲା ପ୍ରଶାସନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି।

## ଟ୍ରକ୍-ବାଇକ୍ ଧକ୍କା; ୩ ଗୁରୁତର

**ଦଶପଲ୍ଲା,୨।୬(ସମିସ):** ନୟାଗଡ଼ ଜିଲ୍ଲା ଦଶପଲ୍ଲା ନିର୍ବାଚନ ମଣ୍ଡଳୀ ବାଣୀଗୋଛା ଥାନା ଦୁର୍ଗାପ୍ରସାଦ ଛକରେ ଆଜି ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଗୋଟିଏ ଟ୍ରକ୍ ଏକ ବାଇକ୍‌କୁ ପଛପଟୁ ଧକ୍କା ଦେବାରୁ ଗୋଟିଏ ପରିବାରର ୩ ଜଣ ଗୁରୁତର ଆହତ ହୋଇଛନ୍ତି। ସୂଚନାନୁସାରେ ଏକ ବାଇକ୍‌ରେ ଆରତ ବେହେରା, ସ୍ତ୍ରୀ ଝିଲି ବେହେରା ତାଙ୍କ ପିଲାକୁ ନେଇ ଶ୍ୱଶୁର ଘର ଫୁଲବାଣୀ ଅଭିମୁଖେ ଯାଉଥିଲେ। ବାଣୀଗୋଛା ଥାନା ଦୁର୍ଗାପ୍ରସାଦ ଛକରେ ଗୋଟିଏ ଟ୍ରକ୍ ଦ୍ରୁତଗତିରେ ଆସି ପଛପଟୁ ବାଇକ୍‌କୁ ଧକ୍କା ଦେଇଥିଲା। ଫଳରେ ବାଇକ୍‌ଟି ତଳେ ପଡ଼ିଯିବା ସହ ୩ ଜଣ ଗୁରୁତର ଆହତ ହୋଇଥିଲେ। ଘଟଣାସ୍ଥଳରେ ଆମ୍ବୁଲାନ୍ସ ପହଞ୍ଚି ଗୁରୁତରଙ୍କୁ ଉଦ୍ଧାର କରି ପ୍ରଥମେ ଦଶପଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପରେ ସେମାନଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଖବର ପାଇ ବାଣୀଗୋଛା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି।

## ଦୋକାନ ଭାଙ୍ଗି ଲୁଟିନେଲେ ଦୁର୍ବୃତ୍ତ



**ଓଡ଼ଗାଁ,୨।୬(ସମିସ):** ଓଡ଼ଗାଁ ଆଦର୍ଶ ଥାନା ଅନ୍ତର୍ଗତ କୁରାଳ ଚଣ୍ଡିଛକ ଫାଣ୍ଡି ନିକଟରେ ଥିବା ଏକ ଫାଷ୍ଟଫୁଡ ଦୋକାନ ଓ ଏକ ପାନ ଦୋକାନକୁ ଶନିବାର ବିଳମ୍ବିତ ରାତିରେ କୌଣସି ଦୁର୍ବୃତ୍ତ ଭଙ୍ଗାରୁଜା କରିବା ସହିତ ବିଭିନ୍ନ ସାମଗ୍ରୀ ଲୁଟିନେଇଥିବା ଅଭିଯୋଗ ହୋଇଛି। ଏ ସଂକ୍ରାନ୍ତରେ ଓଡ଼ଗାଁ ପୁଲିସ ମାମଲା ରୁଜୁକରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, କୁରାଳ ଗୋଲାସାହିର ସନ୍ତୋଷ କୁମାର ପାତ୍ର ଚଣ୍ଡୀଛକ ଫାଣ୍ଡି ନିକଟରେ ଫାଷ୍ଟଫୁଡ୍ ସହିତ ଏକ ପାନଦୋକାନ କରି ନିଜର ଜୀବିକା ନିର୍ବାହ କରନ୍ତି। ଶନିବାର ରାତିରେ ଦୋକାନ ବନ୍ଦକରି ଘରକୁ ଆସିଥିଲେ। ବିଳମ୍ବିତ ରାତିରେ କୌଣସି ଦୁର୍ବୃତ୍ତ ଦୁଇଟି ଯାକ ଦୋକାନ ଭଙ୍ଗାରୁଜା କରିବା ସହିତ ୨ଟି ଗ୍ୟାସ ସିଲିଣ୍ଡର, ୩ଟି ଡେକ୍‌ଚି ସହିତ ବିକ୍ରିପାଇଁ ରଖିଥିବା ବିଭିନ୍ନ ସାମଗ୍ରୀ ଓ ନଗଦ ୨୮୦୦ ଟଙ୍କା ଚୋରି କରିନେଇଥିଲା। ଏନେଇ ରବିବାର ଓଡ଼ଗାଁ ଥାନାରେ ଅଭିଯୋଗ ହୋଇଛି। ସେହିଭଳି ସେହିରାତିରେ ନିକଟରେ ଥିବା ଏକ ଠେଲାଗାଡ଼ି(ଜଳଖିଆ) ଦୋକାନକୁ ମଧ୍ୟ ଦୁର୍ବୃତ୍ତମାନେ ଭଙ୍ଗାରୁଜା କରିଥିବା ଜଣାପଡ଼ିଛି। ଏହି ଘଟଣାରେ ଆଦର୍ଶ ଥାନା ପୁଲିସ ତଦନ୍ତ ଆରମ୍ଭ କରିଛି।

---

ନୟାଗଡ଼ ଏସ୍‌ପିଙ୍କ ସାମ୍ବାଦିକ ସମ୍ମିଳନୀ

## ଶାନ୍ତି ବଜାୟ ରଖିବାକୁ ଆହ୍ୱାନ

ନୟାଗଡ଼,୨।୬(ସମିସ)

ନୟାଗଡ଼ ଜିଲ୍ଲାର ୪ଟି ନିର୍ବାଚନ ମଣ୍ଡଳୀରେ ଶାନ୍ତିପୂର୍ଣ୍ଣ ଭାବେ ଶେଷ ହୋଇଛି ନିର୍ବାଚନ। କୌଣସି ସ୍ଥାନରେ ରାଜନୈତିକ ହିଂସାକାଣ୍ଡ ଏପର୍ଯ୍ୟନ୍ତ ଘଟିନାହିଁ। ପୁଲିସ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି। ପ୍ରତ୍ୟେକ ଥାନା ପକ୍ଷରୁ ରାତ୍ରି ପାଟ୍ରୋଲିଂ ସହିତ ବିଭିନ୍ନ ସମୟରେ ଫ୍ଲାଗ୍‌ମାର୍ଚ୍ଚ କରାଯାଇଛି। ପୁଲିସ ଅଧିକାରୀ ଲୋକଙ୍କ ସହିତ ଛୋଟ ଛୋଟ ବୈଠକ କରି ଶାନ୍ତିପୂର୍ଣ୍ଣ ଭାବେ କିପରି ଜୀବନ କାଟିବ ସେଥି ନିମନ୍ତେ ପରାମର୍ଶ ଦେଇଛନ୍ତି। ଏତଦ୍ ବ୍ୟତୀତ ବିଭିନ୍ନ ଅପରାଧରେ ସାମିଲ ଥିବା ବ୍ୟକ୍ତିଙ୍କୁ ଗିରଫ କରାଯାଇଛି। ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇ ବିଭିନ୍ନ ନିଶା ସାମଗ୍ରୀ ଜବତ କରାଯାଇଛି। ଯେଉଁଥି ପାଇଁ ନୟାଗଡ଼ ଜିଲ୍ଲାର ୪ଟି ନିର୍ବାଚନ ମଣ୍ଡଳୀରେ ଶାନ୍ତିପୂର୍ଣ୍ଣ ଭାବେ ନିର୍ବାଚନ ଅନୁଷ୍ଠିତ ହୋଇଛି। ଆସନ୍ତା ୪ ତାରିଖରେ ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ଭୋଟ ଗଣତି ଆରମ୍ଭ ହେବ। ସେଥି ନିମନ୍ତେ ପୁଲିସ ବିଭାଗ ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଇଥିବା ନେଇ ଆଜି ସାମ୍ବାଦିକ ସମ୍ମିଳନୀରେ ନୟାଗଡ଼ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ରାହୁଲ ଜୈନ ସୂଚନା ଦେଇଛନ୍ତି। ସେ କହିଛନ୍ତି ନୟାଗଡ଼ ପୁଲିସ ପାଇଁ ଆହ୍ୱାନ ରହିଛି। ସମ୍ବେଦନଶୀଳ ଗାଁରେ ପୁଲିସ ପହଞ୍ଚି ସେହି ଗାଁରେ ଶୃଙ୍ଖଳା ଆଣିବା ପାଇଁ ପ୍ରଚେଷ୍ଟା ଜାରି ରହିଛି। ନୟାଗଡ଼ ଜିଲ୍ଲାରେ ଏବେ ସୁଦ୍ଧା ରାଜନୈତିକ ହିଂସା ହୋଇ ନାହିଁ। ମୋର ଦାୟିତ୍ୱ ନୟାଗଡ଼ ଜିଲ୍ଲାରେ ଶାନ୍ତି ପ୍ରତିଷ୍ଠା କରିବା। ନୟାଗଡ଼କୁ ଆଣିବା ଶାନ୍ତି ଓ ନୟାଗଡ଼କୁ କରିବା ଉନ୍ନତିର ନାରା ଦେଇଥିଲେ ଆରକ୍ଷୀ ଅଧୀକ୍ଷକ। ଏହି ଅବସରରେ ସାମ୍ବାଦିକ ବୈଦ୍ୟଭୂଷଣ ମହାପାତ୍ର, ରାମକୃଷ୍ଣ ରଥ ଓ ସୁବାସ ମହାପାତ୍ର ପ୍ରମୁଖ ଅଂଶଗ୍ରହଣ କରି ବିଭିନ୍ନ ସୁଚିନ୍ତିତ ମତାମତ ଦେଇଥିଲେ। ସାମ୍ବାଦିକ ଓ ପୁଲିସ ସୁସମ୍ପର୍କ ସ୍ଥାପନ ନେଇ ଆଲୋଚନା କରାଯାଇଥିଲା। ଆଜିର ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଓ ଡିଆଇବି ଡିଏସପି ପ୍ରମୁଖ ଉପସ୍ଥିତ ଥିଲେ।



ଭୋଟ ଗଣତିରେ ବିଶୃଙ୍ଖଳା ଏଡ଼ାଇବାକୁ ପଦକ୍ଷେପ

## ଜିଲ୍ଲାରେ ୧୪୪ ଧାରା ଲାଗୁ କଲେ ଜିଲ୍ଲାପାଳ

ନୟାଗଡ଼ ଜିଲ୍ଲାର ୪ଟି ବିଧାନସଭା ନିର୍ବାଚନ ମଣ୍ଡଳୀ ଏବଂ ୩ଟି ସଂସଦୀୟ କ୍ଷେତ୍ର ପାଇଁ ହୋଇଥିବା ମତଦାନ ଭୋଟ ଗଣତି ଆସନ୍ତା ୪ ତାରିଖ ଦିନ ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟଠାରେ ଅନୁଷ୍ଠିତ ହେବ। ସକାଳ ୭ଟାରେ ଭୋଟ ଗଣତିରେ ସାମିଲ ହୋଇଥିବା କର୍ମଚାରୀ ପହଞ୍ଚିବେ। ସକାଳ ୮ଟାରୁ ଭୋଟ ଗଣତି ଆରମ୍ଭ ହେବ। ଭୋଟ ଗଣତିକୁ ଶାନ୍ତି ଶୃଙ୍ଖଳାର ସହିତ ପରିଚାଳନା କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନେକ ପଦକ୍ଷେପ ନିଆଯାଇଛି। ଭୋଟ ଗଣତି ଦିନ ଯେପରି କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ନହୁଏ ତାହାକୁ ନଜର ରଖି ନୟାଗଡ଼ ଜିଲ୍ଲାପାଳ ସ୍ୱାଧାଦେବ ସିଂ ଜିଲ୍ଲାରେ ୧୪୪ ଧାରା ଜାରି କରିଛନ୍ତି। ଆସନ୍ତା ୪ ତାରିଖ ସକାଳ ୬ଟାଠାରୁ ୫ ତାରିଖ ସକାଳ ୬ଟା ପର୍ଯ୍ୟନ୍ତ ନୟାଗଡ଼ ଜିଲ୍ଲାରେ ୧୪୪ ଧାରା ଜାରି କରାଯାଇଛି। ଏହି ସମୟ ମଧ୍ୟରେ କୌଣସି ସ୍ଥାନରେ ୫ରୁ ଅଧିକ ବ୍ୟକ୍ତି ରୁଣ୍ଡ ହୋଇପାରିବେ ନାହିଁ। ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟର ୨୦୦ ମିଟର ମଧ୍ୟରେ କୌଣସି ଯାନବାହାନ ରଖି ପାରିବେ ନାହିଁ। ଏଥି ସହିତ ଜିଲ୍ଲାର କୌଣସି ସ୍ଥାନରେ ସଭା ସମିତି କରିପାରିବେ ନାହିଁ। କୌଣସି ପ୍ରକାରର ଲାଉଡ୍ ସ୍ପିକର ବ୍ୟବହାର କରିପାରିବେ ନାହିଁ। ଏହି ନିୟମକୁ ଯେଉଁ ବ୍ୟକ୍ତିମାନେ ଖିଲାପ କରିବେ ଆଇପିସି ଧାରା ୧୮୮ରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସୂଚନା ମିଳିଛି।

---

- ସାତପାଟଣାରେ ପୁଲିସ ଓ ବରିଷ୍ଠ ନାଗରିକଙ୍କ ବୈଠକ

## ଗାଁର ଉନ୍ନତି; ନୟାଗଡ଼ରେ ଶାନ୍ତି

**ଦଶପଲ୍ଲା,୨।୬(ସମିସ):** ନୟାଗଡ଼ ଜିଲ୍ଲା ଦଶପଲ୍ଲା ଏନ୍‌ଏସି ଅନ୍ତର୍ଗତ ସାତପାଟଣାରେ ଆଜି ପୁଲିସ ଓ ବରିଷ୍ଠ ନାଗରିକଙ୍କ ବୈଠକ ଅନୁଷ୍ଠିତ ହୋଇଯାଇଛି। ଦଶପଲ୍ଲା ବରିଷ୍ଠ ନାଗରିକ ସଂଗଠନ ସଭାପତି ପ୍ରାଣକୃଷ୍ଣ ବେହେରାଙ୍କ ଆବାହକତ୍ୱରେ ଅନୁଷ୍ଠିତ ବୈଠକରେ ନୟାଗଡ଼ ଏସ୍‌ପି ରାହୁଲ ଜୈନ ଯୋଗଦେଇ ଆଲୋଚନା କରିଥିଲେ। ବରିଷ୍ଠ ନାଗରିକ ହେଉଛନ୍ତି ସମାଜର ଦିଗଦର୍ଶକ। ଶାନ୍ତି ପ୍ରତିଷ୍ଠା ପାଇଁ ବରିଷ୍ଠ ନାଗରିକଙ୍କ ସହ ଆଲୋଚନା କରାଯାଇଛି। 'ଗାଁରେ ଉନ୍ନତି, ନୟାଗଡ଼ରେ ଶାନ୍ତି' ନୟାଗଡ଼ ପୁଲିସର ମୂଳମନ୍ତ୍ର ବୋଲି ଏସ୍‌ପି କହିଛନ୍ତି। ପୁଲିସ ପ୍ରଶାସନ ପକ୍ଷରୁ ଲୋକସମ୍ପର୍କ ପାଇଁ ଯଥାସମ୍ଭବ ଚେଷ୍ଟା କରାଯାଉଛି ବୋଲି କହିଛନ୍ତି। ଦଶପଲ୍ଲା ଥାନା ଅଧିକାରୀ ମୁକେଶ ବେହେରା, ପ୍ରଫେସର ନନ୍ଦକିଶୋର ମିଶ୍ର, ସଜ୍ଜନ ରାୟଙ୍କ ସମେତ ବହୁ ବରିଷ୍ଠ ପୁଲିସ ଅଧିକାରୀ ଓ ବରିଷ୍ଠ ନାଗରିକ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଏସ୍‌ପି ସାତପାଟଣା ଗୋପୀନାଥଜୀଉଙ୍କୁ ଦର୍ଶନ କରିବା ସହ ବରିଷ୍ଠଙ୍କ ଆଶୀର୍ବାଦ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ।



---

କେବେ ବଦଳିବ ନଦୀକୂଳିଆଙ୍କ ଭାଗ୍ୟ

# ମାରଡ଼ାରୁ ବୈଦେଶ୍ୱର ରାସ୍ତା ଉନ୍ନତିକରଣ ଦାବି

ଭାପୁର,୨।୬(ସମିସ)



ରାଜ୍ୟ ସରକାର ରାଜ୍ୟରେ ଗମନାଗମନ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରି ରାସ୍ତାଘାଟ ଉନ୍ନତିକରଣ କରୁଛନ୍ତି। ତେବେ ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ଦେଇ ମହାନଦୀ କୂଳେ କୂଳେ ଯାଇଥିବା ପୁରୁଣା ଜଗନ୍ନାଥ ସଡ଼କ ଏବେ ଅବହେଳିତ ହୋଇ ପଡ଼ିରହିଛି। ଯାହା ଫଳରେ ବ୍ଲକର ପାଞ୍ଚ ପଞ୍ଚାୟତ ସହ ନୟାଗଡ଼ ଓ କଟକ ଜିଲ୍ଲାର ସଂଯୋଗ ଦୁର୍ବଳ ଅବସ୍ଥାରେ ରହିଛି। ମହାନଦୀ ଅବବାହିକାର ଏହି ଐତିହ୍ୟ ସଂପନ୍ନ ରାସ୍ତା ଏବେ ଅଲୋଡ଼ା ଅବସ୍ଥାରେ ରହିଛି। ବାଘମାରୀଠାରୁ କଣ୍ଟିଲୋ ଦେଇ ଦଶପଲ୍ଲା ପର୍ଯ୍ୟନ୍ତ ରାସ୍ତା ରାଜ୍ୟ ରାଜପଥ ମାନ୍ୟତା ପାଇ ବେଶ ଉନ୍ନତ ଓ ପ୍ରଶସ୍ତ ହୋଇଛି। ସେହିପରି କଳାପଥରଠାରୁ ବୈଦେଶ୍ୱର ଦେଇ ବାଙ୍କୀ ପର୍ଯ୍ୟନ୍ତ ରାସ୍ତା ମଧ୍ୟ ଉନ୍ନତିକରଣ କରାଯିବା ସହ ପ୍ରଶସ୍ତ ହୋଇଛି। ଏହି ଦୁଇ ରାସ୍ତା ମଧ୍ୟ ଭାଗରେ ରହିଛି ମାରଡ଼ା କରବର ବୈଦେଶ୍ୱର ୧୭ କିଲୋମିଟର ରାସ୍ତା। ଏହାର ପ୍ରଶସ୍ତୀକରଣ ପାଇଁ କୌଣସି ଉଦ୍ୟମ ହେଉନାହିଁ। ଇଂରେଜ ଅମଳରେ ଏହି ରାସ୍ତା ବେଶ ପରିଚୟ ଲାଭ କରିଥିଲା। କଟକରୁ ସୈନ୍ୟମାନେ ପଶ୍ଚିମ ଓଡ଼ିଶା ଯିବା ବେଳେ କଣ୍ଟିଲୋ ମନ୍ଦିର ପୂର୍ବରୁ ରହୁଥିଲେ। ଯାହା ଏବେ ପଲଟନ ପଡିଆ ଭାବେ ଜଣାଶୁଣା। ଖାଲି ସେତିକି ନୁହେଁ ଏହି ରାସ୍ତା ଦେଇ ସମ୍ବଲପୁରଠାରୁ କଟକ ପର୍ଯ୍ୟନ୍ତ ମହାନଦୀ ଅବବାହିକା ବ୍ୟବସାୟ ପେଣ୍ଠ ଭାବେ ପରିଚିତ କଣ୍ଟିଲୋ, ପଦ୍ମାବତୀ, ବୈଦେଶ୍ୱର ଗ୍ରାମର ବ୍ୟବସାୟୀମାନେ କଟକ ସହ ବ୍ୟବସାୟ କରୁଥିଲେ। ଏହି ରାସ୍ତା ଦେଇ ତୀର୍ଥ ଯାତ୍ରୀମାନେ କଣ୍ଟିଲୋ ନୀଳମାଧବ ଦର୍ଶନ ପରେ ବାଙ୍କୀ ଚର୍ଚ୍ଚିକା ଦର୍ଶନ କରି ପୁରୀ ଯାଇଥାନ୍ତି। ଏତେ ମହତ୍ୱପୂର୍ଣ୍ଣ ରାସ୍ତାଟି ଧାର୍ମିକ, ଐତିହାସିକ, ବାଣିଜ୍ୟ ଓ ଇକୋ ଟୁରିଜିମ ପାଇଁ ଗୁରୁତ୍ୱ ବହନ କରୁଥିବା ସହ ନୟାଗଡ଼ ଜିଲ୍ଲାର କରବର, ଶାସନ, ପଦ୍ମାବତୀ, ବାଉଁଶବାଟ ଓ କେନ୍ଦୁପଲ୍ଲୀ ପଞ୍ଚାୟତ ସମେତ ଭାପୁର ବ୍ଲକର ଲକ୍ଷାଧିକ ଜନସାଧାରଣଙ୍କ ଜୀବନରେଖା ଭାବେ ପରିଚିତ। ରାସ୍ତାଟି ସଂକୀର୍ଣ୍ଣ ଅବସ୍ଥାରେ ରହିଥିବାରୁ ଗୋଟିଏ କାର୍ ଗଲେ ବାଇକ୍‌ଟିଏ ଯିବା ସମ୍ଭବ ହେଉନାହିଁ। ମହାନଦୀ କୂଳେ କୂଳେ ରହିଥିବା ଏହି ରାସ୍ତାର ପ୍ରଶସ୍ତୀକରଣ ପାଇଁ ପଦକ୍ଷେପ ନେଲେ ଅଞ୍ଚଳବାସୀଙ୍କ ଭାଗ୍ୟ ବଦଳି ଯାଆନ୍ତା।



### ସେମାନେ ଯାହା କୁହନ୍ତି...



ଏହି ରାସ୍ତାକୁ ରାଜ୍ୟ ରାଜପଥର ମାନ୍ୟତା ଦେଇ ପ୍ରଶସ୍ତ କରାଗଲେ ମହାନଦୀ କୂଳେ କୂଳେ ଥିବା ଐତିହ୍ୟ ପରିପୁଷ୍ଟିତ ହେବା ସହ ବାଣିଜ୍ୟ କାରବାର ବୃଦ୍ଧି ପାଇପାରନ୍ତା। ଏହା ସହିତ ଅଞ୍ଚଳବାସୀ ବେଶ ଉପକୃତ ହୋଇପାରନ୍ତେ।

**-ପ୍ରଫୁଲ୍ଲ କୁମାର ମହାନ୍ତି (କରବର)**



ଏହି ରାସ୍ତାର ଉନ୍ନତିକରଣ କରାଗଲେ ଗମନାଗମନ, ବାଣିଜ୍ୟ ବୃଦ୍ଧି ପାଇବା ସହ ଅଞ୍ଚଳବାସୀଙ୍କ ଆର୍ଥିକ ପ୍ରଗତି ହୋଇପାରନ୍ତା। ନୟାଗଡ଼ରୁ କଟକକୁ ସଂଯୋଗ କରିବା ପାଇଁ ବେଶ ଗୁରୁତ୍ୱ ବହନ କରନ୍ତା। ବଡ଼ମ୍ବା ଓ ଆଠଗଡ଼ ଅଞ୍ଚଳକୁ ଟି-ବ୍ରିଜ ଦେଇ ଯିବାକୁ ଚାହୁଁଥିବା ଯାତ୍ରୀଙ୍କ ପାଇଁ ଏହି ରାସ୍ତା ମୁଖ୍ୟ ମାର୍ଗରେ ପରିଣତ ହୁଅନ୍ତା।

**-ପଠାଣି ପଟ୍ଟନାୟକ (ରଗଡ଼ିପଡା ଶାସନ)**

● ବାଣପୁର ମୁକ୍ତି ଦିବସ ପାଳନ

# ସହିଦ୍ କୃତ୍ତିବାସଙ୍କ ସ୍ମୃତିଚାରଣ




**ବାଣପୁର, ୨।୬ (ସମିସ):** ଭାରତରୁ ଇଂରେଜମାନଙ୍କୁ ବିତାଡିତ କରି ଦେଶକୁ ସ୍ୱାଧୀନ କରିବା ପାଇଁ ୧୮୦୩ ମସିହାରେ ହୋଇଥିବା ପାଇକ ବିଦ୍ରୋହରେ ମୁଖ୍ୟ ଭୂମିକା ଗ୍ରହଣ କରି ଥିଲେ ସହିଦ କୃତ୍ତିବାସ ପାଟଶାଣୀ। ତାଙ୍କୁ ମନେ ପକାଇ ବାଣପୁର ମୁକ୍ତି ଦିବସ ପାଳନ ଅବସରରେ ସହିଦ କୃତ୍ତିବାସଙ୍କ ସ୍ମୃତି ଚାରଣ ଉତ୍ସବ ସାହିତ୍ୟ ସୁନ୍ଦରା ତରଫରୁ ବାଣପୁରସ୍ଥ ଶୁଭ ମଙ୍ଗଳ କଲ୍ୟାଣ ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଡଃ ନୃସିଂହ ଚରଣ ପ୍ରଧାନ ସଭାପତିତ୍ୱ କରିଥିବା ବେଳେ ଅଧ୍ୟାପକ ରାଜକିଶୋର ସାହୁ ମୁଖ୍ୟବକ୍ତା ଆଶୁତୋଷ ସାମନ୍ତସିଂହାର ମୁଖ୍ୟଅତିଥି ଓ ପ୍ରହଲାଦ ବେହେରା ସମ୍ମାନିତ ବକ୍ତାଭାବରେ ଯୋଗ ଦେଇ ନିଜର ଅଭିଭାଷଣ ରଖିଥିଲେ। ୧୮୩୬ ମସିହାରେ ତିନି ଦିନ ପାଇଁ ବାଣପୁର ମାଟି ସ୍ୱାଧୀନ ହୋଇଥିବା ବେଳେ କେତେକ ବିଶ୍ୱାସ ଘାତକ କୃତିବାସଙ୍କୁ ଇଂରେଜ ମାନଙ୍କୁ ଧରାଇ ଦେଇଥିଲେ। ଫଳରେ କୃତିବାସ ପାଟଶାଣୀଙ୍କୁ ଇଂରେଜମାନେ କଳାପାଣି ପଠାଇ ଦେଇ ସେଠାରେ ତାଙ୍କୁ ଫାଶୀଦଣ୍ଡ ଦେଇଥିବା ସହିଦ କୃତିବାସଙ୍କ ସ୍ମୃତି ଚାରଣ କରିଥିଲେ ଉପସ୍ଥିତ ଅତିଥିଗଣ। କାର୍ଯ୍ୟକ୍ରମକୁ ଆଇନଜୀବୀ ହିମାଳୟ ଶତପଥି ସଂଯୋଜନାରେ ଚିଲିକା ସାହିତ୍ୟ ସମାଜର ସଭାପତି ବାଳକୃଷ୍ଣ ଦାସ, ଅଧ୍ୟାପକ କୈଳାସ ଚନ୍ଦ୍ର ମହାରଣା, ଗବେଷକ ମଦନ ମୋହନ ମହାପାତ୍ର, ପ୍ରାକ୍ତନ ଅଧକ୍ଷ ଗଙ୍ଗାଧର ପ୍ରଧାନ ବ୍ୟକ୍ତବ୍ୟ ରଖିଥିଲା ବେଳେ ପନ୍ତାକୁଳିଆ କବି ଦିଗାମ୍ବର ବିଶ୍ୱାଳ, ରୋଜି ମିଶ୍ର କବିତା ପାଠ କରିଥିଲେ। ଏହି ଅବସରରେ କୃତିବାସଙ୍କ ଦାୟଦ ଭାବେ ପ୍ରମୋଦ କୁମାର ପାଟଶାଣୀ, ସଦାନନ୍ଦ ପାଟଶାଣୀ ଓ ଅଜୟ ପାଟଶାଣୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ସାହିତ୍ୟ ସିନ୍ଦୁରା ପ୍ରତିଷ୍ଠାତା ଗୋଲକ ବିହାରୀ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ।

# ସରିଛି ମତଦାନ; ୪ ଫଳାଫଳକୁ ଅପେକ୍ଷା

**ଖୋର୍ଦ୍ଧା, ୨।୬(ସମିସ)**

ଗତ ୨୫ ତାରିଖରେ ଭୁବନେଶ୍ୱର ଲୋକସଭା ସମେତ ଜିଲ୍ଲାର ୮ଟି ବିଧାନସଭା କ୍ଷେତ୍ର ନିମନ୍ତେ ନିର୍ବାଚନ ସରିଛି। ଭୁବନେଶ୍ୱର ଲୋକ ସଭା ପାଇଁ ବିଜେପି ନେତ୍ରୀ ଅପରାଜିତା ଷଡ଼ଙ୍ଗୀ, ବିଜେଡ଼ି ନେତା ମନ୍ମଥ ରାଉତରାୟ, କଂଗ୍ରେସ ନେତା ନବାଗତ ପ୍ରାର୍ଥୀ ୟାସିର ନୱାଜଙ୍କ ଭଳି ୧୨ଜଣ ନେତାଙ୍କ ଭାଗ୍ୟ ଏବେ ମେସିନ ଭିତରେ ସିଲ ହୋଇ ରହିଛି। ୪ରେ ଗଣତି ଥିବା ବେଳେ ଫଳାଫଳକୁ ଚାହିଁ ରହିଛନ୍ତି ନେତା ଓ କର୍ମୀ। ୮ ବିଧାନସଭା ପାଇଁ ମନ୍ତ୍ରୀ ଅଶୋକ ପଣ୍ଡା, ବିଧାୟକ ଅନନ୍ତ ନାରାୟଣଜେନା, ଅରବିନ୍ଦ ଢାଲି, ରାଜେନ୍ଦ୍ର କୁମାର ସାହୁ, ସୁଶାନ୍ତ ରାଉତ, ପ୍ରଶାନ୍ତ ଜଗଦେବ, ପୂର୍ବତନ ବିଧାୟକ ବିଭୁତି ବଳବନ୍ତରାୟ, ରଘୁନାଥ ସାହୁଙ୍କ ଭଳି ହେଭିୱେଟ୍ ନେତା ସେମାନଙ୍କ ରାଜନୈତିକ ଭବିଷ୍ୟତ ପାଇଁ ପରୀକ୍ଷା ଦେଇଥିଲେ।ଜିଲ୍ଲାରେ ୧୯୨୩ ବୁଥ୍ ରେ ନିର୍ବାଚନ ହୋଇଥିବା ବେଳେ ଜନାଦେଶକୁ ନେଇ ବିଭିନ୍ନ ସଂସ୍ଥାର ଆସିଥିବା ସର୍ଭେ ରିପୋର୍ଟ ନେତା ଓ କର୍ମୀଙ୍କ ମନ ବୁଝୁନି।

ଜିଲ୍ଲାବ୍ୟାପି ୮ଟି ନିର୍ବାଚନମଣ୍ଡଳୀରେ ସମୁଦାୟ ୧୨, ୪୫, ୯୪୯ଭୋଟର ତାଙ୍କର ଜନାଦେଶ ଦେଇଥିବାବେଳେ ନିର୍ବାଚନୀ ଫଳାଫଳରେ କିଏ ବାଜିମାତ କରିବ ଏବଂ କେଉଁ ହେଭିୱେଟ୍ ନେତାକୁ ପରାଜିତର ସାମ୍ନା କରିବାକୁ ପଡ଼ିବ ତାହା ଜାଣିବାକୁ ମାତ୍ର ଗୋଟିଏ ଦିନ ପ୍ରତୀକ୍ଷା କରିବାକୁ ପଡ଼ିବ। ନେତାଙ୍କ ଭାଗ୍ୟ ଷ୍ଟ୍ରଙ୍ଗ୍ ରୁମ ଇଭିଏମରେ ସିଲ୍ ହୋଇଥିବା ବେଳେ ୪ତାରିଖରେ ଭୋଟ ଗଣତି ନେଇ ପ୍ରଶାସନ ପ୍ରସ୍ତୁତି ଚୂଡ଼ାନ୍ତ କରିଛି। ଜିଲ୍ଲାରେ ୮ଟି




**ଜିଲ୍ଲାର ୩ ସ୍ଥାନରେ ୩୦୨ ଟେବୁଲରେ ହେବ ଗଣତି**

**ସାମିଲ ହେବେ ୧୧୩୦ କର୍ମଚାରୀ**

**ଇଭିଏମ, ଭିଭିପ୍ୟାଟ୍ ମେସିନ ଗଣତି ପରେ ସ୍ପଷ୍ଟ ହେବ ବିଜେତାଙ୍କ ନାମ**

ବିଧାନ ସଭା ଓ ଭୁବନେଶ୍ୱର ଲୋକସଭା ପାଇଁ ୩ଗୋଟି ଭୋଟ ଗଣତି କେନ୍ଦ୍ର କରାଯାଇଛି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ହୋଇଥିବା ଷ୍ଟ୍ରଙ୍ଗରୁମରେ ଖୋର୍ଦ୍ଧା ଓ ବେଗୁନିଆ ନିର୍ବାଚନମଣ୍ଡଳୀର ଭୋଟ ଗଣତି ହେବ। ପ୍ରାଣନାଥ ମହାବିଦ୍ୟାଳୟରେ ଚିଲିକା ନିର୍ବାଚନମଣ୍ଡଳୀର ଏବଂ ଜଟଣୀ, ଜୟଦେବ, ଭୁବନେଶ୍ୱର(ମଧ୍ୟ), ଭୁବନେଶ୍ୱର(ଉତ୍ତର), ଏକାମ୍ର (ଭୁବନେଶ୍ୱର) ନିର୍ବାଚନମଣ୍ଡଳୀର ଭୋଟ ଗଣତି ଭୁବନେଶ୍ୱର ବିଜେବି କଲେଜ ଠାରେ କରାଯିବ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ କୁହାଯାଇଛି। ପ୍ରତ୍ୟକ କେନ୍ଦ୍ରର ୧୦୦ ମିଟର ଦୂରତାରୁ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଛି। ଗଣତି ସମୟରେ ସୁରକ୍ଷା ଲାଗି ଜିଲ୍ଲା ପୁଲିସ ପକ୍ଷରୁ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା ଯଥା: କେନ୍ଦ୍ରୀୟ ବନ୍ଧୁକଧାରୀ ସୁରକ୍ଷା ବଳ ପୁଲିସ, ଓଡ଼ିଶା ବନ୍ଧୁକଧାରୀ ପୁଲିସ ସମେତ ଓଡ଼ିଶା ପୁଲିସ ନିୟୋଜିତ ହେବେ। ଭୋଟ ଗଣତି କାର୍ଯ୍ୟକ୍ରମରେ ୩ପ୍ରକାର ଅଧିକାରୀ ସାମିଲ ହେବେ। କାଉଁଟିଂ ଆସିଷ୍ଟାଣ୍ଟ, କାଉଁଟିଂ ସୁପରଭାଇଜରଙ୍କ ସହିତ ମାଇକ୍ରୋ ଅବଜରବର।

ଜିଲ୍ଲାପ୍ରଶାସନ ପକ୍ଷରୁ ଭୋଟ ଗଣତି ପାଇଁ ୧୧୩୦କର୍ମଚାରୀ ନିଜୟୋଜିତ କରାଯାଇଛି। ତନ୍ମଧରେ ୪୩୧ ଜଣ କାଉଁଟିଂ କାର୍ଯ୍ୟ କରିବେ, ୩୫୩ ଜଣ କାଉଁଟିଂ ଆସିଷ୍ଟାଣ୍ଟ ଭାବରେ କାର୍ଯ୍ୟ କରିବେ ଏବଂ ୩୪୭କର୍ମଚାରୀ ମାଇକ୍ରୋ ଅବଜରବର ଭାବରେ କାର୍ଯ୍ୟ କରିବେ। ଏହି କର୍ମଚାରୀମାନଙ୍କୁ ଭୋଟ ଗଣତି ଉପରେ ତାଲିମ ମଧ୍ୟ ପ୍ରଦାନ ଶେଷ ହୋଇଛି।

ସକାଳ ୭ଟା ଠାରୁ ଗଣତି କାର୍ଯ୍ୟ ଆରମ୍ଭ ହେବ। ସମୁଦାୟ ୨୭୫ରାଉଣ୍ଡ ଭୋଟ ଗଣତି ହେବ। ବିଧାନସଭା ପାଇଁ ୧୪୫ ରାଉଣ୍ଡ ଏବଂ ଲୋକସଭା ପାଇଁ ୧୩୦ ରାଉଣ୍ଡ ଭୋଟ ଗଣତି ହେବ। ଜୟଦେବ ନିର୍ବାଚନମଣ୍ଡଳୀ ପାଇଁ ୧୯ରାଉଣ୍ଡ, ଭୁବନେଶ୍ୱର(ମଧ୍ୟ)ପାଇଁ ୧୬ରାଉଣ୍ଡ, ଭୁବନେଶ୍ୱର(ଉତ୍ତର)ପାଇଁ ୨୧ରାଉଣ୍ଡ, ଏକାମ୍ର (ଭୁବନେଶ୍ୱର)ପାଇଁ ୧୯ରାଉଣ୍ଡ, ଜଟଣୀ ପାଇଁ ୧୮ ରାଉଣ୍ଡ, ବେଗୁନିଆ ପାଇଁ ୧୭ରାଉଣ୍ଡ, ଖୋର୍ଦ୍ଧା ପାଇଁ ୧୮ରାଉଣ୍ଡ, ଚିଲିକା ପାଇଁ ୧୭ରାଉଣ୍ଡ ଗଣତି ହେବ। ଲୋକସଭା କ୍ଷେତ୍ରରେ ଜୟଦେବ ନିର୍ବାଚନମଣ୍ଡଳୀ ପାଇଁ ୧୬ରାଉଣ୍ଡ, ଭୁବନେଶ୍ୱର(ମଧ୍ୟ)ପାଇଁ ୧୪ରାଉଣ୍ଡ, ଭୁବନେଶ୍ୱର(ଉତର)ରେ୧୮ ରାଉଣ୍ଡ, ଭୁବନେଶ୍ୱର(ଏକାମ୍ର) ପାଇଁ ୧୬ ରାଉଣ୍ଡ, ଜଟଣୀ ପାଇଁ ୧୮ ରାଉଣ୍ଡ, ବେଗୁନିଆ ପାଇଁ ୧୭ରାଉଣ୍ଡ, ଖୋର୍ଦ୍ଧା ପାଇଁ ୧୮ରାଉଣ୍ଡ, ଚିଲିକା ପାଇଁ ୧୭ରାଉଣ୍ଡ ଗଣତି ହେବ ବୋଲି ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ଜଣାଯାଇଛି।

ଅନ୍ୟ ପକ୍ଷରେ ଭୋଟ ଗଣତି ସମୟ ଯେତିକି ପାଖେଇ ଆସୁଛି ତାକୁ ନେଇ ନେତା ଓ କର୍ମୀଙ୍କ ଛାତି ଧଡ଼ ଧଡ଼ ହେଉଥିବା ବେଳେ ବିଭିନ୍ନ ସଂସ୍ଥାର ସର୍ଭେ ରିପୋର୍ଟ ରାଜନୈତିକ ହଟଚମଟ ସୃଷ୍ଟି କରିଛି। ଚଳିତ ନିର୍ବାଚନରେ କେଉଁ ନେତା ବାଦ୍ ପଡ଼ିବେ ତାହା ମଙ୍ଗଳବାର ଭୋଟ ଗଣତି ପରେ ସ୍ପଷ୍ଟ ହେବ।

# ବଜ୍ରପାତଜନିତ ସଚେତନତା କାର୍ଯ୍ୟକ୍ରମ



**ବାଲୁଗାଁ, ୨।୬ (ସମିସ):** ବଜ୍ରପାତ ଯୋଗୁଁ ଅନେକଙ୍କ ଜୀବନ ହାନି ଘଟୁଛି। ତେବେ ଏଥିରୁ ରକ୍ଷା ପାଇବା ପାଇଁ ବାଣପୁର ସ୍ଥିତ କମ୍ପ୍ୟୁଟର ଷ୍ଟଡ଼ି ସେଣ୍ଟର ପକ୍ଷରୁ ରବିବାର ସଚେତନମୂଳକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ବିଭାଗୀୟ ସଂଯୋଜକ ସୁଦେଶ କୁମାର ସେଠୀ, ଅନୁଷ୍ଠାନର ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ମହାପାତ୍ର, ଇଂରାଜୀ ଅଧ୍ୟାପକ ରମେଶ ଚନ୍ଦ୍ର ଦାସ, ସେଣ୍ଟଜନ ଆମ୍ବୁଲାନ୍ସର ଆଜୀବନ ସଭ୍ୟ ତଥା ସମାଜସେବୀ ଅନନ୍ତ ଚରଣ ଖଟେଇ ପ୍ରମୁଖ ଉପସ୍ଥିତ ରହି ବଜ୍ରପାତରୁ ରକ୍ଷା ପାଇବା ସମ୍ବନ୍ଧୀୟ ବିଭିନ୍ନ ସଚେତନମୂଳକ ବାର୍ତ୍ତା ପ୍ରଦାନ କରିଥିଲେ। ଅନୁଷ୍ଠାନର ସମସ୍ତ ଶିକ୍ଷାର୍ଥୀ କାର୍ଯ୍ୟକ୍ରମରେ ଉପସ୍ଥିତ ରହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅନୁଷ୍ଠାନର କମ୍ପ୍ୟୁଟର ପ୍ରଶିକ୍ଷକ ସୁକେଶ ତ୍ରିପାଠୀ ଓ ନନ୍ଦିଘୋଷ ନାୟକ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ପ୍ରାଣନାଥମହାବିଦ୍ୟାଳୟ: ରୁପ୍ସା ଦାଶ +୨ କଳା ଟପ୍ପର

**ଖୋର୍ଦ୍ଧା, ୨।୬(ସମିସ):** ଯୁକ୍ତ ଦୁଇ ପରୀକ୍ଷାରେ ପ୍ରାଣନାଥ ମହାବିଦ୍ୟାଳୟର ଛାତ୍ରୀ ରୁପସା ଦାଶ ୬୦୦ରୁ ୫୩୦ ମାର୍କ ରଖି କଳା ବିଭାଗରେ ଟପ୍ପର ହୋଇଛନ୍ତି। ଗୁରୁଜଙ୍ଗ ନିବାସୀ ଆଇନଜୀବୀ ସଞ୍ଜୟ ଦାଶ ଏବଂ ଶୁଭସ୍ମିତା ଦାଶଙ୍କ ଜ୍ୟେଷ୍ଠ କନ୍ୟା ରୁପସା ନିଜ ସଫଳତା ପାଇଁ ଭଗବାନଙ୍କ ଆଶୀର୍ବାଦ ସହିତ ମା, ବାପା, ଗୁରୁଜନ, ଭାଇଭଉଣୀ, ଶିକ୍ଷକଶିକ୍ଷୟିତ୍ରୀ, ସହପାଠୀ ତଥା ବରିଷ୍ଠ ସହପାଠୀଙ୍କୁ ଶ୍ରେୟ ଦେଇଛନ୍ତି। ଏଥିପାଇଁ ସେ ଦିନକୁ ୮/୯ ଘଣ୍ଟା ପରିଶ୍ରମ କରିବାକୁ ପଡୁଥିବା ବେଳେ ପରୀକ୍ଷା ସମୟରେ ଅଧିକ ପରିଶ୍ରମ କରିଥିବା ସେ କହିଛନ୍ତି। ମାଟ୍ରିକ୍‌ରେ ୫୩୦ ମାର୍କ ରଖି ମଧ୍ୟ ନିଜ ମା, ବାପାଙ୍କ ପରାମର୍ଶ କ୍ରମେ +୨ରେ କଳା ବିଷୟକୁ ବାଛିଥିଲେ। ଯଦିଓ ଅଧିକାଂଶ ପିଲା ଉଚ୍ଚ ଶିକ୍ଷା ପାଇଁ ବିଜ୍ଞାନ ଏବଂ ବାଣିଜ୍ୟକୁ ଅଧିକ ଗୁରୁତ୍ୱ ଦେଇଥାନ୍ତି କିନ୍ତୁ ଜଣେ ଯଦି ଇଚ୍ଛା କରେ ତେବେ ନିଜ ସାଧନା ବଳରେ କଳାରେ ମଧ୍ୟ ଉନ୍ନତ ଶିକ୍ଷା ପାଇ ପାରିବେ ବୋଲି ସେ କହିଛନ୍ତି। ସେ ଓଡ଼ିଶା ଆଇନ ସେବା ପରୀକ୍ଷା ଦେଇ ଜଣେ ଭଲ ନ୍ୟାୟଧିଶ ହେବାକୁ ଲକ୍ଷ୍ୟ ରଖିଥିବା କହିଛନ୍ତି। ଝିଅର ଏହି କୃତିତ୍ୱ ପାଇଁ ଉଭୟ ବାପା ମା ବହୁତ ଗର୍ବିତ ବୋଲି ପ୍ରକାଶ କରିଛନ୍ତି।



# ମାଟ୍ରିକ୍ ଟପ୍ପରଙ୍କୁ ସମ୍ବର୍ଦ୍ଧନା



**ବେଗୁନିଆ, ୨।୬(ସମିସ):** ବେଗୁନିଆ ବ୍ଲକ ଅନ୍ତର୍ଗତ କଣ୍ଟାବାଡ଼ ନୀଳକଣ୍ଠ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ମନସ୍ୱିନୀ ସାହୁ ଚଳିତ ବର୍ଷ ମାଟ୍ରିକ୍ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ମାଟ୍ରିକ୍ ଟପ୍ପରକୁ ଭେଟି ସମ୍ବର୍ଦ୍ଧନା ଜ୍ଞାପନ କରିଛନ୍ତି। ଏଥିରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାସ୍କର ଲେଙ୍କା, ସ୍ଥାନୀୟ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଜୟ କୁମାର ମହାପାତ୍ର, ଶିକ୍ଷକ ନାରାୟଣ ମାନସିଂହ, ମାନସ ରଞ୍ଜନ ସେଠୀ, ସିଆରସିସି ହେମନ୍ତ କୁମାର ସାହୁ ଓ ପରିଚାଳନା କମିଟି ସଭାପତି ବଂଶୀଧର ପାଣିଗ୍ରାହୀଙ୍କ ସମେତ ସଦସ୍ୟମାନେ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ।

# ମେଧାବୀ ଛାତ୍ର ସମ୍ମାନ ସମ୍ବର୍ଦ୍ଧନା ଉତ୍ସବ



**ଖୋର୍ଦ୍ଧା/ଭୁଷୁଣ୍ଡପୁର, ୨।୬(ସମିସ):** ଭୁଷଣ୍ଡପୁର ବ୍ରିଗେଡ଼ ସ୍କୁଲର ମେଧାବୀ ଛାତ୍ର ସମ୍ମାନ ଉତ୍ସବ ସ୍କୁଲ ସମ୍ପାଦକ ବ୍ରଜବନ୍ଧୁ ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇ ମାଟ୍ରିକ୍ ପରୀକ୍ଷାରେ ସମସ୍ତ ଛାତ୍ରଛାତ୍ରୀ ଏ-୧ ଓ ଏ ଗ୍ରେଡ୍‌ରେ ପାଶ କରିଥିବାରୁ ସେମାନଙ୍କୁ ମାନପତ୍ର ସହ ଟ୍ରଫି ପ୍ରଦାନ କରାଯାଇଥିଲା। ନବମ ଶ୍ରେଣୀ ଏନ୍‌ଆରଟିସ ପରୀକ୍ଷାରେ ସଫଳତା ପାଇଥିବା ୫ଜଣ, ପଠାଣି ସାମନ୍ତ ମେଧାବୃତ୍ତି ପାଇଥିବା ୪ଜଣ, ପଞ୍ଚମ ବୃତ୍ତି ପାଇଥିବା ୨ଜଣ ଏବଂ ତୃତୀୟ ବୃତ୍ତି ପାଇଥିବା ୨ଜଣ ଛାତ୍ରଛାତ୍ରୀଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ସମ୍ମାନ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରାଜ୍ୟ ବ୍ରିଗେଡ୍ ବୋର୍ଡ଼ର ସଭାପତି ସତ୍ୟବାଦୀ ବଳିଆରସିଂହ, ରାଜ୍ୟ ସାଧନ ଶିକ୍ଷକ ଗୋପାଳ ଚନ୍ଦ୍ର ତ୍ରିପାଠୀ ମୁଖ୍ୟବକ୍ତା ଭାବେ ଯୋଗ ଥିବାବେଳେ ସମ୍ମାନିତ ଅତିଥି ଭାବେ ସମାଜସେବୀ ରାମ ନାରାୟଣ ଦାଶ, ଶିକ୍ଷାବିତ୍ ସୁରେନ୍ଦ୍ର କୁମାର ରାଉତରାୟ, ବିଦ୍ୟାଳୟ କମିଟି ସଭାପତି କୁମର ସାହୁ, ରଙ୍ଗନାଥ ସାହୁ, ସୁରେଶ ଚନ୍ଦ୍ର ବେହେରା, ବିରଞ୍ଚି ନାରାୟଣ ସାହୁ, ସଞ୍ଜୟ କୁମାର ପଟ୍ଟନାୟକ, ସାଗରିକା ସାହୁ ଓ ଦୁଃଶାସନ ସାହୁ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କ ସଫଳତାରେ ଶିକ୍ଷକ ଶିକ୍ଷୟିତ୍ରୀ ତଥା ପିତାମାତାଙ୍କ ପ୍ରେରଣା ନିହିତ ବୋଲି କହିଥିଲେ। ମାଟ୍ରିକ୍‌ରେ ଏ-୧ ଗ୍ରେଡ଼ପାଇଥିବା ପୁଷ୍ପାଞ୍ଜଳି ପରିଡ଼ା, ବିଚିତ୍ରା ମହାରଣା ଏବଂ ଏ-୨ ପାଇଥିବା ପ୍ରିୟାଂଶୀ ମଲ୍ଲିକ, ଯସ୍ମିନ ଜେନା, ଏଲିନା ପରିଡ଼ା, ବର୍ଷାରାଣୀ ପାତ୍ର ଓ ଆଶୀଷ ସୁନ୍ଦରାୟ ପ୍ରମୁଖ ନିଜ ଅଭିଜ୍ଞତା ବର୍ଣ୍ଣନା କରିଥିଲେ। ଦିବ୍ୟରଞ୍ଜନ ସାହୁ ଅତିଥି ପରିଚୟ ଓ ଅନ୍ନପୂର୍ଣ୍ଣା କାଳସୀ ଧନ୍ୟବାଦ ଦେଇଥିଲେ।

# ଛାତ୍ରୀଙ୍କ ଆତ୍ମହତ୍ୟା

**ବାଣପୁର, ୨।୬(ସମିସ):** ବାଣପୁର ଥାନା ଅଧିନସ୍ଥ ଆଙ୍କୁଲାପଦର ଗ୍ରାମର ଜଣେ ଛାତ୍ରୀ ମାଟ୍ରିକ ପରୀକ୍ଷାରେ କମ ନମ୍ବର ରହିବାରୁ ବିଷପିଇ ଆତ୍ମହତ୍ୟା କରିଥିବା ଜଣାଯାଇଛି। ସୂଚନା ମୁତାବକ ଆଙ୍କୁଲାପଦର ଗ୍ରାମର ତପସ୍ୱିନୀ ପ୍ରଧାନ (୧୬) ବାଣପୁରସ୍ଥିତ ନରେନ୍ଦ୍ରପୁର ଉପେନ୍ଦ୍ର ବିଦ୍ୟାପୀଠରେ ଅଧ୍ୟୟନ କରୁଥିବା ବେଳେ ଚଳିତ ବର୍ଷ ମାଟ୍ରିକ୍ ପରୀକ୍ଷା ଦେଇଥିଲେ। ଗତ ମଇ ୨୬ ତାରିଖରେ ପରୀକ୍ଷା ଫଳ ପ୍ରକାଶ ପାଇବାରେ ଏଥିରେ ତପସ୍ୱିନୀ କମ ନମ୍ବର ରଖି ପାସ୍ କରିଥିଲେ। ପରୀକ୍ଷାରେ ତାଙ୍କର କମ ନମ୍ବର ରହିବାରୁ ତପସ୍ୱିନୀ ଚିନ୍ତାରେ ରହୁଥିଲେ। ସେ ମାନସିକ ଭାରସାମ୍ୟ ହରାଇ ବିଷପିଇ ଦେଇଥିଲେ। ପରିବାର ଲୋକ ଜାଣିବା ପରେ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବାଣପୁର ଡାକ୍ତରଖାନାରେ ଭର୍ତ୍ତି କରାଇ ଥିଲେ। ହେଲେ ଅବସ୍ଥା ସଙ୍କଟାପନ୍ନ ହେବାରୁ ଡାକ୍ତର ତାଙ୍କୁ ବ୍ରହ୍ମପୁର ବଡ ମେଡ଼ିକାଲକୁ ସ୍ଥାନାନ୍ତରିତ କରିଦେଇ ଥିଲେ। ତେବେ ସେଠାରେ ତପସ୍ୱିନୀ ମୃତ ବରଣ କରିଥିବା ଜଣାପଡ଼ିଛି।

# ପ୍ରତିରକ୍ଷା ବିଭାଗ ମୁଖ୍ୟଙ୍କ ଆଇଏନ୍‌ଏସ୍ ଚିଲିକା ପରିଦର୍ଶନ

**ବାଲୁଗାଁ,୨।୬ (ସମିସ) :** ଭାରତର ପ୍ରତିରକ୍ଷା ବିଭାଗ ମୁଖ୍ୟ ଜେନେରାଲ ଅନିଲ ଚୌହାନ ଶନିବାର ଅଗ୍ନିବୀରଙ୍କ ନିମନ୍ତେ ପ୍ରାରମ୍ଭିକ ପ୍ରଶିକ୍ଷଣ କେନ୍ଦ୍ର ତଥା ଆଇଏନ୍‌ଏସ୍ ଚିଲିକା ପରିଦର୍ଶନ କରିଛନ୍ତି। ଏହି ଅବସରରେ ଜେନେରାଲ ମୁଖ୍ୟଙ୍କୁ ଦେଶ ସୁରକ୍ଷା କ୍ଷେତ୍ରରେ ସାମୁଦ୍ରିକ ଯୋଦ୍ଧାଙ୍କ ଭବିଷ୍ୟତ ସଜାଡୁ ଥିବା ପ୍ରଶିକ୍ଷଣ କେନ୍ଦ୍ର ଆଇଏନଏସ୍ ଚିଲିକା ବିଷୟରେ ଅବଗତ କରାଯାଇଥିଲା। ଏଥିସହ ନୂତନ କରି ପ୍ରଶିକ୍ଷଣ ପ୍ରାପ୍ତ କରୁଥିବା ଅଗ୍ନିବୀରଙ୍କ ଭବିଷ୍ୟତ କାର୍ଯ୍ୟପନ୍ଥା ଉପରେ ସବିଶେଷ ବିବରଣୀ ପ୍ରଦାନ କରାଯାଇଥିଲା।

ଜେନେରାଲ ମୁଖ୍ୟ ପରିଦର୍ଶନକାଳରେ ପ୍ରଶିକ୍ଷଣ ଲାଭ କରୁଥିବା ଅଗ୍ନିବୀରଙ୍କ ସହ ସାକ୍ଷାତ କରି କଥୋପକଥନ କରିଥିଲେ। ଶ୍ରୀ ଚୌହାନ ଉଦ୍‌ବୋଧନ ପ୍ରସଙ୍ଗରେ କହିଥିଲେ ଯେ, ଅଗ୍ନିବୀର ଯୋଜନାର କାର୍ଯ୍ୟକାରିତା ହେତୁ ପ୍ରତ୍ୟେକ ପ୍ରଶିକ୍ଷାର୍ଥୀ ଜଣେ ଜଣେ କର୍ତ୍ତବ୍ୟନିଷ୍ଠ, ଦାୟିତ୍ୱବୋଧତା ଏବଂ ସଚ୍ଚୋଟ ନାଗରିକ ଭାବେ ଦେଶ ସୁରକ୍ଷାରେ ସାମିଲ ହେବା ଏକ ମହତ୍ତ୍ୱପୂର୍ଣ୍ଣ ସୁଧାର ଅଟେ। ଏଥିସହ ପ୍ରଶିକ୍ଷଣ ଅବଧିକାଳରେ ପ୍ରତ୍ୟେକ ଅଗ୍ନିବୀର ଏହାକୁ ଗୁରୁତ୍ୱର ସହ ନେଇ ଭବିଷ୍ୟତରେ ସାମୁଦ୍ରିକ ଯୋଦ୍ଧା ଭାବେ ଦେଶକୁ ପ୍ରତିରକ୍ଷା କ୍ଷେତ୍ରରେ ସାମିଲ ହେବା ପାଇଁ ଆହ୍ୱାନ ଦେଇଛନ୍ତି। ଏହି ଅବସରରେ ମଧ୍ୟ ଜେନେରାଲ ମୁଖ୍ୟ ଅଗ୍ନିବୀରଙ୍କୁ ସେମାନଙ୍କର ପ୍ରଶିକ୍ଷଣ ସମୟ ମଧ୍ୟରେ ବିଭିନ୍ନ ସୁବିଧା ଅସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ। ଏହାପରେ ଅଗ୍ନିବୀରଙ୍କ ପ୍ରଶିକ୍ଷଣ ସମ୍ବନ୍ଧରେ ଜ୍ଞାନ ଆହରଣ ପାଇଁ ଆଇଏନଏସ୍ ଚିଲିକାର ବିଭିନ୍ନ ଭିତ୍ତିଭୂମି ପରିଦର୍ଶନ କରି ଅନୁଧ୍ୟାନ କରିଥିଲେ।



# କୃତୀ ଛାତ୍ରଛାତ୍ରୀଙ୍କୁ ଦକ୍ଷତା ସମ୍ମାନରେ ସମ୍ମାନିତ



**ନିରାକାରପୁର, ୨।୬(ସମିସ):** ଚଳିତ ବର୍ଷ ଯୁକ୍ତ ଦୁଇ ଓ ମାଟ୍ରିକ ପରୀକ୍ଷାରେ କୃତିତ୍ୱ ହାସଲ କରିଥିବା କିଛି କୃତୀ ଛାତ୍ର ଛାତ୍ରୀଙ୍କୁ 'ସହଯୋଗ' ପରିବାର ତରଫରୁ +-୨, ବ୍ଲକ ଟପ୍ପର ଓ ମାଟ୍ରିକ୍ ଏ-ୱାନ ପାଇଥିବା ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରାଯାଇଛି। ଅନୁଷ୍ଠିତ ସୂତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜଗନ୍ନାଥ ସଂସ୍କୃତି ଗବେଷକ, ବିଶିଷ୍ଟ ଲେଖକ ତଥା ସହଯୋଗ ପରିବାର ମୁଖ୍ୟ ଉପଦେଷ୍ଟା ଡ. ପୂର୍ଣ୍ଣ ଚନ୍ଦ୍ର ଦାଶ ଯୋଗଦେଇ ଛାତ୍ରଛାତ୍ରୀଙ୍କ ଉଜ୍ଜଳ ଭବିଷ୍ୟତ କାମନା କରିବା ସହିତ କୃତୀ ଛାତ୍ରଛାତ୍ରୀଙ୍କୁ ସହଯୋଗ ତରଫରୁ ମାନପତ୍ର, ଉପଢ଼ୌକନ ପ୍ରଦାନ ପୂର୍ବକ ସହଯୋଗ ଦକ୍ଷତା ସମ୍ମାନରେ ସମ୍ମାନିତ କରିଥିଲେ। ଏହି ଅବସରରେ ନିରାକାରପୁର କ୍ଷେତ୍ରବାସୀ ଡିଏଭି ମହାବିଦ୍ୟାଳୟ ଯୁକ୍ତ ଦୁଇ ବାଣିଜ୍ୟ ବିଭାଗ ବ୍ଲକ ଟପ୍ପର ଛାତ୍ର ଲାଲା ଦାସ, କମାଗୁରୁ ରାମଚନ୍ଦ୍ର କଳ୍ପନା ଜୁନିଅର୍ କଲେଜ କଳା ବିଭାଗ ବ୍ଲକ ଟପ୍ପର ଛାତ୍ରୀ ବି ଦୀପିକା ନାଇଡୁ, ମାଟ୍ରିକ୍ ପରୀକ୍ଷାରେ ଏ-ୱାନରେ ଉତ୍ତୀର୍ଣ୍ଣ ହୋଇଥିବା ନିରାକାରପୁର କ୍ଷେତ୍ରବାସୀ ସରକାରୀ ଉଚ୍ଚ ବିଦ୍ୟାଳୟର ବନ୍ଦିତା ସାହୁ, କମାଗୁରୁ ସରକାରୀ ଉଚ୍ଚ ବିଦ୍ୟାଳୟ ଛାତ୍ରୀ ସଙ୍ଗୀତ ସାହୁ, ଛାତ୍ର ଅଂଶୁମାନ ଗୁମାନସିଂ ଓ ସୂର୍ଯ୍ୟକାନ୍ତ ବେହେରା ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। କାର୍ଯ୍ୟକ୍ରମକୁ ସହଯୋଗ ଆବାହକ ହିମାଂଶୁ ଭୁଷଣ ଚମ୍ପତିରାୟ ପରିଚାଳନା କରିଥିବା ବେଳେ ସହଯୋଗ ସକ୍ରିୟ ସଭ୍ୟ ଶ୍ୟାମ ସୁନ୍ଦର ପଟ୍ଟନାୟକ, ମନମୋହନ ନାୟକ, ରାଜେଶ ପ୍ରତିହାରୀ, ବରିଷ୍ଠ ନାଗରିକ ସଂଘ ସମ୍ପାଦକ ଦୀନବନ୍ଧୁ କର, ରୂପାଲି ପ୍ରଧାନ, ଅଭିରାମ ପଣ୍ଡା, ବିଦ୍ୟାଧର ବିଶ୍?ାଳ, ଧନେଶ୍ୱର ସାହୁ, ଦିଲୀପ କୁମାର ବେହେରା ଓ ଶିକ୍ଷକ ବିଶ୍ୱରଞ୍ଜନ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି କୃତୀ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ।

# କାଜୁ ଜଙ୍ଗଲରୁ ଯୁବକଙ୍କ ମୃତଦେହ ଉଦ୍ଧାର; ହତ୍ୟା ସନ୍ଦେହ

**ଜଟଣୀ, ୨।୬(ସମିସ)**



ଜଟଣୀ ଥାନା ଅନ୍ତର୍ଗତ କନ୍ତିଆ କାଜୁଜଙ୍ଗଲରୁ ଜଣେ ବ୍ୟକ୍ତିଙ୍କ ମୃତଦେହକୁ ପୁଲିସ ଉଦ୍ଧାର କରିଛି। ମୃତବ୍ୟକ୍ତି ନୟାଗଡ଼ ଜିଲ୍ଲା ରଣପୁର ନିଳାଦ୍ରୀପୁର ଗ୍ରାମର ଦୀପକ କୁମାର ବେହେରା। ମୃତଦେହକୁ ପୁଲିସ ଜବତ କରି ଶବ ବ୍ୟବଚ୍ଛେଦ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଅନ୍ୟପଟେ କାଜୁ ଜଙ୍ଗଲରେ ମୃତଦେହକୁ ଝୁଲନ୍ତା ଅବସ୍ଥାରେ ପୁଲିସ ଉଦ୍ଧାର କରିଥିବା ବେଳେ ଶବଟି ୪/୫ଦିନ ହେଲାଣି ଝୁଲି ରହିଥିବା ସନ୍ଦେହ କରାଯାଉଛି। ଘଟଣାସ୍ଥଳରୁ ମୃତ ବ୍ୟକ୍ତିଙ୍କ ବାଇକ୍ ଜବତ କରିଛି ପୁଲିସ। ସେ ଆତ୍ମହତ୍ୟା କରିଛନ୍ତି ନା ହତ୍ୟା କରାଯାଇଛି, ତାହା ଅସ୍ପଷ୍ଟ ଥିବା ବେଳେ ପୁଲିସ ତଦନ୍ତ ଆରମ୍ଭ କରିଛି।

ଘଟଣାନୁଯାୟୀ, ରବିବାର ସକାଳେ ଗ୍ରାମର କିଛି ଲୋକ କାଜୁ ଜଙ୍ଗଲକୁ ଯାଇଥିଲେ। ଜଙ୍ଗଲରେ ଏକ ଗଛତଳେ ଜଣେ ବ୍ୟକ୍ତି ପଡ଼ି ରହିଥିବା ଦେଖି ପୁଲିସକୁ ଖବର ଦେଇଥିଲେ। ପୁଲିସ ପହଞ୍ଚି ମୃତଦେହକୁ ପୋକ ସାଲୁବାଲୁ ଅବସ୍ଥାରେ ଉଦ୍ଧାର କରିବା ସହ ବାଇକ୍‌କୁ ଜବତ କରିଥିଲା। ପରେ ଶବ ଚିହ୍ନଟ ପାଇଁ ଅଞ୍ଚଳବାସୀଙ୍କୁ ପଚରାଉଚରା କରିଥିଲେ କିନ୍ତୁ ଶରୀର ସମ୍ପୂର୍ଣ୍ଣ ପଚି ଯାଇଥିବା ବେଳେ କେହି ଚିହ୍ନିପାରି ନଥିଲେ। ବାଇକ୍ ନମ୍ବର ପ୍ଲେଟ୍‌ରୁ ବ୍ୟକ୍ତିଙ୍କ ନାଁ ଓ ଘର ଠିକଣା ପାଇ ପରିବାର ଲୋକଙ୍କୁ ଯୋଗାଯୋଗ କରିଥିଲା। ଖବର ପାଇ ପରିବାର ଲୋକ ଜଟଣୀ ଥାନାରେ ପହଞ୍ଚି ଲିଖିତ ଅଭିଯୋଗ କରିଛନ୍ତି। ଏନେଇ ଥାନାରେ କେସ ନଂ ୧୭/୨୪ ରେ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି ପୁଲିସ। ଅନ୍ୟପଟେ ମୃତ ଦୀପକ ବିଭିନ୍ନ ଆଡୁ କରଜ କରିଥିବା ପୁଲିସ ପରିବାର ଲୋକଙ୍କ ଠାରୁ ଜାଣିବାକୁ ପାଇଥିବା ସୂଚନା ଦେଇଛି। ତାଙ୍କୁ କେହି ହତ୍ୟା କରି ଆତ୍ମହତ୍ୟାର ରୂପ ଦେଇଥିବା ପରିବାର ଲୋକ ସନ୍ଦେହ କରୁଛନ୍ତି। ଅନ୍ୟପଟେ ପୁଲିସ କହିବା ଅନୁଯାୟୀ ଉକ୍ତ ମୃତବ୍ୟକ୍ତି ଜଣକ ପ୍ରଚୁର ଧାରକରଜ କରିଥିଲେ। ତେଣୁ ଏନେଇ ଆତ୍ମହତ୍ୟା କରିଥାଇ ପାରନ୍ତି। ତଦନ୍ତ ରିପୋର୍ଟ ପରେ ସତ୍ୟା ସତ୍ୟ ଜଣାପଡ଼ିବ ବୋଲି ପୁଲିସ ପ୍ରକାଶ କରିଛି।

୨ ଜୁନ, ୨୦୨୩ ସନ୍ଧ୍ୟା ୬.୪୦ମିନିଟ । ବାହାନଗା ରେଳ ଷ୍ଟେସନରେ ଶୁଭିଥିଲା ପ୍ରଚଣ୍ଡ ଶବ୍ଦ । ହଠାତ କେହି କିଛି ବୁଝି ପାରି ନ ଥିଲେ । ଷ୍ଟେସନକୁ ସ୍ଥାନୀୟ ଲୋକେ ଦୌଡ଼ି ଯିବା ପରେ ସେଠାକାର ଦୃଶ୍ୟ ସମସ୍ତଙ୍କ ଛାତିକୁ ଥରାଇ ଦେଇଥିଲା । ଦେଖିବାକୁ ମିଳିଥିଲା ଗୋଟିଏ କି ଦୁଇଟି ନୁହେଁ; ଏକାଥରେ ୩ଟି ଟ୍ରେନ ଏପଟ ସେପଟ ହୋଇ ବିଛାଡ଼ି ହୋଇ ପଡ଼ିଛି ରେଳ ଧାରଣା ଦୁଇକଡ଼ରେ । ବଞ୍ଚାଅ ବଞ୍ଚାଅ ବୋଲି ଶୁଭୁଥିଲା ଆର୍ତ୍ତ ଚିତ୍କାର । ଶତାବ୍ଦୀର ଏହି ବଡ଼ ଟ୍ରେନ୍ ଦୁର୍ଘଟଣାରେ ୨୯୬ ଲୋକଙ୍କ ମୃତ୍ୟୁ ଘଟିବା ସହ ଶହ ଶହ ଲୋକ ଆହତ ହୋଇଥିଲେ । ବର୍ଷକ ପରେ ଆଜିର ସ୍ଥିତିକୁ ନେଇ କଳିଙ୍ଗ କୁମାର ସାହୁ ଓ ରୁଚିକ ରଞ୍ଜନ ମହାପାତ୍ରଙ୍କ ସ୍ୱତନ୍ତ୍ର ଉପସ୍ଥାପନା ।



ବାହାନଗା ଟ୍ରେନ ଟ୍ରାଜେଡିକୁ ବର୍ଷେ

# ଲୌହଦାନବର ଦୁଃଖକୁ ବଳିଗଲା ରେଳବାଇର ଫମ୍ପା ପ୍ରତିଶ୍ରୁତି





ଦକ୍ଷିଣ ପୂର୍ବ ରେଳବାଇର ଖଡଗପୁର ରେଳ ଡିଭିଜନ ଅର୍ନ୍ତଗତ ବାଲେଶ୍ୱର ଜିଲ୍ଲାର ବାହାନଗାଠାରେ ୨୦୨୩ ମସିହା ଜୁନ ୨ତାରିଖ ସନ୍ଧ୍ୟା ୬.୪୦ରେ ଏକ ଛାତିଥରା ଟ୍ରେନ ଦୁର୍ଘଟଣା ଘଟିଥିଲା । ଦୁଇ ନମ୍ବର ଟ୍ରାକରେ ଯାଉଥିବା କରମଣ୍ଡଳ ସୁପରଫାଷ୍ଟ ଏକ୍ସପ୍ରେସ ଟ୍ରେନ ପ୍ରଥମେ ଉକ୍ତ ଟ୍ରାକରେ ଥିବା ଏକ ମାଲବାହୀ ଟ୍ରେନକୁ ଧକ୍କା ଦେଇଥିଲା । ଏହି ଧକ୍କାଟି ଏତେ ଭୟଙ୍କର ଥିଲା ଯେ ଅନ୍ୟ ଏକ ଟ୍ରାକରେ ଆସୁଥିବା ଯଶୋବନ୍ତପୁର ହାୱଡା ଏକ୍ସପ୍ରେସ ଟ୍ରେନର ଶେଷ ଦୁଇଟି ବଗିରେ ବାଜିଥିଲା । ଯାହାକି ଦୀର୍ଘ ପ୍ରାୟ ଏକ କିଲୋମିଟର ରାସ୍ତା ପର୍ଯ୍ୟନ୍ତ ଘୋଷାରି ହୋଇଯାଇଥିଲା । ଫଳରେ ବଗି ଉପରେ ବଗି ଚଢ଼ିଯାଇଥିଲା । ରେଳ ଟ୍ରାକରୁ ରେଳ ବଗି ଛିଟିକି ଯାଇ ନୟନଯୋଡିକୁ ପଡ଼ିଥିବା ବେଳେ ବହୁ ଯାତ୍ରୀ ସେଥିରେ ଚାପି ହୋଇ ରହି ଯାଇଥିଲେ । ଦୁର୍ଘଟଣାରେ ୯ ଶହରୁ ଅଧିକ ଯାତ୍ରୀ ଆହତ ହେବା ସହ ପାଖାପାଖି ୨୯୦ରୁ ଅଧିକ ଯାତ୍ରୀଙ୍କ ମୃତ୍ୟୁ ହୋଇଥିଲା । ଏହି ଦୁର୍ଘଟଣାରେ ପାଖାପାଖି୧୭ଟି ବଗି ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ଦୁଇ ତାରିଖ ରାତିରେ ଦୁର୍ଘଟଣା ପରେ ସ୍ଥାନୀୟ ଲୋକଙ୍କ ସମେତ ଜିଲ୍ଲା ପ୍ରଶାସନ ଓ ପୁଲିସ ପ୍ରଶାସନ ପକ୍ଷରୁ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଯାଇଥିଲା । ଲୋକମାନଙ୍କୁ ଦୁର୍ଘଟଣା ଗ୍ରସ୍ତ ବଗିରୁ ଉଦ୍ଧାର କରାଯାଇ ଆମ୍ବୁଲାନସ ଯୋଗେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମେତ ସୋର, ନୀଳଗିରି, ବାହାନଗା ଏବଂ ଅନ୍ୟାନ୍ୟ ମେଡିକାଲକୁ ଅଣାଯାଇ ତୁରନ୍ତ ସେମାନଙ୍କର ଚିକିତ୍ସା କରାଯାଇଥିଲା ।

**ଜିଲ୍ଲାରୁ ଗଡ଼ିଥିଲା ୧୪ଟି ମୁଣ୍ଡ:** ବାହାନଗା ଟ୍ରେନ ଦୁର୍ଘଟଣାରେ ବାଲେଶ୍ୱର ଜିଲ୍ଲାରୁ ଗଡ଼ିଥିଲା୧୪ଟି ମୁଣ୍ଡ । ଏହି ୧୪ଟି ପରିବାର ସେମାନଙ୍କ ଆତ୍ମୀୟ ସ୍ୱଜନଙ୍କୁ ହରାଇ ପରିବାର ଲୋକେ ଗୋଟିଏ ପ୍ରକାର ଭାଙ୍ଗି ପଡ଼ିଛନ୍ତି । ଏହି ଦୁର୍ଘଟଣାରେ ଜିଲ୍ଲାର ସଦର ତହସିଲ ଅଧିନ ହଳଦୀପଦା, ରୁପସା, ଚାନ୍ଦିପୁରରେ ୫ଜଣ ଲୋକଙ୍କ ଜୀବନ ଚାଲି ଯାଇଥିବା ବେଳେ ଜଳେଶ୍ୱର ବ୍ଲକରୁ ଦୁଇ, ଖଇରାରୁ ଜଣେ ବସ୍ତାରୁ ଦୁଇ ଜଣ, ବାଲିଆପାଳରୁ ଜଣେ, ସୋରରୁ ଜଣେ, ଭୋଗରାଇରୁ ଜଣେ ଏବଂ ସିମୁଳିଆ ବ୍ଲକରୁ ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ଘଟିଥିଲା । ସେହି୧୪ଜଣଙ୍କ ମଧ୍ୟରୁ ୧୨ଜଣ ପୁରୁଷ ଥିବା ବେଳେ ଦୁଇ ଜଣ ମହିଳା ମଧ୍ୟ ରହିଛନ୍ତି ।




**ଅବ୍ୟବସ୍ଥାରେ ବାହାନଗା ରେଳ ଷ୍ଟେସନ :** ଦୁର୍ଘଟଣା ପରେ ବାହାନଗା ଷ୍ଟେସନର ଉନ୍ନତି କରଣ ପାଇଁ ଗୁଡାଏ ପ୍ରତିଶ୍ରୁତି ମିଳିଥିଲା । ବିଶେଷ କରି ମଡେଲ ଷ୍ଟେସନରେ ପରିଣତ ହେବ । ହେଲେ ଆଜି ପର୍ଯ୍ୟନ୍ତ ଷ୍ଟେସନର ଏକ ନମ୍ବର ପ୍ଲାଟଫର୍ମ ନିର୍ମାଣ ହୋଇପାରିଲା ନାହିଁ । ଏହା ବ୍ୟତିତ ଏହି ଠାରେ ଥିବା ଫୁଟ ଓଭରବ୍ରିଜର ଅବସ୍ଥା ଶୋଚନୀୟ ହୋଇପଡ଼ିଛି । ଏହା ଭୁଷୁଡି ପଡ଼ିବାର ଆଶଙ୍କା ରହିଛି । ଏଠାରେ ପିଇବା ପାଇଁ ପାଣିର ସୁବିଧା ନଥିବା ବେଳେ ଦିବ୍ୟାଙ୍ଗ ପାଇଁ ଉଦ୍ଦିଷ୍ଟ ଥିବା ଶୌଚାଳୟରେ ତାଲା ଝୁଲୁଥିବା ଦେଖିବାକୁ ମିଳିଛି । ଏତଦ ବ୍ୟତିତ ସେଠାରେ ଲାଇଟର ସୁ ବବ୍ୟସ୍ଥା ମଧ୍ୟ ନାହିଁ ଫଳରେ ରାତିରେ ସେଠାରେ ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡାସ୍ଥଳି ପାଲଟିଛି । ଏହାବ୍ୟତିତ ଉତ୍ତର କେବିନ ପାଖରୁ ଷ୍ଟେସନକୁ ଯିବା ରାସ୍ତା ଅତ୍ୟନ୍ତ ଖରାପ ହୋଇପଡ଼ିଥିବା ବେଳେ ଏହାର ମରାମତି ମଧ୍ୟ ହେଉ ନାହିଁ ।



**ପ୍ରତିଶ୍ରୁତି ପାଳନ କଲେ ମୁଖ୍ୟମନ୍ତ୍ରୀ:** ବାହାନଗା ଦୁର୍ଘଟଣା ସମୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯେଉଁ ପ୍ରତିଶ୍ରୁତି ଦେଇଥିଲେ ତାହାକୁ ତୁରନ୍ତ ପୂରଣ କରାଯାଇଛି । ଛାତ୍ରଛାତ୍ରୀ ଏବଂ ସେମାନଙ୍କ ଅଭିଭାବକଙ୍କ ମନରୁ ଡର ଦୂର କରିବା ପାଇଁ ମୁଖ୍ୟମନ୍ତ୍ରୀ ବାହାନଗା ସ୍କୁଲକୁ ସ୍ୱତନ୍ତ୍ର ସହାୟତା ଭାବେ ୧କୋଟି ୭୫ଲକ୍ଷ ୮୮ ହଜାର ଟଙ୍କା ବ୍ୟୟରେ ଶବ ଗୃହକୁ ମାଟିରେ ମିଶାଯାଇ ଏକ ମଡେଲ ସ୍କୁଲ ନିର୍ମାଣ କାର୍ଯ୍ୟ କରାଯାଉଛି । ଏହାବ୍ୟତିତ ଛାତ୍ରଛାତ୍ରୀମାନଙ୍କ ପାଇଁ ୨୦ଲକ୍ଷ ଟଙ୍କା ବ୍ୟୟରେ ହାଇସ୍କୁଲର ଖେଳ ପଡ଼ିଆକୁ ଉନ୍ନତି କରଣ କାର୍ଯ୍ୟ ଜାରି ରହିଛି । ଅନ୍ୟପଟେ ଆମ ହସପିଟାଲ ଯୋଜନାରେ ମୁଖ୍ୟମନ୍ତ୍ରୀ ଏକ କୋଟିରୁ ଅଧିକ ଟଙ୍କା ମଧ୍ୟରେ ପାଚେରୀ, ପାର୍କିଂ, ଗେଟ, ବିଦ୍ୟୁତ, ଲାଇଟ, ପାନୀୟ ଜଳ ବ୍ୟବସ୍ଥା ଏବଂ ବିଭିନ୍ନ ଉନ୍ନତି ମୂଳକ କାର୍ଯ୍ୟ ପାଇଁ ଦେଇଥିଲେ ଯାହାକି ଏବେ ସମ୍ପୂର୍ଣ୍ଣ ଭାବେ ନିର୍ମାଣ ଶେଷ ହୋଇଛି । ଏହାବ୍ୟତିତ ବାହାନଗା ଗ୍ରାମ ପଞ୍ଚାୟତର ଗ୍ରାମ୍ୟ ସଡକ ସଂଯୋଗୀ କରଣ ପାଇଁ ପ୍ରତିଶ୍ରୁତି ଦେଇଥିଲେ । ତୁରନ୍ତ ୨୮ ଲକ୍ଷ ୫୦ହଜାର ଟଙ୍କା ବ୍ୟବୟରେ ଏହି ରାସ୍ତ ନିର୍ମାଣ କାର୍ଯ୍ୟ ଜାରି ରହିଛି ।

**ଷ୍ଟେସନର ବିକାଶରେ ଭଣ୍ଡେଇଲେ ରେଳମନ୍ତ୍ରୀ:** ଟ୍ରେନ ଦୁର୍ଘଟଣା ପରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ବାହାନଗା ଷ୍ଟେସନ, ମେଡିକାଲ ତଥା ଅଞ୍ଚଳର ବିକାଶ ପାଇଁ ସବୁ କିଛି କରାଯିବ ବୋଲି ପ୍ରତିଶ୍ରୁତି ଦେବା ସହ ତାଙ୍କ ସାଂସଦ ପାଣ୍ଠିରୁ ବାହନାଗା ବ୍ଲକର ବିକାଶ ପାଇଁ ୧କୋଟି ଟଙ୍କା ମଞ୍ଜୁର କରିଥିଲେ । ହେଲେ ଏହି ଦୁର୍ଘଟଣାକୁ ଏକ ବର୍ଷ ବିତିଯାଇଥିଲେ ସୁଦ୍ଧା ସ୍ଥାନୀୟ ଅଞ୍ଚଳର ବିକାଶ କଥା ତ ବହୁ ଦୂରରେ ହେଲେ ଆଜି ପର୍ଯ୍ୟନ୍ତ ବାହାନଗା ଷ୍ଟେସନର ଉନ୍ନତି କରଣ ହୋଇପାରିଲା ନାହିଁ ।







**ରାସ୍ତାକଡରେ ପଡ଼ିଛି ଧଳା କପଡ଼ା :** ଦୁର୍ଘଟଣା ସମୟର ସ୍ମୃତି ଆଜିବି ରାସ୍ତା କଡରେ ଉଜ୍ଜିବୀତ ହୋଇ ରହିଛି । ଦୁର୍ଘଟଣାରେ ଭାଙ୍ଗିଯାଇଥିବା ଧାରଣା ସାଙ୍ଗକୁ ଇଲେକ୍ଟ୍ରୀ ପୋଲ ଆଜି ରାସ୍ତାକଡରେ ସାଇତା ହୋଇ ରହିଛି । ଦୁର୍ଘଟଣା ପରେ ବାହାନଗାକୁ ଆସିଥିବା ବଣ୍ଡଲ ବଣ୍ଡଲ ଧଳା କପଡ଼ା ସେଠାରେ ପଡ଼ି ରହି ଖତ ଖାଉଛି ।

**ଗଡୁଛି ତେନ୍ତୁଳିଗଛର ଗଣ୍ଡି:** ଏହି ଦୁର୍ଘଟଣା ଘଟିବାକୁ ନେଇ କେହି କେହି ଫାଟକ ପାଖରେ ଥିବା ବହୁ ପୁରାତନ ରହସ୍ୟମୟ ତେନ୍ତୁଳି ଗଛକୁ ନେଇ ଚର୍ଚ୍ଚା ଜୋର ଧରିଥିଲା । ଏପରିକି ପୂର୍ବରୁ ରେଳବିଭାଗର କାର୍ଯ୍ୟ ପାଇଁ ଏହି ତେନ୍ତୁଳି ଗଛକୁ ସମ୍ପୂର୍ଣ୍ଣ କାଟିଦେଇଥିଲା । ତେବେ ଏହି ଗଛରେ ବାସ କରୁଥିବା ଭୂତ ପ୍ରେତମାନେ ଏହି ଦୁର୍ଘଟଣା ଘଟାଇଛନ୍ତି ବୋଲି ଗୁଜବ ହେଉଥିଲା । ତେବେ କଟାଯାଇଥିବା ଏହି ଗଛର ଗଣ୍ଡି ଦୀର୍ଘ ଏକ ବର୍ଷ ପରେ ସେଠାରେ ପଡ଼ି ରହିଥିବା ବେଳେ ଭୟରେ ତାକୁ କେହି ହାତ ମାରୁ ନାହାନ୍ତି ବୋଲି ଚର୍ଚ୍ଚା ହେଉଛି ।

**ମାଟିରେ ମିଶିଲା ଶବ ଗୃହ ସ୍କୁଲର ଘର :** ଦୁର୍ଘଟଣାକୁ ଏକ ବର୍ଷ ବିତିବା ପରେ ଏବେ ସେଠାରୁ ଭୟର ବାତାବରଣ ସମ୍ପୂର୍ଣ୍ଣ ଭାବେ ହଟି ଯାଇଛି । ବିଦ୍ୟାଳୟକୁ ଛାତ୍ରଛାତ୍ରୀମାନେ ଆସି ପାଠ ପଢୁଥିବା ବେଳେ ଭୂତପ୍ରେତ ଭୟ ଆଉ ନାହିଁ ।

**ସିବିଆଇ ତଦନ୍ତରେ ଶିଥିଳତା :** ବାହାନଗା ଦୁର୍ଘଟଣାରେ ସିବିଆଇ ତଦନ୍ତ ପରେ ବରିଷ୍ଠ ସିଗନାଲ ଇଂଜିନିୟର ଅରୁଣ ମହନ୍ତ, ସିନିୟର ସେକ୍ସସନ ଅଫିସିର(ସିଗନାଲ) ଅମୀର ଖାନ, ଟେକନସିଆନ ପପୁ କୁମାର ଯାଦବ ପ୍ରମୁଖଙ୍କୁ ଗିରଫ କରିଥିଲା । ପରେ ଏଥିରେ ସମ୍ପୃକ୍ତ ଥିବା ଅନ୍ୟ ଅଭିଯୁକ୍ତ ହିସାବରେ ସିବିଆଇ ଚାରି ଜଣଙ୍କୁ ଗିରଫ କରିବା ଚର୍ଚ୍ଚା ହୋଇଥିଲା । ହେଲେ ଆଜିକୁ ଦୀର୍ଘ ୧ବର୍ଷ ବିତିଯାଇଥିଲେ ସୁଦ୍ଧା ତଦନ୍ତ ଶିଥିଳ କାରଣରୁ ଆଖି ଦୃଶିଆ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ ।





## ସେମାନଙ୍କ ମୁହଁରୁ...



୨୦୨୩ ଜୁନ୨ତାରିଖ ସନ୍ଧ୍ୟାରେ ଘଟିଥିବା ଏହି ଟ୍ରେନ ଦୁର୍ଘଟଣା ଆଜିବି ମନରୁ ଯାଉନି । ସେହି ଭୟଙ୍କର ଦୃଶ୍ୟ ମନେ ପଡ଼ିଲେ ଛାତି ଥରି ଉଠେ । ହେଲେ ଏହା ମଧ୍ୟରେ ଏକ ବର୍ଷ ବିତିଯାଇଛି । ଦୁର୍ଘଟଣା ସମୟରେ ବହୁ ବଡ ବଡ ଲୋକ ଆସିଲେ ଆଉ ବିଭିନ୍ନ ପ୍ରତିଶ୍ରୁତି ଦେଲେ । ହେଲେ ଆଜି ପର୍ଯ୍ୟନ୍ତ ଗୋଟିଏ ବି ପୂରଣ ହେଲାନି । ବିଶେଷ କରି ରେଳର ବିକାଶ କ୍ଷେତ୍ରରେ ଦିଆଯାଇଥିବା ପ୍ରତିଶ୍ରୁତି ପାଣିର ଗାର ସଦୃଶ ହୋଇଛି । କିନ୍ତୁ ଦୁର୍ଘଟଣା ପରେ ବାହାନଗା ସ୍କୁଲ ଘରେ ରଖାଯାଇଥିବା ମୃତଦେହ ଘରକୁ ଭାଙ୍ଗି ଏହି ସ୍କୁଲକୁ ୫-ଟିରେ ଅର୍ନ୍ତଭୁକ୍ତ କରାଯାଇ କେବଳ ତା'ର ଉନ୍ନତି କରଣ କରାଯାଇଛି । ଏପରିକି ରେଳ ଲାଇନ ପାଖରେ ରାସ୍ତା ସଂକୀର୍ଣ୍ଣ ହୋଇଥିବା କାରଣରୁ ଯିବା ଆସିବା କଷ୍ଟକର ହେଉଛି ।

**ପ୍ରକାଶଚନ୍ଦ୍ର ସାହୁ**



ଜୀବନକାଳ ମଧ୍ୟରେ ଏଭଳି ଦୁର୍ଘଟଣା କେବେ ଦେଖି ନ ଥିଲୁ । ହେଲେ ଦୁର୍ଘଟଣା ଘଟିବା ପରେ ତୁରନ୍ତ ଘଟଣା ସ୍ଥଳରେ ପହଁଚି ଲୋକମାନଙ୍କୁ ବଗି ମଧ୍ୟରୁ ଉଦ୍ଧାର କରିବା ସହ ସେମାନଙ୍କୁ ପାଣି ଓ ଅନ୍ୟାନ୍ୟ ସମାଗ୍ରୀ ଯୋଗାଇଥିଲେ । ଏପରିକି ସେବେ ଠାରୁ ମାରୱାଡି ଯୁବ ମଞ୍ଚ ଏବଂ ସ୍ଥାନୀୟ ଲୋକଙ୍କ ସହଯୋଗରେ ୫ଦିନ ଘଟଣା ସ୍ଥଳରେ ରହି ଲୋକମାନଙ୍କୁ ରନ୍ଧା ଖାଦ୍ୟ ସହ ଶୁଖିଲା ଖାଦ୍ୟ ମଧ୍ୟ ପ୍ରଦାନ କରିଥିଲେ । ଅନ୍ୟପଟେ ଦୁର୍ଘଟଣାପରେ ସ୍ଥାନୀୟ ରେଳ ଷ୍ଟେସନର କୌଣସି ପ୍ରକାର ବିକାଶ ହୋଇ ନାହିଁ ବୋଲି କହିଛନ୍ତି ।

**ଲକ୍ଷ୍ମୀନାରାୟଣ ଖଣ୍ଡେଲୱାଲ, ଗୋପାଳପୁର**



ଏଠାରେ ଏକ ରେଳ ଉଡ଼ନ୍ତା ପୋଲ ନିର୍ମାଣ କରାଯିବ ବୋଲି ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ପ୍ରତିଶ୍ରୁତି ଦେଇଥିଲେ । ଏହାଛଡା ଷ୍ଟେସନର ଉନ୍ନତି କରଣ, ରାସ୍ତା ମରାମତି, ବାହାନଗା ପଞ୍ଚାୟତକୁ ମଡେଲ ପଞ୍ଚାୟତ, ବାହାନଗାରେ ଏକ୍ସପ୍ରେସ ଟ୍ରେନର ରହଣି ଆଦି ବିଭିନ୍ନ ପ୍ରତିଶ୍ରୁତି ଦେଇଥିଲେ । ହେଲେ ବର୍ଷେ ପରେ ମଧ୍ୟ କୌଣସି କାର୍ଯ୍ୟ ହୋଇନାହିଁ । ଏହାବ୍ୟବତିତ ରାସ୍ତା ଘାଟ ଶୋଚନୀୟ ହୋଇ ପଡ଼ିଥିବା ବେଳେ ଟ୍ରେନ ଦୁର୍ଘଟଣା ସ୍ଥଳ ତଥା ଉତ୍ତର କେବିନର ଲେବୁଲ କ୍ରସିଂର ରାସ୍ତା ସଂକୀର୍ଣ୍ଣ ହୋଇଯିବା ଫଳରେ ଲୋକେ ଯାତାୟତରେ ଅସୁବିଧାରେ ସମ୍ମୁଖିନ ହେଉଛନ୍ତି । ଏହାଛଡା ମଡେଲ ଷ୍ଟେସନ ପାଇଁ ଘୋଷଣା କରିଥିଲେ ସୁଦ୍ଧା ତାହା ହୋଇପାରି ନାହିଁ ବୋଲି ଅଭିଯୋଗ କରିବା ସହ ଆଜି ପର୍ଯ୍ୟନ୍ତ ଏକ୍ସପ୍ରେସ ଟ୍ରେନ ରହି ନାହିଁ ବୋଲି ଅଭିଯୋଗ କରିଛନ୍ତି ।

**ଗୟାଧର ରାଜ, ଅବସରପ୍ରାପ୍ତ ଶିକ୍ଷକ**



ପୂର୍ବରୁ ଛାତ୍ରଛାତ୍ରୀଙ୍କୁ ସ୍କୁଲ ଆସିବା ପାଇଁ ଭୟ ଲାଗୁଥିଲା । ଏପରିକି ଗତବର୍ଷ ନଭେମ୍ବର ମାସ ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନେ ସଠିକ ଭାବେ ଆସୁନଥିଲେ । ଏବେ କିନ୍ତୁ ପିଲାମାନଙ୍କ ମନରୁ ଭୟ ସମ୍ପୂର୍ଣ୍ଣ ଭାବେ କମି ଯାଇଥିବା ବେଳେ ସେମାନେ ଠିକ ଭାବେ ପାଠ ପଢୁଛନ୍ତି । ଏହାବ୍ୟତିତ ଟ୍ରେନ ଦୁର୍ଘଟଣା ପରେ ବିଦ୍ୟାଳୟକୁ ୨କୋଟି ଟଙ୍କା ଆସିଥିଲା ସେଥିରେ ନୂଆ ଘର ନିର୍ମାଣ ହେଉଛି ଏବଂ ପିଲାମାନେ ମଧ୍ୟ ସେଠାରେ ପାଠ ପଢୁଛନ୍ତି ।

**ଯଦୁନାଥ ଶିଅଳ, ପ୍ରଧାନ ଶିକ୍ଷକ, ବାହାନଗା ହାଇସ୍କୁଲ**



ଗତ ବର୍ଷ ଦୁର୍ଘଟଣା ସମୟରେ ମୁଁ ସପ୍ତମ ଶ୍ରେଣୀରେ ପଢୁଥିଲି । ଏବେ ମୋର ଅଷ୍ଟମ ଶ୍ରେଣୀ । ସେତେବେଳେ ସ୍କୁଲ ଯିବା ପାଇଁ ଡର ଲାଗୁଥିଲା । ହେଲେ ଆଜି ସେସବୁ ଆଉ ମନରେ ନାହିଁ । ଶବ ରଖାଯାଇଥିବା ଘରକୁ ସମ୍ପୂର୍ଣ୍ଣ ଭାବେ ଭାଙ୍ଗି ମାଟିରେ ମିଶାଇ ଦିଆଯାଇଛି । ଏବେ ମନରେ ସେ ଭୟ ନ ଥିବା ବେଳେ ପାଠ ଠିକ୍ ଭାବେ ପଢୁଛୁ ।

**ଶୁଭଙ୍କର ସାହୁ, ଅଷ୍ଟମ ଶ୍ରେଣୀ ଛାତ୍ର**

### ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୩.୪୪ • ପାଉଣ୍ଡ ୧୦୬.୨୯
- ୟୁରୋ ୯୦.୪୬ • ୟେନ୍ ୦.୫୩

### ସୁନା, ରୁପା ଦର



୧୦ ଗ୍ରାମ ପିଛା (ଟଙ୍କାରେ)
- ସୁନା : ୬୬,୫୦୦ (ଭୁବନେଶ୍ୱର)
- ରୁପା : ୯୮,୦୦୦ (କେଜି)



### ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୭୩,୯୬୧.୦୦
- ନିଫ୍ଟି ୨୨,୫୩୦.୦୦



### ପେଟ୍ରୋଲ-ଡିଜେଲ୍


ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୬



**ଅର୍ଥନୀତିଜ୍ଞମାନଙ୍କ ଆକଳନ**

## ଏଥର ବି ହ୍ରାସ ହୋଇ ନ ପାରେ ସୁଧ ହାର

**ନୂଆଦିଲ୍ଲୀ,୨।୬(ଏଜେନ୍ସି):** ଆସନ୍ତା ୪ ତାରିଖରେ ଲୋକସଭା ନିର୍ବାଚନ ଫଳାଫଳ ପ୍ରକାଶ ହେବାକୁ ରହିଥିବା ବେଳେ ଏହା ପରେ ପରେ ଭାରତୀୟ ରିଜର୍ଭ ବ୍ୟାଙ୍କର ଦ୍ୱିମାସିକ ମୁଦ୍ରାନୀତି କମିଟି ବୈଠକ ଅନୁଷ୍ଠିତ ହେବ । କିନ୍ତୁ ଏହି ବୈଠକରେ ରେପୋ ବା ସୁଧ ହାର ହ୍ରାସ କରାଯିବାର ସମ୍ଭାବନା କ୍ଷୀଣ ବୋଲି



ପ୍ରମୁଖ ଅର୍ଥନୀତିଜ୍ଞମାନେ ପୂର୍ବ ଆକଳନ କରିଛନ୍ତି । ବିଶେଷକରି ସାଂପ୍ରତିକ ସ୍ଥିତିରେ ମୁଦ୍ରାସ୍ଫୀତିକୁ ନେଇ ଯେଉଁଳି ଆହ୍ୱାନ ରହିଛି ତାହାକୁ ଦୃଷ୍ଟିରେ ରଖି ସୁଧ ହାରରେ କୌଣସି ପରିବର୍ତ୍ତନ କରାଯାଇ ନ ପାରେ ବୋଲି ସେମାନେ କହିଛନ୍ତି । ଉଲ୍ଲେଖଯୋଗ୍ୟ ଯେ, ୨୦୨୩ ଫେବୃଆରୀରେ ରିଜର୍ଭ ବ୍ୟାଙ୍କ କର୍ତ୍ତୃପକ୍ଷ ସୁଧ ହାରକୁ ୬.୫ ପ୍ରତିଶତ ମଧ୍ୟରେ ସୀମିତ ରଖିଥିଲା ବେଳେ ବର୍ତ୍ତମାନ ଯାଏ ଏହାକୁ କାଏମ ରଖିଛନ୍ତି । ତେବେ ସାଂପ୍ରତିକ ଅଭିବୃଦ୍ଧିକୁ ନେଇ ଆସନ୍ତା ୫ ତାରିଖରୁ ୭ ତାରିଖ ଯାଏ ଅନୁଷ୍ଠିତ ହେବାକୁ ଥିବା ମୁଦ୍ରାନୀତି ସମୀକ୍ଷା ବୈଠକରେ ରେପୋ ହାରରେ ପରିବର୍ତ୍ତନ ଅଣାଯିବ କି ନାହିଁ ସେନେଇ ବିଭିନ୍ନ ମହଲରେ ପ୍ରଶ୍ନ ଉଠିଥିଲା । କିନ୍ତୁ ମୁଦ୍ରାସ୍ଫୀତି ସ୍ଥିତିକୁ ନେଇ ଏଥିରେ ହ୍ରାସ କରାଯିବାର ସମ୍ଭାବନା ନାହିଁ ବୋଲି ଅର୍ଥନୀତିଜ୍ଞମାନେ ମତ ଦେଇଛନ୍ତି ।

# ୮ କମ୍ପାନୀଙ୍କ ଏମ୍-କ୍ୟାପ୍‌ରେ ୨.୦୮ ଲକ୍ଷ କୋଟି ହ୍ରାସ

**ମୁମ୍ବାଇ,୨।୬(ଏଜେନ୍ସି)**

ନିର୍ବାଚନ ଫଳାଫଳକୁ ନେଇ ନିବେଶକାରୀଙ୍କ ମନରେ ଆଶଙ୍କା ସୃଷ୍ଟି ହେବା ସହିତ ବିଗତ କିଛି ଦିନ ଧରି ଭାରତୀୟ ଶେୟାର ବଜାର କାରବାର ପ୍ରଭାବିତ ରହିଥିବା ଦେଖାଯାଇଛି । ବିଶେଷକରି ନିର୍ବାଚନ ଫଳାଫଳ କେଉଁ ଦଳ ସପକ୍ଷରେ ଯାଉଛି ତାହାକୁ ନେଇ ନିବେଶକାରୀ ଶଙ୍କାରେ ରହିଛନ୍ତି । ପୂର୍ବରୁ ଏଭଳି ଆଶଙ୍କାକୁ ନେଇ ବିଦେଶୀ ପୋର୍ଟଫୋଲିଓ ନିବେଶକାରୀ(ଏଫପିଓ) ଇକ୍ୱିଟି କ୍ଷେତ୍ରରେ ସର୍ବାଧିକ ପୁଞ୍ଜି ପ୍ରତ୍ୟାହାର କରିନେଇଥିଲା ବେଳେ ଏବେ ମଧ୍ୟ ଏହି ଧାରା ଜାରି ରହିଛି । ଏହିକ୍ରମରେ ଗତ ସପ୍ତାହରେ ହୋଇଥିବା କାରବାର ଅନୁସାରେ ବିଏସଇ ତାଲିକାଭୁକ୍ତ ପ୍ରମୁଖ ୧୦ କମ୍ପାନୀଙ୍କ ମଧ୍ୟରୁ ୮ କମ୍ପାନୀଙ୍କ ବଜାର ପୁଞ୍ଜି(ଏମ-କ୍ୟାପ୍) ରେ ଅନୂନ୍ୟ ୨.୦୮ ଲକ୍ଷ କୋଟି ଟଙ୍କା ହ୍ରାସ ଘଟିଛି । ବିଏସଇ ଷ୍ଟକ୍ ଏକ୍ସଚେଞ୍ଜ ସୂଚନା ଅନୁସାରେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍,ଟିସିଏସ୍, ଇନଫୋସିସ୍, ଆଇଟିସି, ଏଲଆଇସି, ହିନ୍ଦୁସ୍ତାନ ୟୁନିଲିଭର, ଭାରତୀ ଏୟାରଟେଲ ଏବଂ ଆଇସିଆଇସିଆଇ ବ୍ୟାଙ୍କ ଭଳି ଉଦ୍ୟୋଗ କ୍ଷେତ୍ରରେ ବଜାର ପୁଞ୍ଜି ପୂର୍ବ ତୁଳନାରେ ହ୍ରାସ ପାଇଛି । ତେବେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍, ଟିସିଏସ୍ ଏବଂ ଇନଫୋସିସ୍ ସର୍ବାଧିକ କ୍ଷତିର ସମ୍ମୁଖୀନ ହୋଇଥିବା କୁହାଯାଇଛି ।

ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ବଜାର ପୁଞ୍ଜିରେ ସର୍ବାଧିକ ଭାବେ ୬୬ ହଜାର ୭୯୨ କୋଟି ଟଙ୍କା ହ୍ରାସ ଘଟି ଏହାର ମୋଟ ବଜାର ପୁଞ୍ଜି ପରିମାଣ ୧୯ ଲକ୍ଷ ୩୪ ହଜାର ୭୧୭ କୋଟି ଟଙ୍କା ଖସି ଆସିଥିଲା ବେଳେ ଟିସିଏସ୍‌ର ୬୫ ହଜାର ୫୭୭ କୋଟି ଟଙ୍କା ହ୍ରାସରେ ଏହାର ମୋଟ ବଜାର ପୁଞ୍ଜି ପରିମାଣ ୧୩ ଲକ୍ଷ ୨୭ ହଜାର ୬୫୭ କୋଟି ଟଙ୍କାକୁ ହ୍ରାସ ପାଇଛି । ସେହିପରି ଇନଫୋସିସ୍‌ର ବଜାର ପୁଞ୍ଜିରେ ୨୪ ହଜାର ୩୩୮ କୋଟି ଟଙ୍କା ହ୍ରାସ ଘଟି ଏହାର ମୋଟ ପରିମାଣ ୫ ଲକ୍ଷ ୮୩ ହଜାର ୮୬୦ କୋଟି ଟଙ୍କାକୁ ଖସି ଆସିଥିବା କୁହାଯାଇଛି । ଅନ୍ୟ କମ୍ପାନୀଙ୍କ ମଧ୍ୟରେ ଏଲଆଇସିର ୧୦ ହଜାର ୮୧୫ କୋଟି ଟଙ୍କା ହ୍ରାସରେ ମୋଟ ପରିମାଣ ୬ ଲକ୍ଷ ୪୦ ହଜାର ୫୩୨ କୋଟି, ଆଇଟିସିର ୧୨ ହଜାର ୪୨୨ କୋଟି ଟଙ୍କା ହ୍ରାସରେ ଏହାର ମୋଟ ବଜାର ପୁଞ୍ଜି ପରିମାଣ ୫ ଲକ୍ଷ ୩୨ ହଜାର ୩୬ କୋଟି ଟଙ୍କାକୁ ହ୍ରାସ ପାଇଛି । ଭାରତୀ ଏୟାରଟେଲର ମୋଟ ବଜାର



ପୁଞ୍ଜି ୭ ଲକ୍ଷ ୭୮ ହଜାର ୩୩୫ କୋଟି ଟଙ୍କାକୁ ହ୍ରାସ ପାଇଥିଲା ବେଳେ ଆଇସିଆଇସିଆଇ ବ୍ୟାଙ୍କର ମୋଟ ବଜାର ପୁଞ୍ଜି ପରିମାଣ ୭ ଲକ୍ଷ ୮୭ ହଜାର ୨୨୯ କୋଟି ଟଙ୍କାକୁ ଖସି ଆସିଛି । କିନ୍ତୁ ଏଚଡିଏଫସି ଏବଂ ଭାରତୀୟ ଷ୍ଟେଟ ବ୍ୟାଙ୍କ ଏହି ସମୟ ମଧ୍ୟରେ ଲାଭବାନ ହେବା ସହିତ ସେମାନଙ୍କ ବଜାର ପୁଞ୍ଜିରେ ବୃଦ୍ଧି କରିବାକୁ ସକ୍ଷମ ହୋଇଛନ୍ତି । ତେବେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ବିଏସଇ ତାଲିକାଭୁକ୍ତ ପ୍ରମୁଖ ୧୦ କମ୍ପାନୀଙ୍କ ମଧ୍ୟରେ ସବୁଠୁ ମୂଲ୍ୟଯୁକ୍ତ କମ୍ପାନୀ ଭାବେ ମାନ୍ୟତା ପାଇବା ସହିତ ଏହାପଛକୁ ଟିସିଏସ୍, ଏଚଡିଏଫସି ବ୍ୟାଙ୍କ, ଆଇସିଆଇସିଆଇ ବ୍ୟାଙ୍କ, ଭାରତୀ ଏୟାରଟେଲ, ଏସବିଆଇ ଏବଂ ଏଲଆଇସି ଆଦି ରହିଛନ୍ତି ।

## ୧୦% ଅଭିବୃଦ୍ଧିରେ ମେ'ରେ ୧.୭୩ ଲକ୍ଷ କୋଟି ଜିଏସ୍‌ଟି ଆଦାୟ




**ନୂଆଦିଲ୍ଲୀ,୨।୬(ଏଜେନ୍ସି):** ଗତ ମେ' ମାସରେ ୧୦ ପ୍ରତିଶତ ଅଭିବୃଦ୍ଧିରେ କେନ୍ଦ୍ର ସରକାର ୧ ଲକ୍ଷ ୭୩ ହଜାର କୋଟି ଟଙ୍କାର ଜିଏସ୍‌ଟି ଆଦାୟ କରିଛନ୍ତି । ଏପ୍ରିଲ ମାସରେ ଆଦାୟ ହୋଇଥିବା ରେକର୍ଡ ୨.୧ ଲକ୍ଷ କୋଟି ଟଙ୍କା ଠାରୁ ଏହି ପରିମାଣ କମ୍ ହୋଇଥିଲେ ମଧ୍ୟ ୨୦୨୩-୨୪ ଆର୍ଥିକ ବର୍ଷର ସମ ଅବଧି ତୁଳନାରେ ଏହା ପ୍ରାୟ ୧୦ ପ୍ରତିଶତ ଅଧିକ । ଘରୋଇ କାରବାର ବୃଦ୍ଧି ସହିତ ଆମଦାନୀରେ ହ୍ରାସ ଘଟିଥିବା ଯୋଗୁ ଜିଏସଟି ଆଦାୟ କ୍ଷେତ୍ରରେ ବୃଦ୍ଧି ପରିଲକ୍ଷିତ ହୋଇଥିବା କୁହାଯାଇଛି । ଅର୍ଥ ମନ୍ତ୍ରାଳୟ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁସାରେ ଘରୋଇ ସ୍ତରରେ କାରବାରରେ ୧୫.୩ ପ୍ରତିଶତ ବୃଦ୍ଧି ଘଟିଥିଲା ବେଳେ ଆମଦାନୀରେ ୪.୩ ପ୍ରତିଶତ ହ୍ରାସ ଘଟିଛି । ଏହାଦ୍ୱାରା ବାର୍ଷିକ ହାରରେ ଜିଏସ୍‌ଟି ଆଦାୟରେ ୧୦ ପ୍ରତିଶତ ଅଭିବୃଦ୍ଧି ଘଟିଛି । ଗତ ଏପ୍ରିଲରେ ଜିଏସଟି ଆଦାୟ ସର୍ବାଧିକ ଭାବେ ୨.୧୦ ଲକ୍ଷ କୋଟିରେ ପହଞ୍ଚିଥିଲା । କିନ୍ତୁ ମେ 'ରେ ଏହି ପରିମାଣ ୧.୭୩ ଲକ୍ଷ କୋଟିରେ ପହଞ୍ଚିବା ସହିତ ଜିଏସଟି ରିଫଣ୍ଡ ପରେ ଏହା ୧.୪୪ ଲକ୍ଷ କୋଟି ଟଙ୍କା ରହିଥିବା ଅର୍ଥ ମନ୍ତ୍ରାଳୟ ପକ୍ଷରୁ କୁହାଯାଇଛି । ଏଥିସହିତ ଚଳିତ ଆର୍ଥିକ ବର୍ଷର ମେ ' ମାସ ଯାଏ ମୋଟ ଜିଏସଟି ଆଦାୟ ୩.୮୩ ଲକ୍ଷ କୋଟି ଟଙ୍କା ରହିବା ସହିତ ବାର୍ଷିକ ହାରରେ ଏଥିରେ ୧୧.୩ ପ୍ରତିଶତ ଅଭିବୃଦ୍ଧି ଘଟିଥିବା କୁହାଯାଇଛି ।

**• ଆଜି ଠାରୁ ଲାଗୁ ହେବ ବର୍ଦ୍ଧିତ ଟୋଲ୍ ଶୁଳ୍କ**

## ଥିଲା ୩%, ଏବେ ଦେବାକୁ ପଡ଼ିବ ୫%




**ନୂଆଦିଲ୍ଲୀ,୨।୬(ଏଜେନ୍ସି):** ଲୋକସଭା ନିର୍ବାଚନ ଶେଷ ହେବା କ୍ଷଣି ॥ କେନ୍ଦ୍ର ସରକାରଙ୍କ ପକ୍ଷରୁ ଦେଶବାସୀଙ୍କୁ ଝଟକା ଲାଗିଛି । କେନ୍ଦ୍ର ସରକାର ଦେଶରେ ପ୍ରଚଳିତ ଟୋଲ ଟିକସ ହାର ବୃଦ୍ଧି କରିବା ସହିତ ବର୍ଦ୍ଧିତ ଟିକସ ଜୁନ୍ ୨ ମଧ୍ୟରାତ୍ରରୁ ଲାଗୁ କରିବାକୁ ଯାଉଛନ୍ତି । ଫଳରେ ଆସନ୍ତାକାଲି ଠାରୁ ଦେଶରେ ଯାତ୍ରା କରିବା ମହଙ୍ଗା ହେବ । ବର୍ତ୍ତମାନ ଜାତୀୟ ସ୍ତରରେ ଟୋଲ ଟିକସ ହାର ୩ ପ୍ରତିଶତ ରହିଛି । କିନ୍ତୁ ଜୁନ୍ ୩ ତାରିଖରୁ ଏହା ୫ ପ୍ରତିଶତକୁ ବୃଦ୍ଧି ପାଇବ । ସାରା ଦେଶରେ ରହିଥିବା ୧୧୦୦ ଟୋଲ ପ୍ଲାଜାରେ ଏହା ଲାଗୁ ହେବ । ବିଭିନ୍ନ ଶ୍ରେଣୀର ଯାନକୁ ନେଇ ଟୋଲ ଟିକସ ସର୍ବନିମ୍ନ ୫ ରୁ ସର୍ବାଧିକ ୨୫ ପ୍ରତିଶତ ହାରରେ ଦେବାକୁ ପଡ଼ିବ ବୋଲି ଜଣାପଡ଼ିଛି । ହାଲୁକା ଯାନ ଉପରେ ଅତିରିକ୍ତ ୫ ଟଙ୍କା ଏବଂ ବ୍ୟବସାୟିକ ଯାନ ଉପରେ ୫ ରୁ ୨୦ ଟଙ୍କା ଅତିରିକ୍ତ ଟୋଲ୍ ରହିବ ।ରାଷ୍ଟ୍ରୀୟ ରାଜପଥ ପ୍ରାଧିକରଣ ପକ୍ଷରୁ ଏନେଇ ସୂଚନା ଦିଆଯାଇଛଇ । ନୂତନ ତାଲିକା ଅନୁସାରେ ହାଲୁକା ଯାନ ଉପରେ ଶୁଳ୍କ ୫ ଟଙ୍କା ବୃଦ୍ଧି କରାଯାଇଥିଲା ବେଳେ ବାଣିଜ୍ୟିକ ଏବଂ ଭାରୀ ଯାନ ଉପରେ ଶୁଳ୍କ ୫ ରୁ ୨୦ ଟଙ୍କାକୁ ବୃଦ୍ଧି କରାଯାଇଛି । ଅଧିକ ଓଜନ ବିଶିଷ୍ଟ ଯାନଗୁଡ଼ିକୁ ଦଶଗୁଣ ଅଧିକ ଟିକସ ପୈଠ କରିବାକୁ ପଡ଼ିବ ବୋଲି କୁହାଯାଇଛି । କେବଳ ଏକ ପାଖିଆ ଗସ୍ତ କ୍ଷେତ୍ରରେ ଏକ କାର୍ ପାଇଁ ଟୋଲ ଟିକସ ୯୦ ଟଙ୍କା ରହିଥିଲା ବେଳେ ଯିବା ଓ ଫେରିବା କ୍ଷେତ୍ରରେ ଟିକସ ପରିମାଣ ୧୪୦ ଟଙ୍କା ରହିବ । ସେହିପରି ହାଲୁକା ବାଣିଜ୍ୟିକ ଯାନ ପାଇଁ ଏହା ଯଥାକ୍ରମେ ୧୫୦ ଏବଂ ୨୨୫ ଟଙ୍କା ରହିବ । ବସ୍ ଏବଂ ଟ୍ରକ୍ ପାଇଁ ଟିକସ ୩୧୦ ଏବଂ ୪୬୫ ଟଙ୍କା ରହିବା ସହିତ ଭାରୀ ବ୍ୟବସାୟିକ ଯାନ ପାଇଁ ଏହା ୪୯୦ ଏବଂ ୭୩୫ ଟଙ୍କା ରହିବ ବୋଲି କୁହାଯାଇଛି । ଉଲ୍ଲେଖଯୋଗ୍ୟ ଯେ, କେନ୍ଦ୍ର ସରକାର ଜାତୀୟ ରାଜପଥ ଭିତ୍ତିଭୂମିର ବିକାଶ ପାଇଁ ଗତ ଦଶନ୍ଧିରେ ପର୍ଯ୍ୟାପ୍ତ ପୁଞ୍ଜି ବ୍ୟୟ କରିଥିଲା ବେଳେ ବର୍ତ୍ତମାନ ସୁଦ୍ଧା ୧ ଲକ୍ଷ ୪୬ ହଜାର କିମି ପରିମିତ ରାସ୍ତା ନିର୍ମାଣ କରାଯାଇସାରିଛି । ୨୦୧୮-୧୯ ଆର୍ଥିକ ବର୍ଷରେ ମୋଟ ୨୫୨ ବିଲିୟନ ଟଙ୍କା ଆଦାୟ ହୋଇଥିଲା । କିନ୍ତୁ ୨୦୨୨-୨୩ ଆର୍ଥିକ ବର୍ଷରେ ଏହି ପରିମାଣ ୫୪୦ ବିଲିୟନ ଟଙ୍କାକୁ ବୃଦ୍ଧି ପାଇଛି ।

**ରଜ ପର୍ବ ପାଇଁ ଟ୍ରେଣ୍ଡ୍‌ସରେ ଆରମ୍ଭ ହେଲା 'ରଜ ମଉଜ'**

## ଗ୍ରାହକଙ୍କ ପାଇଁ ଆକର୍ଷଣୀୟ ଉପହାର ସୁଯୋଗ

**ଭୁବନେଶ୍ୱର,୨।୬(ସମିସ)**




ରଜ ପର୍ବ ପାଖେଇ ଅସୁଥିବା ବେଳେ ରିଲାଏନ୍ସ ରିଟେଲର ପୋଷାକ ଓ ଆସେସୋରିଜ୍ ସ୍ପେସାଲିଟି ଚେନ୍ ଟ୍ରେଣ୍ଡସ୍ ପକ୍ଷରୁ 'ରଜ ମଉଜ ଓ ଶ୍ରେଷ୍ଠ ରଜ ଲୁକ୍ସ ପ୍ରତିଯୋଗିତା' ସହ ରଜ ଅଭିଯାନ ଆରମ୍ଭ ଘୋଷଣା କରାଯାଇଛି ।ରଜ ଅଭିଯାନକୁ ଗ୍ରାହକଙ୍କ ପାଇଁ ଅଧିକ ରୋମାଞ୍ଚକର ଏବଂ ଲାଭଦାୟକ କରିବା ପାଇଁ ଟ୍ରେଣ୍ଡ୍‌ସ ଏକ ସ୍ୱତନ୍ତ୍ର ପଦକ୍ଷେପ ଆରମ୍ଭ କରିଛି । ଯେଉଁଥିରେ ୩,୯୯୯/- ଟଙ୍କା କିମ୍ବା ତା'ଠାରୁ ଅଧିକ ମୂଲ୍ୟର କିଣାକିଣି କରୁଥିବା ଗ୍ରାହକମାନେ ମାତ୍ର ୨୪୯ ଟଙ୍କା କିମ୍ବା ୩୯୯ ଟଙ୍କାରେ ଏକ ଆକର୍ଷଣୀୟ ଉପହାର ପାଇପାରିବେ । ୧ ଜୁନ୍ ୨୦୨୪ ରୁ ୧୯ ଜୁନ୍ ୨୦୨୪ ପର୍ଯ୍ୟନ୍ତ ଚାଲିବାକୁ ଥିବା ଶ୍ରେଷ୍ଠ ରଜ ଲୁକ୍ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଆକର୍ଷଣୀୟ ପୁରସ୍କାର ଜିତିବାର ସୁଯୋଗ ନେଇପାରିବେ ।ଟ୍ରେଣ୍ଡ୍‌ସ ଗ୍ରାହକଙ୍କ ଠାରୁ ପ୍ରତିଯୋଗିତାରେ ଅଂଶଗ୍ରହଣ ପାଇଁ ଆବେଦନ ଆମନ୍ତ୍ରଣ କରୁଛି ।ଯେଉଁଥିରେ ସେମାନେ ନିଜର ଏକ ସେଲ୍ଫି କ୍ଲିକ୍ କରି କିମ୍ବା ଏକ ମିନିଟର ରିଲ୍ ପ୍ରସ୍ତୁତ କରି ସେମାନଙ୍କ ଇନଷ୍ଟାଗ୍ରାମ କିମ୍ବା ଫେସବୁକ୍ ପ୍ରୋଫାଇଲରେ ପୋଷ୍ଟ କରିବା ସହିତ ରିଲାଏନ୍ସ ଟ୍ରେଣ୍ଡସ୍ ପୃଷ୍ଠାକୁ ଟ୍ୟାଗ୍ କରି ଶ୍ରେଷ୍ଠ ରଜ ଲୁକ୍ସ ପ୍ରତିଯୋଗିତାରେ ଅଂଶଗ୍ରହଣ କରିପାରିବେ । ମେଟ୍ରୋ, ମିନି ମେଟ୍ରୋଠାରୁ ଆରମ୍ଭ କରି ଟାୟାର ୧, ଟାୟାର ୨ ସହର ଏବଂ ଏହା ବାହାରେ ଭାରତର ଉପଭୋକ୍ତାମାନଙ୍କ ପାଇଁ ଏହା ଉପଲବ୍ଧ ହେବା ଟ୍ରେଣ୍ଡ୍‌ସ ଷ୍ଟୋରଗୁଡ଼ିକରେ ଆଧୁନିକ ଲୁକ୍ ଏବଂ ପରିବେଶ ରହିଛି ଯେଉଁଥିରେ ଉତ୍ତମ ଗୁଣବତ୍ତା ଏବଂ ଫ୍ୟାଶନ ସାମଗ୍ରୀକୁ ନେଇ ଗ୍ରାହକମାନଙ୍କ ପାଇଁ ଆକର୍ଷଣ ସୃଷ୍ଟି କରାଯାଇପାରିଛି ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି । ଗ୍ରାହକମାନେ ଟ୍ରେଣ୍ଡ୍‌ସ ଷ୍ଟୋରଗୁଡ଼ିକରେ ଟ୍ରେଣ୍ଡି ଓମେନ୍ସ ୱେୟାର, ମେନ୍‌ସ ୱେୟାର, କିଡ୍ସ ୱେୟାର ଏବଂ ଫ୍ୟାସନ ଆସେସୋରିଜ୍‌କୁ ଉତ୍ତମ ମୂଲ୍ୟରେ କିଣିବାର ଏକ ଅନନ୍ୟ ଏବଂ ଉତ୍କୃଷ୍ଟ ଅନୁଭୂତି ପାଇପାରିବେ ।

## ଜିନ୍ଦଲ୍ ଷ୍ଟେନ୍‌ଲେସ୍‌କୁ ଅନ୍ତର୍ଜାତୀୟ ସୁରକ୍ଷା ପୁରସ୍କାର

**ଭୁବନେଶ୍ୱର, ୨।୬(ସମିସ):** ଭାରତର ସର୍ବବୃହତ ଷ୍ଟେନଲେସ୍ ଷ୍ଟିଲ୍ ନିର୍ମାଣକାରୀ ଉଦ୍ୟୋଗ ଜିନ୍ଦଲ ଷ୍ଟେନଲେସକୁ ବ୍ରିଟିଶ ସେଫ୍ଟି କାଉନସିଲ୍ ପକ୍ଷରୁ କ୍ରମାଗତ ପଞ୍ଚମ ବର୍ଷ ପାଇଁ 'ମେରିଟ୍' ବର୍ଗରେ ସମ୍ମାନଜନକ ଅନ୍ତର୍ଜାତୀୟ ସୁରକ୍ଷା ପୁରସ୍କାର ପ୍ରଦାନ କରାଯାଇଛି । ଯାଜପୁର ଓ ହିସାରର ଉତ୍ପାଦନ ପ୍ଲାଣ୍ଟରେ ନିଆଯାଇଥିବା ସୁରକ୍ଷା ପଦକ୍ଷେପ ପାଇଁ କମ୍ପାନୀକୁ ଏହି ସମ୍ମାନ ମିଳିଛି । ମୁମ୍ବାଇରେ ଅନୁଷ୍ଠିତ ଏକ ସମାରୋହରେ ହିସାରର ବରିଷ୍ଠ ଉପାଧ୍ୟକ୍ଷ ତଥା ୟୁନିଟ୍ ମୁଖ୍ୟ ବିଜୟ କୁମାର ବିନ୍ଦଲିଶ, ପରିବେଶ ଓ ସ୍ୱାସ୍ଥ୍ୟ ସୁରକ୍ଷା ମୁଖ୍ୟ ସୁଧୀର କୁମାର, ଯାଜପୁର ୟୁନିଟର ଅଗ୍ନି ଓ ସୁରକ୍ଷା ମୁଖ୍ୟ ମନୋଜ ବଳ ଏବଂ ଭାଇସ ପ୍ରେସିଡେଣ୍ଟ ଦୀପକ ଜୈନ କମ୍ପାନୀ ତରଫରୁ ଏହି ପୁରସ୍କାର ଗ୍ରହଣ କରିଥିଲେ । ଏହି ସଫଳତା ସମ୍ପର୍କରେ ଜିନ୍ଦଲ ଷ୍ଟେନଲେସର ପରିଚାଳନା ନିର୍ଦ୍ଦେଶକ ଅଭ୍ୟୁଦୟ ଜିନ୍ଦଲ କହିଛନ୍ତି, 'କ୍ରମାଗତ ପଞ୍ଚମ ଥର ପାଇଁ ଏହି ପୁରସ୍କାର ହାସଲ କରିବା ଆମ କମ୍ପାନୀର କର୍ମଚାରୀଙ୍କ ସୁରକ୍ଷା ପ୍ରତି ଥିବା ନିରନ୍ତର ସମର୍ପଣକୁ ପ୍ରତିଫଳିତ କରୁଛି ।ଏହା ସମ୍ଭାବ୍ୟ ବିପଦକୁ ଚିହ୍ନଟ ଓ ସମାଧାନ କରିବା ସହ ସୁରକ୍ଷା ସଂସ୍କୃତିକୁ ପ୍ରୋତ୍ସାହିତ କରିବା ପାଇଁ ରହିଥିବା ପ୍ରତିବଦ୍ଧତାକୁ ମଧ୍ୟ ପ୍ରତିଫଳିତ କରୁଛି । ଏଭଳି ସ୍ୱୀକୃତି କ୍ରମାଗତ ଭାବେ ଉନ୍ନତି ପଥରେ ବଢ଼ିବା ସହ ଭବିଷ୍ୟତରେ ସୁରକ୍ଷା କ୍ଷେତ୍ରରେ ଆହୁରି ଉଚ୍ଚ ମାନଦଣ୍ଡ ସ୍ଥିର କରିବାକୁ ପ୍ରେରଣା ଯୋଗାଉଛି ବୋଲି ସେ କହିଛନ୍ତି ।କମ୍ପାନୀ ଶୂନ୍ୟ ଦୁର୍ଘଟଣା ହାସଲ କରିବା ପାଇଁ ପ୍ରତିବଦ୍ଧ ରହିଛି ଏବଂ ଏହାର ସୁରକ୍ଷା ନିୟମାବଳୀକୁ କ୍ରମାଗତ ଭାବେ ଉନ୍ନତ କରିବାକୁ ଚେଷ୍ଟା କରୁଛି ।ବ୍ରିଟିଶ ସେଫ୍ଟି କାଉନସିଲର ଅନ୍ତର୍ଜାତୀୟ ସୁରକ୍ଷା ପୁରସ୍କାର ହେଉଛି ଉତ୍କର୍ଷତାର ଏକ ପରିଚୟ । କର୍ମଚାରୀଙ୍କ କଲ୍ୟାଣକୁ ପ୍ରାଥମିକତା ଦେଉଥିବା କମ୍ପାନୀଗୁଡ଼ିକୁ ଏହା ସ୍ୱୀକୃତି ପ୍ରଦାନ କରିଥାଏ ।୨୦୨୪ରେ ଏହି ପୁରସ୍କାର ପାଇଁ ମୋଟ ୧୨୫୧ଟି ଆବେଦନ ହୋଇଥିଲା । ବିଜେତାମାନଙ୍କ ମଧ୍ୟରେ ୟୁକେ, ଆଫ୍ରିକା, ଏସିଆ, ଚୀନ୍, ୟୁରୋପ, ଭାରତ, ମଧ୍ୟପ୍ରାଚ୍ୟ, ତୁର୍କୀ ଏବଂ ରିପବ୍ଲିକ ଅଫ୍ ଆୟର୍ଲାଣ୍ଡ ଭଳି ଦେଶର ବିଭିନ୍ନ ସଂସ୍ଥା ସାମିଲ ହୋଇଥିଲେ ।

## ୪୬ତମ ଆଣ୍ଟାର୍କଟିକା ଚୁକ୍ତି ପରାମର୍ଶଦାତା ବୈଠକ

**ନୂଆଦିଲ୍ଲୀ,୨।୬(ଏଜେନ୍ସି):** କେରଳର କୋଚିଠାରେ ୪୬ତମ ଆଣ୍ଟାର୍କଟିକା ଚୁକ୍ତି ପରାମର୍ଶଦାତା ବୈଠକ (ଏଟିସିଏମ୍-୪୬) ଏବଂ ପରିବେଶ ସୁରକ୍ଷା ସଂକ୍ରାନ୍ତ ୨୬ତମ କମିଟି (ସିଇପି-୨୬)ବୈଠକ ସଫଳତାର ସହ ହୋଇଛି । ଏହି ଅବସରରେ କେନ୍ଦ୍ର ଭୂ-ବିଜ୍ଞାନ ମନ୍ତ୍ରଣାଳୟ ଏବଂ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ମନ୍ତ୍ରୀ କିରଣ ରିଜିଜୁ ଆଣ୍ଟାର୍କଟିକା ଗବେଷଣା କେନ୍ଦ୍ର ମୈତ୍ରୀ-୨ ପ୍ରତିଷ୍ଠା ପାଇଁ ଭାରତର ଯୋଜନା ସମ୍ପର୍କରେ ଘୋଷଣା କରିଛନ୍ତି । ଏକ ପୃଥିବୀ,ଏକ ପରିବାର ଓ ଏକ ଭବିଷ୍ୟତର ଲକ୍ଷ୍ୟ ସହିତ 'ବସୁଧୈବ କୁଟୁମ୍ବକମ୍' ପରିକଳ୍ପନା ଆଧାରରେ ଏଟିସିଏମ୍ -୪୬ ଅନୁଷ୍ଠିତ ହୋଇଥିଲା । ଏହା ଆଣ୍ଟାର୍କଟିକା ସନ୍ଧି ପ୍ରଣାଳୀ ସିଷ୍ଟମ ସହିତ ଗଭୀର ଭାବରେ ଜଡିତ କରିଥାଏ । ଏହି ସମ୍ମିଳନୀକୁ କେନ୍ଦ୍ର ମନ୍ତ୍ରୀ କିରଣ ରିଜିଜୁଙ୍କ ସମେତ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ସଚିବ (ପଶ୍ଚିମ) ପବନ କପୁର ଏବଂ ବେଙ୍ଗାଲୁରୁସ୍ଥିତ ଜାତୀୟ ଉନ୍ନତ ଅଧ୍ୟୟନ ପ୍ରତିଷ୍ଠାନର ନିର୍ଦ୍ଦେଶକ ଡ. ଶୈଳେଶ ନାୟକ ଉଦଘାଟନ କରିଥିଲେ । ଖୁବ୍ ଶୀଘ୍ର ଭାରତ ମୈତ୍ରୀ-୨ ପ୍ରତିଷ୍ଠା ପାଇଁ ବ୍ୟାପକ ପରିବେଶ ମୂଲ୍ୟାଙ୍କନ ଦାଖଲ କରିବ ବୋଲି ଭାରତୀୟ ପ୍ରତିନିଧି ଦଳ (ଆୟୋଜକ ଦେଶ)ର ମୁଖ୍ୟ ତଥା ସଚିବ ଡ. ଏମ୍ ରବିଚନ୍ଦ୍ରନ ସୂଚନା ଦେଇଛନ୍ତି । ଭାରତରେ ୪୬ତମ ଏଟିସିଏମ୍ ଏବଂ ୨୬ତମ ସିଇପିର ସଫଳ ଆୟୋଜନ ଆଣ୍ଟାର୍କଟିକାର ଅନନ୍ୟ ଇକୋସିଷ୍ଟମକୁ ସୁରକ୍ଷିତ ରଖିବା ଏବଂ ବିଶ୍ୱ ପରିବେଶ ସ୍ଥାୟୀତ୍ୱକୁ ପ୍ରୋତ୍ସାହିତ କରିବା ପାଇଁ ଆମର ସାମୂହିକ ସଂକଳ୍ପକୁ ସୂଚାଉଛି । ଆଲୋଚନା, ସହଯୋଗ ଏବଂ ମିଳିତ ପଦକ୍ଷେପ ମାଧ୍ୟମରେ ଆମେ ସୁନିଶ୍ଚିତ କରିପାରିବା ଯେ ଆଣ୍ଟାର୍କଟିକା ଆଗାମୀ ପିଢ଼ି ପାଇଁ ଶାନ୍ତି, ବିଜ୍ଞାନ ଏବଂ ପରିବେଶ ସୁରକ୍ଷାର ପ୍ରତୀକ ହୋଇ ରହିବ ।ଆର୍ଜେଣ୍ଟିନାସ୍ଥିତ ଆଣ୍ଟାର୍କଟିକା ଟ୍ରିଟି ସଚିବାଳୟ ସହାୟତାରେ ଭାରତ ସରକାରଙ୍କ ପୃଥିବୀ ବିଜ୍ଞାନ ମନ୍ତ୍ରଣାଳୟ ପକ୍ଷରୁ ଗୋଆର ନ୍ୟାସନାଲ ସେଣ୍ଟର ଫର ପୋଲାର ଆଣ୍ଡ ଓସେନ୍ ରିସର୍ଚ୍ଚ (ଏନସିପିଓଆର) ଜରିଆରେ ଏଟିସିଏମ୍-୪୬ ଏବଂ ସିଇପି-୨୬ ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଆଣ୍ଟାର୍କଟିକା ଚୁକ୍ତି (୧୯୫୯) ଏବଂ ଆଣ୍ଟାର୍କଟିକା ଚୁକ୍ତିରେ ପରିବେଶ ସୁରକ୍ଷା ପ୍ରୋଟୋକଲ୍ (ମାଡ୍ରିଡ୍ ପ୍ରୋଟୋକଲ୍, ୧୯୯୧)ର ପୁନର୍ବିଚାର କରାଯାଇଥିଲା । ଏଟିସିଏମ୍ ଏବଂ ସିଇପି ହେଉଛି ଆଣ୍ଟାର୍କଟିକା ବ୍ୟାପାର ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବୈଶ୍ୱିକ ଫୋରମ୍ ଯାହା ପ୍ରତିବର୍ଷ ଏଭଳି କାର୍ଯ୍ୟକ୍ରମ ଆୟୋଜନ କରିଥାଏ ।

# 'ଜିଓ ଫାଇନାନ୍ସ' ଆପ୍ ବିଟା ଭର୍ସନର ଶୁଭାରମ୍ଭ ଘୋଷଣା

**ମୁମ୍ବାଇ,୨।୬(ଏଜେନ୍ସି)**

ଜିଓ ଫାଇନାନ୍ସିଆଲ୍ ସର୍ଭିସେସ୍ ଲିମିଟେଡ୍ 'ଜିଓ ଫାଇନାନ୍ସ' ଆପ୍ (ବିଟା ମୋଡ୍‌ରେ) ଆରମ୍ଭ କରିବାକୁ ଘୋଷଣା କରିଛି । ଯାହାକି ଦୈନନ୍ଦିନ ଆର୍ଥିକ ଏବଂ ଡିଜିଟାଲ ବ୍ୟାଙ୍କିଙ୍ଗରେ ଏକ ଯୁଗାନ୍ତକାରୀ ପରିବର୍ତନ ଆଣିବାକୁ ଯାଉଥିବା ଏକ ଅତ୍ୟାଧୁନିକ ପ୍ଲାଟଫର୍ମ । ଏହି ଆପ୍ ଏକ ଉପଭୋକ୍ତା-ଅନୁକୂଳ ଏକକ ଇଣ୍ଟରଫେସରେ ଡିଜିଟାଲ୍ ବ୍ୟାଙ୍କିଙ୍ଗ୍, ୟୁପିଆଇ କାରବାର, ବିଲ୍ ସମାଧାନ, ବୀମା ପରାମର୍ଶ ଏବଂ ହିସାବକିତାବ ଓ ସଞ୍ଚୟର ଏକ ସାମଗ୍ରିକ ଦୃଶ୍ୟପଟ ପ୍ରଦାନ କରୁଛି ।ସୁବିଧାଜନକ ନାଭିଗେସନ୍ ପାଇଁ ଡିଜାଇନ୍ ହୋଇଥିବା, 'ଜିଓ ଫାଇନାନ୍ସ' ଆପ୍ ଆର୍ଥିକ ଟେକ୍ନୋଲୋଜି ସହିତ ଅଳ୍ପ ବହୁତ ପରିଚିତ ସମସ୍ତ ଉପଭୋକ୍ତାମାନଙ୍କୁ ଅନାୟାସରେ ସେମାନଙ୍କ ନିଜ ହାତରେ ଅର୍ଥ ପରିଚାଳନାରେ ସମର୍ଥ କରିବା ସୁନିଶ୍ଚିତ କରିବ ।ଗ୍ରାହକଙ୍କ ପରିବର୍ତ୍ତନଶୀଳ ଆବଶ୍ୟକତା ପ୍ରତି ପ୍ରତିବଦ୍ଧତାର ଅଂଶସ୍ୱରୂପ ଭବିଷ୍ୟତ ଯୋଜନା ମଧ୍ୟରେ ରହିଛି ମ୍ୟୁଚୁଆଲ୍ ଫଣ୍ଡ ଉପରେ ଋଣ ଠାରୁ ଆରମ୍ଭ କରି ପରବର୍ତ୍ତୀ ସମୟରେ ଗୃହ ଋଣ ପର୍ଯ୍ୟନ୍ତ ଋଣ ସମାଧାନର ସମ୍ପ୍ରସାରଣ 'ଜିଓ ଫାଇନାନ୍ସ' ବିଶ୍ୱାସ, ପ୍ରାସଙ୍ଗିକତା ଏବଂ ସ୍ୱଚ୍ଛତାକୁ ପ୍ରାଧାନ୍ୟ ଦେଇଥାଏ ତଥା ଡିଜିଟାଲ୍ ବ୍ୟାଙ୍କିଙ୍ଗ୍ ଅନୁଭୂତିରେ ଲଗାତାର ଉନ୍ନତି ପାଇଁ ଉପଭୋକ୍ତା ମତାମତ ନେଇ କାର୍ଯ୍ୟ କରିଥାଏ । ଏହାର ପ୍ରମୁଖ ବିଶେଷତାଗୁଡିକ ମଧ୍ୟରେ ରହିଛି




'ଜିଓ ପେମେଣ୍ଟ ବ୍ୟାଙ୍କ ଆକାଉଣ୍ଟ' ଫିଚର ସହିତ ତତକ୍ଷଣାତ୍ ଡିଜିଟାଲ୍ ଆକାଉଣ୍ଟ ଖୋଲିବା ଏବଂ ସୁଗମ ବ୍ୟାଙ୍କ ପରିଚାଳନା ।ଗ୍ରାହକ ସନ୍ତୁଷ୍ଟି ସୁନିଶ୍ଚିତ କରିବାକୁ, 'ଜିଓ ଫାଇନାନ୍ସ' ବିଟା ଭର୍ସନରେ ଆରମ୍ଭ ହେବ ଏବଂ ଉନ୍ନତ କରିବା ବ୍ୟବହାରକାରୀମାନଙ୍କ ମତାମତ ଆମନ୍ତ୍ରଣ କରିବ । ଏଭଳି ଆପକୁ ବଜାରରେ ପ୍ରବେଶ କରାଇବାକୁ କମ୍ପାନୀ ବେଶ ଉତ୍ସାହିତ ରହିଥିବା କୁହାଯାଇଛି । । ଏକ ପ୍ଲାଟଫର୍ମ ଯାହା ଆଜିର ବ୍ୟକ୍ତିବିଶେଷଙ୍କ ଆର୍ଥିକ ପରିଚାଳନା ପଦ୍ଧତିକୁ ପୁନଃନିର୍ଦ୍ଧାରିତ କରିବାକୁ ଲକ୍ଷ୍ୟ ରଖିବ । ଯେକୌଣସି ଉପଭୋକ୍ତା ପାଇଁ ଗୋଟିଏ ପ୍ଲାଟଫର୍ମରେ ଅର୍ଥ ସମ୍ବନ୍ଧୀୟ ସମସ୍ତ ଜିନିଷକୁ ସରଳ ଭାବେ ପ୍ରସ୍ତୁତ କରିବା କମ୍ପାନୀର ମୂଳ ଲକ୍ଷ୍ୟ ରହିଥିବା କୁହାଯାଇଛି ।ଉପଭୋକ୍ତାଙ୍କୁ ଋଣ ପ୍ରଦାନ, ନିବେଶ, ବୀମା, ଦେୟ ପ୍ରଦାନ ଏବଂ କାରବାର ଭଳି ବିସ୍ତୃତ ସୁବିଧା ସହିତ ଆର୍ଥିକ ସେବାକୁ ଅଧିକ ସ୍ୱଚ୍ଛ ଓ ସୁଲଭ କରିବା ଏହି ଲକ୍ଷ୍ୟର ଅଂଶ ବୋଲି ଏକ କମ୍ପାନୀ ମୁଖପାତ୍ର ପ୍ରକାଶ କରିଛନ୍ତି ।

# ମହାସମାରୋହରେ ଟି-୨୦ ବିଶ୍ୱକପ୍ ଉଦ୍‌ଘାଟିତ

## ଆମେରିକାରେ କ୍ରିକେଟ୍ ମାନିଆ











**ଗୁଏନା/ ଟେକ୍ସାସ୍,୨।୬(ଏଜେନ୍ସି):** ଟି-୨୦ ବିଶ୍ୱକପ୍ ଆରମ୍ଭ ହୋଇସାରିଥିଲେ ମଧ୍ୟ ଏହି ମେଗା ଇଭେଣ୍ଟର ଉଦ୍‌ଘାଟନୀ ଉତ୍ସବ ରବିବାର ସନ୍ଧ୍ୟାରେ ଆୟୋଜିତ ହୋଇଛି। ଉଭୟ ଆମେରିକା ଓ ୱେଷ୍ଟଇଣ୍ଡିଜରେ ସମାନ୍ତରାଳ ଭାବେ ଏହି ରଙ୍ଗାରଙ୍ଗ ଉତ୍ସବ ଆୟୋଜିତ ହୋଇଛି। ଆମେରିକାର ଟେକ୍ସାସସ୍ଥିତ ଗ୍ରାଣ୍ଡ ପ୍ରେଇରି ଷ୍ଟାଡିୟମ ଆମେରିକା ଓ କାନାଡା ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍ ପୂର୍ବରୁ ଏହି ଉତ୍ସବ ଆୟୋଜିତ ହୋଇଥିଲା। ଏଥିରେ କଳାକାରମାନେ ନୃତ୍ୟ ପରିବେଷଣ କରିଥିଲେ। ଜଣେ କଳାକାର ସ୍ମୋକ୍ ଗନ୍ ଫାୟାର କରି ଦର୍ଶକଙ୍କ ମନୋରଞ୍ଜନ କରିଥିଲେ। ଡ୍ରମ ବଜାଉଥିବା କଳାକାର ବିଭିନ୍ନ ଦେଶ ପତାକା ଧରି ପଡିଆରେ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ପାରମ୍ପରିକ ଭାବେ ଆମେରିକାରେ କ୍ରିକେଟ ସେତେଟା ଲୋକପ୍ରିୟ ହୋଇ ନଥିଲେ ମଧ୍ୟ ଏଥର ବିଶ୍ୱକପ୍‌ରେ ନାହିଁ ନଥିବା ଉତ୍ସାହ ଦେଖିବାକୁ ମିଳିଛି। ପ୍ରଥମ ମ୍ୟାଚ୍‌ରେ ଆମେରିକା କାନାଡାକୁ ପରାସ୍ତ କରି ଏହି ଉତ୍ସାହକୁ ଦ୍ୱିଗୁଣିତ କରିଛି। ଅନ୍ୟପଟେ ଗୁଏନାରେ ଖେଳାଯାଇଥିବା ୱେଷ୍ଟଇଣ୍ଡିଜ୍ ଓ ପପୁଆ ନ୍ୟୁ ଗିନି ମଧ୍ୟରେ ଖେଳାଯାଇଥିବା ବିଶ୍ୱକପ୍ ଦ୍ୱିତୀୟ ମ୍ୟାଚ୍‌ର ଠିକ୍ ପୂର୍ବରୁ ସ୍ଥାନୀୟ ପ୍ରୋଭିଡେନ୍ସ ଷ୍ଟାଡିୟମରେ ଏହି ଉତ୍ସବ ଅନୁଷ୍ଠିତ ହୋଇଥିଲା।


## ଶ୍ରୁତିଙ୍କ ହାତ ଧରିଲେ ଭେଙ୍କଟେଶ



**ଇନ୍ଦୋର, ୨।୬ (ଏଜେନ୍ସି):** ଭାରତୀୟ କ୍ରିକେଟ୍ ଦଳର ଅଲ୍‌ରାଉଣ୍ଡର ତଥା କୋଲକାତା ନାଇଟ୍ ରାଇଡର୍ସ (କେକେଆର୍)ର ପ୍ରମୁଖ ଖେଳାଳି ଭେଙ୍କଟେଶ ଆୟର ରବିବାର ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି। ଶ୍ରୁତି ରଘୁନାଥଙ୍କ ହାତ ଧରି ୨୯ ବର୍ଷୀୟ ଭେଙ୍କଟେଶ ତାଙ୍କ ଜୀବନର ଦ୍ୱିତୀୟ ଇନିଂସ ଆରମ୍ଭ କରିଛନ୍ତି। ସମ୍ପୂର୍ଣ୍ଣ କେରଳ ରୀତିନୀତି ଅନୁଯାୟୀ ଏହି ବିବାହ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିଲା। ଏହି ବିବାହ ଉତ୍ସବରେ ଉଭୟ ପରିବାରବର୍ଗଙ୍କ ସମେତ କେକେଆର୍ ସିଇଓ ଭେଙ୍କି ମୟସୋର, କ୍ରିକେଟର ବରୁଣ ଚକ୍ରବର୍ତ୍ତୀ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ କ୍ରୀଡ଼ା ଜଗତରୁ ଆୟରଙ୍କୁ ଅଭିନନ୍ଦନର ସୁଅ ଛୁଟିଛି। ଉଲ୍ଲେଖଯୋଗ୍ୟ, ନିକଟରେ ଶେଷ ହୋଇଥିବା ଆଇପିଏଲ୍-୧୭ରେ ଭେଙ୍କଟେଶ ୧୪ ମ୍ୟାଚ୍ ଖେଳି ୪ଟି ଅର୍ଦ୍ଧଶତକ ସହିତ ୩୭୦ ରନ କରି ଦଳକୁ ଚାମ୍ପିଅନ କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଭେଙ୍କଟେଶ ଭାରତ ପାଇଁ ୨ଟି ଏକଦିବସୀୟ ଓ ୯ ଟି-୨୦ ମ୍ୟାଚ୍ ଖେଳି ଯଥାକ୍ରମେ ୨୪ ଓ ୧୩୩ ରନ ସଂଗ୍ରହ କରିଛନ୍ତି। ଟି-୨୦ରେ ସେ ମଧ୍ୟ ୫ ୱିକେଟ୍ ନେଇଛନ୍ତି।

## ୧୦୦ ମିଟରରେ ଅନିମେଶଙ୍କ ବ୍ୟକ୍ତିଗତ ଶ୍ରେଷ୍ଠ ଟାଇମିଂ

ମାଦ୍ରିଦ, ୨।୬ (ଏଜେନ୍ସି)



ଓଡ଼ିଶାର ଯୁବ ଧାବକ ଅନିମେଶ କୁଜୁର ୧୦୦ ମିଟର ଦୌଡ଼ରେ ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ ହାସଲ କରିଛନ୍ତି। ସ୍ପେନରେ ରବିବାର ଅନୁଷ୍ଠିତ ସାଲାମାନାକା ମେମୋରିଆଲ୍ ଦୌଡ଼କୁଦ ପ୍ରତିଯୋଗିତାରେ କୁଜୁର ପୁରୁଷ ୧୦୦ ମିଟର ରେସ୍‌କୁ ୧୦.୨୭ ସେକେଣ୍ଡରେ ଫିନିଶ କରି ପୋଡିୟମର ୨ୟ ସ୍ଥାନରେ ରହିବା ସହ ରୌପ୍ୟ ପଦକ ହାସଲ କରିଥିଲେ। ଅଳ୍ପକେ ପ୍ରଥମ ସ୍ଥାନ ହାସଲରୁ ବଞ୍ଚିତ ହୋଇଥିବା ୨୦ ବର୍ଷୀୟ ଅନିମେଶ କିନ୍ତୁ ଏହିକ୍ରମରେ ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ କରିଛନ୍ତି। ପୂର୍ବରୁ ୧୦୦ ମିଟର ରେସ୍‌ରେ ତାଙ୍କର ବ୍ୟକ୍ତିଗତ ଶ୍ରେଷ୍ଠ ୧୦.୩୯ ସେକେଣ୍ଡ ରହିଥିଲା। ଯଦି ଅନିମେଶ ଏଠାରେ ଆଉ ୦.୦୫ ସେକେଣ୍ଡ କମ୍ ସମୟ ନେଇ ରେସ୍ ଶେଷ କରିଥାନ୍ତେ ତେବେ ନୂଆ ଜାତୀୟ ରେକର୍ଡ ପ୍ରତିଷ୍ଠା କରିଥାନ୍ତେ। ବର୍ତ୍ତମାନ ପୁରୁଷ ୧୦୦ ମିଟରରେ ଭାରତର ଶ୍ରେଷ୍ଠ ଟାଇମିଂ ୧୦.୨୩ ସେକେଣ୍ଡ ରହିଛି। ଏହାକୁ ଗତବର୍ଷ ମଣିକାନ୍ତ ହୋବଲିଧର ବେଙ୍ଗାଲୁରୁରେ ଅନୁଷ୍ଠିତ ଜାତୀୟ ଦୌଡ଼କୁଦ ଚାମ୍ପିଅନସିପ୍‌ରେ ହାସଲ କରିଥିଲେ।

ଏଠାରେ ପ୍ରକାଶଯୋଗ୍ୟ, ଗତମାସରେ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ଫେଡେରେସନ୍ କପ୍ ଦୌଡ଼କୁଦ ପ୍ରତିଯୋଗିତାରେ ଅନିମେଶ ୧୦୦ ମିଟରରେ ରୌପ୍ୟ ଓ ୨୦୦ ମିଟରରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ସେ ବର୍ତ୍ତମାନ କଳିଙ୍ଗ ଷ୍ଟାଡିୟମସ୍ଥିତ ରିଲାଏନ୍ସ ଫାଉଣ୍ଡେସନରେ ପ୍ରଶିକ୍ଷଣ ନେଉଛନ୍ତି।



**ଭୁବନେଶ୍ୱର:** କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଓଡ଼ିଶା ରାଜ୍ୟ କନିଷ୍ଠ ଦୌଡ଼କୁଦ ପ୍ରତିଯୋଗିତାର ୨ୟ ଦିବସରେ ରବିବାର ବାଳକ ଲମ୍ବ ଡିଆଁ (୧୬ ବର୍ଷରୁ କମ୍) ବିଭାଗର କୃତୀ ପ୍ରତିଯୋଗୀଙ୍କୁ ଅତିଥି ତଥା ଅଲିମ୍ପିଆନ ଅନୁରାଧା ବିଶ୍ୱାଳ ପୁରସ୍କାର ପ୍ରଦାନ କରୁଛନ୍ତି।

### ପ୍ୟାରିସ୍ ଅଲିମ୍ପିକ୍ସ

## ପଙ୍ଘାଲ, ଲାମ୍ବୋରିଆଙ୍କୁ ଯୋଗ୍ୟତା





**ବ୍ୟାଙ୍କକ୍,୨।୬(ଏଜେନ୍ସି):** ଭାରତୀୟ ତାରକା ପୁରୁଷ ବକ୍ସର ଅମିତ୍ ପଙ୍ଘାଲ ଓ ମହିଳା ବକ୍ସର ଜସ୍‌ମିନ୍ ଲାମ୍ବୋରିଆ ପ୍ୟାରିସ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ଏଠାରେ ଚାଲିଥିବା ବିଶ୍ୱ ବକ୍ସିଂ କ୍ୱାଲିଫାୟରରେ ରବିବାର ପଙ୍ଘାଲ ପୁରୁଷ ୫୧ କେଜି ବର୍ଗ କ୍ୱାର୍ଟର ଫାଇନାଲରେ ଚୀନ୍‌ର ଲିୟୁ ଚଆଙ୍ଗଙ୍କୁ ୫-୦ରେ ପରାସ୍ତ କରି ସେମିଫାଇନାଲକୁ ଉଠିବା ସହ ଅଲିମ୍ପିକ୍ସ ଟିକଟ ହାସଲ କରିଛନ୍ତି। ଦ୍ୱିତୀୟ ଭାରତୀୟ ପୁରୁଷ ବକ୍ସର ଭାବେ ୨୮ ବର୍ଷୀୟ ପଙ୍ଘାଲ ଅଲିମ୍ପିକ୍ସ କୋଟା ହାସଲ କରିଛନ୍ତି। ସେହିପରି ମହିଳା ଜାତୀୟ ଚାମ୍ପିଅନ ଜସ୍‌ମିନ୍ ଲାମ୍ବୋରିଆ ୫୭ କେଜି ବର୍ଗରେ ଅଲିମ୍ପିକ୍ସ କୋଟା ହାସଲ କରିଛନ୍ତି। ସେ ବିଶ୍ୱ ବକ୍ସିଂ କ୍ୱାଲିଫାୟରରେ ମାଲି ଦେଶର ମେରାଇନ୍ କାମାରାଙ୍କୁ କ୍ୱାର୍ଟର ଫାଇନାଲରେ ୫-୦ରେ ପରାସ୍ତ କରି ସେମିକୁ ଉଠିବା ସହ ଏହି ସଫଳତା ପାଇଛନ୍ତି। ତାଙ୍କ ପୂର୍ବରୁ ୭୧ କେଜି ବର୍ଗରେ ନିଶାନ୍ତ ଦେବ ମାଲଡୋଭାର ଭାସିଲ୍ ସେବୋଟାରୀଙ୍କୁ ୫-୦ରେ ପରାସ୍ତ କରି ଶୁକ୍ରବାର ପ୍ୟାରିସ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଥିଲେ। ପଙ୍ଘାଲ ପୂର୍ବରୁ ଇଂଲଣ୍ଡର ବର୍ମିଂହାମରେ ଅନୁଷ୍ଠିତ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ସେ ୫୧ କେଜି ବର୍ଗରେ ସ୍ୱର୍ଣ୍ଣିମ ସଫଳତା ଅର୍ଜନ କରିଥିଲେ। ଗତ ୨୦୨୦ ଟୋକିଓ ଅଲିମ୍ପିକ୍ସରେ ପଙ୍ଘାଲ ପ୍ରଥମ ରାଉଣ୍ଡରେ ପରାସ୍ତ ହୋଇ ବିଦାୟ ନେଇଥିଲେ। ରାଜ୍ୟଗୋଷ୍ଠୀ କ୍ରୀଡ଼ା ସ୍ୱର୍ଣ୍ଣକୁ ବାଦ୍ ଦେଲେ ପଙ୍ଘାଲ ୨୦୧୯ ବିଶ୍ୱ ଚାମ୍ପିଅନସିପ୍‌ରେ ରୌପ୍ୟ, ୨୦୧୮ ଏସୀୟ କ୍ରୀଡ଼ାରେ ସ୍ୱର୍ଣ୍ଣ ଓ ଏସିଆନ ଚାମ୍ପିଅନସିପ୍‌ରେ ସ୍ୱର୍ଣ୍ଣ (୨୦୧୯), ରୌପ୍ୟ (୨୦୨୧) ଓ କାଂସ୍ୟ (୨୦୧୭) ପଦକ ହାସଲ କରିଥିଲେ।

### ଜରିନ, ପ୍ରୀତି, ଲଭଲିନା ଯୋଗ୍ୟତା ହାସଲ କରିସାରିଛନ୍ତି

ପୂର୍ବରୁ ମହିଳା ବକ୍ସର ନିଖତ ଜରିନ ୫୦ କେଜି, ପ୍ରୀତି ପାୱାର ୫୪ କେଜି ଓ ଟୋକିଓ ଅଲିମ୍ପିକ୍ସରେ କାଂସ୍ୟ ପଦକ ହାସଲ କରିଥିବା ଲଭଲିନା ବୋର୍ଗୋହେନ ୭୫ କେଜି ବର୍ଗରୁ ପ୍ୟାରିସ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିସାରିଛନ୍ତି। ୨୦୨୨ ଏସୀୟ କ୍ରୀଡ଼ାରେ ବିଜୟୀ ହୋଇ ଲଭଲିନା ଅଲିମ୍ପିକ୍ସ ପାଇଁ ଯୋଗ୍ୟତ ଅର୍ଜନ କରିଥିଲେ। ପ୍ୟାରିସ ଅଲିମ୍ପିକ୍ସ ଆଗାମୀ ଜୁଲାଇ ୨୬ରୁ ଆରମ୍ଭ ହୋଇ ଅଗଷ୍ଟ ୧୧ରେ ଶେଷ ହେବାର କାର୍ଯ୍ୟକ୍ରମ ରହିଛି।

### ଏଫ୍‌ଆଇଏଚ୍ ପ୍ରୋ ଲିଗ୍

## ଗ୍ରେଟ୍ ବ୍ରିଟେନଠୁ ହାରିଲା ଭାରତ

ଲଣ୍ଡନ, ୨।୬ (ଏଜେନ୍ସି)



ଚଳିତ ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ର ଗ୍ରେଟ୍ ବ୍ରିଟେନ ଲେଗ୍ (ଚରଣ)ରେ ରବିବାର ଭାରତୀୟ ପୁରୁଷ ହକି ଦଳ ୧-୩ ଗୋଲରେ ଘରୋଇ ଦଳ ନିକଟରୁ ପରାସ୍ତ ହୋଇଛି। ଏହି ମ୍ୟାଚରେ ଗ୍ରେଟ୍ ବ୍ରିଟେନ ଦଳ ପ୍ରଭାବୀ ପ୍ରଦର୍ଶନ କରି ୩ଟି ଗୋଲ୍ ଦେବା ସହ ସହଜରେ ମ୍ୟାଚକୁ ହାତେଇ ନେଇଥିଲା। ଏଥିସହ ଭାରତ ପ୍ରୋ ଲିଗ୍‌ର ଚଳିତ ସଂସ୍କରଣରେ ୧୪ ମ୍ୟାଚ୍ ଖେଳି ୩ୟ ପରାଜୟ ସହ ୨୪ ପଏଣ୍ଟ ପାଇ ୪ର୍ଥ ସ୍ଥାନକୁ ଖସିଯାଇଛି। ଅପରପକ୍ଷରେ ଗ୍ରେଟ୍ ବ୍ରିଟେନ ୬ଷ୍ଠ ମ୍ୟାଚରୁ ୩ୟ ବିଜୟ ହାସଲ କରି ୧୦ ପଏଣ୍ଟ ସହ ୭ମ ସ୍ଥାନରେ ରହିଛି।

ରବିବାର ଅପରାହ୍ଣରେ ଅନୁଷ୍ଠିତ ଭାରତ ବିପକ୍ଷ ମ୍ୟାଚର ଆରମ୍ଭରୁ ଗ୍ରେଟ୍ ବ୍ରିଟେନ ପ୍ରଥମ କ୍ୱାର୍ଟରରେ ୨-୦ ଗୋଲରେ ଅଗ୍ରଣୀ ହାସଲ କରିବାରେ ସଫଳ ହୋଇଥିଲା। ନିକୋଲାସ ବାନ୍ଦୁରକ ୨ୟ ଓ ୧୧ତମ ମିନିଟ୍‌ରେ ଏହି ଦୁଇଟି ଗୋଲ୍ ଦେଇଥିଲେ। ତେବେ ଦ୍ୱିତୀୟ କ୍ୱାର୍ଟର ଗୋଲଶୂନ୍ୟ ରହିଥିଲା। ଏହାପରେ ଦ୍ୱିତୀୟାର୍ଦ୍ଧ ତଥା ୩ୟ କ୍ୱାର୍ଟରରେ ଭ୍ରମଣକାରୀ ଭାରତ ଗୋଲ୍ ଖାତା ଖୋଲିଥିଲା। ୩୫ତମ ମିନିଟ୍‌ରେ ଅଭିଷେକଙ୍କ ଫିଲ୍ଡ ଗୋଲ୍ ବଳରେ ଭାରତ ମ୍ୟାଚକୁ ୨-୧ ସ୍ଥିତିକୁ ଆଣିଥିଲା। ଅନ୍ତିମ ତଥା ୪ର୍ଥ କ୍ୱାର୍ଟରରେ ଗ୍ରେଟ୍ ବ୍ରିଟେନ ଆଉ ଏକ ଗୋଲ୍ ଦେଇ ୩-୧ ଅଗ୍ରଣୀ ସହ ସ୍ଥିତିକୁ ଆହୁରି ସୁଦୃଢ଼ କରିଥିଲା। ୪୭ତମ ମିନିଟ୍‌ରେ ୱିଲ୍ କାଲନାନଙ୍କ ଷ୍ଟିକ୍‌ରୁ ଏହି ଗୋଲଟି ବାହାରିଥିଲା। ବଳକା ୧୩ ମିନିଟ୍‌ରେ ଭାରତ ଆଉ କୌଣସି ଗୋଲ୍ ଦେଇ ନ ପାରି ୧-୩ରେ ପରାଜୟବରଣ କରିଥିଲା।

### ମହିଳା ଦଳର ଡବଲ ପରାଜୟ

ଅପରପକ୍ଷରେ ଭାରତୀୟ ମହିଳା ଦଳ ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ରେ ଦୁଇ ଦିନରେ ଦୁଇଟି ପରାଜୟବରଣ କରିଛି। ରବିବାର ଅନୁଷ୍ଠିତ ଏକ ମ୍ୟାଚରେ ସାଲିମା ଟେଟେଙ୍କ ନେତୃତ୍ୱାଧୀନ ଭାରତ ୩-୨ ଗୋଲରେ ଗ୍ରେଟ୍ ବ୍ରିଟେନ ନିକଟରୁ ପରାସ୍ତ ହୋଇଛି। ଏହି ମ୍ୟାଚରେ ଏକଦା ୫୬ ମିନିଟ୍ ସୁଦ୍ଧା ସ୍ଥିତି ୨-୨ରେ ବରାବର୍ ରହିଥିଲା। କିନ୍ତୁ ଶେଷ ୪ ମିନିଟ୍‌ରେ ଗ୍ରେଟ୍ ବ୍ରିଟେନ ଏକ ଗୋଲ୍ ଦେଇ ୩-୨ରେ ବିଜୟ ଲାଭ କରିଥିଲା। ଏଥିପୂର୍ବରୁ ଶନିବାର ରାତିରେ ଖେଳାଯାଇଥିବା ଏକ ମ୍ୟାଚରେ ଜର୍ମାନୀ ନିକଟରୁ ୩-୧ ଗୋଲରେ ପରାଜୟବରଣ କରିଥିଲା। ପ୍ରତିଯୋଗିତାରେ ୧୪ତମ ମ୍ୟାଚରୁ ଭାରତର ଏହା ୧୧ମ ପରାଜୟ ଥିଲା। ୮ ପଏଣ୍ଟ ସହ ଭାରତ ବର୍ତ୍ତମାନ ୯ ଦଳୀୟ ପଏଣ୍ଟ ସାରଣୀରେ ୭ମ ସ୍ଥାନରେ ରହିଛି।

### ● ଅଲେଖ ଦେବତା ସ୍ମାରକୀ ରାଜ୍ୟ ଚେସ୍

## ସୃଜନ ଚାମ୍ପିଅନ, ମହେଶ ରନର୍ସଅପ୍



**ଭୁବନେଶ୍ୱର, ୨।୬ (ସମିସ):** ଓଡ଼ିଶା ରାଜ୍ୟ ଚେସ ସଂଘ ଆନୁକୂଲ୍ୟରେ ତୃତୀୟ ଅଲେଖ ଦେବତା ସ୍ମାରକୀ ରାଜ୍ୟ ଚେସ୍ ପ୍ରତିଯୋଗିତା କେଶୁରାସ୍ଥିତ ରୟାଲ ପବ୍ଲିକ୍ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ୫ ରାଉଣ୍ଡ ବିଶିଷ୍ଟ ଏହି ପ୍ରତିଯୋଗିତାରେ ଯାଜପୁର ସୃଜନ ପ୍ରଣୟ ରାୟ ଚାମ୍ପିଅନ ଓ ପୁରୀର ମହେଶ ପ୍ରସାଦ ସେଠୀ ରନର୍ସ ଅପ୍ ହୋଇଛନ୍ତି। କଟକର ରବୀନ୍ଦ୍ର ଓଝା ତୃତୀୟ, ଜଟଣୀର ଅବିନାଶ ବଳିୟାର ସିଂ ଚତୁର୍ଥ, କଟକର ସାଇ ରଞ୍ଜନ ମିଶ୍ର ପଞ୍ଚମ, ଭୁବନେଶ୍ୱରର ଦୁଇ ଖେଳାଳି ବିନୀତ ନାୟକ ଓ ସୁରଜ କୁମାର ମହାରଣା ଯଥାକ୍ରମେ ୬ଷ୍ଠ ୭ମ ସ୍ଥାନ ଅଧିକାର କରିଛନ୍ତି। ରବିବାର ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ପୂର୍ବାହ୍ଣରେ ରୟାଲ ପବ୍ଲିକ୍ ସ୍କୁଲର ପ୍ରିନ୍ସିପାଲ ସର୍ବେଶ୍ୱର ସାମଲ ଉଦ୍‌ଘାଟନ କରିଥିଲେ। ଖେଳ ଶେଷରେ ସି-ଡ୍ରିମ୍‌ଜର ଏମ୍‌ଡି ଚିତ୍ତରଞ୍ଜନ ଦେବତା ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ। ଓଡ଼ିଶା ରାଜ୍ୟ ଚେସ ସଂଘ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ, ଶ୍ରୀମତୀ ସ୍ମୃତି ଦେବତା ପ୍ରମୁଖ ଅତିଥିଭାବେ ଉପସ୍ଥିତ ଥିଲେ।

# ଜ୍ୟେଷ୍ଠ ଅମାବାସ୍ୟାରେ ତର୍ପଣ

**ହିନ୍ଦୁଶାସ୍ତ୍ରରେ ଜ୍ୟେଷ୍ଠ ଅମାବାସ୍ୟାର ବିଶେଷ ମହତ୍ତ୍ୱ ଅଛି । ଏହି ଦିନ ଶନିଦେବଙ୍କ ପୂଜାର ଗୁରୁତ୍ୱ ରହିଛି । ତା'ସହ ଏହି ଦିନରେ ପିତୃପୁରୁଷଙ୍କୁ ତର୍ପଣ ତଥା ଶ୍ରାଦ୍ଧ ଦିଆଯାଏ ।**



- ଜ୍ୟୋତିଷ ଶାସ୍ତ୍ର ଅନୁସାରେ, ଏହିଦିନ ପବିତ୍ର ନଦୀରେ ସ୍ନାନ କରିବା ଦ୍ୱାରା ପୁଣ୍ୟଫଳ ପ୍ରାପ୍ତି ହୁଏ ।
- ଏହିଦିନ ପିତୃପୁରୁଷଙ୍କୁ ସ୍ମରଣ କରି କଳା ରାଶି, ଶ୍ୱେତ ପୁଷ୍ପ ଏବଂ କୁଶ ତର୍ପଣ କରନ୍ତୁ ।
- ଏହା ଦ୍ୱାରା ପିତୃପୁରୁଷ ପ୍ରସନ୍ନ ହେବା ସହ ପିତୃଦୋଷରୁ ମୁକ୍ତି ମିଳିଥାଏ ।
- ଘରେ ମଧ୍ୟ ବ୍ରାହ୍ମଣ ଡାକି ବିଧିପୂର୍ବକ ତର୍ପଣ କରିବା ଉତ୍ତମ ।

# ସାବିତ୍ରୀ ଅମାବାସ୍ୟା





**ଜ୍ୟେଷ୍ଠ ମାସ ଅମାବାସ୍ୟାରେ ପାଳନ କରାଯାଏ ସାବିତ୍ରୀ ବ୍ରତ । ସଧବା ନାରୀମାନେ ଅଖଣ୍ଡ ସୌଭାଗ୍ୟ ଓ ସ୍ୱାମୀଙ୍କ ଦୀର୍ଘ ଜୀବନ କାମନା ପାଇଁ ଏହି ବ୍ରତ ପାଳନ କରିଥାନ୍ତି । ଏହି ଦିନ ମହିଳାମାନେ ଉପବାସ ରଖନ୍ତି । ଏହି ବ୍ରତରେ ଭଗବାନ ବ୍ରହ୍ମା-ଦେବୀ ସାବିତ୍ରୀ, ଶିବ-ପାର୍ବତୀ, ଯମ ଦେବତା, ସତ୍ୟବାନ-ସାବିତ୍ରୀଙ୍କୁ ପୂଜା କରିବାର ବିଧି ଅଛି । ଏହାବାଦ୍ ଏହି ପୂଜାରେ ବର ଗଛ ପୂଜାର ବିଶେଷ ମହତ୍ତ୍ୱ ରହିଛି । ଓଡ଼ିଆ ଘରର ପରମ୍ପରା ଅନୁସାରେ, ବ୍ରତ ପାଇଁ ସମସ୍ତ ଜିନିଷ ମହିଳାଙ୍କ ବାପଘରୁ ଆସିଥାଏ । ଯାହା ସାବିତ୍ରୀ ଭାର ନାମରେ ଜଣାଶୁଣା ।**

**ଆରାଧ୍ୟା ଦେବୀ ମା' ସାବିତ୍ରୀ:** ଏହି ପୂଜାର ଆରାଧ୍ୟ ଦେବୀ ହେଉଛନ୍ତି ମା' ସାବିତ୍ରୀ । ସାବିତ୍ରୀ ହେଉଛନ୍ତି ବ୍ରହ୍ମାଙ୍କ ପତ୍ନୀ । ତେବେ ଦେବୀ ସାବିତ୍ରୀଙ୍କ ମାନବୀ ସାବିତ୍ରୀଙ୍କ ପ୍ରତି ନିଜ ଆଶୀର୍ବାଦ ଓ କରୁଣା ସତ୍ୟବାନଙ୍କୁ ମୃତ୍ୟୁ ଫାଶରୁ ଫେରାଇ ଆଣିଥିଲେ । ତାହାକୁ ଆଧାର କରି ମା' ସାବିତ୍ରୀଙ୍କୁ ମହିମାନ୍ୱିତ କରାଯାଇଥାଏ ।

**ସ୍ୱାମୀଙ୍କ ଦୀର୍ଘାୟୁ କାମନା:** ଚଉଁରା ମୂଳ, ଠାକୁର ଘର ଏବଂ ବର ଗଛରେ ସଧବା ନାରୀମାନେ ଏହି ପୂଜା କରିଥାନ୍ତି । ନୂଆ ଶାଢ଼ି ସହିତ ଶଙ୍ଖା, ସିନ୍ଦୂର ଏବଂ ଅଳତାକୁ ପୂଜା କରନ୍ତି । ଏହାବାଦ୍ ନଡ଼ିଆ, ଖଜୁରି, ତାଳ, ଆମ୍ବ, ପଣସ, ଲିଚୁ ଆଦି ଭୋଗ ଲାଗି କରନ୍ତି । ସ୍ୱାମୀଙ୍କ ଦୀର୍ଘ ଆୟୁଷ ପାଇଁ ଏହି ବ୍ରତରେ ସାବିତ୍ରୀ ଉପାଖ୍ୟାନ ପାଠ କରାଯାଏ । ସଧବା ନାରୀମାନେ ଏହି ବ୍ରତକୁ ନିଷ୍ଠାର ସହ ପାଳନ କରନ୍ତି । ବ୍ରତଧାରୀ ଉପବାସ ରଖି ଅନ୍ନ ଗ୍ରହଣ କରନ୍ତି ନାହିଁ । ପୂଜା ଶେଷ ପରେ ଫଳାହାର କରନ୍ତି ।

**ବରଗଛକୁ ପୂଜା:** ବରଗଛର ବିଭିନ୍ନ ଶାଖାରେ ଭିନ୍ନ ଭିନ୍ନ ଦେବତା ବାସ କରୁଥିବା ବିଶ୍ୱାସ ରହିଛି । ସାବିତ୍ରୀ ଅମାବାସ୍ୟାରେ ବରଗଛକୁ ପୂଜା କରିବା ବିଧି ଅଛି । ପୌରାଣିକ କାହାଣୀ ଅନୁସାରେ, ସାବିତ୍ରୀ ପତିବ୍ରତା ଧର୍ମ ପାଳନ କରି ନିଜ ସ୍ୱାମୀ ସତ୍ୟବାନଙ୍କ ଜୀବନ ଫେରାଇ ଆଣିଥିଲେ । ଯୁବାବସ୍ଥାରେ ସତ୍ୟବାନଙ୍କ ମୃତ୍ୟୁ ହୋଇଥିଲା । ସେଇଠୁ ସାବିତ୍ରୀ ମୃତ୍ୟୁ ଦେବତା ଯମରାଜଙ୍କୁ ନିଜ ପତିଙ୍କ ଜୀବନ ମାଗିଥିଲେ । ସେ ଭକ୍ତି ଓ ନିଷ୍ଠାର ସହ ଯମରାଜଙ୍କୁ ପ୍ରସନ୍ନ କରି ସତ୍ୟବାନଙ୍କୁ ମୃତ୍ୟୁ କବଳରୁ ଫେରାଇ ଆଣିବାରେ ସଫଳ ହୋଇଥିଲେ । ସାବିତ୍ରୀ ବରଗଛ ତଳେ ହିଁ ନିଜ ସ୍ୱାମୀଙ୍କ ଜୀବନ ଫେରି ପାଇଥିଲେ । ଏହି କାରଣ ଯୋଗୁଁ ଏହିଦିନ ବରଗଛ ପୂଜାର ପରମ୍ପରା ଥିବା କୁହାଯାଏ ।

# ତୁଳସୀ ମାଳା ସହ ରୁଦ୍ରାକ୍ଷ ଧାରଣ ମନା



**ହିନ୍ଦୁ ଧର୍ମରେ ତୁଳସୀ ଗଛର ବିଶେଷ ମହତ୍ତ୍ୱ ଅଛି । ଏହାକୁ ମା' ଲକ୍ଷ୍ମୀଙ୍କ ପ୍ରତୀକ ବୋଲି କୁହାଯାଏ । ସେହିପରି ରୁଦ୍ରାକ୍ଷ ଶିବଙ୍କ ସହ ଜଡ଼ିତ । ତେବେ ରୁଦ୍ରାକ୍ଷ ସହ ତୁଳସୀ ମାଳାକୁ ଏକତ୍ର ଧାରଣ କରିବା ଠିକ୍ ନୁହେଁ । ତୁଳସୀ ମାଳା ପିନ୍ଧିବା ପୂର୍ବରୁ ଏବଂ ପରେ କିଛି ନିୟମ ପାଳନ କରିବା ଜରୁରି ।**

- ତୁଳସୀ ମାଳାକୁ ପିନ୍ଧିବା ପୂର୍ବରୁ କ୍ଷୀର ଓ ଗଙ୍ଗା ଜଳରେ ସଫା କରନ୍ତୁ । ଏହାପରେ ଭଗବାନଙ୍କ ପୂଜାର୍ଚ୍ଚନା କରି ଏହି ମାଳା ପିନ୍ଧନ୍ତୁ ।
- ସେହିପରି ଆମିଷ ଖାଉଥିଲେ ଏହି ମାଳା ପିନ୍ଧିବା ଅନୁଚିତ ।
- ରୁଦ୍ରାକ୍ଷ ସହ ତୁଳସୀ ମାଳାକୁ ଏକତ୍ର ପିନ୍ଧିବା ମନା । ରୁଦ୍ରାକ୍ଷ ଏବଂ ତୁଳସୀ ମାଳା ଧାର୍ମିକ ମାନ୍ୟତା ଉପରେ ଆଧାରିତ ।
- ରୁଦ୍ରାକ୍ଷ ଶିବଙ୍କ ସହ ସମ୍ବନ୍ଧିତ । ଏହା ଉଗ୍ରତା ଓ ଶକ୍ତି ସହ ସମ୍ପର୍କିତ । ତୁଳସୀ ବିଷ୍ଣୁ ସହ ସମ୍ବନ୍ଧିତ । ପୁଣି ଏହାର ସମ୍ପର୍କ ଶାନ୍ତି ଓ ଭକ୍ତି ସହିତ । ଦୁଇଟି ମାଳାର ଉର୍ଜା ଓ ଏବଂ ଧାର୍ମିକ ମହତ୍ତ୍ୱ ଭିନ୍ନ । ସେଥିପାଇଁ ଏହାକୁ ଏକତ୍ର ପିନ୍ଧିବା ଦ୍ୱାରା ଆଧ୍ୟାତ୍ମିକ ପ୍ରଭାବଶୀଳତା ହ୍ରାସ ପାଏ ।
- ବିଷ୍ଣୁ ଓ ଶିବ ପୂଜାରେ ପ୍ରଭେଦ ଥିବାରୁ ଏହାକୁ ଏକତ୍ର ଧାରଣ କରିବା ନିଷିଦ୍ଧ । ତେବେ ଧାର୍ମିକ ଅନୁଶାସନ ଏବଂ ପରମ୍ପରାକୁ ପାଳନ କରିବା ଦୃଷ୍ଟିରୁ ଏହାକୁ ଅଲଗା ଅଲଗା ଭାବେ ପିନ୍ଧିବା ଉତ୍ତମ ।

# କାହିଁକି ପୂଜା ପାଆନ୍ତିନି ବ୍ରହ୍ମା

ପୌରାଣିକ କାହାଣୀ

**ହିନ୍ଦୁ ଗ୍ରନ୍ଥ ଓ ପୁରାଣ ଅନୁସାରେ, ବ୍ରହ୍ମା, ବିଷ୍ଣୁ, ମହେଶ୍ୱର ହେଉଛନ୍ତି ସୃଷ୍ଟିର ନିର୍ମାତା, ପାଳନକର୍ତ୍ତା ଏବଂ ସଂହାରକର୍ତ୍ତା । ତେବେ ବିଷ୍ଣୁ ଓ ଶିବଙ୍କ ମନ୍ଦିର ଥିବା ବେଳେ ବ୍ରହ୍ମାଙ୍କ ମନ୍ଦିର ଦୃଶ୍ୟମାନ ହୁଏ ନାହିଁ । ବ୍ରହ୍ମାଙ୍କର ଏକମାତ୍ର ମନ୍ଦିର ପୁଷ୍କରରେ ଅଛି । ଦେବୀ ସାବିତ୍ରୀଙ୍କ ଅଭିଶାପ ଯୋଗୁଁ ବ୍ରହ୍ମାଙ୍କ ପୂଜାକୁ ବାରଣ କରାଯାଇଛି ।**



ପୁରାଣ ଅନୁସାରେ, ଏକଦା ସୃଷ୍ଟିକର୍ତ୍ତା ବ୍ରହ୍ମା ହାତରେ ପଦ୍ମ ଫୁଲ ଧରି ନିଜ ବାହନ ହଂସ ଉପରେ ବସି ଅଗ୍ନି ଯଜ୍ଞ ପାଇଁ ଏକ ଉପଯୁକ୍ତ ସ୍ଥାନ ଖୋଜୁଥିଲେ । ସେତିକିବେଳେ ଗୋଟିଏ ସ୍ଥାନରେ ତାଙ୍କ ହାତରୁ ପଦ୍ମ ଫୁଲ ଖସି ପଡ଼ିଲା । ଫୁଲ ପୃଥିବୀପୃଷ୍ଠରେ ପଡ଼ିବା କ୍ଷଣି ଝରଣା ସୃଷ୍ଟି ହେଲା ଏବଂ ସେହି ଝରଣାରୁ ତିନିଟି ସରୋବର ସୃଷ୍ଟି ହେଲା । ଯେଉଁ ସ୍ଥାନରେ ତିନିଟି ଝରଣା ସୃଷ୍ଟି ହେଲା, ତାହା 'ବ୍ରହ୍ମା ପୁଷ୍କର', 'ବିଷ୍ଣୁ ପୁଷ୍କର' ଏବଂ 'ଶିବ ପୁଷ୍କର' ନାଁରେ ପରିଚିତି ଲାଭ କଲା । ଏହା ଦେଖି ବ୍ରହ୍ମା ସେହି ସ୍ଥାନରେ ଯଜ୍ଞ କରିବା ନିଷ୍ପତ୍ତି ନେଲେ । ଯଜ୍ଞରେ ପତ୍ନୀ ସାବିତ୍ରୀଙ୍କ ଉପସ୍ଥିତି ଜରୁରି ଥିଲା । କିନ୍ତୁ ସାବିତ୍ରୀ ସେଠାରେ ନ ଥିଲେ ଏବଂ ଶୁଭ ମୁହୂର୍ତ୍ତ ଗଡ଼ି ଯାଉଥିଲା । ଏହି କାରଣ ଯୋଗୁଁ ବ୍ରହ୍ମା ସେହି ସମୟରେ ଉପସ୍ଥିତ ଜଣେ ସୁନ୍ଦରୀ ଯୁବତୀଙ୍କୁ ବିବାହ କରି ତାଙ୍କ ସହ ଯଜ୍ଞ ସମ୍ପନ୍ନ କଲେ । ଏ କଥା ଯେବେ ଦେବୀ ସାବିତ୍ରୀ ଜାଣିଲେ, ବ୍ରହ୍ମାଙ୍କୁ ଅଭିଶାପ ଦେଇ କହିଲେ, 'ଯିଏ ସୃଷ୍ଟିର ରଚନା କରିଛନ୍ତି, ତାଙ୍କୁ କେଉଁଠି ବି ପୂଜା କରାଯିବ ନାହିଁ ।' ଏହି ଅଭିଶାପ ଯୋଗୁଁ ପୁଷ୍କରରେ କେବଳ ଏକମାତ୍ର ବ୍ରହ୍ମାଙ୍କ ମନ୍ଦିର ଅଛି ।

# ଲହସୁନିଆ ରତ୍ନର ଲାଭ



**ଜ୍ୟୋତିଷ ଶାସ୍ତ୍ରରେ ପ୍ରତ୍ୟେକ ଗ୍ରହର ସମ୍ବନ୍ଧ କୌଣସି ରତ୍ନ ସହିତ ଥାଏ । ଏହି ରତ୍ନକୁ ଧାରଣ କରି କୁଣ୍ଡଳୀରେ ଗ୍ରହକୁ ମଜଭୁତ କରି ହେବ । ଏହି କ୍ରମରେ ଲହସୁନିଆ ଗ୍ରହର ସମ୍ବନ୍ଧ କେତୁ ସହିତ ଅଛି । ତେବେ ଏହାକୁ କିଏ ଓ କାହିଁକି ପିନ୍ଧିବେ, ଜାଣିବା ସେ ସମ୍ପର୍କରେ ।**

- କୁଣ୍ଡଳୀରେ କେତୁ ଗ୍ରହ ଦୁର୍ବଳ ଥିଲେ ଲହସୁନିଆ ରତ୍ନ ପିନ୍ଧିବା ଭଲ ।
- ଯେଉଁମାନେ ଷ୍ଟକ୍ ମାର୍କେଟ୍ ଏବଂ ନିବେଶ ସହ ଜଡ଼ିତ, ସେମାନଙ୍କ ପାଇଁ ଏହା ଉପଯୁକ୍ତ ।
- ବ୍ୟବସାୟରେ ଉନ୍ନତି ପାଇଁ ଏହାକୁ ପିନ୍ଧିବା ଲାଭଦାୟକ ।
- ଆର୍ଥିକ ସ୍ଥିତି ମଜଭୁତ କରିଥାଏ ଲହସୁନିଆ ରତ୍ନ ।
- ଏହାକୁ ଧାରଣ କରିବା ଦ୍ୱାରା ଧାର୍ମିକ କାର୍ଯ୍ୟ ପ୍ରତି ରୁଚି ବଢ଼ିଥାଏ ।

**କେଉଁମାନେ ପିନ୍ଧିବେ:** ଜ୍ୟୋତିଷ ଶାସ୍ତ୍ର ଅନୁସାରେ, ମକର ଓ କୁମ୍ଭ ରାଶିଙ୍କ ପାଇଁ ଲହସୁନିଆ ପିନ୍ଧିବା ଶୁଭ । ସେହିପରି କନ୍ୟା, ବୃଷ, ମିଥୁନ ଏବଂ ତୁଳା ରାଶି ଲୋକ ମଧ୍ୟ ଏହାକୁ ଧାରଣ କରିପାରିବେ । ଅନ୍ୟପଟେ ମେଷ, ସିଂହ, ଧନୁ ଏବଂ ମୀନ ରାଶିଙ୍କୁ ଏହି ରତ୍ନ ପିନ୍ଧିବା ମନା । ତେବେ କୌଣସି ରତ୍ନ ଧାରଣ କରିବା ପୂର୍ବରୁ ଜ୍ୟୋତିଷଙ୍କ ପରାମର୍ଶ ନେବା ଉଚିତ ।

# ପ୍ରଶ୍ନୋତ୍ତର

୧. ଜନ୍ମେଜୟଙ୍କ ଦ୍ୱାରା କରାଯାଇଥିବା ପ୍ରସିଦ୍ଧ ଯଜ୍ଞର ନାଁ କ'ଣ?
୨. ଶ୍ରୀକୃଷ୍ଣଙ୍କ କୁଳଗୁରୁଙ୍କ ନାମ କ'ଣ?
୩. ସଞ୍ଜୟଙ୍କୁ ଦିବ୍ୟଦୃଷ୍ଟି କିଏ ପ୍ରଦାନ କରିଥିଲେ?
୪. ବଳରାମଙ୍କ ପତ୍ନୀଙ୍କ ନାମ କ'ଣ?
୫. ମହର୍ଷି ବାଲ୍ମୀକୀଙ୍କ ପିଲାଦିନର ନାମ କ'ଣ?



**ଉତ୍ତର**
(୧)ସର୍ପ ଯଜ୍ଞ (୨) ଗର୍ଗାଚାର୍ଯ୍ୟ (୩)ବେଦବ୍ୟାସ (୪) ରେବତୀ(୫) ରତ୍ନାକର

# କେତେ ଭଲ ଅନ୍ୟମାନଙ୍କ ଜିନିଷ ବ୍ୟବହାର



କିଛି ଲୋକ ଅନ୍ୟମାନଙ୍କ ଜିନିଷ ବ୍ୟବହାର କରିବାକୁ ଭଲପାଆନ୍ତି । ତେବେ ବାସ୍ତୁଶାସ୍ତ୍ର ଅନୁସାରେ, ଅନ୍ୟର କିଛି ଜିନିଷ ବ୍ୟବହାର କରିବା ଦ୍ୱାରା ସମସ୍ୟା ସାମ୍ନା କରିବାକୁ ପଡ଼ିଥାଏ । ବାସ୍ତୁ ଶାସ୍ତ୍ରରେ ଘଣ୍ଟାକୁ ସକାରାତ୍ମକ ଏବଂ ନକାରାତ୍ମକ ଶକ୍ତି ସହ ଯୋଡ଼ା ଯାଇଥାଏ । ଅନ୍ୟର ଘଣ୍ଟା ପିନ୍ଧିବା ଅଶୁଭ । ଏହା ଦ୍ୱାରା ଖରାପ ସମୟ ଚାଲେ । ସେହିପରି ଅନ୍ୟର ପୋଷାକ ଏବଂ ରୁମାଲ ମଧ୍ୟ ବ୍ୟବହାର କରିବା ଅନୁଚିତ । ଏହାଦ୍ୱାରା ନକାରାତ୍ମକ ଶକ୍ତି ପ୍ରବେଶ କରେ ଏବଂ ଜୀବନରେ ସମସ୍ୟା ଦେଖାଦିଏ ।

# ନୀରୋଗ ରଖେ ନବଗ୍ରହ ସ୍ତୋତ୍ର



**ଜନ୍ମ କୁଣ୍ଡଳୀରେ କୌଣସି ନା କୌଣସି ଗ୍ରହର ସ୍ଥିତି ଖରାପ ଚାଲିଥାଏ । ଏହି ଗ୍ରହକୁ ଶାନ୍ତ କରିବା ପାଇଁ ବିଭିନ୍ନ ପ୍ରତିକାର କରାଯାଏ । ଏହି ସମସ୍ୟାକୁ ଦୃଷ୍ଟିରେ ରଖି ପ୍ରାଚୀନକାଳରେ ମହର୍ଷି ବେଦବ୍ୟାସ ନବଗ୍ରହ ସ୍ତୋତ୍ର ରଚନା କରିଥିଲେ । ଏହି ସ୍ତୋତ୍ରକୁ ପାଠ କରିବା ଦ୍ୱାରା ନବଗ୍ରହ ଶାନ୍ତ ହୋଇଥାନ୍ତି ବୋଲି ବିଶ୍ୱାସ ରହିଛି ।**

ଶାସ୍ତ୍ର ଅନୁସାରେ, ନବଗ୍ରହ ହେଲେ ସୂର୍ଯ୍ୟ, ଚନ୍ଦ୍ର, ମଙ୍ଗଳ, ବୁଧ, ବୃହସ୍ପତି, ଶୁକ୍ର, ଶନି, ରାହୁ ଏବଂ କେତୁ । ନବଗ୍ରହଙ୍କୁ ସବୁଠୁ ଶକ୍ତିଶାଳୀ ଏବଂ ପ୍ରଭାବଶାଳୀ ବୋଲି ବିବେଚନା କରାଯାଏ । କାରଣ ଏହା ଲୋକଙ୍କ ଜୀବନର ପ୍ରତିଟି କ୍ଷେତ୍ରକୁ ପ୍ରଭାବିତ କରିଥାନ୍ତି । ଏହି ନବଗ୍ରହଙ୍କୁ ଆରାଧନା କଲେ ଜୀବନରେ ସେମାନଙ୍କ ଶୁଭଦୃଷ୍ଟି ବଜାୟ ରହେ । ଏଥିରୁ ଅନୁକୂଳ ଫଳ ମିଳିଥାଏ । ନିତିଦିନ ନବଗ୍ରହ ସ୍ତୋତ୍ର ପାଠ କରିବା ଦ୍ୱାରା ରୋଗରୁ ମୁକ୍ତି ମିଳେ । ସେହିପରି ପରିବାରରେ କଳିଝଗଡ଼ା ହୋଇ ନ ଥାଏ । ଯଦ୍ଦ୍ୱାରା ଜୀବନରେ ସୁଖ ସମୃଦ୍ଧିର ଆଗମନ ହୋଇଥାଏ ।

# ଗୀତାବାଣୀ

**ସନ୍ନ୍ୟାସସ୍ତୁ ମହାବାହୋ**
**ଦୁଃଖମାପ୍ତୁମଯୋଗତଃ ।**
**ଯୋଗଯୁକ୍ତୋ ମୁନିର୍ବ୍ରହ୍ମ**
**ନଚିରେଣାଧିଗଚ୍ଛତି ॥**

କିନ୍ତୁ ହେ ମହାବାହୁ! କର୍ମଯୋଗ ବିନା ସାଙ୍ଖ୍ୟଯୋଗ ସିଦ୍ଧ ହେବା କଷ୍ଟକର । ମନନଶୀଳ କର୍ମଯୋଗୀ ଅଚିରେ ବ୍ରହ୍ମକୁ ପ୍ରାପ୍ତ ହୁଏ ।

(ପଞ୍ଚମୋଽଧ୍ୟାୟଃ – ଶ୍ଳୋକ - ୬)



# ମୁଖ୍ୟ ଦ୍ୱାରରେ ଧର୍ମୀୟ ଚିହ୍ନ

**ବାସ୍ତୁଶାସ୍ତ୍ର ଅନୁସାରେ କିଛି ଧର୍ମୀୟ ଚିହ୍ନ ଓ ଫଟୋ ଏମିତି ଅଛି, ଯାହାକୁ ଘର ଦ୍ୱାରରେ ଲଗାଇଲେ ସବୁ ପ୍ରକାର ବାସ୍ତୁଦୋଷ ଦୂର ହେବା ସହ ସୁଖସମୃଦ୍ଧି ବଢ଼ିଥାଏ । ତେବେ ଘରର କେଉଁ ଦ୍ୱାରରେ କେଉଁ ମାଙ୍ଗଳିକ ଚିହ୍ନ ଓ ଫଟୋକୁ ଲଗାଇଲେ ଶୁଭଫଳ ମିଳିବ, ଆସନ୍ତୁ ଜାଣିବା ।**







- ଘରର ମୁଖ୍ୟ ଦ୍ୱାରରେ ସ୍ୱସ୍ତିକ ଚିହ୍ନ ଲଗାନ୍ତୁ । ଏହାଦ୍ୱାରା ନକାରାତ୍ମକ ଶକ୍ତି ନାଶ ହୋଇଥାଏ ।
- ଘରର ଉତ୍ତର ଦିଗରେ ମୀନ ଚିହ୍ନକୁ ରଖନ୍ତୁ । ଏହାଦ୍ୱାରା ଧନଲାଭ ହୋଇଥାଏ । ଏହି ଦିଗରେ ଆକ୍ୱାରିୟମ୍ ମଧ୍ୟ ରଖିପାରିବେ ।
- 'ଓଁ' ଚିହ୍ନକୁ ଘରେ ଅଙ୍କନ କରିବା ଦ୍ୱାରା ସକାରାତ୍ମକ ଶକ୍ତି ସୃଷ୍ଟି ହୁଏ, ଯାହାକି ରୋଗମୁକ୍ତ କରିଥାଏ ।
- ଘରର ମୁଖ୍ୟ ଦ୍ୱାରରେ ଶ୍ରୀଗଣେଶଙ୍କ ଫଟୋ ଲଗାନ୍ତୁ ।
- ଘରର ମୁଖ୍ୟ ଦ୍ୱାର ଦକ୍ଷିଣମୁଖୀ ହୋଇଥିଲେ, ମୁଖ୍ୟ ଦ୍ୱାରରେ ପଞ୍ଚମୁଖୀ ହନୁମାନଙ୍କ ଫଟୋ କିମ୍ବା ବିଗ୍ରହ ରଖିବା ଅତ୍ୟନ୍ତ ଶୁଭଦାୟକ ।

ଟି-୨୦ ବିଶ୍ୱକପ୍
ସକାଳ THE SAKALA
www.sakalaepaper.com
ସୋମବାର
୩ ଜୁନ୍ ୨୦୨୪

## ଟି-୨୦ ବିଶ୍ୱକପ୍ ଉଦ୍‌ଘାଟିତ

# ଆମେରିକାର ସହଜ ବିଜୟ



ଡଲାସ୍,୨।୬(ଏଜେନ୍ସି)

ଟି-୨୦ ବିଶ୍ୱକପ୍‌ର ୯ମ ସଂସ୍କରଣ ଆରମ୍ଭ ହୋଇଛି। ଉଦ୍‌ଘାଟନୀ ମ୍ୟାଚ୍‌ରେ ଆୟୋଜକ ଆମେରିକା ୧୪ଟି ବଲ୍ ବାକିଥାଇ ୭ ୱିକେଟରେ ପଡୋଶୀ କାନାଡାକୁ ପରାସ୍ତ କରି ବିଜୟ ଅଭିଯାନ ଆରମ୍ଭ କରିଛି। ସ୍ଥାନୀୟ ଗ୍ରାଣ୍ଡ ପ୍ରାଇରିଏ ଷ୍ଟାଡିୟମରେ ଅନୁଷ୍ଠିତ ବିଶ୍ୱକପ୍‌ର ଏହି ପ୍ରଥମ ମୁକାବିଲାରେ ଟସ୍ ଜିତି ମୋନାଙ୍କ ପଟେଲଙ୍କ ନେତୃତ୍ୱାଧୀନ ଆମେରିକା ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି କାନାଡା ନିର୍ଦ୍ଧାରିତ ୨୦ ଓଭରରେ ୫ ୱିକେଟ ହରାଇ ୧୯୪ ରନ ସଂଗ୍ରହ କରିଥିଲା। ଜବାବରେ ଆମେରିକା ୧୭.୪ ଓଭରରେ ୩ ୱିକେଟ ହରାଇ ୧୯୭ ରନକରି ବିଜୟୀ ହୋଇଥିଲା। ମାତ୍ର ୪୦ ବଲର ସମ୍ମୁଖୀନ ହୋଇ ୪ ଚୌକା ଓ ୧୦ ଛକା ସହ ୯୪ ରନର ଅପରାଜିତ ଦ୍ରୁତ ଉପଯୋଗୀ ପାଳି ଖେଳିଥିବା ଆମେରିକାର ଆରୋନ ଜୋନ୍ସ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି। ଆଣ୍ଡ୍ରିଏସ୍ ଗସ୍ ମାତ୍ର ୪୬ ବଲରୁ ୭ ଚୌକା ଓ ୩ ଛକା ସହ ଦ୍ରୁତ ୬୫ ରନ୍ କରିଥିଲେ। ଏମାନେ ୫୮ ବଲରୁ ୧୩୧ ରନ୍ ସଂଗ୍ରହ କରି ଆମେରିକାକୁ ସହଜ ବିଜୟ ପ୍ରଦାନ କରିଥିଲେ।

### ଜୋନ୍ସଙ୍କ ବିସ୍ଫୋରକ ବ୍ୟାଟିଂ ଆମେରିକା ସର୍ବବୃହତ ରନ ଚେଜ୍

୧୯୫ ରନ କଷ୍ଟସାଧ ଟାର୍ଗେଟର ପିଛା କରିଥିବା ଆମେରିକା ଆରମ୍ଭରୁ ଝଟ୍‌କା ଖାଇଥିଲା। ଓପନର ଷ୍ଟିଭେନ ଟେଲର ଖାତା ଖୋଲିବା ପୂର୍ବରୁ ଆଉଟ୍ ହୋଇଥିଲେ। ମୋନଙ୍କ ୧୬ ରନକରି ପ୍ୟାଭିଲିୟନ ଫେରିଥିଲେ। ଦଳ ୪୨ରେ ଦୁଇ ୱିକେଟ ହରାଇଥିଲା। କିନ୍ତୁ ତୃତୀୟ ୱିକେଟରେ ଆରୋନ ଜୋନ୍ସ ଓ ଆଣ୍ଡ୍ରିଏସ୍ ଗସ୍ ମାତ୍ର ୫୮ ବଲରୁ ୧୩୧ ରନ ସଂଗ୍ରହ କରି ଦଳକୁ ବିଜୟୀ କରାଇଥିଲେ। ଗସ ୪୬ ବଲରୁ ୭ ଚୌକା ଓ ୩ ଛକା ସହ ଦ୍ରୁତ ୬୫ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ଜୋନ୍ସ ବିସ୍ଫୋରକ ୯୪ ରନ ସଂଗ୍ରହ କରି ଦଳକୁ ଜିତାଇଥିଲେ ମଧ୍ୟ ୬ ରନ ପାଇଁ ଶତକ ହାସଲରୁ ବଞ୍ଚିତ ହୋଇଥିଲେ। କୋରି ଆଣ୍ଡରସନ ୩ ରନକରି ଅପରାଜିତ ରହିଥିଲେ। ବୋଲିଂରେ କାନାଡ଼ା ତରଫରୁ କଲିମା ସାନା, ଡିଲୋନ ହେଲଗର ଓ ନିଖିଲ ଦତ୍ତା ଗୋଟିଏ ଲେଖାଏ ୱିକେଟ ଅକ୍ତିଆର କରିଥିଲେ। ଏଥିସହ ଆମେରିକା ନିଜ କ୍ରିକେଟ ଇତିହାସର ସର୍ବବୃହତ ରନ୍ ଚେଜ୍ କରି ରେକର୍ଡ କରିଛି।

### ଧଲିୱାଲ, କିର୍ଟୋନଙ୍କ ଅର୍ଦ୍ଧଶତକ

ପ୍ରଥମେ ବ୍ୟାଟିଂ କରିଥିବା କାନାଡ଼ା ମଧ୍ୟ ୧୯୪ ରନର ବୃହତ ସ୍କୋର ଛିଡା କରି ଦଳର ଦକ୍ଷତା ଓ ସାମର୍ଥ୍ୟକୁ ପ୍ରମାଣିତ କରିଥିଲା। ଦଳ ତରଫରୁ ଅନ୍ୟତମ ଭାରତୀୟ ବଂଶୋଦ୍ଭବ ଖେଳାଳି ନବନୀତ ଧଲିୱାଲ ୬୧ ରନ (୪୪ ବଲ, ୬ ଚୌକା, ୩ ଛକା) ଓ ନିକୋଲାସ କିର୍ଟୋନ ୫୧ ରନ (୩୧ ବଲ, ୩ ଚୌକା, ୨ ଛକା)ର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓପନର ଆରୋନ ଜନସନ ୨୩, ଦୀଲପ୍ରୀତ ବାଜୱା ୧୧, ପରଗତ ସିଂ ୫ ରନକରି ଆଉଟ ହୋଇଥିବା ବେଳେ ୱିକେଟରକ୍ଷକ ବ୍ୟାଟର ଶ୍ରେୟାସ ମୋଭା ୩୨ ରନ କରି ଅପରାଜିତ ରହିଥିଲେ। ବୋଲିଂରେ କାନାଡ଼ା ପାଇଁ ଅଲି ଖାନ୍, ହରମିତ ସିଂ ଓ କୋରି ଆଣ୍ଡରସନ ଗୋଟିଏ ଲେଖାଏ ୱିକେଟ ଅକ୍ତିଆର କରିଥିଲେ।

## ଗୋଟିଏ ମ୍ୟାଚରେ ୧୦ ଦେଶର ଖେଳାଳି

**ଡଲାସ୍୨।୬(ଏଜେନ୍ସି):** ଟି-୨୦ ବିଶ୍ୱକପ୍‌ରେ ଏକ ଅଜବ ରେକର୍ଡ ସୃଷ୍ଟି ହୋଇଛି। ବିଶ୍ୱକପ୍‌ର ଉଦ୍‌ଘାଟନୀ ମ୍ୟାଚ୍‌ରେ ୧୦ଟି ଭିନ୍ନ ଭିନ୍ନ ଦେଶରେ ଜନ୍ମିତ କ୍ରିକେଟର ଖେଳିବାର ସୁଯୋଗ ପାଇଛନ୍ତି। ଏହି ମ୍ୟାଚ୍‌ରେ କାନାଡା ଓ ଆମେରିକା ପରସ୍ପରକୁ ଭେଟିଥିଲେ। ଆମେରିକା ଏକାଦଶରେ ୫ଟି ଦେଶ ଖେଳାଳି ସାମିଲ ହୋଇଥିଲେ। ଦଳରେ ଭାରତ ଓ ଆମେରିକାର ୩ଜଣ ଲେଖାଏଁ ସାମିଲ ହୋଇଥିଲେ। ସେହିପରି ଏହି ଦଳରେ ଦକ୍ଷିଣ ଆଫ୍ରିକାର ଦୁଇଜଣ ସାମିଲ ହୋଇଥିବା ବେଳେ ପାକିସ୍ତାନ, ନ୍ୟୁଜିଲାଣ୍ଡ ଓ କାନାଡାରୁ ଜଣେ ଲେଖାଏ ସାମିଲ ହୋଇଥିଲେ। କାନାଡ଼ା ଦଳରେ ମଧ୍ୟ ସମାନ ସ୍ଥିତି ଦେଖିବାକୁ ମିଳିଥିଲା। ଭାରତ ଓ ପାକିସ୍ତାନକୁ ବାଦ ଦେଲେ ୪ଟି ଅନ୍ୟଦେଶର ଖେଳାଳିମାନେ ମଧ୍ୟ କାନାଡ଼ା ପାଇଁ ପ୍ରତିନିଧିତ୍ୱ କରିଛନ୍ତି। ଗୁଏନା, ବାର୍ବାଡୋସ, ଜାମାଇକା ଓ କୁଏତ୍‌ର ଜଣେ ଲେଖାଏ ଖେଳାଳି ଏଥିରେ ଅଂଶଗ୍ରହଣ କରିଥିଲେ। ତେଣୁ ମୋଟ୍ ଉପରେ ଦେଖିବାକୁ ଗଲେ ଗୋଟିଏ ମ୍ୟାଚ୍‌ରେ ୧୦ଟି ଦେଶର ଖେଳାଳି ଅଂଶଗ୍ରହଣ କରି ନୂଆ ରେକର୍ଡ ସୃଷ୍ଟି କରିଛନ୍ତି।

## ଫ୍ରାଙ୍କ ବୟୋଜ୍ୟେଷ୍ଠ

**ନ୍ୟୁୟର୍କ, ୨।୬ (ଏଜେନ୍ସି):** ଆଇସିସି ଟି-୨୦ ବିଶ୍ୱକପ୍‌ର ୯ମ ସଂସ୍କରଣରେ ୨୦ ଦେଶର ପ୍ରାୟ ୩୦୦ ଖେଳାଳି ଅଂଶଗ୍ରହଣ କରିଛନ୍ତି। ସେମାନଙ୍କ ମଧ୍ୟରେ ସବୁଠୁ ବୟୋଜ୍ୟେଷ୍ଠ ଓ ସର୍ବକନିଷ୍ଠ ଖେଳାଳିଙ୍କ ଉପରେ ନଜର ପକାଇବା ତେବେ ଉଭୟଙ୍କ ମଧ୍ୟରେ ୨୫ ବର୍ଷର ଫରକ ଆସିଛି।



### ଉଗାଣ୍ଡାର ଫ୍ରାଙ୍କ'ଙ୍କୁ ୪୩ ବର୍ଷ ୨୫୪ ଦିନ

ଏହି ବିଶ୍ୱକପ୍‌ରେ ଉଗାଣ୍ଡାର ଫ୍ରାଙ୍କ ସୁବୁଗା ସବୁଠୁ ବୟୋଜ୍ୟେଷ୍ଠ ଖେଳାଳି ହେବାର ସୌଭାଗ୍ୟ ଲାଭ କରିଛନ୍ତି। ତାଙ୍କୁ ବର୍ତ୍ତମାନ ୪୩ ବର୍ଷ ୨୫୪ ଦିନ ହୋଇଛି। ସ୍ପିନର ଫ୍ରାଙ୍କ ୧୯୯୭ ଆଇସିସି ଚାମ୍ପିଅନ୍ସ ଟ୍ରଫିରେ ମାତ୍ର ୧୬ ବର୍ଷ ବୟସରେ ଉଗାଣ୍ଡା ପକ୍ଷରୁ ପଦାର୍ପଣ କରିଥିଲେ। ଏବେ ସେ ତାଙ୍କର ଟି-୨୦ ବିଶ୍ୱକପ୍ ଖେଳିବା ସ୍ୱପ୍ନ ପୂରଣ କରିଛନ୍ତି। ବର୍ତ୍ତମାନ ସୁଦ୍ଧା ସେ ଦେଶ ପକ୍ଷରୁ ୫୩ ଟି-୨୦ ମ୍ୟାଚ୍ ଖେଳି ୫୫ ୱିକେଟ୍ ନେଇଥିବାବେଳେ ବ୍ୟାଟିଂରେ ୧୫୮ ରନ ସଂଗ୍ରହ କରିଛନ୍ତି।

ଅପରପକ୍ଷରେ ନେପାଳର ଅଲରାଉଣ୍ଡର ଗୁଲଶାନ ଝା ଏହି ଟି-୨୦ ବିଶ୍ୱକପ୍‌ର ସର୍ବକନିଷ୍ଠ ଖେଳାଳି ହେବାର ରେକର୍ଡ କରିଛନ୍ତି। ତାଙ୍କୁ ବର୍ତ୍ତମାନ ୧୮ ବର୍ଷ ୧୦୬ ଦିନ। ଗୁଲ୍‌ଶାନ ବର୍ତ୍ତମାନ ନେପାଳ ପାଇଁ ୨୭ ଏକଦିବସୀୟ ଓ ୨୯ ଟି-୨୦ ମ୍ୟାଚ୍ ଖେଳି ଯଥାକ୍ରମେ ୨୧ ଓ ୧୯ ୱିକେଟ୍ ନେଇଛନ୍ତି। ସେହିଭଳି ବ୍ୟାଟିଂରେ ୫୧୪ ଓ ଟି-୨୦ରେ ୩୬୨ ରନ କରିଛନ୍ତି।

## ଶୋରିଫୁଲ ଇସ୍‌ଲାମ ଆହତ

**ଡଲାସ, ୨।୬(ଏଜେନ୍ସି):** ଶ୍ରୀଲଙ୍କା ବିପକ୍ଷ ମୁକାବିଲାରୁ ଅବ୍ୟବହିତ ପୂର୍ବରୁ ବାଂଲାଦେଶର ବାମହାତୀ ଫାଷ୍ଟ ବୋଲର ଶୋରିଫୁଲ ଇସ୍‌ଲାମ ଆହତ ହୋଇଛନ୍ତି। ଶ୍ରୀଲଙ୍କା ବିପକ୍ଷ ମ୍ୟାଚ୍ ସୋମବାର ଖେଳାଯିବ। ଏହି ମ୍ୟାଚ୍ ପୂର୍ବରୁ ଭାରତ ସହ ଅଭ୍ୟାସ ମ୍ୟାଚ୍ ଖେଳୁଥିଲାବେଳେ ଇସ୍‌ଲାମଙ୍କ ବୋଲିଂହାତରେ ଆଘାତ ଲାଗିଥିଲା। ସେ ଫିଲ୍ଡିଂ କରୁଥିଲାବେଳେ ଏହି ଆଘାତ ଲାଗିବା ପରେ ଆଘାତପ୍ରାପ୍ତ ହାତରେ ଷ୍ଟିଚ୍ ପଡ଼ିଛି। ଭାରତୀୟ ପାଳିର ୨୦ତମ ଓଭରରେ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଡ୍ରାଇଭ୍ ସଟ୍‌କୁ ଅଟକାଇବାକୁ ଯାଇ ସେ ଆହତ ହୋଇଥିଲେ। ବାଂଲାଦେଶ ଫିଜିସିଆନ ଦେବାଶିଷ ଚୌଧୁରୀଙ୍କ କହିବା ଅନୁଯାୟୀ ଇସ୍‌ଲାମଙ୍କ ବାମହାତରେ ୬ଟି ଷ୍ଟିଚ୍ ପଡ଼ିଛି। ଏଣୁ ସେ ଶ୍ରୀଲଙ୍କା ବିପକ୍ଷ ମ୍ୟାଚ୍‌ରେ ଖେଳିପାରିବେ ନାହିଁ। ତାଙ୍କ ସ୍ଥାନରେ ଅନ୍ୟତମ ଆହତ ଫାଷ୍ଟ ବୋଲର ଟାସ୍କିନ ଅହମ୍ମଦ୍‌ଙ୍କୁ ସାମିଲ କରାଯାଇପାରେ। ଟି-୨୦ ବିଶ୍ୱକପ୍‌ରେ ବାଂଲାଦେଶ ଥରେ ହେଲେ ଗ୍ରୁପ୍ ପର୍ଯ୍ୟାୟରୁ ଉପରକୁ ଯାଇପାରି ନାହିଁ। ଶକ୍ତିଶାଳୀ ଦକ୍ଷିଣ ଆଫ୍ରିକା, ଶ୍ରୀଲଙ୍କା, ନେଦରଲାଣ୍ଡସ ଓ ନେପାଳ ସହ ବାଂଲାଦେଶ ଗ୍ରୁପ୍-ଡି'ରେ ସ୍ଥାନ ପାଇଛି। ନିକଟରେ ଆମେରିକାଠାରୁ ୨-୧ରେ ବାଂଲାଦେଶ ଟି-୨୦ ସିରିଜ୍‌ରେ ପରାଜିତ ହୋଇଛି।



## ସେସେଙ୍କ ଅର୍ଦ୍ଧଶତକ ବ୍ୟର୍ଥ; ଚେଜ୍ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି

# ସଂଘର୍ଷକରି ଜିତିଲା ୱେଷ୍ଟଇଣ୍ଡିଜ୍

ଗୁଏନା, ୨।୬(ଏଜେନ୍ସି)

ଦୁଇଥରର ବିଶ୍ୱ ଚାମ୍ପିଅନ ୱେଷ୍ଟଇଣ୍ଡିଜ୍ ଘରୋଇ ମାଟିରେ ଆରମ୍ଭ ହୋଇଥିବା ଚଳିତ ଟି-୨୦ ବିଶ୍ୱକପ୍‌ର ପ୍ରଥମ ମ୍ୟାଚ୍‌ରେ ସଂଘର୍ଷ କରି ବିଜୟୀ ହୋଇଛି। ଏଠାରେ ରବିବାର ଅନୁଷ୍ଠିତ ଗ୍ରୁପ୍ ସି' ମୁକାବିଲାରେ ନବାଗତ ପାପୁଆ ନ୍ୟୁ ଗିନି ଲଢୁଆ ଖେଳ ପ୍ରଦର୍ଶନ କରିଥିଲେ ମଧ୍ୟ ଶେଷରେ ୫ ୱିକେଟରେ ପରାଜିତ ହୋଇଛି। ଏହି ମ୍ୟାଚ୍‌ରେ ସେସେ ବାଉ (୫୦)ଙ୍କ ଅର୍ଦ୍ଧଶତକ ସହାୟତାରେ ପ୍ରଥମେ ବ୍ୟାଟିଂ କରି ପାପୁଆ ନ୍ୟୁ ଗିନି ୮ ୱିକେଟରେ ୧୩୬ ରନ୍ ସଂଗ୍ରହ କରିଥିଲା। ଜବାବରେ ୱେଷ୍ଟଇଣ୍ଡିଜ୍ ଆରମ୍ଭରୁ ୱିକେଟ ହରାଇବା ସହ ୧୬ ଓଭରରେ ୫ ୱିକେଟ ହରାଇ ୯୭ ରନ୍ କରିଥିଲା। ଏହି ସମୟରେ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ରୋଷ୍ଟୋନ ଚେଜ୍‌ଙ୍କ ୨୭ ବଲ୍‌ରୁ ଅପରାଜିତ ୪୨ ଓ ଆନ୍ଦ୍ରେ ରସେଲଙ୍କ ୯ବଲ୍‌ରୁ ୧୫ ରନ୍ ମିଳିବା ଫଳରେ ଦଳ ଆଉ ଗୋଟିଏ ଓଭର ଓ ୫ ୱିକେଟ ବାକିଥାଇ ଏହି ମ୍ୟାଚ୍ ଜିତିଥିଲା। ଯେଉଁ ମ୍ୟାଚ୍‌କୁ ଦଳ ୧୦ ଓଭରରେ ଜିତିବା କଥା ତାହା ୧୯ ଓଭରରେ ଶେଷ ହୋଇଥିଲା। ବିଜୟୀ ଦଳ ପକ୍ଷରୁ ବ୍ରାଣ୍ଡନ କିଙ୍ଗ୍ ୩୪, ନିକୋଲସ ପୂରନ ୨୭, ଅଧିନାୟକ ରୋଭମାନ ପାୱେଲ ୧୫ ରନ୍ କରିଥିଲେ। ପରାଜିତ ଦଳର ଅଧିନାୟକ ଭାଲା ୨ଟି, ଆଲେଇ ନାଓ, ଚାଦ୍ ସୋପର ଓ ଜନ୍ କାରିକୋ ଗୋଟିଏ ଲେଖାଏଁ ୱିକେଟ ନେବା ସହ ଏହି ମ୍ୟାଚ୍‌କୁ ପ୍ରତିଦ୍ୱନ୍ଦ୍ୱିତା ମୂଳକ କରିପାରିଥିଲେ।



### ସେସେଙ୍କ ଲଢୁଆ ପ୍ରଦର୍ଶନ

ଟସ୍ ଜିତିବା ପରେ ୱେଷ୍ଟଇଣ୍ଡିଜ୍ ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପାପୁଆ ନ୍ୟୁ ଗିନି ବ୍ୟାଟିଂ ଆରମ୍ଭ କରି ୭ ରନ୍‌ରେ ୨ଟି, ୩୪ ରନ୍‌ରେ ୩ଟି ଓ ୫୦ ରନ୍‌ରେ ୪ ୱିକେଟ ହରାଇ ବିପଦରେ ପଡ଼ିଥିଲା। କିନ୍ତୁ ନଂ-୪ରେ ବ୍ୟାଟିଂ କରିବାକୁ ଆସିଥିବା ସେସେ ବାଉ ଗୋଟିଏ ପଟେ ଦୃଢ଼ତାର ସହ ମୁକାବିଲା କରି ଗୋଟିଏ ପଟେ ତିଷ୍ଠି ରହିଥିଲେ। ଦଳ ନିୟମିତ ୱିକେଟ ହରାଇଥିଲେ ମଧ୍ୟ ସ୍କୋର ବୋର୍ଡ ଗତିଶୀଳ ହୋଇଥିଲା। ପୂର୍ବରୁ ଅଧିନାୟକ ଆସାଦ ଭାଲା ୨୨ ବଲ୍‌ରେ ୨୧ ରନ୍ କରି ଆଉଟ ହୋଇଥିଲେ। କିନ୍ତୁ ସେସେଙ୍କ ସହ ଚାର୍ଲସ ଆମିନି ୩୭ ବଲ୍‌ରୁ ୪୪ ରନ୍ ଉଠାଇ ଦଳର କିଛିଟା ସମ୍ମାନ ରଖିଥିଲେ। ୧୨ ରନ୍ କରି ଆମିନି ୫ମ ଖେଳାଳି ଭାବେ ଆଉଟ ହୋଇଥିଲେ। ସେହିପରି ୪୩ ବଲ୍‌ରୁ ୬ ଚୌକା ଓ ୧ ଛକା ସହ ୫୦ ରନ୍ କରି ସେସେ ଆଉଟ ହେଲାବେଳକୁ ଦଳର ସ୍କୋର ହୋଇଥିଲା ୯୬। ଏମାନଙ୍କ ଆଉଟ ପରେ ଦଳର ବ୍ୟାଟିଂ ଭାର ସମ୍ଭାଳିଥିଲେ ୱିକେଟରକ୍ଷକ କିପଲିନ୍ ଦୋରିଗା। ସେ ୧୮ ବଲ୍‌ରୁ ୩ ଚୌକା ସହ ୨୭ ରନ୍ କରି ଶେଷଯାଏ ଅପରାଜିତ ରହିବା ଫଳରେ ପାପୁଆ ନ୍ୟୁ ଗିନି ଅଲଆଉଟ ହେବାରୁ ବର୍ତ୍ତି ଯାଇଥିଲା। ଏହି ସମୟରେ ଚାଦ୍ ସୋପର ୧୦ଟି ମୂଲ୍ୟବାନ ରନ୍ କରିଥିଲେ।

ୱେଷ୍ଟଇଣ୍ଡିଜ୍ ପକ୍ଷରୁ କିଛିଟା ହାଲ୍‌କା ବୋଲିଂ ପ୍ରଦର୍ଶନ କରାଯାଇଥିଲା। ପେସ୍ ବୋଲରମାନେ ପ୍ରଭାବଶାଳୀ ହୋଇଥିଲେ। ଦୁଇ ପେସ୍ ବୋଲର ଆନ୍ଦ୍ରେ ରସେଲ ଓ ଆଲଜରି ଯୋଶେଫ୍ ୨ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ। ରୋମାରିଓ ସେଫର୍ଡଙ୍କୁ ଗୋଟିଏ ଓ ସ୍ପିନରଙ୍କୁ ୩ଟି ୱିକେଟ ମିଳିଥିଲା। ୱେଷ୍ଟଇଣ୍ଡିଜ୍ ପକ୍ଷରୁ ସିମରନ ହେଟମାୟର ଓ ସାମରା ଯୋଶେଫଙ୍କୁ ଏହି ମ୍ୟାଚ ଖେଳିବାର ସୁଯୋଗ ମିଳି ନ ଥିଲା।

**ଟି-୨୦ ବିଶ୍ୱକପ୍**

**ଆଜିର ମ୍ୟାଚ୍**

**ନାମିବ୍ୟା-ଓମାନ**
ସ୍ଥାନ- ବାର୍ବାଡୋସ୍, ସମୟ- ସକାଳ ୬ଟା

**ଶ୍ରୀଲଙ୍କା-ଦ.ଆଫ୍ରିକା**
ସ୍ଥାନ- ନ୍ୟୁୟର୍କ, ସମୟ- ରାତି ୮ଟା

**- ପ୍ରସାରଣ -**
ଷ୍ଟାର୍ ସ୍ପୋର୍ଟ୍ସ ନେଟ୍‌ୱର୍କ

## ଟି-୨୦ ବିଶ୍ୱକପ୍ କ୍ରିକେଟରେ ବର୍ଷା ନିୟମ

# ଫାଇନାଲ ବାତିଲ ହେଲେ ଉଭୟ ଦଳ ହେବେ ଯୁଗ୍ମ ବିଜେତା

**ଦୁବାଇ, ୨।୬(ଏଜେନ୍ସି):** ବିଶ୍ୱର ଶ୍ରେଷ୍ଠ ୨୦ଟି ଦଳକୁ ନେଇ ଆରମ୍ଭ ହୋଇଯାଇଛି ଟି-୨୦ ବିଶ୍ୱକପ୍ କ୍ରିକେଟ। ଏହି ୨୦ଟି ଦଳକୁ ୪ଟି ଗ୍ରୁପ୍‌ରେ ଭାଗ କରାଯାଇଛି ଓ ଗ୍ରୁପ୍ ପର୍ଯ୍ୟାୟରେ ଦଳଗୁଡିକ ପରସ୍ପର ସହ ଗୋଟିଏ ଲେଖାଏଁ ମ୍ୟାଚ୍ ଖେଳିବେ। ଏଥିରେ ସ୍ଥାନ ପାଇଥିବା ପ୍ରଥମ ଦୁଇଟି ଦଳ ସୁପର-୮'କୁ ଉନ୍ନୀତ ହେବେ। ସୁପର-୮'ରେ ମଧ୍ୟ ଦଳଗୁଡ଼ିକୁ ଦୁଇଟି ଗ୍ରୁପ୍‌ରେ ଭାଗ କରାଯାଇଛି ଓ ଗ୍ରୁପ ପର୍ଯ୍ୟାୟ ଭଳି ମ୍ୟାଚ୍ ଖେଳାଯିବ। ଏହି ଗ୍ରୁପ୍‌ର ଦୁଇଟି ଲେଖାଏଁ ଶ୍ରେଷ୍ଠ ଦଳ ସେମିଫାଇନାଲକୁ ଉନ୍ନୀତ ହେବେ। ସେମିଫାଇନାଲରେ ଜିତିଥିବା ଦଳ ମଧ୍ୟରେ ଜୁନ୍ ୨୯ ତାରିଖରେ ଫାଇନାଲ ମ୍ୟାଚ୍ ଖେଳାଯିବ। କିନ୍ତୁ ବିଶ୍ୱକପ୍‌ରେ ଯଦି ବର୍ଷା, ଓଦା ପଡ଼ିଆ କିମ୍ବା ଅନ୍ୟ କିଛି କାରଣରୁ ମ୍ୟାଚ୍ ବାଧାପ୍ରାପ୍ତ ହୁଏ, ତେବେ ଫଳାଫଳ ଜାଣିବା ଲାଗି ଗ୍ରୁପ୍ ପର୍ଯ୍ୟାୟ ଓ ସୁପର-୮'ରେ ଅତିକମ୍‌ରେ ୫ ଓଭର ବିଶିଷ୍ଟ ମ୍ୟାଚ୍ ଖେଳାଯିବ। ସେମିଫାଇନାଲରେ ଓଭର ସଂଖ୍ୟା ୧୦କୁ ବୃଦ୍ଧି ପାଇବ। କିନ୍ତୁ ଏହି ଦୁଇଟି ପର୍ଯ୍ୟାୟରେ ଖେଳ ଯଦି ଆଦୌ ସମ୍ଭବ ନ ହୁଏ, ତେବେ ପଏଣ୍ଟ ଭାଗ କରାଯିବ। ଏଥିରେ ରିଜର୍ଭ ଦିବସର ନିୟମ ନାହିଁ। କିନ୍ତୁ ପ୍ରଥମ ସେମିଫାଇନାଲରେ ରିଜର୍ଭ ଦିବସ ରହିଛି। ସେହିପରି ଦ୍ୱିତୀୟ ସେମିଫାଇନାଲରେ ରିଜର୍ଭ ଦିବସ ନାହିଁ। କିନ୍ତୁ ମ୍ୟାଚ୍‌ର ଫଳାଫଳ ବାହାର କରିବା ଲାଗି ୨୫୦ ମିନିଟ୍ ଅଧିକ ସମୟ ଦିଆଯିବ। ରିଜର୍ଭ ଦିବସ କିମ୍ବା ଅତିରିକ୍ତ ସମୟରେ ଯଦି ଖେଳ ସମ୍ଭବ ନ ହୁଏ, ତେବେ ସୁପର-୮'ରେ ଉଚ୍ଚସ୍ଥାନରେ ଥିବା ଦଳ ଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିବ। ଫାଇନାଲରେ ମଧ୍ୟ ଅଧିକ ସମୟ ଓ ରିଜର୍ଭ ଦିବସ ରହିଛି। ଉଭୟ କ୍ଷେତ୍ରରେ ଯଦି ମ୍ୟାଚ୍ ଆୟୋଜିତ ହୋଇ ନ ପାରେ, ତେବେ ଉଭୟ ଦଳକୁ ଯୁଗ୍ମ ବିଜେତା ଘୋଷଣା କରାଯିବ। ଭାରତୀୟ ସମୟ ଅନୁଯାୟୀ ଏହି ପ୍ରତିଯୋଗିତାର ଲିଗ୍ ପର୍ଯ୍ୟାୟ ଜୁନ୍ ୨ରୁ ୧୭, ସୁପର-୮ ପର୍ଯ୍ୟାୟ ଜୁନ୍ ୧୯ରୁ ୨୪, ସେମିଫାଇନାଲ ଜୁନ୍ ୨୭ ଓ ଫାଇନାଲ ଜୁନ୍ ୨୯ରେ ଖେଳାଯିବାର କାର୍ଯ୍ୟକ୍ରମ ରହିଛି।

## ଫ୍ରେଞ୍ଚ୍ ଓପନ୍ ଟେନିସ୍

# କ୍ୱାର୍ଟରରେ ଆଲକାରାଜ, ସିତ୍‌ସିପାସ୍

ନୂଆଦିଲ୍ଲୀ,୨।୬(ଏଜେନ୍ସି)

ଫ୍ରେଞ୍ଚ୍ ଓପନ୍ ଟେନିସ ଟୁର୍ଣ୍ଣାମେଣ୍ଟ ରବିବାର ଅଷ୍ଟମ ଦିବସରେ ପହଞ୍ଚିଛି। ପୁରୁଷ ଏକକ ପ୍ରତିଯୋଗିତାରେ ରବିବାର ଶ୍ରେଷ୍ଠ ସିଡ୍ ସର୍ବିୟାର ନୋଭାକ ଜୋକୋଭିଚ୍, ୭ମ ସିଡ୍ ନରୱେର କାସ୍ପେର ରୁଡ୍ ତୃତୀୟ ରାଉଣ୍ଡ ମୁକାବିଲାରେ ବିଜୟୀ ହୋଇ ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଆଲକାରାଜ ୬-୩, ୬-୩, ୬-୧ ସେଟ୍‌ରେ ୨୧ତମ ସିଡ୍ କାନାଡାର ଫେଲିକ୍ସ ଅଗୁର ଆଲିଆଜିମଙ୍କୁ ହରାଇ କ୍ୱାର୍ଟରକୁ ଉଠିଛନ୍ତି। ସେହିପରି ସିତସିପାସ ୩-୬, ୭-୬, ୬-୨, ୬-୨ ସେଟ୍‌ରେ ଅଣସିଡ୍ ଇଟାଲୀର ମାଟେଓ ଆର୍ଣ୍ଣାଲ୍ଡିଙ୍କୁ ହରାଇ କ୍ୱାର୍ଟରରେ ପ୍ରବେଶ କରିଛନ୍ତି। କ୍ୱାର୍ଟର ଫାଇନାଲରେ ଆଲକାରାଜ ଓ ସିତସିପାସ ପରସ୍ପରକୁ ଭେଟିବେ।

### ଫେଡରରଙ୍କ ସମକକ୍ଷ ଜୋକୋଭିଚ୍

ସେହିପରି ଜୋକୋଭିଚ୍ ତୃତୀୟ ରାଉଣ୍ଡରେ ୭-୫, ୬-୭, ୨-୬, ୬-୩, ୬-୦ ମାରାଥନ ସେଟ୍‌ରେ ୩୦ତମ ସିଡ୍ ଇଟାଲୀର ଲରେଞ୍ଜୋ ମୁସେଟିଙ୍କୁ ପରାସ୍ତ କରି ଚତୁର୍ଥ ରାଉଣ୍ଡକୁ ଅଗ୍ରଗତି କରିଛନ୍ତି। ବିଜୟୀ ହେବାକୁ ଜୋକୋଭିଚ୍‌ଙ୍କୁ ବେଶ୍ କଷ୍ଟ କରିବାକୁ ପଡିଥିଲା ଓ ସେ ଦୀର୍ଘ ୪ ଘଣ୍ଟା ୨୯ ମିନିଟ୍ ସମୟ ଆବଶ୍ୟକ କରିଥିଲେ। ଏଥିସହ ଜୋକୋଭିଚ୍ ଗ୍ରାଣ୍ଡସ୍ଲାମ ଟୁର୍ଣ୍ଣାମେଣ୍ଟରେ ୩୬୯ତମ ବିଜୟ ହାସଲ କରି ସ୍ୱିଜରଲାଣ୍ଡର ରୋଜର ଫେଡରରଙ୍କ ସମକକ୍ଷ ହୋଇଛନ୍ତି। ସେହିପର ଅନ୍ୟଏକ ତୃତୀୟ ରାଉଣ୍ଡ ମ୍ୟାଚ୍‌ରେ ରୁଡ୍ ୬-୪, ୧-୬, ୬-୨, ୬-୨ ସେଟ୍‌ରେ ୨୮ତମ ସିଡ୍ ଆର୍ଜେଣ୍ଟିନାର ଟୋମାସ ମାର୍ଟିନ ଏଚେଭେରୀଙ୍କୁ ହରାଇ ଅଗ୍ରଗତି କରିଛନ୍ତି।



### ସ୍ୱିଆଟେକ, ଗଫ କ୍ୱାର୍ଟରକୁ ଉନ୍ନୀତ

ଫ୍ରେଞ୍ଚ୍ ଓପନ୍ ମହିଳା ଏକକ ପ୍ରତିଯୋଗିତାରେ ଟପ୍ ସିଡ୍ ପୋଲାଣ୍ଡର ଇଗା ସ୍ୱିଆଟେକ, ତୃତୀୟ ସିଡ୍ ଆମେରିକା କୋକୋ ଗଫ୍, ୫ମ ସିଡ୍ ଚେକ ଗଣରାଜ୍ୟର ମାର୍କେଟା ଭୋନ୍ଦ୍ରୋଉଶୋଭା କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ସ୍ୱିଆଟେକ ୬-୦,୬-୦ ସିଧାସଳଖ ସେଟ୍‌ରେ ମାତ୍ର ୪୦ ମିନିଟ୍‌ରେ ଅତି ସହଜରେ ହରାଇ କ୍ୱାର୍ଟରକୁ ଉଠିଛନ୍ତି। ସେହିପରି ଗଫ୍ ୬-୧, ୬-୨ ସେଟ୍‌ରେ ଇଟାଲୀର ଏଲିସାବେଟା କୋକିଆରେଟୋଙ୍କୁ ଓ ଭୋନ୍ଦ୍ରୋଉଶୋଭା ୬-୪, ୬-୨ ସିଧାସଳଖ ସେଟ୍‌ରେ ସର୍ବିୟାର ଓଲଗା ଡାନିଲୋଭିକଙ୍କୁ ପରାସ୍ତ କରି କ୍ୱାର୍ଟରକୁ ଉନ୍ନୀତ ହୋଇଛନ୍ତି।

### ବୋପାନ୍ନାଙ୍କ ମିଶ୍ରିତ ଫଳ

ପୁରୁଷ ଯୁଗଳରେ ରବିବାର ଅନୁଷ୍ଠିତ ପ୍ରଥମ ରାଉଣ୍ଡ ମୁକାବିଲାରେ ଦ୍ୱିତୀୟ ସିଡ୍ ମାନ୍ୟତା ପାଇଥିବା ବୋପାନ୍ନା ଓ ତାଙ୍କ ଅଷ୍ଟ୍ରେଲୀୟ ସାଥି ମାଥ୍ୟୁ ଏବଡେନ ୭-୫, ୪-୬, ୬-୪ ସେଟ୍‌ରେ ବ୍ରାଜିଲର ମାର୍ସେଲୋ ଜୋର୍ମାନ ଓ ଓର୍ଲାଣ୍ଡୋ ଲୁଜ୍‌ଙ୍କୁ ପରାସ୍ତ କରି ଅଗ୍ରଗତି କରିଛନ୍ତି। ମିଶ୍ରିତ ଯୁଗଳରେ ବୋପାନ୍ନା ଓ ରୁଷିଆ ସାଥି ଭେରୋନିକା କୁଡେରମେଟୋଭା ୨-୬, ୨-୬ ସିଧାସଳଖ ସେଟ୍‌ରେ ରୁଷିଆର ଲିଉଡମିଲା ସାମସୋନୋଭା ଓ ଇଟାଲୀର ଆନ୍ଦ୍ରିଆ ଭାଭାସୋରୀଙ୍କଠାରୁ ପରାସ୍ତ ହୋଇ ବିଦାୟ ନେଇଛନ୍ତି।

'ନନ୍ଦିଘୋଷ ଟିଭି'
ନିମ୍ନଲିଖିତ ପଦବୀ ନିମନ୍ତେ ଦରଖାସ୍ତ ଆହ୍ୱାନ କରୁଛନ୍ତି।
ଯୋଗ୍ୟ ଆଶାୟୀ ପ୍ରାର୍ଥୀମାନେ ଏଥିପାଇଁ ଆବେଦନ କରିପାରିବେ।

| ପଦବୀ | ଅଭିଜ୍ଞତା |
|---|---|
| ୧) ସ୍କ୍ରଲ କପି ଏଡିଟର (୦୨) | ୩ ବର୍ଷର ଅଭିଜ୍ଞତା |
| ୨) ଡିଜିଟାଲ କଣ୍ଟେଣ୍ଟ କ୍ରିଏଟର (୦୨) | ୩ ବର୍ଷର ଅଭିଜ୍ଞତା |
| ୩) ବୁଲେଟିନ ପ୍ରୋଡ୍ୟୁସର (୦୨) | ୫ ବର୍ଷର ଅଭିଜ୍ଞତା |
| ୪) ଗ୍ରାଫିକ୍ସ ଡିଜାଇନର (୦୨) | ୩ ବର୍ଷର ଅଭିଜ୍ଞତା |

ନିଜର ସମ୍ପୂର୍ଣ୍ଣ ଶିକ୍ଷାଗତ ଓ ଅନ୍ୟାନ୍ୟ ଯୋଗ୍ୟତା ପ୍ରମାଣପତ୍ର, ସଦ୍ୟ ପାସପୋର୍ଟ ଫଟୋ ସହିତ ୦୪ ଜୁନ୍ ୨୦୨୪ ସୁଦ୍ଧା hr@nandighoshatv.com ଇମେଲ୍ ଯୋଗେ ଆବେଦନ କରିପାରିବେ।

*କେବଳ ନିର୍ବାଚିତ ଆବେଦନଗୁଡ଼ିକୁ ସାକ୍ଷାତକାର ପାଇଁ ଡକାଯିବ।
ଯୋଗାଯୋଗ: ୯୪୩୭୦୧୬୪୯୯
ସ୍ୱା/- ମାନବ ସମ୍ବଳ ବିଭାଗ

ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଠିକଣା: ପ୍ଲଟ୍ ନଂ.: ୯୦ / ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

ସମ୍ପାଦକ: ଉମାକାନ୍ତ ମିଶ୍ର
EDITOR: UMAKANT MISHRA